RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

NITIDIN
# ନିତିଦିନ

www.nitidin.com
twitter.com/nitidintoday
facebook.com/nitidintoday

FRIDAY
17 APRIL 2026
ଶୁକ୍ରବାର
୧୭ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 329 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୨୯ ଭୁବନେଶ୍ୱର। ବ୍ରହ୍ମପୁର। ସମ୍ବଲପୁର। ବାଲେଶ୍ୱର। ଯାଜପୁର

**ସଂସଦର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ**

# ଲୋକସଭାରେ ୩ ବିଲ୍ ଆଗତ, ଆଜି ଭୋଟିଂ

● ମହିଳା ସଂରକ୍ଷଣ ସଂଶୋଧନ ବିଲ୍- ୨୦୨୬ ● ସୀମା ନିର୍ଦ୍ଧାରଣ ବିଲ୍-୨୦୨୬ ● କେନ୍ଦ୍ରଶାସିତ ଅଞ୍ଚଳ ସଂଶୋଧନ ବିଲ୍-୨୦୨୬

**ନୂଆଦିଲ୍ଲୀ, ୧୬/୪/ଏଜେନ୍ସି:**

ଗୁରୁବାର ଠାରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଛି। ୩ ଦିନ ଧରି ଚାଲିବାକୁ ଥିବା ଏହି ସ୍ୱତନ୍ତ୍ର ଅଧିବେଶନର ପ୍ରଥମ ଦିନରେ ହିଁ ଲୋକସଭାରେ ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରାଯାଇଛି। ଏହି ତିନି ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକ ହେଲା ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ୨୦୨୬, ସୀମା ନିର୍ଦ୍ଧାରଣ ବିଲ୍ ୨୦୨୬, ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସଂଶୋଧନ ବିଲ୍ ୨୦୨୬। କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ପ୍ରଥମ ଦୁଇଟି ବିଲ୍ ଉପସ୍ଥାପନ କରିଥିବା ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କେନ୍ଦ୍ର ଶାସିତ ଅଞ୍ଚଳ ସଂଶୋଧନ ବିଲ୍-୨୦୨୬କୁ ଉପସ୍ଥାପନ କରିଛନ୍ତି। ତେବେ ଏହି ତିନି ବିଲ୍ ମଧ୍ୟରୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ନାରୀ ଶକ୍ତି ବନ୍ଦନ ଅଧିନିୟମ ଅଧୀନ ମହିଳା ସଂରକ୍ଷଣ ବିଲ୍। ଏହାଏକ ଯୁଗାନ୍ତକାରୀ ପଦକ୍ଷେପ ଯାହାକି ଦେଶର ସଂସଦୀୟ ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହେବା ଅପେକ୍ଷାରେ ରହିଛି। ମହିଳା ସଂରକ୍ଷଣ ବିଲ୍-୨୦୨୬ ଏବଂ ସୀମା ନିର୍ଦ୍ଧାରଣ ବିଲ୍-୨୦୨୬ ସଂସଦର ଚଳିତ ସ୍ୱତନ୍ତ୍ର ଅଧିବେଶନରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପଦକ୍ଷେପ ସାବ୍ୟସ୍ତ ହୋଇଛି।

ଗୁରୁବାର କେନ୍ଦ୍ର ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପ୍ରସ୍ତାବିତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍-୨୦୨୬ ଉପସ୍ଥାପନ କରି ବିତର୍କ ଆରମ୍ଭ କରିଥିଲେ। ଏହି ବିଲ୍ ଅନ୍ତର୍ଗତ ସେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍-୨୦୨୬ ଏବଂ ସୀମା ନିର୍ଦ୍ଧାରଣ ବିଲ୍-୨୦୨୬ ମଧ୍ୟ ଉପସ୍ଥାପନ କରିଥିଲେ। ତାଙ୍କର ଏହି ଦୁଇ ବିଲ୍ ଉପସ୍ଥାପନା କରାଯିବା ଦ୍ୱାରା ବିଧାନସଭା ସଂସ୍ଥାଗୁଡ଼ିକରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସଂରକ୍ଷଣ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ପାଇଁ ପଥ ପ୍ରସ୍ତୁତ କରିଛି। ମେଘୱାଲ୍ କହିଛନ୍ତି ଏହି ବିଲ୍‌କୁ ଉପସ୍ଥାପନ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଧାନସଭା ଓ ସଂସଦ ଭଳି ସଂସ୍ଥାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ



(୩୩%) ଆସନ ସଂରକ୍ଷିତ କରିବା। ଏଥିପାଇଁ ଡିଲିମିଟେସନ୍ (ରାଜ୍ୟୱାରୀ ସୀମା ନିର୍ଦ୍ଧାରଣ) ପ୍ରକ୍ରିୟା ଅନ୍ତର୍ଗତ ଲୋକସଭା ଆସନ ସଂଖ୍ୟା ବୃଦ୍ଧି କରିବା ଜରୁରି। ବର୍ତ୍ତମାନ ଲୋକସଭାରେ ୫୪୩ ସଦସ୍ୟ ଅଛନ୍ତି, ଯାହାକୁ ବୃଦ୍ଧି କରି ସର୍ବାଧିକ ୮୫୦ କରିବା ପାଇଁ ଏଥିରେ ପ୍ରସ୍ତାବ ଦିଆଯାଇଛି। ଏଥିମଧ୍ୟରୁ ୮୧୫ଟି ଆସନ ରାଜ୍ୟଗୁଡ଼ିକ ପାଇଁ ଏବଂ ୩୫ଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ରହିବ। ମେଘୱାଲ୍ ଗୃହରେ ସୂଚନା ଦେଇ କହିଛନ୍ତି ଯେ, ୨୦୨୩ରେ ପାରିତ ହୋଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ' (୩୩% ମହିଳା ସଂରକ୍ଷଣ)କୁ ଶୀଘ୍ର ଲାଗୁ କରିବା ପାଇଁ ଏହି ବିଲ୍ ଅଣାଯାଇଛି। ପୂର୍ବ ନିୟମ ଅନୁଯାୟୀ, ଜନଗଣନା ପରେ ସୀମା ନିର୍ଦ୍ଧାରଣ ହେଲେ ହିଁ ଏହା ଲାଗୁ ହୋଇପାରିଥାନ୍ତା। କିନ୍ତୁ ଏହି ୧୩୧ତମ ସଂଶୋଧନ ଦ୍ୱାରା ୨୦୧୧ ଜନଗଣନା ଆଧାରରେ ସୀମା ନିର୍ଦ୍ଧାରଣ କରି ୨୦୨୯ ନିର୍ବାଚନ ବେଳକୁ ମହିଳା ସଂରକ୍ଷଣ ଲାଗୁ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ୧୯୭୬ ମସିହାରୁ ଲୋକସଭା ଆସନ ସଂଖ୍ୟା ଉପରେ ଏକ ପ୍ରକାର ରୋକ ଲାଗିଥିଲା, ଯାହାକି ୨୦୨୬ ପର୍ଯ୍ୟନ୍ତ ବଳବତ୍ତର ରହିଆସିଛି। କିନ୍ତୁ ଏବେ ଏହି ବିଲ୍ ସେହି କଟକଣାକୁ ହଟାଇବାକୁ ପ୍ରସ୍ତାବ ଦେଇଛି, ଯାହାଫଳରେ ଜନସଂଖ୍ୟା ଅନୁଯାୟୀ ଆସନ ସଂଖ୍ୟା ପୁନଃ ନିର୍ଦ୍ଧାରଣ କରାଯାଇପାରିବ।

ଅନ୍ୟପକ୍ଷେ ବିଲ୍ ଆଗତ ହେବା ପରେ ପରେ ବିରୋଧୀ ଦଳ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କଂଗ୍ରେସ ▶▶ ୬

**ବିଧେୟକକୁ ବିରୋଧ କରୁଛନ୍ତି ବିରୋଧୀ**

**ଶନିବାର ରାଜ୍ୟସଭାରେ ହେବ ଉପସ୍ଥାପନ**

**ଗ୍ୟାରେଣ୍ଟି ଦେଲେ ମୋଦୀ**

## ସୀମା ନିର୍ଦ୍ଧାରଣ ଆଇନ୍ ଦ୍ୱାରା କୌଣସି ରାଜ୍ୟ ପ୍ରତି ଅନ୍ୟାୟ ହେବନି



**୩୩% ମହିଳା ସଂରକ୍ଷଣ କୌଣସି ଦଳ ସ୍ୱାର୍ଥରେ ନୁହେଁ**

ଲୋକସଭାରେ ୩ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ ହେବା ପରେ ଏହା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ଭାଷଣ ରଖିଛନ୍ତି। ମୋଦୀ କହିଛନ୍ତି, ସୀମା ନିର୍ଦ୍ଧାରଣ ଆଇନ୍ ଦ୍ୱାରା କୌଣସି ରାଜ୍ୟ ପ୍ରତି ଅନ୍ୟାୟ ହେବ ନାହିଁ। ସେ ଏଥିପାଇଁ ସଂସଦରେ ନିଜ ନାମରେ 'ମୋଦୀ ଗ୍ୟାରେଣ୍ଟି' ବା ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସେହିପରି ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗରେ ମୋଦୀ କହିଛନ୍ତି ଯେ ବିଧାନସଭା ଏବଂ ସଂସଦରେ ମହିଳାମାନଙ୍କ ପାଇଁ ୩୩% ସଂରକ୍ଷଣ କୌଣସି ଦୟା ବା ଅନୁଗ୍ରହ ନୁହେଁ, ବରଂ ଏହା ସେମାନଙ୍କର ଅଧିକାର। ଦେଶର ୫୦% ଜନସଂଖ୍ୟା ନୀତି ନିର୍ଦ୍ଧାରଣରେ ସାମିଲ ହେବା ଏକ 'ବିକଶିତ ଭାରତ' ପାଇଁ ଅପରିହାର୍ଯ୍ୟ। ମୋଦୀ କହିଛନ୍ତି ବିରୋଧୀ ଦଳ ଏହାକୁ ସମର୍ଥନ କରିବା ପୂର୍ବକ ▶▶ ୬

**୫ ଦକ୍ଷିଣ ଭାରତୀୟ ରାଜ୍ୟକୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଶ୍ୱାସନା**

## ସୀମା ନିର୍ଦ୍ଧାରଣ ଦ୍ୱାରା ପ୍ରତିନିଧିତ୍ୱ କମିବନି



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଆଜିର ଏହି ସ୍ୱତନ୍ତ୍ର ଅଧିବେଶନରେନିଜ ଭାଷଣ ରଖିଛନ୍ତି। ଶାହ ମୁଖ୍ୟତଃ ମହିଳା ସଂରକ୍ଷଣ ଏବଂ ସୀମା ନିର୍ଦ୍ଧାରଣ ବିଲ୍ ଉପରେ ବିରୋଧୀଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ନିଜ ଭାଷଣ ମାଧ୍ୟମରେ ଅମିତ ଶାହ ସ୍ପଷ୍ଟ କରିଛନ୍ତି ଯେ, ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ପରେ ଲୋକସଭାରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ କମିବ ନାହିଁ ବରଂ ପ୍ରାୟ ୫ଟି ଦକ୍ଷିଣ ଭାରତୀୟ ରାଜ୍ୟର ଆସନ ସଂଖ୍ୟା ବର୍ତ୍ତମାନର ▶▶ ୬

## ଜନଗଣନା: ଘର ତାଲିକାକରଣ ଆରମ୍ଭ

**ଭୁବନେଶ୍ୱର,୧୬/୪/ଏନ୍ଏନ୍ଏସ୍:**

ଜନଗଣନା-୨୦୨୭ର ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ଗୃହ ତାଲିକାକରଣ ଏବଂ ଗୃହ ଗଣନା ପାଇଁ କ୍ଷେତ୍ର କାର୍ଯ୍ୟ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଗୋଆ, କର୍ଣ୍ଣାଟକ, ଲକ୍ଷଦ୍ୱୀପ, ମିଜୋରାମ, ଓଡ଼ିଶା, ସିକିମ ସମେତ ୮ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନା ପାଇଁ ଜନସଂଖ୍ୟା ନିର୍ଦ୍ଦେଶାଳୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଜନଗଣନା ନିର୍ଦ୍ଦେଶାଳୟର ସୂଚନା ଅନୁଯାୟୀ, ରାଜ୍ୟରେ ଆଜିଠୁ ମେ ୧୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜନଗଣନା କାର୍ଯ୍ୟ ପରିଚାଳନା କରିବା ପାଇଁ ୯୦ ହଜାର ୨ ଶହ ଜଣ ଜନଗଣନା ଅଧିକାରୀ ଓ ୧୫ ହଜାର ୧୪୦ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଘର ଗଣତି ସହ ନମ୍ବରିଂ ଏବଂ ଘରର ମୁଖ୍ୟଙ୍କ ସବିଶେଷ ତଥ୍ୟ ସଂଗ୍ରହ କରାଯାଉଛି। ପ୍ରତି ଜନଗଣନା ଅଧିକାରୀଙ୍କୁ ୮ ଶହ ଲୋକଙ୍କ ତଥ୍ୟ ସଂଗ୍ରହ କରିବାକୁ ଦିଆଯାଇଛି। ▶▶ ୬

## ଏସ୍ଆର୍‌ସିଙ୍କ ସମୀକ୍ଷା ପରେ ସ୍କୁଲ୍ ଛୁଟି ନିଷ୍ପତ୍ତି

**ଭୁବନେଶ୍ୱର,୧୬/୪/ଏନ୍ଏନ୍ଏସ୍:**

ପଶ୍ଚିମରୁ ଉପକୂଳ ସବୁଠି ତାତି। ତାତିରେ କଲବଲ ହେଉଛି ସାରା ରାଜ୍ୟ। ରାଜ୍ୟରେ ତାତି ବଢୁଥିବା ବେଳେ ଏବେ ସମସ୍ତଙ୍କ ନଜର ଖରାଛୁଟି ଉପରେ। ତେବେ ଏଭଳି ସ୍ଥିତିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେଉଁ ଜିଲ୍ଲାଗୁଡିକରେ ଅସହ୍ୟ ଗରମ ହେଉଛି, ସେହି ସବୁ ଜିଲ୍ଲା ଗୁଡିକରେ ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ସ୍କୁଲ ଛୁଟି ହେବା ନେଇ ନିଷ୍ପତ୍ତି ନିଆଯିବ । ପିଲାମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ। ପଶ୍ଚିମ ଓଡ଼ିଶାରେ କିଛି ଜିଲ୍ଲାରେ ଅତ୍ୟଧିକ ଗରମ ନେଇ ସୂଚନା ରହିଛି, ତାହାକୁ ମଧ୍ୟ ବିଭାଗ ବିଚାରକୁ ନେଇଛି। ସେହି ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନେ ରିପୋର୍ଟ ଦେଲେ ବିଭାଗ ନିଷ୍ପତ୍ତି ନେବ। ଏସ୍ଆରସି ହିଟ ୱେଭକୁ ନେଇ ବୈଠକ ଡାକି ସମୀକ୍ଷା କରିବା ପରେ ହିଁ ଖରା ଛୁଟି ପାଇଁ ନିଷ୍ପତ୍ତି ନିଆଯିବ। ତେଣୁ ଏସଆରସିଙ୍କ ମିଟିଂ ପରେ ହିଁ ସ୍କୁଲ ଛୁଟି ନିଷ୍ପତ୍ତି ନିଆଯିବ। ମନ୍ତ୍ରୀ କହିଛନ୍ତି, ସାଧାରଣତଃ ହିଟ୍ ୱେଭ୍ ନେଇ ଏସ୍ଆରସି ବୈଠକ ଡାକନ୍ତି। ▶▶ ୬

## ବଢୁଛି ତାତି, କରୁଛି କଲବଲ

**ଭୁବନେଶ୍ୱର,୧୬/୪/ଏନ୍ଏନ୍ଏସ୍:**

କଲବଲ କରୁଛି ତାତି। ରାଜ୍ୟରେ ବର୍ତ୍ତମାନ ୪୦ ଡିଗ୍ରୀ ଉପରେ ପାରଦ। ଅସହ୍ୟ ଗରମ ଓ ଗୁଳୁଗୁଳିରେ ଜନଜୀବନ ହନ୍ତସନ୍ତ। ପ୍ରବଳ ଖରାରେ ସିଝୁଛି ସାରା ଓଡ଼ିଶା। ଆଗକୁ ପଶ୍ଚିମ ଓଡ଼ିଶାରେ ତାତି ୪୫ ଡିଗ୍ରୀ ଛୁଇଁପାରେ। ଟିଟିଲାଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର ଓ ଝାରସୁଗୁଡ଼ାରେ ତାପମାତ୍ରା ବଢ଼ି ୪୪ ଡିଗ୍ରୀରେ ପହଞ୍ଚିପାରେ। ବରଗଡ଼, ରାଉରକେଲା, ଅନୁଗୁଳ, ଭବାନୀପାଟଣା ଓ ବୌଦ୍ଧରେ ବି ୪୩ ଡିଗ୍ରୀ ଛୁଇଁବ। ଆଭ୍ୟନ୍ତରୀଣ ଓଡ଼ିଶାରେ ବି ଅସମ୍ଭାଳ ତାତି ହେବ। ପାଣିପାଗ ବିଭାଗ ଆସନ୍ତା ୧୯ ତାରିଖ ଯାଏ ତାତିକୁ ନେଇ ଏଭଳି ଆକଳନ କରିଛି। ରାଜ୍ୟରେ ବର୍ତ୍ତମାନ ୪୦ ଡିଗ୍ରୀ ଉପରେ ତାପମାତ୍ରା ରହୁଥିବା ବେଳେ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଉପକୂଳରେ ବିଶେଷ ଭାବେ ଗରମ ସହ ଗୁଳୁଗୁଳି ଲାଗିରହୁଥିବା ବେଳେ ଆସନ୍ତା ୨୪ ଘଣ୍ଟାରେ ୧୧ ଜିଲ୍ଲା, ଯେପରିକି ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ▶▶ ୬

## ପ୍ରଦୀପ ହୋତା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର,୧୬/୪ /ଏନ୍ଏନ୍ଏସ୍:**

ଡାକ୍ତର ପ୍ରଦୀପ କୁମାର ହୋତାଙ୍କୁ ଜନସ୍ୱାସ୍ଥ୍ୟ ଭାବେ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ ୪ଜଣ ବରିଷ୍ଠ ଡାକ୍ତରଙ୍କୁ ପଦୋନ୍ନତି ଦିଆଯାଇଥିବା ଦର୍ଶାଯାଇଛି। ସେଥିରୁ ଡାକ୍ତର ହୋତା ପୂର୍ବରୁ ସମ୍ବଲପୁର ସିଡିଏମ୍ଓ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ନିର୍ଦ୍ଦେଶକ ଭାବେ ପଦୋନ୍ନତି ମିଳିଛି। ସେହିପରି ▶▶ ୬

## ପିକ୍‌ଅପ୍-ଟ୍ୟାଙ୍କର ଧକ୍କା, ୮ ମୃତ

**୨ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କଲେ ମୋଦୀ**

**କୁର୍ନୁଲ,୧୬/୪/ଏଜେନ୍ସି:**



ଅଧାରେ ରହିଲା ଦେବ ଦର୍ଶନ। ଆନ୍ଧ୍ର ପ୍ରଦେଶର କୁର୍ନୁଲରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୮ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ଶ୍ରଦ୍ଧାଳୁମାନେ କର୍ଣ୍ଣାଟକର ବାସିନ୍ଦା ବୋଲି ଜଣାପଡ଼ିଛି। ଦୁର୍ଘଟଣା କର୍ଣ୍ଣାଟକ-ଆନ୍ଧ୍ରପ୍ରଦେଶ ସୀମା ନିକଟରେ କୁର୍ନୁଲ ଜିଲ୍ଲାର ଧର୍ମପୁର ଟୋଲ୍ ପ୍ଲାଜାଠାରୁ ପ୍ରାୟ ୮-୯ କିଲୋମିଟର ଦୂରରେ ଜାତୀୟ ରାଜପଥ ନଂ ୧୬୭ରେ ଘଟିଛି। କର୍ଣ୍ଣାଟକର ଚିକ୍କାମାଗାଲୁରୁ ଅଞ୍ଚଳର କିଛି ଶ୍ରଦ୍ଧାଳୁ ଆନ୍ଧ୍ରପ୍ରଦେଶର ▶▶ ୬

## ଇସ୍ରାଏଲ୍-ଲେବାନନ୍ ୧୦ ଦିନିଆ ଯୁଦ୍ଧବିରତି

**ଘୋଷଣା କଲେ ଟ୍ରମ୍ପ, ହିଜବୁଲ୍ଲାର ବିରୋଧ**

**ୱାଶିଂଟନ୍, ୧୬/୪/ଏଜେନ୍ସି:** ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ ଜାରି ରହିଥିବା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଗୁରୁବାର ଆକସ୍ମିକ ଭାବେ ଏହି ଦୁଇ ଦେଶ ମଧ୍ୟରେ ଏକ ଐତିହାସିକ ୧୦ ଦିନିଆ ଯୁଦ୍ଧବିରତି ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଆଗାମୀ କିଛି ଘଣ୍ଟା ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସେ କହିଛନ୍ତି। ଟ୍ରମ୍ପ୍ କହିଛନ୍ତି ଯେ ସେ ଲେବାନନ୍ ରାଷ୍ଟ୍ରପତି ଜୋସେଫ୍ ଆଉନ୍ ଏବଂ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ



ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଆଲୋଚନା କରିଛନ୍ତି। ଉଭୟ ନେତା ଶାନ୍ତି ପ୍ରତିଷ୍ଠା ପାଇଁ ଏହି ୧୦ ଦିନିଆ ଯୁଦ୍ଧବିରତିରେ ସହମତ ହୋଇଛନ୍ତି। ଏହି ଯୁଦ୍ଧବିରତି ଆମେରିକା ସମୟ ଅନୁସାରେ ଆଜି (ଗୁରୁବାର) ଅପରାହ୍ନ ୫ଟାରୁ କାର୍ଯ୍ୟକାରୀ ହେବ।

ପ୍ରାୟ ୩୪ ବର୍ଷ ପରେ ଇସ୍ରାଏଲ୍ ଏବଂ ଲେବାନନ୍ ମଧ୍ୟରେ ୱାଶିଂଟନ୍‌ରେ ପ୍ରତ୍ୟକ୍ଷ କୂଟନୈତିକ ଆଲୋଚନା ହୋଇଛି। ଟ୍ରମ୍ପ ଏହାକୁ ତାଙ୍କ ଦ୍ୱାରା ସମାଧାନ କରାଯାଇଥିବା '୧୦ମ ଯୁଦ୍ଧ' ▶▶ ୬

**ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏମ୍ଓୟୁ**

# ଓଡ଼ିଶାରେ କାର୍ଯ୍ୟକାରୀ ହେବ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍

**ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ: ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର ,୧୬/୪/ଏନ୍ଏନ୍ଏସ୍:**

ରାଜ୍ୟରେ ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷାକରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର କାର୍ଯ୍ୟକାରୀ କରିବେ ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଏମ୍ଏସ୍‌ପି। ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟ ମଧ୍ୟରେ ଗୁରୁବାର ଲୋକସଭା ଭବନରେ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବପୂଜା ମିଶ୍ର ଓ ନ୍ୟାସ୍‌ନାଲ୍ ସେଣ୍ଟର ଫର କୋଷ୍ଟାଲ ରିସର୍ଚ୍ଚର ନିର୍ଦ୍ଦେଶକ ଡକ୍ଟର ଆର.ଏସ୍. କନ୍‌କରା ଏହି ଏମ୍ଓୟୁରେ ସ୍ୱାକ୍ଷର କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଏମ୍ଏସ୍‌ପି କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟର ନୀଳ ଅର୍ଥନୀତିର ଉନ୍ନତି ହେବା ସହିତ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ। ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସହିତ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ



ରହିବେ। ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଏମ୍ଏସ୍‌ପି ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଭାରତ ସରକାର ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ ୨୦୧୯ ମସିହା ଠାରୁ ଦେଶରେ ସସ୍‌ଟେନେବଲ୍ ଓସେନ ପ୍ଲାନିଂ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହା ପୁଡୁଚେରୀ ଓ ଲାକ୍ଷାଦ୍ୱୀପରେ କାର୍ଯ୍ୟକାରୀ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଏହା କାର୍ଯ୍ୟକାରୀ କରୁଛି। ଓଡ଼ିଶାର ଉପକୂଳ ଅର୍ଥନୀତି ଏବଂ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ଏହି ଯୋଜନାକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ ଉପକୂଳ ଓ ସାମୁଦ୍ରିକ ଅଞ୍ଚଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଉପକୂଳ ଅଞ୍ଚଳ ପାଇଁ ପ୍ରଚୁର ପ୍ରାକୃତିକ ସମ୍ବଳ ଯୋଗାଇଥାଏ। ସ୍ଥାନୀୟ ଜୀବିକା, ଅର୍ଥନୈତିକ ଅଭିବୃଦ୍ଧି ଓ ସନ୍ତୁଳିତ ପର୍ଯ୍ୟାବରଣ ପାଇଁ ଏହି ସମ୍ବଳଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ବିକାଶ କାର୍ଯ୍ୟକ୍ରମ, ପରିବେଶ ଉପରେ ଏହାର ପ୍ରଭାବ ଏବଂ ବିଭିନ୍ନ କ୍ଷେତ୍ରର କ୍ରମାଗତ ଚାହିଦା ବୃଦ୍ଧି ଯୋଗୁ ସାମୁଦ୍ରିକ ଅଞ୍ଚଳଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବାର ଆବଶ୍ୟକତା ସୃଷ୍ଟି ହୋଇଛି। ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଏମ୍ଏସ୍‌ପି ଏ କ୍ଷେତ୍ରରେ ଏକ ସମୟ ଉପଯୋଗୀ ପଦକ୍ଷେପ। ଏହା ଆମର ମତ୍ସ୍ୟଚାଷ, ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ସହିତ ମେରାଇନ୍ ଇକୋସିଷ୍ଟମର ସୁରକ୍ଷାରେ ମଧ୍ୟ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଗତବର୍ଷ ଅଗଷ୍ଟ ▶▶ ୬

**ଭାରତ ଓ ନରୱେର ସହଯୋଗରେ ଏମ୍ଏସ୍‌ପି**

**ରାଜ୍ୟର ନୀଳ ଅର୍ଥନୀତିର ଉନ୍ନତି ହେବ**

**ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ**

**ପୂର୍ବ ଶତ୍ରୁତାରୁ ହତ୍ୟା**

## ୫ଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବଲାଙ୍ଗୀର,୧୬/୪/ଏନ୍ଏନ୍ଏସ୍:**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା କୁଲିଆଦରୋ ଗାଁରେ ୨୦୧୭ ମସିହାରେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାରେ ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କଣ୍ଟାବାଞ୍ଜି ଏଡିଜେ କୋର୍ଟ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହିତ ସେମାନଙ୍କୁ ୫୦ ହଜାର ଟଙ୍କା ଜୋରିମାନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଜୀବନ କାରାଦଣ୍ଡାଦେଶ ପାଇଥିବା ଦୋଷୀମାନେ ହେଉଛନ୍ତି ଘନଶ୍ୟାମ ତାଣ୍ଡି, ଗୋବିନ୍ଦ ନାଏକ, ଲାଲମନ ତାଣ୍ଡି, ଜଗ ତାଣ୍ଡି ଓ ବିଟୁ ସଗରିଆ। ସମ୍ପୃକ୍ତ ୫ ଜଣ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨୦୧୭ ମାର୍ଚ୍ଚ ୧୩ ତାରିଖରେ ଗାଁର ଶଶି ବନଛୋରଙ୍କୁ ହତ୍ୟା କରିଥିଲେ। ସେମାନେ ଶଶିଙ୍କୁ ଘରୁ ଡାକି ନେଇ ଟାଙ୍ଗିଆ, କ୍ରିକେଟ ବ୍ୟାଟ, ଖଟର ବାହି ଓ ବାଡ଼ିରେ ଅତି ନିର୍ମମ ଭାବେ ହତ୍ୟା କରି ଗାଁର ପ୍ରହରୀ ମଣ୍ଡପରେ ପିଙ୍ଗି ଦେଇଥିଲେ। ଘଟଣାର ତଦନ୍ତ କରି ପୁଲିସ ଏହି ୫ ଜଣଙ୍କୁ ଗିରଫ କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ ତଥା ତଥ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ଗୁରୁବାର ରାୟ ଶୁଣାଇଛନ୍ତି।

## ଛାତ୍ରାବାସରେ ଛାତ୍ରଙ୍କ ଝୁଲନ୍ତା ମୃତଦେହ

**ଉମରକୋଟ,୧୬/୪/ଏନ୍ଏନ୍ଏସ୍:**

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନି ଆଶ୍ରମ ବିଦ୍ୟାଳୟର ହଷ୍ଟେଲରୁ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ ଛାତ୍ର ଜଣଙ୍କ ହେଉଛନ୍ତି ବଡ଼ କୁମାରୀ ଗ୍ରାମର ପରମେଶ୍ୱର ଭତ୍ରାଙ୍କ ପୁଅ ପ୍ରଶାନ୍ତ ଭତ୍ରା। ସେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ସୂଚନା ଅନୁଯାୟୀ, ପ୍ରଶାନ୍ତ ମାତ୍ର ତିନି ଦିନ ତଳେ ହିଁ ଘରୁ ଛାତ୍ରାବାସକୁ ଆସିଥିଲେ। କିନ୍ତୁ ଆଜି ହଠାତ୍ ତାଙ୍କର ଝୁଲନ୍ତା ମୃତଦେହ ମିଳିବା ସମସ୍ତଙ୍କୁ ଚକିତ କରିଛି। ପୁଲିସ ଶବ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରଶାନ୍ତ ଆତ୍ମହତ୍ୟା କରିଥିବା କୁହାଯାଉଛି। ତେବେ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କ ସହିତ ଆଉ କିଛି ଘଟିଛି, ତାହା ସ୍ପଷ୍ଟ ହୋଇପାରିନି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଓ ପୁଲିସର ତଦନ୍ତ ଶେଷ ହେବା ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ଉମରକୋଟ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଈଶ୍ୱର ମାଝୀ କହିଛନ୍ତି ଯେ ଛାତ୍ର ଜଣଙ୍କ ଆତ୍ମହତ୍ୟା କରିଛନ୍ତି ବୋଲି କୁହାଯାଉଛି। ସେ କାହିଁକି ଏମିତି ଏକ ପଦକ୍ଷେପ ନେଲେ, ତାହା ଜଣାପଡ଼ିନି। ସ୍କୁଲ କର୍ମଚାରୀମାନେ କହିଛନ୍ତି ଯେ ▶▶ ୬

# କେନାଲ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବଲଙ୍ଗା,୧୬।୪/ଏନ୍‌ଏନ୍‌ଏସ୍:** ବଲଙ୍ଗା ଥାନା ଅନ୍ତର୍ଗତ ହରିପୁର ବଜାର ଠାରେ ଚନ୍ଦନପୁର ବ୍ରାଞ୍ଚ କେନାଲ ଭିତରୁ ଜଣେ ଯୁବକର ମୃତ ଦେହକୁ ବଲଙ୍ଗା ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ସୂଚନା ମୁତାବକ ଦେବକୀ ବେହେରା କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀ ବିଜୟ ବେହେରା (ବିଜୁନା) ଗତକାଲି ରାତିରେ ଘରୁ ଆସିଥିଲା ବେଳେ ଆଜି ଭୋର ସମୟରେ ବଜାରର କେନାଲ ଭିତରେ ଥିବା ଦୋକାନ ତଳେ ବିଜୁନାଙ୍କ ମୃତଦେହ ପଡ଼ିଥିବା ନେଇ କେତେକ ଲୋକ ଭୋର୍ ସମୟରେ ଦେଖିଥିଲେ। କିଛି ସମୟ ମଧ୍ୟରେ ଖବର ପ୍ରଚାରିତ ହେବା ପରେ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅନ୍ୟପଟେ ଖବର ପାଇ ବଲଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରିବାକୁ ପ୍ରୟାସ କରିବାରେ ପରିବାର ଲୋକେ ବିଜୁନାକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କର ଜଣେ ସମ୍ପର୍କୀୟ ହତ୍ୟା କରିଥିବା ନେଇ ଅଭିଯୋଗ ଆଣି ଶବକୁ ଛାଡିନଥିଲେ। ଫଳରେ ପୋଲିସ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଥାନାକୁ ଉଠାଇ ଆଣିଥିଲା। ତେବେ ଅନ୍ୟ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ଶବ ଛାଡ଼ିବେନି ବୋଲି ପରିବାର ଲୋକେ ଜିଦ୍ କରିଥିଲେ। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପିପିଲି ଡିଏସପି ଦେବାଶିଷ ମିଶ୍ର, ନିମାପଡ଼ା ତହସିଲଦାର ମନୋଜ ପ୍ରଧାନ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଦୀର୍ଘ ୬ଘଣ୍ଟା ପରେ ଶବ ଉଠିଥିଲା।

# ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନାରେ ୨୨ କନ୍ୟାଙ୍କ ଗଣବିବାହ ୨୧ରେ

**ନୟାଗଡ଼,୧୬।୪/ଏନ୍‌ଏନ୍‌ଏସ୍:** ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଉପରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ମିନି କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ନୟାଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀ ଐଶ୍ୱର୍ଯ୍ୟା ଭୂୟାଁ, ନୟାଗଡ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟଶ୍ରୀ ପଟ୍ଟନାୟକ ପରିଚାଳନା କରିଥିଲା ବେଳେ ଏହାର ସଫଳ ଆୟୋଜନ ପାଇଁ ସ୍ୱେଚ୍ଛାସେବୀ ସମାଜର ସଂଗଠନ ସେବାକୁ ଦାୟିତ୍ୱ ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟ ଆସନ୍ତା ୨୧ ତାରିଖ ଦିନ ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନରେ ଅନୁଷ୍ଠିତ ହେବ। ଏହି ଅଭିନବ କାର୍ଯ୍ୟକ୍ରମରେ ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ୨୨ଜଣ କନ୍ୟାମାନଙ୍କର ଏକ ଗଣ ବିବାହ କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହେବ। ପ୍ରତ୍ୟେକ କନ୍ୟାକୁ କନ୍ୟାଧନ ସ୍ୱରୂପ ୩୫୦୦୦ଟଙ୍କା ଅର୍ଥରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ। ଉକ୍ତ ଦିନ ସକାଳ ୬ଘଟିକା ଠାରୁ ଶୁଭ ଲଗ୍ନରେ ବିବାହ କାର୍ଯ୍ୟକ୍ରମ ଆୟୋଜିତ ହେବାର ବ୍ୟବସ୍ଥା ରହିଛି। ଏଥିରେ କନ୍ୟାଘର ଓ ବରଘର ତରଫରୁ ୨୦ଜଣ ସମ୍ପର୍କୀୟ ସାମିଲ ହେବାର ବ୍ୟବସ୍ଥା କରାଯାଇଛି। ବୈଠକରେ ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରସନ୍ନ ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବ୍ଲକର ସିଡ଼ିପିଓମାନେ ଯୋଗଦେଇଥିଲେ।

# ୩ ମୋରମ୍ ବୋଝେଇ ଟ୍ରାକ୍ଟର, ପଥର ଟ୍ରକ୍ ଜବତ

**ଟାଙ୍ଗୀ,୧୬।୪/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ପୁଲିସ ପକ୍ଷରୁ ଚାଡାଉ କରାଯାଇ ଗୋଟିଏ ପଥର ଟ୍ରକ୍ ସହ ୩ଟି ମୋରମ୍ ବୋଝେଇ ଟ୍ରାକ୍ଟର, ଜେସିବି ମେସିନ ଜବତ କରାଯାଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ଟାଙ୍ଗୀ ଥାନା ଅନ୍ତର୍ଗତ ରସିକନଗର ଗ୍ରାମ ନିକଟସ୍ଥ ପାହାଡ ନିକଟରୁ ଦୀର୍ଘ ଦିନ ହେଲା ମୋରମ୍ ଚୋରା ଚାଲାଣ ହେଉଥିଲା। ଯାହାକୁ ନେଇ ଟାଙ୍ଗୀ ଥାନା ଅଧିକାରୀ ଡ଼ ବିକାଶ କୁମାର ସେଠୀ, ଏସ୍‌ଆଇ ପ୍ରଶାନ୍ତ କୁମାର ବେହେରାଙ୍କ ସହ ପୁରା ଟିମ୍ ବୁଧବାର ବିଳମ୍ବିତ ରାତ୍ରରେ ଉକ୍ତ ସ୍ଥାନରେ ଚଢ଼ଉ କରିବା ସମୟରେ ଟ୍ରାକ୍ଟର ଛାଡ଼ି ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଜେସିବି ଡ୍ରାଇଭରକୁ ଧରିବାରେ ପୁଲିସ ସକ୍ଷମ ହୋଇଥିଲା। ଏଥିସହ ୩ଟି ଟ୍ରାକ୍ଟର ଜବତ କରିବାରେ ସଫଳ ହୋଇଥିଲେ। ପରେ ସମସ୍ତ ଗାଡ଼ିକୁ ଟାଙ୍ଗୀ ଥାନାକୁ ଅଣାଯାଇ ଜୋରିମାନା କରାଯାଇଥିବା ଥାନା ଅଧିକାରୀ ଡ଼ ବିକାଶ କୁମାର ସେଠୀ ପ୍ରକାଶ କରିଛନ୍ତି।

# ଭାରତ ବିକାଶ ପରିଷଦ ଶାଖା ପକ୍ଷରୁ ଓଡ଼ିଆ ନବବର୍ଷ ଉତ୍ସବ



**ସାକ୍ଷୀଗୋପାଳ,୧୬।୪/ଏନ୍‌ଏନ୍‌ଏସ୍:** ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖାର ପ୍ରତିଷ୍ଠା ଦିବସ ଓ ଓଡ଼ିଆ ନବବର୍ଷ, ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ସଭାର ପ୍ରାରମ୍ଭରେ ସାମୁହିକ ବନ୍ଦେ ମାତରଂ ଗାନ କରାଯାଇଥିଲା। ପରେ ଶାଖାର ସମ୍ପାଦକ ବିଜୟ କୁମାର ପରିଡ଼ା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ସତ୍ୟବାଦୀ ଦାସ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ବୃନ୍ଦାବନ ଚନ୍ଦ୍ର ରଥ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ପ୍ରଭାତ କୁମାର ମିଶ୍ର, ଶାଖାର ସଭାପତି ନବଘନ ଶତପଥୀ, ସଚିବ ବିଜୟ କୁମାର ପରିଡ଼ା ଓ କୋଷାଧ୍ୟକ୍ଷ ଦେବରାଜ ନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ବନ୍ଦନା ଦାଶ ଏକ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଶାଖା ତଥା ସଭାର ସଭାପତି ନବଘନ ଶତପଥୀ ଅତିଥି ପରିଚୟ ସହିତ ଏହି ଦିବସର ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସଭାଗୃହରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହାକୁ ପାଠ କରିଥିଲେ ପଣ୍ଡିତ ରାଧାନାଥ ଷଡ଼ଙ୍ଗୀ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର। ପାଞ୍ଚଜଣ ଗତିବିଧି କନ୍‌ଭେନର୍ ଯଥା ସମ୍ପର୍କ ସଚିବ ଶରତ କୁମାର ବେହେରା, ସେବା ସଚିବ ଦିଗମ୍ବର ରଥ, ସଂସ୍କାର ସଚିବ ସୁନିଲ କୁମାର ବେହେରା, ପର୍ଯ୍ୟାବରନ୍ ସଚିବ ବିଭୁ ପ୍ରସାଦ ମହାପାତ୍ର ଓ ମହିଳା ସହଭାଗିତା ରିତା ତ୍ରିପାଠୀଙ୍କ ସହିତ ୨ଜଣ ନୂତନ ସଭ୍ୟ ଶପଥ ଗ୍ରହଣ କରିଥିଲେ। ଶାଖାର କୋଷାଧ୍ୟକ୍ଷ ଦେବରାଜ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

### କଡ଼ା ସୁରକ୍ଷା ମଧ୍ୟରେ ଶେଷ ହେଲା ଦ୍ୱିତୀୟ ପର୍ଯ୍ୟାୟ

# ସପ୍ତମ ଦିନରେ ବାହାର ରତ୍ନଭଣ୍ଡାର ଗଣତି

**ପୁରୀ,୧୬।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ଆଜି ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ସପ୍ତମ ଦିନରେ କଡ଼ା ସୁରକ୍ଷା ମଧ୍ୟରେ ଶେଷ ହୋଇଛି ସପ୍ତମ ଦିନର ରତ୍ନଭଣ୍ଡାର ଗଣତି କାର୍ଯ୍ୟ। ଆଜି ଥିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିର ସପ୍ତମ ଦିନ ତଥା ଭିତର ଭଣ୍ଡାର ଗଣତିର ଦ୍ୱିତୀୟ ଦିନ। ନୀତି ବିଳମ୍ବ ସତ୍ତ୍ୱେ ପ୍ରାୟ ୭ଘଣ୍ଟା ହୋଇଛି ରତ୍ନ ଗଣନା। ପ୍ରାୟ ୮୦ଟି ଅଳଙ୍କାରର ଗଣତି ସରିଛି। ଭିତରେ ଭଣ୍ଡାରରେ ରହିଛି ପ୍ରାୟ ୫୯୮ପ୍ରକାର ଅଳଙ୍କାର। ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ୩୫ରେ ସିଂହଦ୍ୱାର ଦେଇ ଭିତରକୁ ପ୍ରବେଶ କରିଥିଲା ଟିମ୍। ଏସ ଓ ପି ଅନୁଯାୟୀ ପ୍ରାୟ ୧୨ଟା ୩୫ରେ ଭିତର ଭଣ୍ଡାରକୁ ପ୍ରବେଶ କରିଥିଲେ ଟିମ୍ ସଦସ୍ୟ। ତେବେ ଗତ ୧୩ତାରିଖରେ ଭିତର ଭଣ୍ଡାରର ପ୍ରଥମ ଦିନ ଗଣତି ଦିନ ସୁଭଦ୍ରାଙ୍କ ମାଳ ଛିଡିଥିବା ବେଳେ ଆଜି ଦ୍ୱିତୀୟ ଦିନରେ



ମଧ୍ୟ ଅଲୌକିକ ଘଟଣା ଦେଖିବାକୁ ମିଳିଥିଲା। ଆଜି ଟିମ ଭିତରକୁ ଯିବା ସମୟରେ ବଳଭଦ୍ରଙ୍କ ମାଳ ଛିଡିଥିଲା। ୧୯୭୮ ମସିହାରେ ପ୍ରସ୍ତୁତ ହୋଇଥିବା ରତ୍ନ ଅଳଙ୍କାର ସହ ହୋଇଛି ମେଳକ ପ୍ରକ୍ରିୟା। ଭିତର ଭଣ୍ଡାରରେ ଏପର୍ଯ୍ୟନ୍ତ ସମସ୍ତ ମେଳକ ଶତ ପ୍ରତିଶତ ସ୍ୱଚ୍ଛ ଓ ନିରବଚ୍ଛିନ୍ନ ହୋଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ୧୯୭୮ରେ ଯେଉଁମାନେ ତାଲିକା ପ୍ରସ୍ତୁତ କରିଥିଲେ, ସେମାନେ ସଠିକ୍ ଓ ନିର୍ଭୁଲ ଭାବରେ ଗଣନା କରିଥିବାରୁ ଗଣତି ପ୍ରକ୍ରିୟାରେ ସୁବିଧା ହେଉଛି ବୋଲି କହିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ। ତେବେ ଏସ୍‌ଓପି ଅନୁଯାୟୀ ହଳଦିଆ ମୁଣିରେ ସୁନା, ଧଳା ମୁଣିରେ ରୂପା ଓ ନାଲି ମୁଣିରେ ଅନ୍ୟ ରତ୍ନ ରଖାଯାଇ ତାକୁ ପ୍ରଥମେ ଷ୍ଟିଲ ବାକ୍ସ ଓ ପରେ ନବନିର୍ମିତ ସିନ୍ଦୁକରେ ରଖାଯାଉଛି।

# ବୋମା ମାଡ଼ ଘଟଣାରେ ୩ ଗିରଫ

**ସାକ୍ଷୀଗୋପାଳ,୧୬।୪/ଏନ୍‌ଏନ୍‌ଏସ୍:** ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର ସାକ୍ଷୀଗୋପାଳ ଛକ ସ୍ଥିତ ଜୟା ହୋଟେଲ ଉପରକୁ ବୋମା ମାଡ ଘଟଣାରେ ସତ୍ୟବାଦୀ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ସତ୍ୟବାଦୀ ଜେଏମଏଫସିଙ୍କ ଅଦାଲତକୁ ଗୁରୁବାର ଚାଲାଣ କରାଯାଇଥିବା ନେଇ ସତ୍ୟବାଦୀ ଥାନା ଭାରପ୍ରାପ୍ତ ନିରୀକ୍ଷକ ସୌମ୍ୟରଞ୍ଜନ ମହାଲିକ ସୂଚନା ଦେଇଛନ୍ତି। ଏହି ବୋମା ମାଡ଼ ଘଟଣା ସମ୍ପର୍କରେ ହୋଟେଲ ମାଲିକ ପ୍ରଦୀପ୍ତ କୁମାର ବାରିକଙ୍କ ସତ୍ୟବାଦୀ ଥାନାରେ କରିଥିବା ଅଭିଯୋଗରୁ ମିଳିଥିବା ସୂଚନା ଅନୁଯାୟୀ ଗତ କାଲି ବୁଧବାର ଅପରାହ୍ନ ରେ କିଛି ଯୁବକ ଏକ ଲେଲାଣ୍ଡ ଗାଡିରେ ହୋଟେଲକୁ ନିଶାସକ୍ତ ଅବସ୍ଥାରେ ଖାଇବାକୁ ଆସି ଖାଇବା ଓ ପଇସା ନଦେବା ପାଇଁ ହୋ ହାଲ୍ଲା ପାଟିତୁଣ୍ଡ ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ହୋଟେଲ ମଧ୍ୟରେ କିଛି ଲୋକ ସପରିବାର ଖାଉଥିଲେ। ହୋଟେଲ ମଧ୍ୟରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ସମ୍ପୃକ୍ତ ଅଭିଯୁକ୍ତ ମାନେ ସେଠାରୁ ଖସି ଯାଇ ୧୫ ମିନିଟ ପରେ ଏକ ନୀଳ ରଙ୍ଗର ଅଶୋକ ଲେଲାଣ୍ଡ ଓଡ଼ି୦୨ସି୦୨୯୨୩ ନମ୍ବର ଗାଡ଼ିରେ ଆସି ୩ଟି ବୋମା ଦୋକାନ ଉପରକୁ ପକାଇଥିଲେ। ସୌଭାଗ୍ୟବଶତଃ ଏହି ବୋମା ମାଡ଼ରେ କିଛି କ୍ଷତି ଘଟିନଥିଲା। କେବଳ ଜଣେ ଗ୍ରାହକଙ୍କ କାର୍‌ର ପଛପଟ କାଚ ଭାଙ୍ଗିଯାଇଥିଲା। ଅଭିଯୋଗକୁ ଭିତ୍ତିକରି ସତ୍ୟବାଦୀ ଥାନା ମାମଲା ରୁଜୁକରି ପୁରୀ ଜିଲ୍ଲା ପିପିଲି ଥାନା ଅଞ୍ଚଳ ସାତଶଂଖ ନିକଟ ସିରିଆପୁର ଗ୍ରାମର ବୈଦ୍ୟନାଥ ଦାସ(୨୫) ପିତା ବିଶ୍ୱନାଥ ଦାସ, ପ୍ରଭାକର ପ୍ରଧାନ(୨୭), ପିତା ସୁରେନ୍ଦ୍ର ପ୍ରଧାନ, ବିରେନ୍ଦ୍ର କୁମାର ସାହୁ(୨୦), ପିତା ବିଜୟ କୁମାର ସାହୁଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି।

# ଶ୍ରୀକ୍ଷେତ୍ର ଚନ୍ଦନ ଯାତ୍ରା ପାଇଁ ଏସ୍‌ପିଙ୍କ କ୍ଷେତ୍ର ପରିଦର୍ଶନ

**ପୁରୀ,୧୬।୪/ଏନ୍‌ଏନ୍‌ଏସ୍:** ପୁରୀ ପୋଲିସ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆସନ୍ତା ୨୦ ଏପ୍ରିଲ ୨୦୨୬ ଠାରୁ ନରେନ୍ଦ୍ର ପୁଷ୍କରିଣୀରେ ଆରମ୍ଭ ହେବାକୁ ଯାଉଥିବା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ପରିପ୍ରେକ୍ଷୀରେ ପୁରୀ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ଯାତ୍ରାକୁ ସୁସଂଘଟିତ, ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ପାଇଁ ଆଜି ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ନରେନ୍ଦ୍ର ପୁଷ୍କରିଣୀ ଓ ଏହାର ଚତୁଃପାର୍ଶ୍ୱରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସମୀକ୍ଷା ସମୟରେ ବାହାର ଚନ୍ଦନ ଯାତ୍ରା ୨୧ ଦିନ ଅନୁଷ୍ଠିତ ହେବ। ପାଲିଙ୍କିରେ ରାମକୃଷ୍ଣ ଓ ବିମାନରେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନ ବିଜେ କରି ବିରାଟ ରୋଷଣୀ ଭିତରେ ନରେନ୍ଦ୍ର ଚକଡ଼ାକୁ ବିଜେ କରିବେ। ଏହାଙ୍କ ସହିତ ପଞ୍ଚ ମହାଦେବ ଯମେଶ୍ୱର,



ମାର୍କଣ୍ଡେୟ, ଲୋକନାଥ, କପାଳମୋଚନ ଓ ନୀଳକଣ୍ଠଙ୍କର ବିଜେ ପ୍ରତିମାମାନେ ବିମାନରେ ବିଜେ କରି ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରିବା ସମୟରେ ଭକ୍ତମାନଙ୍କର ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥାପନ, ଏବଂ ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବା ପାଇଁ ବିଭିନ୍ନ ଅଙ୍ଗରେ ଆଲୋଚନା ହୋଇଥିଲା। ପାର୍କିଂ ବ୍ୟବସ୍ଥାକୁ ସୁସଂଘଟିତ କରିବା, ନିର୍ଦ୍ଦିଷ୍ଟ ସ୍ଥାନରେ ଯାନ ରଖିବା ପାଇଁ ଚିହ୍ନିତ ପାର୍କିଂ ଜୋନ୍ ସୃଷ୍ଟି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରବେଶ ଓ ପ୍ରସ୍ଥାନ ପଥକୁ ଅଲଗା କରାଯିବା ଏବଂ ଆବଶ୍ୟକତାନୁସାରେ ବ୍ୟାରିକେଡିଂ ବ୍ୟବସ୍ଥା କରାଯିବ। ଏହା ସହିତ ମାଇକିଂ ବ୍ୟବସ୍ଥା, ସୂଚନା ପ୍ରଦାନ କେନ୍ଦ୍ର ଓ ସେବା କ୍ୟାମ୍ପ ସ୍ଥାପନା କରାଯିବାକୁ ଯୋଜନା କରାଯାଇଛି। ସୁରକ୍ଷା ବ୍ୟବସ୍ଥାର ପୋଲିସ ମୁତୟନ କରାଯିବା ସହିତ ସିସିଟିଭି କ୍ୟାମେରା ଦ୍ୱାରା ନିରନ୍ତର ନିରୀକ୍ଷଣ କରାଯିବ। ସିନିୟର ସିଟିଜେନ୍‌ମାନଙ୍କ ପାଇଁ ଅଲଗା ବସିବା ବ୍ୟବସ୍ଥା, ସହଜ ଆଗମନ-ପ୍ରସ୍ଥାନ ସୁବିଧା ଓ ସାହାଯ୍ୟ କେନ୍ଦ୍ର ସ୍ଥାପନା କରାଯିବ। ଭକ୍ତମାନଙ୍କ ପାଇଁ ପାଣି, ଚିକିତ୍ସା ସହାୟତା ଓ ସ୍ୱଚ୍ଛତା ବ୍ୟବସ୍ଥା ଉପରେ ମଧ୍ୟ ନଜର ରଖାଯିବ। ଏହି ସ୍ଥଳ ପରିଦର୍ଶନ ଓ ସମୀକ୍ଷା ସମୟରେ ସିଟି ଡିଏସ୍‌ପି, ଟ୍ରାଫିକ୍ ଡିଏସ୍‌ପି, ଟାଉନ୍ ଥାନା ଆଇଆଇସି, କୁମ୍ଭାରପଡା ଥାନା ଆଇଆଇସି ଓ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ବ୍ୟବସ୍ଥାକୁ ନିକଟରୁ ଅନୁଧ୍ୟାନ କରିଥିଲେ।

# ୩୩ତମ ଜାତୀୟ ଯୁବ ଅନୁବାଦକ ସମ୍ମିଳନୀ

**ନୟାଗଡ଼,୧୬।୪/ଏନ୍‌ଏନ୍‌ଏସ୍:** ଅନୁବାଦ ଯୋଗୁଁ ସମଗ୍ର ବିଶ୍ୱରେ ଭାଷା, ସଂସ୍କୃତି ମଧ୍ୟରେ ଦୂରତା କମିବା ସମ୍ଭବ ହୋଇପାରିଛି। ବିଶ୍ୱର କୋଣେ ଅନୁକୋଣେ ଥିବା ପ୍ରତ୍ୟେକ ଭାଷାଭାଷୀ ଲୋକଙ୍କ ପାଖରେ ବିଭିନ୍ନ ଭାଷା, ସାହିତ୍ୟ, ସଂସ୍କୃତି ପହଞ୍ଚିବାର ପ୍ରମୁଖ ମଧ୍ୟମ ହେଉଛି ଅନୁବାଦ। ପ୍ରତ୍ୟେକ ଭାଷାର ନିଜସ୍ୱ ଶୈଳୀ ଏବଂ ବିଶିଷ୍ଟତା ରହିଛି। ଅନୁବାଦ କଲାବେଳେ ଅନୁବାଦକ ଏଥିପ୍ରତି ଯଥେଷ୍ଟ ସତର୍କ ହେବା ଦରକାର। ସର୍ବୋପରି ଭାରତ ଭଳି ଏକ ବହୁଭାଷୀ ଦେଶରେ ଅନୁବାଦ ତଥା ଅନୁବାଦକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନୁବାଦକୁ ଅଧିକ ସମୃଦ୍ଧ ଓ ବ୍ୟାପକ କରିବା ଦିଗରେ ଯୁବ ଅନୁବାଦକମାନେ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଅନଲାଇନ୍ ମାଧ୍ୟମରେ ୩୩ତମ ଜାତୀୟସ୍ତରରେ ଯୁବ ଅନୁବାଦକ ସମ୍ମିଳନୀରେ ବରିଷ୍ଠ ଓ ଯୁବ ଅନୁବାଦକମାନେ ମତବ୍ୟକ୍ତ କରିଛନ୍ତି। ଭାରତୀୟ ଅନୁବାଦ ସାହିତ୍ୟର ସଂପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମସ୍ତ ଅନୁବାଦକ ମାନଙ୍କୁ ସ୍ୱାଗତ କରିବା ସହ ଅନୁବାଦ ସାହିତ୍ୟର ସମୃଦ୍ଧି ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ନିରନ୍ତର ପ୍ରୟାସ କରାଯାଉଛି ଏବଂ ଆସନ୍ତା ସମୟରେ ଯୁବ ଅନୁବାଦକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାପକକାର୍ଯ୍ୟକ୍ରମ ସହ ଅନୁବାଦ ପୁସ୍ତକ ପ୍ରକାଶନକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ବିହାରର ସାହିତ୍ୟିକା ଡ. ଶ୍ୱେତା କୁମାରୀ ସଂଯୋଜନା କରିଥିବା ବେଳେ ବିଶିଷ୍ଟ ପଞ୍ଜାବୀ ଅନୁବାଦକ ଜଗଦୀଶ ରାଇ କୁଲରୀନ୍ ଏବଂ ମେଘାଳୟର ପ୍ରସିଦ୍ଧ ଲେଖିକା ଡ. ରୁମାମଣୀ ବରୁହା ବକ୍ତା ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ଭାରତୀୟ ଭାଷା ଏବଂ ଆଞ୍ଚଳିକ ଭାଷାରେ ଅନୂଦିତ କାବ୍ୟ ପାଠ କରିଥିଲେ। ଭାରତୀୟ ଅନୁବାଦ ସାହିତ୍ୟର ବରିଷ୍ଠ ସଦସ୍ୟ ସୁକୋମଳ ଦାଶ, ମଞ୍ଜୁଳା ଅସ୍ଥାନା ମହାନ୍ତି, ଜୟଶ୍ରୀ ଦୋରା, ସନାତନ ମହାକୁଡ଼ ପ୍ରମୁଖ ସଫଳ ଅନୁବାଦ ପାଇଁ ଯୁବ ଅନୁବାଦକମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

### ଯୌତୁକ ଦାବିରେ ସ୍ତ୍ରୀକୁ ହତ୍ୟା ଘଟଣା

# ସାଢ଼େ ୩ବର୍ଷ ପରେ ଅଭିଯୁକ୍ତ ସ୍ୱାମୀ ଗିରଫ

**ଓଡ଼ଗାଁ,୧୬।୪/ଏନ୍‌ଏନ୍‌ଏସ୍:** ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀଙ୍କୁ ଗିରଫ କରିଛି ପୋଲିସ। ସୂଚନା ଅନୁଯାୟୀ ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ପାଇକସାହିର ରମେଶ ପ୍ରଧାନଙ୍କ ଝିଅ ଜ୍ୟୋତିର୍ମୟୀ ପ୍ରଧାନ ନିକଟ ବଡ଼ପୁଟ ଗ୍ରାମର ବସନ୍ତ କୁମାର ପ୍ରଧାନଙ୍କ ପୁଅ ପ୍ରକାଶଚନ୍ଦ୍ର ପ୍ରଧାନଙ୍କୁ ୨୦୧୫ ମେ ୧ ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ନଗଦ ୫୦ହଜାର ଟଙ୍କା, ୫ଟି ସୁନାମୁଦି, ଗୋଟିଏ ଚେନ, ଗୋଟିଏ ସୁନାହାର, ଗୋଟିଏ ମଙ୍ଗଳସୂତ୍ର, ଦୁଇହଳ ରୂପା ପାଉଁଜି ସହ ଅନ୍ୟାନ୍ୟ ଆସବାବପତ୍ର ଯୌତୁକ ବାବଦକୁ ନେଇଥିଲେ। ବିବାହର ଦୁଇବର୍ଷ ପରେ ଜ୍ୟୋତିର୍ମୟୀଙ୍କ ଏକ ପୁତ୍ରସନ୍ତାନ ଜନ୍ମ ହୋଇଥିଲା। ପୁଅ ଜନ୍ମପରେ ପ୍ରକାଶ ଜ୍ୟୋତିର୍ମୟୀଙ୍କୁ ବାପଘରୁ ଦୁଇଲକ୍ଷ ଟଙ୍କା ଆଣିବାକୁ ବାଧ୍ୟ କରିଥିଲେ। ଠିକା କାମକରିବା ପାଇଁ ଟଙ୍କାର ଆବଶ୍ୟକତା ଥିବାକହି ସେ ଦାବିକରି ଆସୁଥିଲେ। ତେବେ ଟଙ୍କା ଆଣିବାକୁ ଜ୍ୟୋତିର୍ମୟୀ ମନାକରି ଦେବାରୁ ପ୍ରକାଶ ଏବଂ ତାଙ୍କ ପିତା ବସନ୍ତ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ୨୦୨୨ ସେପ୍ଟେମ୍ବର ରାତି ପ୍ରାୟ ୧୦ଟାରେ ପ୍ରକାଶ ଓ ବସନ୍ତ ତାଙ୍କ ଝିଅ ଜ୍ୟୋତିର୍ମୟୀଙ୍କୁ ତଣ୍ଟିଚିପି ହତ୍ୟା କରିଦେଇଥିବା ରମେଶ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଝିଅ ମରିଯାଇଥିବା ଖବରପାଇ ରମେଶ ଓ ତାଙ୍କ ପତ୍ନୀଙ୍କ ସହ ତାଙ୍କ ପରିବାର ଲୋକେ ପ୍ରକାଶଙ୍କ ଘରେ ପହଞ୍ଚିଥିଲେ ହେଁ ପ୍ରକାଶ ତାଙ୍କ ଝିଅର ଶବସଂସ୍କାର ସାରିଦେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ମୃତ ଜ୍ୟୋତିର୍ମୟୀଙ୍କ ବାପା ଶରଣକୁଳ ଥାନାର ଦ୍ୱାରସ୍ଥହୋଇ ତାଙ୍କ ଝିଅକୁ ଯୌତୁକ ନିର୍ଯାତନା ସହ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରୁଥିବାବେଳେ ବୁଧବାର ଅଭିଯୁକ୍ତ ପ୍ରକାଶଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ତେବେ ଅଭିଯୁକ୍ତର ପିତାଙ୍କ ସମ୍ପର୍କରେ ପୁଲିସ କିଛି କହି ନଥିବାବେଳେ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

# ୨ ଆନ୍ତଃଜିଲ୍ଲା ଡକାୟତଙ୍କ ସହିତ ୮ ବ୍ୟବସାୟୀ ଗିରଫ

**ସାଲେପୁର,୧୬।୪/ଏନ୍‌ଏନ୍‌ଏସ୍:** ବାରମ୍ବାର ପୋଲିସକୁ ଚକମା ଦେଇ ଖସିଯାଉଥିବା ଆନ୍ତଃଜିଲ୍ଲା ଡକାୟତ ଦଳକୁ ଧରିବାରେ ସକ୍ଷମ ହୋଇଛି ସାଲେପୁର ଉପଖଣ୍ଡ ପୋଲିସର ଏକ ଟିମ୍। ଏଥି ସହିତ ୯୨୦ଗ୍ରାମ ସୁନା ଗହଣା, ୩କେଜି ଶହେ ଗ୍ରାମ ରୂପା ଅଳଙ୍କାର, ଏ ସମସ୍ତ ଅଳଙ୍କାରର ମୂଲ୍ୟ ୧କୋଟି ୪୮ଲକ୍ଷ ଟଙ୍କା ହେବ, ଗୋଟିଏ ଥାର୍ ଗାଡି, ଫୋର୍ଡ ଫିଗୋ କାର୍, ନଗଦ ୬୧, ୬୦୦ଟଙ୍କା ଜବତ କରିବା ସହିତ ଦୁଇ ଜଣ ଡକାୟତ ଏବଂ ଚୋରି ଜିନିଷ କିଣିଥିବା ୮ଜଣ ବ୍ୟବସାୟୀଙ୍କୁ ଗିରଫ ହୋଇଥିବା ନେଇ ଏକ ସମ୍ମିଳନୀରେ ପ୍ରକାଶ କରିଛନ୍ତି କଟକ ଗ୍ରାମାଞ୍ଚଳ ଏସ୍‌ପି ବିନୀତ ଅଗ୍ରୱାଲ। ସାଲେପୁର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ କଟକ ଗ୍ରାମାଞ୍ଚଳ ଏସ୍‌ପି ବୁଧବାର ଅପରାହ୍ନରେ ଆୟୋଜି ଏହି ସାମ୍ବାଦିକ ସମ୍ମିଳନୀରେ ୨ଜଣ ଆନ୍ତଃଜିଲ୍ଲା ଡକାୟତ ଓ ଚୋରା ସୁନା, ରୁପା କ୍ରୟ କରୁଥିବା ୮ଜଣ ବ୍ୟବସାୟୀଙ୍କୁ ଗିରଫ ସମ୍ପର୍କରେ ସୂଚନା ଦେଇଥିଲେ। ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ନତକେଇ ଗ୍ରାମର ଗୁରୁଚରଣ ପାଲ ଗତ ୩ ତାରିଖରେ ନିଶ୍ଚିତକୋଇଲି ଥାନାରେ ତାଙ୍କ ଅନୁପସ୍ଥିତ ସମୟରେ ଘରୁ ସୁନା, ରୁପା ଅଳଙ୍କାର ଆଲମାରୀ ଭାଙ୍ଗି ଚୋରି ଯାଇଥିବାର ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ କଟକ ଏସ୍‌ପିଙ୍କ ନିର୍ଦ୍ଦେଶରେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ସାଲେପୁର ଆଦର୍ଶ ଥାନାଧିକାରୀ ମହେଶ୍ୱର ବେହେରା, ନିଶ୍ଚିତକୋଇଲି ଥାନାଧିକାରିଣୀ ଅନୀତା ସାହୁ, ମାହାଙ୍ଗା ଥାନାଧିକାରୀ ଯୁଗଳ କିଶୋର ଦାସ ଓ କଟକ ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଏକ ଟିମ୍ ଗଠନ କରି ତଦନ୍ତ ଦାୟିତ୍ୱ ଦେଇଥିଲେ। ଏହି ସ୍ୱତନ୍ତ୍ର ଟିମ ଜିଲ୍ଲା ଓ ଜିଲ୍ଲା ବାହାରେ ବିଭିନ୍ନ ଥାନାରେ ଘଟୁଥିବା ଏହି ଭଳି ଘଟଣାକୁ ପରଖି ଥିଲେ। ବିଭିନ୍ନ ସୂତ୍ରରୁ ତଦନ୍ତକରି ଏହି ଘଟଣାରେ ସମ୍ପୃକ୍ତ ଥିବା ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ରାଜେଶ ଖଟୁଆ(୩୫), ତିର୍ତ୍ତୋଲ ଥାନା ଧୂଆଁପାରି ଗ୍ରାମର ସୁଶାନ୍ତ ସ୍ୱାଇଁ(୪୩) ୨ ଡକାୟତଙ୍କୁ ଗିରଫ କରିଥିବା ବେଳେ ଚୋରି ଜିନିଷ କିଣିଥିବା ଅଭିଯୋଗରେ କିଶୋରନଗର ଥାନା ଅଞ୍ଚଳର ପ୍ରକାଶ କୁମାର ସାହୁ, ରଘୁନାଥପୁର ଥାନା ଅଞ୍ଚଳର ରବୀନ୍ଦ୍ର ସାହୁ, କଟକ ଲାଲବାଗ ଥାନା ଅଞ୍ଚଳରେ ଦୋକାନ କରିଥିବା ପଶ୍ଚିମବଙ୍ଗ ମେଦିନାପୁର ଜିଲ୍ଲା ଘାଟାଲ ଥାନା ଅଞ୍ଚଳର ଶିବଶଙ୍କର ଘୋଷ, ପଶ୍ଚିମବଙ୍ଗ ମେଦିନୀପୁର ଜିଲ୍ଲା ଶୀତାପୁର ଅଞ୍ଚଳର ବିଶ୍ୱନାଥ ବାରିକ, ଜଗତସିଂହପୁର ଜିଲ୍ଲା ମଙ୍ଗଳପୁର ଥାନା ଅଞ୍ଚଳର ପ୍ରଶାନ୍ତ ସାହୁ, କଟକରେ ବ୍ୟବସାୟ କରୁଥିବା ମହାରାଷ୍ଟ୍ରର ସତରା ଥାନା ଅଞ୍ଚଳର ଶୁଭମ୍ କୋକାଟେ, ସୋଲାପୁର ଥାନା ଅଞ୍ଚଳର ଅରୁଣ ଇଂଗୋଲ ଓ ଦିନେଶ ଶାଶ୍ୱତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ରାଜେଶ ଖଟୁଆଙ୍କ ନାମରେ ଓଡ଼ିଶାର ବିଭିନ୍ନ ଥାନାରେ ୪୭ଟି ମାମଲା ରହିଥିବା ବେଳେ ସୁଶାନ୍ତ ସ୍ୱାଇଁ ନାମରେ ୨୮ଟି କେସ ରହିଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ଜୁନ୍ ୧ରୁ ବେଳାଭୂମିରେ କୃଷି ଓ ଲୋକମେଳା

**ପୁରୀ,୧୬।୪/ଏନ୍‌ଏନ୍‌ଏସ୍:** ଆସନ୍ତା ଜୁନ୍ ମାସରେ ପୁରୀରେ ଆୟୋଜିତ ହେବାକୁ ଯାଉଥିବା ୨୪ତମ ଜାତୀୟ ଲୋକମେଳା ଓ ୧୭ତମ କୃଷି ମେଳା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆଜି ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଅବସ୍ଥିତ ମା’ ବିରଜାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜର ବିଭିନ୍ନ କ୍ଷେତ୍ରର ଅନେକ ଗଣ୍ୟମାନ୍ୟ ବ୍ୟକ୍ତିତ୍ୱ ଯୋଗଦେଇ ଆସନ୍ତା ଜାତୀୟ ମହୋତ୍ସବ ସମ୍ବନ୍ଧରେ ଆଲୋଚନା କରିଥିଲେ। ଲୋକମେଳାରେ ଭାରତର ୨୫ ରାଜ୍ୟରୁ ପ୍ରାୟ ୮୦୦ ଲୋକନୃତ୍ୟ ଯୋଗ ଦେଉଥିବା ବେଳେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ କୃଷି, ମତ୍ସ୍ୟ ଓ ପଶୁପାଳନ, ପାଣିପାଗ ବିଭାଗ କୃଷିମେଳାରେ ଯୋଗଦେବେ। ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ବିଧାୟକ, ପୁରୀ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି, ଦେବେନ୍ଦ୍ର ନାଥ ତରାଇ, ପ୍ରଫେସର ପ୍ରଭାତ କୁମାର ମହାପାତ୍ର, କୁଳପତି ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କୁଳପତି ଓଡ଼ିଆ ବିଶ୍ୱବିଦ୍ୟାଳୟ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ,



ଅଧ୍ୟକ୍ଷ, ଶ୍ରୀକ୍ଷେତ୍ର ସୂଚନା ଆଚାର୍ଯ୍ୟ ହରେକୃଷ୍ଣ ସତପଥୀ, ଉପାଧ୍ୟକ୍ଷ ଭରତ କୁମାର ନାୟକ, ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି, ଡ଼ଃ କୈଳାଶ ଚନ୍ଦ୍ର ଟିକାୟତରାୟ, ଡ଼ଃ ବଦ୍ରୀ ମିଶ୍ର, କୋଷଦକ୍ଷ ନାରାୟଣ ପାତ୍ର ସହ ଅନ୍ୟାନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ସେହିପରି ସତ୍ୟବ୍ରତ ଦାସ, ହୁଲାଶ ଚନ୍ଦ୍ର, ପ୍ରତାପ ଚନ୍ଦ୍ର ଦଳେଇ, ଶ୍ୟାମ ପ୍ରକାଶ ସେନାପତି, ସନ୍ତୋଷ କୁମାର ମହାନ୍ତି, ତାରା ପ୍ରସାଦ ଦାଶ, ଶିବ ସୁନ୍ଦର ମିଶ୍ର, ବିଦ୍ରୋହ ସିଂହ, ସୌମ୍ୟ ରଞ୍ଜନ ମିଶ୍ର, ଗୌତମ ମିଶ୍ର, ସୁନୀଲ କୁମାର ରଥ, ବିଶ୍ୱନାଥ ମିଶ୍ର, ମନୋଜ ରଥ, ପୁଷ୍କର ସାହୁ ଓ ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ବୈଠକରେ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ତିନି ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଛି, ଯାହାରେ ଡ଼ଃ ଦେବେନ୍ଦ୍ର ନାଥ ତରାଇ ଓ ଇଂ. ଚିତ୍ତରଞ୍ଜନ ବିଶ୍ୱାଳ ସଦସ୍ୟ ଭାବେ ରହିବେ। ଉଭୟ କୁଳପତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇ ତାଙ୍କୁ ସଂଗଠନର ପରାମର୍ଶଦାତା ଭାବେ ଯୋଗଦେବାକୁ ଅନୁରୋଧ କରାଯାଇଥିଲା। ଏହି ଦୁଇ ଜାତୀୟ ମହୋତ୍ସବକୁ ସଫଳ କରିବା ପାଇଁ ଲୋକସଭା ସାଂସଦ ଡ଼ଃ ସମ୍ବିତ ପାତ୍ର ଓ ସୁଭାଶିଷ ଖୁଣ୍ଟିଆଙ୍କୁ କେନ୍ଦ୍ର ସରକାରର ବିଭିନ୍ନ ବିଭାଗର ସକ୍ରିୟ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ଅନୁରୋଧ କରାଯିବା ପାଇଁ ମତପ୍ରକାଶ ପାଇଥିଲା। ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ଲକ୍ଷାଧିକ ଦର୍ଶକ ସମବେତ ହେବାର ସମ୍ଭାବନା ଥିବାରୁ ଏହାର ସଫଳ ରୂପାୟଣ ଓ ଶୃଙ୍ଖଳିତ କରିବା ପାଇଁ ଖୁବ୍‌ଶୀଘ୍ର ଜିଲ୍ଲା ପ୍ରଶାସନ ସହ ଏକ ବୈଠକ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ପୋଲ ନିର୍ମାଣରେ ବିଳମ୍ବ, ସାଧାରଣରେ ଅସନ୍ତୋଷ

**କଣ୍ଟାପଡ଼ା,୧୬।୪/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଛେଦା ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ଛିଣ୍ଡା ନଦୀ ଉପରେ ଛେଦା-ବରାହିପୁର-ଅଡ଼ଶପୁର,ଓ ଫୁଲନଖରା - ନିଆଳୀ ନଂ୬୦ ସଡ଼କ ପଥକୁ ସଂଯୋଗ କରୁଥିବା ଏକମାତ୍ର ସ୍ଥାୟୀ ପୋଲକୁ ବିପଦ ଜନକ ଓ ଅସୁରକ୍ଷିତ ମନେ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଏକ ସୁରକ୍ଷିତ, ସ୍ଥାୟୀ,ଓ ମଜଭୁତ ପୋଲ ନିର୍ମାଣ ନିମିତ୍ତହାରାହାରି ୭କୋଟିଟଙ୍କା ଅର୍ଥ ବ୍ୟୟ ଅଟକଳରେ ନୂତନ ପୋଲ ନିର୍ମାଣ କରିବାକୁ ଟେଣ୍ଡର ଆହ୍ୱାନ କରିଥିଲା। କିନ୍ତୁ ଉକ୍ତ କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ ହାତେଇଥିବା ଏଜେନ୍ସୀ ଗ୍ରାମର ଏକମାତ୍ର ସଂଯୋଗପଥ ଥିବା ପୁରୁଣା ପୋଲକୁ ଭାଙ୍ଗିଲାପରେ ଏହି ଗ୍ରାମଟି ସଂପୂର୍ଣ୍ଣ ରୂପେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିଲା. ଗ୍ରାମବାସୀଙ୍କ ପ୍ରତିବାଦ ପରେ ଏଜେନ୍ସୀ ବାଧ ହୋଇ ଏକ ଅସ୍ୱପୂର୍ଣ୍ଣ ଅସ୍ଥାୟୀ ଆପ୍ରୋଚ ରୋଡ ନିର୍ମାଣ କଲା ଯାହା ଫଳରେ ଗ୍ରାମର ଗମନାଗମନ, ରୋଗୀସେବା ନିମିତ୍ତ ଡାକ୍ତରଖାନାକୁ ଯିବା, ପିଲାମାନେ ସ୍କୁଲକଲେଜ ଯିବା ଏକ ପ୍ରକାର ଠପ ହୋଇଯାଇଥିଲା। ସାରା ଅଞ୍ଚଳରୁ ପ୍ରତିବାଦ ହେବାପରେ ସଂପକ୍ତ ଏଜେନ୍ସୀ ବାଧହୋଇ ନୂତନ ପୋଲ କାର୍ଯ୍ୟ ଆରମ୍ଭ କଲା। ହେଲେ ପୋଲ କାର୍ଯ୍ୟ ଶେଷ ହେବାର ନାଁ ଗନ୍ଧ ଧରୁନାହିଁ। ପୋଲ କାର୍ଯ୍ୟର ବିଳମ୍ବିତାକୁ ନେଇ ଗ୍ରାମବାସୀ ଓ ଅଞ୍ଚଳରେ ଘୋର



ଅସନ୍ତୋଷ ଦେଖାଦେଇଛି। ଗ୍ରାମର ଏକ ମାତ୍ର ସଂଯୋଗପଥ ହୋଇଥିବା ହେତୁ ଗ୍ରାମବାସୀ ତଥା ସେହି ବାଟ ଦେଇ ଦୈନନ୍ଦିନ ଯାତାୟାତ କରୁଥିବା ପଥଚାରୀମାନେ ନାହିଁ ନ ଥିବା ସମାସ୍ୟାରେ ପଡୁଛନ୍ତି। ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ତରଫରୁ ଚେତାବନୀ ଦିଆଯାଇଛି କି ଯଦି ଯଥାଶୀଘ୍ର ପୋଲକାର୍ଯ୍ୟ ଆରମ୍ଭକରି ନିର୍ବାଚନ ପୂର୍ବରୁ ଶେଷ ନ କରାଯାଏ ତେବେ ଗ୍ରାମର ସମସ୍ତ ଗ୍ରାମବାସୀ ଓ ମହିଳା, ପିଲାଙ୍କ ସମେତ ସମସ୍ତେ ଫୁଲନଖରା-ନିଆଳୀ ରାଜ୍ୟ ରାଜପଥରେ ଅହୋରାତ୍ର ଧାରଣା ଦେବାକୁ ନିଷ୍ପତ୍ତି ହୋଇଥିବା ଜଣାଯାଇଛି।

## ସୀମା ପୁନଃନିର୍ଦ୍ଧାରଣକୁ ନେଇ ଉଦ୍‌ବେଗ

# ଓଡ଼ିଶାର ସବୁ ସାଂସଦଙ୍କୁ ଚିଠି ଲେଖିଲେ ନବୀନ



**ଭୁବନେଶ୍ୱର,୧୬।୪/ଏନ୍‌ଏନ୍‌ଏସ୍:** ସୀମା ପୁନଃ ନିର୍ଦ୍ଧାରଣକୁ ନେଇ ନବୀନଙ୍କ ଉଦବେଗ। ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ବିଧାନସଭା ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପରାମର୍ଶ ଦେଲେ। ଆଉ ଆଜି ରାଜ୍ୟର ସବୁ ସାଂସଦଙ୍କୁ ଚିଠି ଲେଖି ଡିଲିମିଟେସନ ବିଲକୁ ସମର୍ଥନ ନକରିବାକୁ ଅନୁରୋଧ କଲେ। ସଂସଦରେ ଆଗତ ୧୩୧ ତମ ସମ୍ବିଧାନ ସଂଶୋଧନ ବିଲ୍ ଓଡ଼ିଶାର ସ୍ୱାର୍ଥ ବିରୋଧୀ। ଏହାକୁ ଦଳମତ ନିର୍ବିଶେଷରେ ବିରୋଧ କରିବା ଉଚିତ। ବର୍ତ୍ତମାନ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୨୧ ରହିଛି। ତାହା ମୋଟ୍ ଆସନ ସଂଖ୍ୟାର ୩.୯ ପ୍ରତିଶତ। ହେଲେ ପ୍ରସ୍ତାବିତ ସମ୍ବିଧାନ ସଂଶୋଧନ ବିଲ୍ ଅନୁସାରେ ଲୋକସଭାରେ ଓଡ଼ିଶାର ପ୍ରତିନିଧିତ୍ୱ ୨୯କୁ ବୃଦ୍ଧି ପାଇବ। କିନ୍ତୁ ଆନୁପାତିକ ହାରରେ ଏହା ୩.୯ ପ୍ରତିଶତରୁ ୩.୪ ପ୍ରତିଶତକୁ ହ୍ରାସ ଘଟିବ।

ଗୁରୁବାର ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି ଲେଖି ନବୀନ ପଟ୍ଟନାୟକ ରାଜ୍ୟ ସ୍ୱାର୍ଥ ପାଇଁ ଏକଜୁଟ୍ ହୋଇ ବିରୋଧ କରିବାକୁ ନିବେଦନ କରିଛି। ନବୀନ କହିଛନ୍ତି ଯେ, ସଂସଦରେ ଆଗତ ୧୩୧ ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ଆମେ ସମର୍ଥନ କରିବୁ ଯଦି ଲୋକସଭାରେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରଭାବିତ ନ ହୁଏ। ପ୍ରସ୍ତାବିତ ବିଲ୍ ଉଦ୍ଦିଷ୍ଟ ଆଭିମୁଖ୍ୟକୁ ବିରୋଧ କରୁଛି। 'ନାରୀ ସଂରକ୍ଷଣ ପ୍ରସଙ୍ଗକୁ ସୀମା ପୁନଃ ନିର୍ଦ୍ଧାରଣ ସହ ଯୋଡ଼ି ନ ଦେଇ ପୃଥକ ଭାବେ କେନ୍ଦ୍ର ସରକାର ଆଣିବା ଉଚିତ୍। ନାରୀ ସଶକ୍ତିକରଣ ଓ ଜନପ୍ରତିନିଧି ବ୍ୟବସ୍ଥାରେ ମହିଳାଙ୍କ ପ୍ରତିନିଧିତ୍ୱକୁ ବିଜେଡି ସମର୍ଥନ କରି ଆସୁଛି। ମହିଳାଙ୍କୁ ସଂସଦ ଓ ବିଧାନସଭାରେ ପ୍ରତିନିଧିତ୍ୱ ପାଇଁ ଆସନ ସଂରକ୍ଷିତ ରଖିବା ବ୍ୟବସ୍ଥା ସମୟୋପଯୋଗୀ ଏବଂ ଏହାର ଆବଶ୍ୟକତା ମଧ୍ୟ ରହିଛି। ମୁଁ ବ୍ୟକ୍ତିଗତ ଭାବେ ଏହାକୁ ଦୃଢ଼ ଭାବେ ସମର୍ଥନ କରେ।

ନବୀନ କହିଛନ୍ତି ଯେ, ଲୋକସଭାର ମୋଟ ଆସନର ୩.୯ ପ୍ରତିଶତ ଓଡ଼ିଶା ପ୍ରତିନିଧିତ୍ୱ କରୁଛି, ଯାହା ୨୧ଟି ଆସନରେ ସୀମିତ। ସୀମାପୁନଃନିର୍ଦ୍ଧାରଣ ବିଲ୍ ପାରିତ ହେଲେ ଏହି ଆସନ ସଂଖ୍ୟା ୨୯ ହେବ ସତ୍ୟ, କିନ୍ତୁ ମୋଟ୍ ଆସନର ପ୍ରତିଶତ ହ୍ରାସ ପାଇ ୩.୪ ପ୍ରତିଶତ ହୋଇଯିବ। ଏହା ଲୋକସଭାରେ ରାଜ୍ୟର ସ୍ୱରକୁ ଦୁର୍ବଳ କରିବ। ଦୁର୍ବିପାକ ପରିଚାଳନା, ଜନଜାତି କଲ୍ୟାଣ, ଆଞ୍ଚଳିକ ବିକାଶ ଭଳି ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ଜାତୀୟ ସ୍ତରରେ ଉପେକ୍ଷିତ ହେବ। ଏହା କେବଳ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ, ବରଂ ସଂଘୀୟ ବ୍ୟବସ୍ଥାରେ ଅସନ୍ତୁଳନ ସୃଷ୍ଟି କରିବ। ସଂସଦରେ ପ୍ରତିନିଧିତ୍ୱ ରାଜ୍ୟ ପାଇଁ କେବଳ ଏକ ସଂଖ୍ୟା ନୁହେଁ, ଏହା ଓଡ଼ିଆ ଅସ୍ମିତା ଓ ପ୍ରତ୍ୟେକ ଓଡ଼ିଆଙ୍କ ଆଶା-ଆକାଂକ୍ଷାର ପ୍ରତୀକ। ଭାରତରେ ଜନସଂଖ୍ୟା ନିୟନ୍ତ୍ରଣ ଓ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଛି। କିନ୍ତୁ ଜନସଂଖ୍ୟା ଆଧାରିତ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟାରେ ରାଜ୍ୟର ସ୍ୱାର୍ଥ ବଳି ପଡୁଛି। ଜନସଂଖ୍ୟା ବହୁଳ ରାଜ୍ୟଗୁଡ଼ିକ ଏଥିରୁ ଅଧିକ ଫାଇଦା ପାଇବେ ଏବଂ କେନ୍ଦ୍ରୀୟ ଅନୁଦାନ ଓ ଯୋଜନାର ସୁଫଳ ସେମାନଙ୍କୁ ଅଧିକ ମିଳିବ, ଅପରପକ୍ଷେ ଓଡ଼ିଶା ବଞ୍ଚିତ ହେବ।

ନବୀନ ପୁଣି କହିଛନ୍ତି ଯେ, 'ବିଜୁ ବାବୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ କରି ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାକୁ ପରିଚିତ କରାଇଥିଲେ। ବିଜୁ ଜନତା ଦଳ ନାରୀ ଶକ୍ତି ବନ୍ଦନ ଅଧିନିୟମ ୨୦୨୩କୁ ମଧ୍ୟ ସମର୍ଥନ କରିଥିଲା। କିନ୍ତୁ ସମ୍ପ୍ରତି ସଂସଦରେ ଆଗତ ସମ୍ବିଧାନ ସଂଶୋଧନ ବିଧେୟକରେ ସ୍ୱଚ୍ଛତା ନ ଥିବାରୁ ଏହା ଆମ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ ସମସ୍ତ ସାଂସଦ ଏଥିପ୍ରତି ଗୁରୁତ୍ୱର ସହ ଚିନ୍ତା କରିବାକୁ ପଡ଼ିବ। ଅର୍ଥନୈତିକ ଓ ରାଜନୈତିକ ଭବିଷ୍ୟତକୁ ଦୃଷ୍ଟିରେ ରଖି ଦଳମତ ନିର୍ବିଶେଷରେ ଓଡ଼ିଶାର ସ୍ୱାର୍ଥ ପାଇଁ ସ୍ୱର ଉଠାଇବାକୁ ହେବ। ଯଦି ଓଡ଼ିଶାର ନ୍ୟାୟୋଚିତ ଦାବି ପ୍ରତି କର୍ଣ୍ଣପାତ କରା ନଯାଏ, ତେବେ ବିଜୁ ଜନତା ଦଳ ଏହି ପ୍ରସଙ୍ଗରେ ଲୋକଙ୍କ ପାଖକୁ ଯିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

## 'ଦ୍ୱନ୍ଦ୍ୱ କରିବା ତାଙ୍କୁ ଶୋଭା ଦେଉନି'



**ଭୁବନେଶ୍ୱର,୧୬।୪/ଏନ୍‌ଏନ୍‌ଏସ୍:** ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ନବୀନ ପଟ୍ଟନାୟକଙ୍କ ଚିଠିର ଜବାବ ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ସୀମା ପୁନଃ ନିର୍ଦ୍ଧାରଣ ନେଇ ଦ୍ୱନ୍ଦ୍ୱ ତିଆରି କରିବାର ପରିକଳ୍ପନା ନବୀନଙ୍କ ଭଳି ବରିଷ୍ଠ ନେତାଙ୍କୁ ଶୋଭା ଦେଉନି। ପରୋକ୍ଷ ଭାବେ ଏହାକୁ ବିରୋଧ କରିବା, ଅଟକାଇବା ମାନସିକତା ନବୀନ ଛାଡ଼ନ୍ତୁ। କେନ୍ଦ୍ର ସରକାର ଐତିହାସିକ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଆଗାମୀ ଇତିହାସକୁ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏତିକି ବଢ଼ିବ ସେତିକି ବଢ଼ିବ କହି ଦ୍ୱନ୍ଦ୍ୱ କରିବା ଠିକ୍ ନୁହେଁ। ପୃଥ୍ୱୀରାଜ କହିଛନ୍ତି ଯେ, ଆଗାମୀ ଦିନରେ ସୀମା ପୁନଃ ନିର୍ଦ୍ଧାରଣ ହୋଇ ସିଟ୍ ସଂଖ୍ୟା ବଢ଼ିଲେ ଗଣତନ୍ତ୍ର ପାଇଁ ଶୁଭଙ୍କର ହେବ। ତାକୁ ବିରୋଧ କରି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଜିଦ କରିବା ପରୋକ୍ଷ ଭାବେ ମହିଳା ସଂରକ୍ଷଣକୁ ବିରୋଧ କରିବାକୁ ବିଜେଡିର ନୂଆ ଯୋଜନା। ସେହି ଦୃଷ୍ଟିରୁ ଏଭଳି ବିବାଦରୁ ନବୀନ ଦୂରେଇ ରୁହନ୍ତୁ। ନିର୍ବାଚନ ମଣ୍ଡଳୀ ସାଇଜ୍ ଯଦି ୟୁନିଫର୍ମ ରହିଲା, ଅପେକ୍ଷାକୃତ ବଡ଼ ନରହିଲା ତାହେଲେ ଜନପ୍ରତିନିଧିମାନଙ୍କୁ ସୁବିଧା ହୁଏ। ବିଜେଡିର ନେତା ବୋଧେ ଏକଥା ବୁଝନ୍ତି ନାହିଁ ବୋଲି କହି ଆଇନ ମନ୍ତ୍ରୀ ଟାର୍ଗେଟ୍ କରିଛନ୍ତି।

## 'ନବୀନ ବାବୁ କଂଗ୍ରେସ ହେବା ଆରମ୍ଭ କଲେଣି'



**ଭୁବନେଶ୍ୱର,୧୬।୪/ଏନ୍‌ଏନ୍‌ଏସ୍:** ରାଜ୍ୟର ସବୁ ସାଂସଦଙ୍କୁ ନବୀନ ଚିଠି ଲେଖିବାକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ତାଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ରାହୁଲ ଗାନ୍ଧୀ ଯାହା କହିଲେ ତାକୁ ଦେଖି ନବୀନ ବିରୋଧ କରୁଛନ୍ତି। ପ୍ରସ୍ତାବ ଆସିବା ଜାଣିବା ପୂର୍ବରୁ କଂଗ୍ରେସ କଥାରେ ସାମିଲ ହୋଇଗଲେ। ନବୀନ ବାବୁ କଂଗ୍ରେସ ହେବା ଆରମ୍ଭ କଲେଣି। ବିଜେଡି ରାଜ୍ୟସଭା ନିର୍ବାଚନରେ ପ୍ରମାଣିତ କଲା ଅଣକଂଗ୍ରେସ ନୁହେଁ। ଚୋରା ପୀରତି ବନ୍ଦ ହେଉ, ଯାହା କରିବା କଥା ଖୋଲାଖୋଲି କରନ୍ତୁ। ୟୁପିଏ ମେଣ୍ଟକୁ ଯିବାକୁ ଚାହୁଁଥିଲେ ଜଲ୍‌ଦି ପଳାନ୍ତୁ। ନବୀନ ଭିନ୍ନ ଭିନ୍ନ ସମୟରେ ଭିନ୍ନ ମତ ରଖୁଛନ୍ତି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

# ସିବିଏସ୍‌ଇ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର,୧୬।୪/ଏନ୍‌ଏନ୍‌ଏସ୍:** ଚଳିତ ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷାରେ ୫୦୦ରୁ ୫୦୦ ମାର୍କ ରଖି ସଫଳତା ହାସଲ କରିଥିବା ଟିନା ରଥ ଏବଂ ଆଲିଶା ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। ଉଭୟ ଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଭୁବନେଶ୍ୱରର ଲୋକସେବା ଭବନରେ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଉଭୟ ଛାତ୍ରୀଙ୍କୁ ନିଷ୍ଠା ଓ ପରିଶ୍ରମ ଜାରି ରଖି, ନିଜର ଲକ୍ଷ୍ୟରେ ନିଶ୍ଚୟ ସଫଳ ହେବ ବୋଲି କହିଥିଲେ। ଏହି ସଫଳତା ରାଜ୍ୟର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ ଉଭୟ ଛାତ୍ରୀଙ୍କୁ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇ ସମ୍ବର୍ଦ୍ଧିତ କରି ରୂପା ତାରକସିର ଉପହାର ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଭବିଷ୍ୟତରେ ସେମାନେ ଦୁଇ ଜଣ ଆହୁରି ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇ କହିଥିଲେ। ଉଭୟ ଛାତ୍ରୀ ଭବିଷ୍ୟତରେ ଜଣେ ଜଣେ ଡାକ୍ତର ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଟିନା ଭବିଷ୍ୟତରେ କାର୍ଡିଓଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଥିବା ବେଳେ, ଆଲିଶା ନ୍ୟୁରୋଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଛନ୍ତି।

ଉଲ୍ଲେଖନୀୟ ଯେ, ଟିନା ରଥ ପୁରୀର ମଦର ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ, ଆଲିଶା ବିଶ୍ୱାଳ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ-୧ ରେ ଅଧ୍ୟୟନ କରି, ୫୦୦ରୁ ୫୦୦ ମାର୍କ ରଖି ରାଜ୍ୟକୁ ଗର୍ବିତ କରିବା ସହ ଦୁହେଁ ଓଡ଼ିଶାର ସିବିଏସଇ ଟପ୍ପର୍ ଭାବେ ପରିଚିତ ହୋଇଛନ୍ତି।

# ରାଜ୍ୟ ସରକାର-ଜିପାଇଗୋ ବୁଝାମଣା

**ଭୁବନେଶ୍ୱର,୧୬।୪ /ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ନର୍ସିଂ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଅଣସଂକ୍ରାମକ ରୋଗ ଚିକିତ୍ସା, ପୁଷ୍ଟିସାଧନ ଏବଂ ଜରୁରୀକାଳୀନ ପ୍ରସୂତୀ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିଶ୍ୱ ସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଓଡ଼ିଶା ସରକାର ଏବଂ ଜିପାଇଗୋ(ଜନ୍ ହପ୍ କିନ୍ସ ଆନ୍ତର୍ଜାତୀୟ ସ୍ତ୍ରୀ ରୋଗ, ପ୍ରସୂତୀ ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ଉପଲକ୍ଷେ ଲୋକସଭା ଭବନ ସଭାଗୃହ ଠାରେ ଆୟୋଜିତ ସଭାରେ ରାଜ୍ୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଶାସନ ସଚିବ ଡଃ ସନ୍ତୋଷ ମିଶ୍ର ଏବଂ ଜିପାଇଗୋଙ୍କ ତରଫରୁ ସଂସ୍ଥାର ଜାତୀୟ ନିର୍ଦ୍ଦେଶକ ଡଃ ଅମିତ୍ ଶାହ ଚୁକ୍ତି ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ପତ୍ରର କୌଣସି ଆର୍ଥିକ ଲେଣଦେଣ ଉପରେ ପର୍ଯ୍ୟବେସିତ ନୁହେଁ। ଏହା ସମ୍ପୂର୍ଣ୍ଣ ସେବା ଭିତ୍ତିକ। ବିଶ୍ୱ ସ୍ତରୀୟ ଗୁଣାତ୍ମକ ସେବା ନିମନ୍ତେ ଜ୍ଞାନ ଓ ପ୍ରାଜ୍ଞତାର ଆଦାନ-ପ୍ରଦାନ ଉପରେ ଏହି ବୁଝାମଣା ପତ୍ର ଆଧାରିତ।

ଏ ବିଷୟରେ ସୂଚନା ଦେଇ ମନ୍ତ୍ରୀ ଡଃ ମହାଲିଙ୍ଗ କହିଥିଲେ ଯେ ବୁଝାମଣା ପତ୍ର ଦ୍ୱାରା ଜିପାଇଗୋ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ଓ ସହଭାଗିତା ପ୍ରତିଷ୍ଠା ହେବ। ମୁଖ୍ୟତଃ ସ୍ୱାସ୍ଥ୍ୟସେବାର ବିଶ୍ଳେଷଣ, ଯୋଜନା ଓ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ବୈଷୟିକ ସହାୟତା, ବିଭିନ୍ନ ଜିଲ୍ଲା ଓ ରାଜ୍ୟ ମଧ୍ୟରେ ଅଭିଜ୍ଞତା ଓ ଶିକ୍ଷାର ଆଦାନ-ପ୍ରଦାନ, ବିଶ୍ୱ ସ୍ତରୀୟ ସର୍ବୋତ୍ତମ ପ୍ରଣାଳୀ ଗୁଡିକୁ ଓଡ଼ିଶାର ଆବଶ୍ୟକତା ଅନୁଯାୟୀ କର୍ଯ୍ୟାୟନ; ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ବିଶ୍ୱ ସ୍ତରୀୟ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ବୈଷୟିକ ପରାମର୍ଶ; ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ବ୍ୟବସ୍ଥାର ଦୃଢ଼ୀକରଣ; ପ୍ରଶିକ୍ଷକମାନଙ୍କର ଦକ୍ଷତା ବିକାଶ, ଡିଜିଟାଲ ଏବଂ ଇ-ଲର୍ନିଙ୍ଗ ପ୍ଲାଟଫର୍ମର ବ୍ୟବହାର, ସିମୁଲେଶନ ଆଦି ଏହି ସହଯୋଗିତାର ଅନ୍ତର୍ଭୁକ୍ତ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଏସ୍. ଅଶ୍ୱଥିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ନିର୍ଦ୍ଦେଶକମାନେ ବୁଝାମଣା ପତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପ ଶାସନ ସଚିବ ଅରୁଣା ତ୍ରିପାଠୀ ସଭା ଆୟୋଜନର ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

# ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲ୍‌ରେ ସସ୍ମିତ



**ଭୁବନେଶ୍ୱର,୧୬।୪/ଏନ୍‌ଏନ୍‌ଏସ୍:** ଗୁରୁବାର ରାଜ୍ୟସଭା ଉପାଧ୍ୟକ୍ଷଙ୍କ ପ୍ୟାନେଲର ପୁନର୍ଗଠନ କରାହୋଇଛି। ଏଥିରେ ବିଜେପି, କଂଗ୍ରେସ, ଏଆଇଏଡିଏମ୍‌କେ ଓ ବିଜେଡିର ଛଅ ଜଣ ସଦସ୍ୟ ମନୋନୀତ ହୋଇଛନ୍ତି। ପୁନର୍ଗଠିତ କମିଟିରେ ବିଜେପିର ଦୀନେଶ ଶର୍ମା, ଏସ୍ ଫାଙ୍ଗନୋନ୍ କୋନ୍ୟାକ୍ ଓ ଘନଶ୍ୟାମ ତିୱାରୀ ରହିଛନ୍ତି। କଂଗ୍ରେସରୁ ଫୁଲୋ ଦେବୀ ନେତମ; ଏଆଇଏଡିଏମକେରୁ ଏମ୍ ଥାମ୍ବିଦୁରାଇ ଓ ବିଜେଡିର ସସ୍ମିତ ପାତ୍ର ପ୍ୟାନେଲରେ ଅଛନ୍ତି। ରାଜ୍ୟସଭା ମହାସଚିବ ପିସି ମୋଦୀ ଗୃହରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ରାଜ୍ୟସଭା ଉପାଧ୍ୟକ୍ଷ ମଣ୍ଡଳୀ ସଦସ୍ୟ ଭାବେ ବିଜେଡି ସାଂସଦ ଡ. ସସ୍ମିତ ପାତ୍ର ଷଷ୍ଠ ଥର ପାଇଁ ମନୋନୀତ ହୋଇଛନ୍ତି। ୨୦୨୦, ୨୦୨୨, ୨୦୨୩, ୨୦୨୪, ୨୦୨୫ ଏବଂ ୨୦୨୬ ରାଜ୍ୟସଭା ଉପାଧ୍ୟକ୍ଷ ମଣ୍ଡଳୀରେ ଛଅ ଥର ସ୍ଥାନ ପାଇ ଓଡ଼ିଆ ସାଂସଦ ଭାବେ ଡ. ପାତ୍ର ରେକର୍ଡ ସୃଷ୍ଟି କରିଛନ୍ତି। ଗତ ସପ୍ତାହରେ ସେ ନିଜ ଆଡୁ ରାଜ୍ୟସଭାରେ ବିଜେଡିର ନେତା ପଦରୁ ଇସ୍ତଫା ଦେଇଥିଲେ। ଉଭୟ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଅନୁପସ୍ଥିତ ଥିବା ସମୟରେ ପ୍ୟାନେଲର ସଦସ୍ୟମାନଙ୍କୁ ଗୃହରେ ଅଧ୍ୟକ୍ଷତା କରିବାକୁ ଆହ୍ୱାନ କରାଯାଏ। ଅଧ୍ୟକ୍ଷ ଥିବା ସମୟରେ, ସେମାନେ ଅଧ୍ୟକ୍ଷଙ୍କ ପରି ସମାନ କ୍ଷମତା ପ୍ରୟୋଗ କରନ୍ତି-ଶୃଙ୍ଖଳା ବଜାୟ ରଖିବା, ବିତର୍କକୁ ନିୟନ୍ତ୍ରଣ କରିବା ଏବଂ ଅଧିବେଶନ ସମୟରେ ଗୃହର ସୁପରିଚାଳନା ସୁନିଶ୍ଚିତ କରିବା। ଉପାଧ୍ୟକ୍ଷ ଏକ ସ୍ଥାୟୀ ସାମ୍ବିଧାନିକ ପଦବୀ ହୋଇଥିବା ବେଳେ ଉପାଧ୍ୟକ୍ଷ ପ୍ୟାନେଲର ସଦସ୍ୟମାନେ ଆବଶ୍ୟକତା ଅନୁଯାୟୀ ପାଳି କରି ଅଧ୍ୟକ୍ଷତା କରନ୍ତି।

# ବନ୍ଧା ହେଲେ ମା, ପୁଅ

## କଲରାପତରିଆ ଛାଲ ସହ ୧୭୦ ବଜ୍ରକାପ୍ତା କାତି ଜବତ



**ଦଶପଲ୍ଲା,୧୬।୪/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଦଶପଲ୍ଲା ରେଞ୍ଜ ଅଧୀନ କୁଜାମେଣ୍ଡି ବିଟ୍ ହାଉସ ଅଞ୍ଚଳରୁ ବନ ବିଭାଗ ଏକ କଲରାପତରିଆ ବାଘର ଛାଲ ଓ ୧୭୦ଟି ବଜ୍ରକାପ୍ତା କାତି ଜବତ କରିବା ସହିତ ଜଣେ ମହିଳା ଓ ତାଙ୍କ ପୁଅକୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ଜୋଛନାରାଣୀ ମଲ୍ଲିକ ଓ ତାଙ୍କ ପୁଅ ପ୍ରଦୀପ ମଲ୍ଲିକ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଗିରଫଦାରୀରେ ତ୍ରୁଟି ଥିବା ଦର୍ଶାଇ ବିଚାରପତି ଉଭୟଙ୍କୁ ସର୍ତ୍ତମୂଳକ ବଣ୍ଡରେ ଛାଡ଼ିଛନ୍ତି।ବାଘଟିକୁ ଫୁଲବାଣୀରେ ଶିକାର କରାଯାଇଥିବା ବେଳେ ବଜ୍ରକାପ୍ତାଟିକୁ ଦଶପଲ୍ଲା ଅଞ୍ଚଳରେ ମରାଯାଇଥିଲା। ଅଭିଯୁକ୍ତ ଦ୍ୱୟ ବାଘ ଛାଲ ସହିତ ବଜ୍ରକାପ୍ତାର କାତି ରଖିଥିଲେ। ବାଘ ଶିକାର କରିଥିବା ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ରହିଛି। ତାକୁ ଧରିବାକୁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ପ୍ରକାଶ ଯେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାରଚନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାସ ସଦଳବଳେ କୁଜାମେଣ୍ଡି ଗ୍ରାମରେ ଚଢ଼ଉ କରି ଗୋଟିଏ କଲରାପତରିଆ ଛାଲ ଜବତ କରିବା ସହିତ ୧୭୦ଟି ବଜ୍ରକାପ୍ତା କାତି ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ମା ଓ ପୁଅଙ୍କୁ ଗିରଫ କରିଥିଲେ ହେଁ ଏଥିରେ ସମ୍ପୃକ୍ତ କନ୍ଧମାଳ ଜିଲ୍ଲା ରୁପା ଗାଁ ଗ୍ରାମରେ ରହୁଥିବା ବାବା ଶରଣଜିତ କୌଶଳକ୍ରମେ ଖସି ପଳାଇଥିଲେ।

## ରାଇରଙ୍ଗପୁରରେ ଏମ୍ସ ସହଯୋଗରେ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ସେବା: ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୬।୪ /ଏନ୍‌ଏନ୍‌ଏସ୍:** ରାଇରଙ୍ଗପୁର, ମୟୂରଭଞ୍ଜ ଆଖପାଖ ଅଞ୍ଚଳର ଲୋକମାନଙ୍କୁ ଏମ୍ସ ଭୁବନେଶ୍ୱର ସହାୟତରେ ବିଭିନ୍ନ ପ୍ରକାରର ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏ ବିଷୟରେ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରେରଣାରେ ଆଜି ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଏମ୍ସ ଭୁବନେଶ୍ୱରଙ୍କ ସହଯୋଗିତାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିପାରିବ। ରାଇରଙ୍ଗପୁର ଅଞ୍ଚଳ ସହିତ କେନ୍ଦୁଝର, ମୟରଭଞ୍ଜ ଓ ଆଖପାଖ ଜିଲ୍ଲାର ଅଧିବାସୀମାନେ ଉପକୃତ ହେବେ। ରାଇରାଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ହସ୍ପିଟାଲ୍ ନିର୍ମାଣ ରେ ଏମ୍ସ ଭୁବନେଶ୍ୱର ସହାୟତା ଯୋଗାଇବ। ଏହା ସହ ରୋଗୀଙ୍କର ଚାହିଦା ଅନୁଯାୟୀ ବିଭିନ୍ନ ସ୍ପେଶିଆଲିଷ୍ଟ ବିଭାଗର ବହିଃ-ରୋଗ ଚିକିତ୍ସା ସେବା,ମାସିକ/ଦ୍ୱିମାସିକ ଭିତ୍ତିରେ ମେଡିକାଲ୍ କ୍ୟାମ୍ପ, ଦନ୍ତ ଚିକିତ୍ସା ଶିବିର, ଚକ୍ଷୁ ଚିକିତ୍ସା, ସଂକ୍ରାମକ ରୋଗ ସେବା ଶିବିର ଆଦିର ଆୟୋଜନ କରାଯିବ। ଟେଲି ଯୋଗାଯୋଗ ମାଧ୍ୟମରେ ପରାମର୍ଶ ଓ ଚିକିତ୍ସା ଏବଂ ଜରୁରୀ ସ୍ଥିତିରେ ଭୁବନେଶ୍ୱର ଏମ୍ସକୁ ରୋଗୀଙ୍କ ସ୍ଥାନାନ୍ତର ସୁଗମ ଓ ସହଯୋଗ କରିବା ଆଦି ଏହି ବୁଝାମଣାପତ୍ରର ମୁଖ୍ୟ ଅଂଶ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଏସ୍. ଅଶ୍ୱଥିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ନିର୍ଦ୍ଦେଶକମାନେ ବୁଝାମଣା ପତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପ ଶାସନ ସଚିବ ଅରୁଣା ତ୍ରିପାଠୀ ସଭା ଆୟୋଜନର ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପ୍ରଥମରୁ ଅଷ୍ଟମ ଶ୍ରେଣୀ

# ୩୦ ସୁଦ୍ଧା ଶେଷ ହେବ ମାଗଣା ପାଠ୍ୟ ପୁସ୍ତକ ବଣ୍ଟନ

**ଭୁବନେଶ୍ୱର,୧୬।୪/ଏନ୍‌ଏନ୍‌ଏସ୍:** ୨୦୨୬-୨୭ ଶିକ୍ଷାବର୍ଷ ଆରମ୍ଭ ହୋଇ ସାରିଛି। ଚଳିତବର୍ଷ ରାଜ୍ୟରେ ସରକାରୀ ସ୍କୁଲ୍‌ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ପରିବର୍ତ୍ତନ କରାଯାଇଛି। ଫଳରେ ନୂଆ ପାଠ୍ୟପୁସ୍ତକ ପ୍ରିଣ୍ଟିଂ କାର୍ଯ୍ୟ ଫେବୃଆରୀରୁ ଆରମ୍ଭ ହୋଇ ସାରିଛି। ଏହା ମଧ୍ୟରେ ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍କୁଲ୍‌ରେ ମାଗଣା ପାଠ୍ୟପୁସ୍ତକ ମଧ୍ୟ ବଣ୍ଟା ଆରମ୍ଭ ହୋଇସାରିଛି। ତେବେ ରାଜ୍ୟରେ ମୋଟ୍ ୨କୋଟି ୭୩ଲକ୍ଷ ୮୨ହଜାର ୫୦ ପାଠ୍ୟପୁସ୍ତକ ଆବଶ୍ୟକ ଥିବା ବେଳେ ଘରୋଇ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ଅନ୍ୟ ରାଜ୍ୟରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ଲାଗି ଆବଶ୍ୟକ ପାଠ୍ୟପୁସ୍ତକ ସଂଖ୍ୟା ୩୭ଲକ୍ଷ ୫୨ହଜାର ୪୦୦ଖଣ୍ଡ ରହିଛି। ମୋଟ ଉପରେ ଚଳିତବର୍ଷ ୩କୋଟି ୧୧ଲକ୍ଷ ୩୪ହଜାର ୪୫୦ ସେଟ୍ ପାଠ୍ୟପୁସ୍ତକ ପ୍ରିଣ୍ଟିଂ କରାଯିବ। ଏହି ପ୍ରିଣ୍ଟିଂ କାର୍ଯ୍ୟର ଦାୟିତ୍ୱ ରାଜ୍ୟ ସରକାରଙ୍କ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ରକୁ ଦିଆଯାଇଛି। ଚଳିତବର୍ଷ ରାଜ୍ୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ମୋଟ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଧାର୍ଯ୍ୟ ହେବା ପରେ ଗତ ଫେବୃଆରୀରୁ ଦୈନିକ ୩ଟି ସିଫ୍ଟରେ ପାଠ୍ୟପୁସ୍ତକ ପ୍ରିଣ୍ଟିଂ କାର୍ଯ୍ୟ ହେଉଥିବା ନିର୍ଦ୍ଦେଶକ ସମ୍ବିତ କୁମାର ନାୟକ ସୂଚନା ଦେଇଛନ୍ତି। ତେବେ ଖରା ଛୁଟି ଆରମ୍ଭ ପୂର୍ବରୁ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଆବଶ୍ୟକ ମାଗଣା ପାଠ୍ୟପୁସ୍ତକ ପହଞ୍ଚିଯିବ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

ତେବେ କିଛି ଅଭିଭାବକ ଏବଂ ସରକାରୀ ସ୍କୁଲର ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଅନୁସାରେ ଯେତିକି ଆବଶ୍ୟକ ସେତିକି ପାଠ୍ୟପୁସ୍ତକ ବିଦ୍ୟାଳୟକୁ ଆସି ନାହିଁ। ଫଳରେ ବର୍ତ୍ତମାନ ସୁଦ୍ଧା ସବୁ ପିଲା ବହି ପାଇପାରି ନାହାଁନ୍ତି। ତେବେ ସରକାରୀ ବିଦ୍ୟାଳୟରେ କିଛି କିଛି ପାଠ୍ୟପୁସ୍ତକ ପହଞ୍ଚି ଥିବା ବେଳେ ଘରୋଇ ଏବଂ ସରକାରୀ ସ୍ୱୀକୃତୀପ୍ରାପ୍ତ ବିଦ୍ୟାଳୟରେ ଆଦୌ ପୁସ୍ତକ ପହଞ୍ଚି ନାହିଁ। ତେବେ ଶିକ୍ଷାବର୍ଷ ଏପ୍ରିଲରୁ ଆରମ୍ଭ ହୋଇଥିବା ବେଳେ ଅନେକ ଛାତ୍ରଛାତ୍ରୀଙ୍କ ପାଖରେ ବହି ନାହିଁ। ତେବେ ଏବର୍ଷ ସମସ୍ତ ପୁସ୍ତକ ଖସଡ଼ା ପରିବର୍ତ୍ତନ ହୋଇଥିବାରୁ ଗତବର୍ଷର ପୁରୁଣା ବହି ମଧ୍ୟ ପିଲାମାନେ ପଢୁ ନାହାଁନ୍ତି। ଚଳିତବର୍ଷ ମାଗଣା ପାଠ୍ୟପୁସ୍ତକ ପ୍ରିଣ୍ଟିଂ ଲାଗି କାଗଜ, କାଳି ଏବଂ ପ୍ଲେଟ୍ ମୁଖ୍ୟ ସମସ୍ୟା ସାଜିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତ ପାଇଁ କାଗଜ ସପ୍ଲାଇ ଲାଗି ୩ଟି କମ୍ପାନୀକୁ ଟେଣ୍ଡର ମାଧ୍ୟମରେ ଚୟନ କରାଯାଇଛି। ସେଥିରୁ ଗୋଟିଏ କମ୍ପାନୀ ସମସ୍ତ ପୁସ୍ତକର କଭର ପେଜ୍ ଲାଗି କାଗଜ ଦେବା ସହ ୨ଟି କମ୍ପାନୀ ବହିର ଭିତର ପୃଷ୍ଠା ଲାଗି କାଗଜ ଦେବାକୁ ଚୁକ୍ତି ହୋଇଥିଲା। ମାତ୍ର ଯୁଦ୍ଧ ଲାଗି କାଗଜ ଦର ବୃଦ୍ଧି ପାଇଥିବାରୁ ଟେଣ୍ଡର ମାଧ୍ୟରେ ଧାର୍ଯ୍ୟ ହୋଇଥିବା ମୂଲ୍ୟରେ କାଗଜ ବର୍ତ୍ତମାନ ଦେବାକୁ ସମ୍ପୃକ୍ତ କମ୍ପାନୀ ରାଜି ହେଉନାହାନ୍ତି। ଏହା ସହ କାଳୀ ଏବଂ ପ୍ଲେଟ୍ ଦାମ ମଧ୍ୟ ବୃଦ୍ଧି ପାଇଥିବାରୁ ସେଥିରେ ସମସ୍ୟା ସୃଷ୍ଟି ହୋଇଛି। ଗତବର୍ଷ ପାଠ୍ୟପୁସ୍ତକ ୪୫ଖଣ୍ଡ ରହିଥିବା ବେଳେ ଏବର୍ଷ ୫୫କୁ ବୃଦ୍ଧି ପାଇଛି। ସେହିପରି ପାଠ୍ୟପୁସ୍ତକରେ ପୃଷ୍ଠା ମଧ୍ୟ ବଢ଼ିଛି। ଫଳରେ ଚଳିତବର୍ଷ ଏକ୍ସଟ୍ରା ଆବଶ୍ୟକ ହୋଇଥିବା କାଗଜ ସମ୍ପୃକ୍ତ କମ୍ପାନୀମାନେ ଯୋଗାଇପାରୁ ନାହାଁନ୍ତି। ତଥାପି ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ ଛାତ୍ରଛାତ୍ରୀଙ୍କ ପାଖରେ ପାଠପୁସ୍ତକ ପହଞ୍ଚି ପାରିବ ବୋଲି ନିର୍ଦ୍ଦେଶକ ଶ୍ରୀ ନାୟକ କହିଛନ୍ତି।

**ଏପ୍ରିଲ ୧୨ତାରିଖ ସୁଦ୍ଧା ରାଜ୍ୟରେ ୫୮.୬୭% ବହି ସପ୍ଲାଇ ସରିଛି**

**ଚଳିତବର୍ଷ ଛପାଯିବ ୩କୋଟି ୧୧ଲକ୍ଷ ୩୫ ହଜାର ପାଠ୍ୟପୁସ୍ତକ**

**ଯୁଦ୍ଧ ଲାଗି କାଗଜ ଦର ବୃଦ୍ଧି, ନିର୍ଦ୍ଧାରିତ ମୂଲ୍ୟରେ କାଗଜ ଦେବାକୁ କମ୍ପାନୀ ଅରାଜି**

ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ଗଞ୍ଜାମ ଜିଲ୍ଲାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବାଧିକ ୨୧ଲକ୍ଷ ୨୩ହଜାର ୫୫୦ ମାଗଣା ପାଠ୍ୟପୁସ୍ତକ ଏବଂ ଦେବଗଡରେ ସର୍ବନିମ୍ନ ୨ଲକ୍ଷ ୧୦ହଜାର ୯୫୦ ଖଣ୍ଡ ପାଠ୍ୟପୁସ୍ତକ ଆବଶ୍ୟକ ରହିଛି। ସେହିପରି ଖୋର୍ଦ୍ଧା ଜିଲ୍ଲାରେ ୧୦ଲକ୍ଷ ୬ହଜାର ୧୦୦, ପୁରୀରେ ୮୯୭୮୫୧, ଅନୁଗୁଳରେ ୭ଲକ୍ଷ ୫୦ହଜାର, ବାଲେଶ୍ୱର ୧୫ଲକ୍ଷ ୫୫ହଜାର ୯୦୦, ବରଗଡ଼ ୮ଲକ୍ଷ ୫୧ହଜାର ୯୦୦, ଭଦ୍ରକ ୧୦ଲକ୍ଷ ୩୦ହଜାର ୭୦୦, ବଲାଙ୍ଗୀର ୧୧ଲକ୍ଷ ୬୯ହଜାର ୩୦୦, ବୌଦ୍ଧ ୩ଲକ୍ଷ ୧୪ହଜାର, କଟକ ୧୨ଲକ୍ଷ ୪୮ହଜାର ୫୦୦, ଢେଙ୍କାନାଳ ୭ଲକ୍ଷ ୬୭ହଜାର ୮୦୦, ଗଜପତି ୪ଲକ୍ଷ ୩୪ହଜାର ୮୦୦, ଜଗତସିଂହପୁର ୫ଲକ୍ଷ ୪୧ହଜାର ୬୫୦, ଯାଜପୁର ୧୨ଲକ୍ଷ ୨୮ହଜାର ୭୫୦, ଝାରସୁଗୁଡ଼ା ୨ଲକ୍ଷ ୬୬ହଜାର ୭୦୦, କଳାହାଣ୍ଡି ୧୧ଲକ୍ଷ ୪୪ହଜାର ୩୫୦, କନ୍ଧମାଳ ୬ଲକ୍ଷ ୬୬ହଜାର ୬୫୦, କେନ୍ଦ୍ରାପଡ଼ା ୯ଲକ୍ଷ ୧୯ହଜାର ୨୫୦, କେନ୍ଦୁଝର ୧୩ଲକ୍ଷ ୫୫ହଜାର ୫୦, କୋରାପୁଟ ୧୧ଲକ୍ଷ ୬୨ହଜାର ୬୫୦, ମୟୁରଭଞ୍ଜ ୧୮ଲକ୍ଷ ୪୧ହଜାର ୬୦୦, ମାଲକାନଗିରି ୬ଲକ୍ଷ ୪୭ହଜାର ୯୫୦, ନୟାଗଡ଼ ୫ଲକ୍ଷ ୭୮ହଜାର ୬୦୦, ନବରଙ୍ଗପୁର ୧୨ଲକ୍ଷ ୧୮ହଜାର ୯୦୦, ନୂଆପଡ଼ା ୫ଲକ୍ଷ ୮୩ହଜାର ୭୫୦, ରାୟଗଡ଼ା ୭ଲକ୍ଷ ୭୧ହଜାର ୯୫୦, ସମ୍ବଲପୁର ୫ଲକ୍ଷ ୬୨ହଜାର ୯୫୦, ସୋନପୁର ୩ଲକ୍ଷ ୭୮ହଜାର ୬୦୦ ଏବଂ ସୁନ୍ଦରଗଡ଼ରେ ୧୧ଲକ୍ଷ ୬୧ହଜାର ୩୫୦ ଖଣ୍ଡ ପାଠ୍ୟପୁସ୍ତକ ବଣ୍ଟାଯିବ। ସେଥିରୁ ଏପ୍ରିଲ ୧୨ତାରିଖ ସୁଦ୍ଧା ୧କୋଟି ୬୦ଲକ୍ଷ ୬୪ହଜାର ଅର୍ଥାତ ମୋଟ୍ ଉପରେ ୫୮.୬୭% ମାଗଣା ପାଠ୍ୟପୁସ୍ତକ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦିଆସରିଛି। ପାଠ୍ୟପୁସ୍ତକ ପରିବର୍ତ୍ତନ ହୋଇଥିବାରୁ ଛାତ୍ରଛାତ୍ରୀ ମଧ୍ୟ ନୂଆ ପାଠ୍ୟପୁସ୍ତକ ପାଇବାକୁ ଆଗ୍ରହର ସହ ଚାହିଁ ବସିଛନ୍ତି।

## ଓଡ଼ିଶାର ଏସ୍‌ଆଇଆର୍ ମ୍ୟାପିଂ ମଡେଲ୍ ପର୍ଯ୍ୟବେକ୍ଷଣ କରିବେ ତେଲେଙ୍ଗାନା ଟିମ୍

**ଭୁବନେଶ୍ୱର,୧୬।୪ /ଏନ୍‌ଏନ୍‌ଏସ୍:** ନିର୍ବାଚନ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦ୍ୱାରା ହାସଲ କରାଯାଇଥିବା ସଫଳତା ଏବଂ ପ୍ରଶଂସନୀୟ ମ୍ୟାପିଂ କାର୍ଯ୍ୟକୁ ଅନୁଧ୍ୟାନ କରିବା ପାଇଁ ତେଲଙ୍ଗାନାରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି। ତେଲେଙ୍ଗାନା ରାଜ୍ୟର ଅଧିକାରୀମାନେ ଓଡ଼ିଶାର ନିର୍ବାଚନୀ ମ୍ୟାପିଂ ବ୍ୟବସ୍ଥାକୁ ତର୍ଜମା କରିବା ସହିତ ଏହାକୁ ନିଜ ରାଜ୍ୟରେ କିପରି ପ୍ରୟୋଗ କରାଯାଇପାରିବ, ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହି ଗସ୍ତ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍. ଗୋପାଳନ, ଓଡ଼ିଶାରେ ହେଉଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ମ୍ୟାପିଂ କିପରି କାର୍ଯ୍ୟନ୍ୱୟନ କରାଯାଉଛି ସେ ଉପରେ ତେଲଙ୍ଗାନା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଏକ ସ୍ୱତନ୍ତ୍ର ଅଧିକାରୀ ଦଳ ସହିତ ବୈଠକରେ ଆଲୋଚନା କରିଥିଲେ। ଏମ୍. ସତ୍ୟବାଣୀ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ତେଲଙ୍ଗାନା,ବି. ହରି ସିଂହ, ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ, ଟି. ପଦ୍ମାବତୀ, ଏସଜିଡିସି, ଡି. ବିଜୟେନ୍ଦ୍ର ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ, ମେଡଚାଲ-ମାଲକାଜଗିରି, କେ. ଚନ୍ଦ୍ରକଳା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିଥିଲେ। ଏହି ଉଚ୍ଚସ୍ତରୀୟ ଟିମ୍ ଓଡ଼ିଶାରେ ଚାଲିଥିବା କ୍ଷେତ୍ରସ୍ତରୀୟ ଏସଆଇଆର ମ୍ୟାପିଂ ପ୍ରକ୍ରିୟାକୁ ନିକଟରୁ ପର୍ଯ୍ୟବେକ୍ଷଣ କରିବେ। ଏହି ଗସ୍ତ କାର୍ଯ୍ୟକ୍ରମରେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଭୂମିକାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। କ୍ଷେତ୍ରସ୍ତରରେ ଏସଆଇଆର ମ୍ୟାପିଂ କାର୍ଯ୍ୟରେ ନିୟୋଜିତ ଥିବା ବିଏଲଓଙ୍କ ସହିତ ଅଧିକାରୀମାନେ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଅଭିଜ୍ଞତା ସମ୍ପର୍କରେ ମତ ବିନିମୟ କରିବେ। ନିର୍ବାଚନ କ୍ଷେତ୍ରରେ ଓଡ଼ିଶାର ଏହି ଅଭିନବ ପ୍ରୟାସକୁ ଅନ୍ୟ ରାଜ୍ୟଗୁଡ଼ିକ ଉଚ୍ଚ ପ୍ରଶଂସା କରିଥିବା ଜଣାପଡ଼ିଛି। ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ୍ ଗୋପଳନ, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ, ଡେପୁଟି ସିଇଓ ଅନାମିକା ସିଂ ଏବଂ ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ଡଃ ମନୋରଞ୍ଜନ ସାହୁ , ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ,ଭୁବନେଶ୍ୱର (ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀ), ମନ୍ମଥ କୁମାର ନାୟକ, ନିର୍ବାଚକ ପଞ୍ଜିକରଣ ଅଧିକାରୀ ତଥା ଜୋନାଲ ଡେପୁଟି କମିଶନର, (ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀ) ପ୍ରମୁଖ ଉପସ୍ଥିତ ଥିଲେ।

## ବାଲୁଗାଁରେ ପ୍ରଥମ ଥର ପାଇଁ ଆୟୋଜିତ ହେବ ଚିଲିକା ପୁସ୍ତକ ମେଳା

**ଭୁବନେଶ୍ୱର,୧୬।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଲୁଗାଁରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ଚିଲିକା ପୁସ୍ତକ ମେଳା। ଏହି ମେଳା ଆସନ୍ତା ଏପ୍ରିଲ୍ ୨୪ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଚିଲିକା କୂଳରେ ଥିବା ବାଲୁଗାଁ କଲେଜ ପଡିଆରେ ଏହି ପୁସ୍ତକ ମେଳା ଅନୁଷ୍ଠିତ ହେବ। ଏନେଇ ଆଜି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ତାଙ୍କ ବାସଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଓ ଭୁବନେଶ୍ୱର ପ୍ରକାଶକ ସଂଘର ସଦସ୍ୟମାନେ ଯୋଗଦେଇ ମେଳାରେ ଅଂଶଗ୍ରହଣ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିସହିତ ଏହି ମେଳାର ସଫଳତା ଉପରେ ସେମାନେ ନିଜସ୍ୱ ମତ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପିତ କରିଥିଲେ। ପାଞ୍ଚଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ରାଜ୍ୟର ପ୍ରତିଷ୍ଠିତ ପ୍ରକାଶକମାନେ ପ୍ରାୟ ୮୦ଟି ଷ୍ଟଲ୍ ମାଧ୍ୟମରେ ସେମାନଙ୍କର ପୁସ୍ତକ ପ୍ରଦର୍ଶନ ତଥା ବିକ୍ରୟ କରିବେ। ଏଥିସହିତ ଏହି ମେଳାରେ ବିଭିନ୍ନ ଖାଦ୍ୟ ଷ୍ଟଲ୍ ମଧ୍ୟ ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରଥମ ଦିନରେ ଏହି ମେଳାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ପ୍ରଥମ ଦିନରେ ସାଂସଦ ସସ୍ମିତ ପାତ୍ର, ଜିଲ୍ଲାପାଳ ଅମ୍ରିତ ଋତୁରାଜ, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତ, ସାହିତ୍ୟିକ ଡ. ଶଶାଙ୍କ ଶେଖର ଚୂଡାମଣି ଯୋଗ ଦେବେ। ସେହିପରି ଅନ୍ୟ ଦିନମାନଙ୍କରେ ମନ୍ତ୍ରୀ ରବି ନାରାୟଣ ନାୟକ, ମନ୍ତ୍ରୀ ସଂପଦ ସ୍ୱାଇଁ, ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବାବୁ ସିଂ, ବିଭୂତି ବଳବନ୍ତରାୟ, ବିଧାୟିକା ଉପାସନା ମହାପାତ୍ର, ବିଧାୟକ ପ୍ରଦୀପ ସାହୁ, ପ୍ରଶାନ୍ତ ଜଗଦେବ ଏବଂ ନବ ମଲ୍ଲିକ ପ୍ରମୁଖ ବିଭିନ୍ନ ଦିନରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ପୁସ୍ତକ ମେଳା କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶରତ ପାଇକରାୟ, କମିଟି ଉପସଭାପତି ସୁବାସ ଶ୍ରୀଚନ୍ଦନ, ଉପଦେଷ୍ଟା ଡକ୍ଟର ଶଶାଙ୍କ ଶେଖର ଚୂଡାମଣି, ପ୍ରକାଶ ପ୍ରଧାନ ଏବଂ ସନ୍ତୋଷ ବଳିୟାରସିଂ ପ୍ରମୁଖ ଯୋଗ ଦେଇଥିଲେ।

## ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ, ଘଟଣାସ୍ଥଳରେ ବିଜେଡି ଟିମ୍

# ନ୍ୟାୟିକ ତଦନ୍ତ ପାଇଁ ଦଳର ଦାବି

**ଭୁବନେଶ୍ୱର,୧୬।୪/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲାର ଏକ ସରକାରୀ ଛାତ୍ରାବାସରେ ଘଟିଥିବା ସନ୍ଦେହଜନକ ବିଷାକ୍ତ ଖାଦ୍ୟ ଘଟଣାରେ ୧୨ ବର୍ଷୀୟ ଆଦିବାସୀ ଛାତ୍ରୀ ରୁପାଲି ବେସ୍ରାଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ପ୍ରତି ବିଜୁ ଜନତା ଦଳ ଗଭୀର ଶୋକ ପ୍ରକାଶ କରିଛି। ଦଳ ଏହି ଘଟଣାକୁ ଅତ୍ୟନ୍ତ ଦୁଃଖଦ, ଅମାନବିକ ଏବଂ ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କ ଗୁରୁତର ଅବହେଳାର ଜ୍ୱଳନ୍ତ ଉଦାହରଣ ବୋଲି ମତ ପ୍ରକାଶ କରିଛି।

ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡିର ଏକ ପ୍ରତିନିଧି ଦଳ ରାସଗୋବିନ୍ଦପୁର ବ୍ଲକ୍‌ର ନଳାଗଞ୍ଜା ପଞ୍ଚାୟତ ଅଧୀନରେ ଥିବା ନୁଆଁଟି ଗ୍ରାମକୁ ଯାଇ ଶୋକାକୁଳ ପରିବାରୁ ଭେଟିଛି। ଏହି ଦୁଃଖଦ ସମୟରେ ମୋଣ୍ଟୁ ବେସ୍ରାଙ୍କ କନ୍ୟା ରୁପାଲି ବେସ୍ରାଙ୍କ ପରିବାରକୁ ପ୍ରତିନିଧି ଦଳ ସମବେଦନା ଜଣାଇଛି।

ରୁପାଲି ବେସ୍ରାଙ୍କର ଏପ୍ରିଲ୍ ୧୪ ତାରିଖରେ ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲ କଲେଜ୍ ଏବଂ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଛାତ୍ରାବାସରେ ରହୁଥିବା ୧୫୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିବା ଖବର ମିଳିଛି। ସେମାନେ ଏପ୍ରିଲ୍ ୧୨ ତାରିଖରେ ପରିବେଶିତ ହୋଇଥିବା ପଖାଳ, ସାଗ ଭଜା ଓ ଆଳୁ ଭର୍ତ୍ତା ପରି ଖାଦ୍ୟ ଖାଇଥିଲେ, ଯାହା ଅବଶିଷ୍ଟ ଖାଦ୍ୟରୁ ପ୍ରସ୍ତୁତ ହୋଇଥିବା ଏବଂ ନିର୍ଦ୍ଦିଷ୍ଟ ଖାଦ୍ୟ ସୁରକ୍ଷା ଓ ପୋଷଣ ମାନକକୁ ଉଲ୍ଲଂଘନ କରିଥିବା ଅଭିଯୋଗ ରହିଛି। ବିଜେଡି ପ୍ରତିନିଧି ଦଳ ଆଦିବାସୀ ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ଦାୟୀ ଅଧିକାରୀମାନଙ୍କ ଗୁରୁତର ଅବହେଳା ପ୍ରତି ଗଭୀର ଚିନ୍ତା ବ୍ୟକ୍ତ କରିଛି। ଦଳ କହିଛି ଯେ ଛାତ୍ରାବାସରେ ରହୁଥିବା ଶିଶୁମାନଙ୍କୁ ଅସୁରକ୍ଷିତ ଓ ଅମାନବିକ ଖାଦ୍ୟ ପ୍ରଦାନ କରାଯିବା ଗୁରୁତର ଅନ୍ୟାୟ ଓ ଏହା ବ୍ୟବସ୍ଥାଗତ ତ୍ରୁଟିକୁ ପ୍ରକାଶ କରୁଛି, ଯାହାର ଶୀଘ୍ର ସୁଧାର କରିବା ଆବଶ୍ୟକ।

ଏହି ପ୍ରତିନିଧି ଦଳ ରାସଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଛାତ୍ରଛାତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ ଏବଂ ବାରିପଦାର ବିଭିନ୍ନ ହସ୍ପିଟାଲ୍‌ରେ ଭର୍ତ୍ତି ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। କିଛି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେବି ଗୁରୁତର ରହିଛି। ପ୍ରଭାବିତ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଗଭୀର ଯନ୍ତ୍ରଣା ବ୍ୟକ୍ତ କରି କହିଛନ୍ତି ଯେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଓ ବ୍ୟବସ୍ଥାଗତ ସୁଧାର ନହେଲେ ସେମାନେ ଆଉ ତାଙ୍କ ସନ୍ତାନମାନଙ୍କୁ ଛାତ୍ରାବାସକୁ ପଠାଇବେ ନାହିଁ।

### ଏପ୍ରିଲ ୧୮ରେ ମୟୂରଭଞ୍ଜରେ ୧୨ ଘଣ୍ଟିଆ ହରତାଳ

ପ୍ରେସ୍ ସମ୍ମିଳନୀରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଏହି ଘଟଣାକୁ କଡ଼ା ନିନ୍ଦା କରିବା ସହିତ ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି କରିଥିଲେ। ସେ କହିଥିଲେ ଯେ ବର୍ତ୍ତମାନର ତଦନ୍ତ ପର୍ଯ୍ୟାପ୍ତ ନୁହେଁ। ଦୋଷୀ ସମସ୍ତ ଅଧିକାରୀ, ଛାତ୍ରାବାସ କର୍ମଚାରୀ, ଶିକ୍ଷକ ଓ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ତତ୍କାଳ ନିଲମ୍ବନ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। କ୍ଷତିପୂରଣ ବିଷୟରେ ଅସମତା ଉଲ୍ଲେଖ କରି ବିଜେଡି କହିଛି ଯେ ପୀଡ଼ିତ ପରିବାରକୁ ଘୋଷିତ ୭ ଲକ୍ଷ ଟଙ୍କା ଅନୁଗ୍ରହ ଅପର୍ଯ୍ୟାପ୍ତ ଏବଂ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛି। ଦଳ ଆହୁରି ଦାବି କରିଛି ଯେ ଗୁରୁତର ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ଏଆଇଆଇଏମ୍ଏସ୍ ଭୁବନେଶ୍ୱର ଓ ଏସ୍‌ସିବି ମେଡିକାଲ କଲେଜ୍ ପରି ଉନ୍ନତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଉ। ଖାଦ୍ୟ ସୁରକ୍ଷା ନିରୀକ୍ଷଣକୁ କଠୋର କରିବା, ପୋଷଣ ମାନ ବୃଦ୍ଧି, ସ୍ୱାସ୍ଥ୍ୟ ସେବା ସୁଦୃଢ଼ ଓ ସମସ୍ତ ଛାତ୍ରାବାସରେ ବିଶେଷକରି ପଛୁଆ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ମର୍ଯ୍ୟାଦା ସୁନିଶ୍ଚିତ କରିବା ପାଇଁ ତୁରନ୍ତ ବ୍ୟବସ୍ଥାଗତ ସୁଧାରର ଆବଶ୍ୟକତା ଉପରେ ଜୋର୍ ଦେଇଛି ବିଜେଡି। ମୟୂରଭଞ୍ଜ ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି କହିଛନ୍ତି ଯେ ଏହି ଦୁର୍ଘଟଣା ବିରୋଧରେ ପ୍ରତିବାଦ ଓ ନ୍ୟାୟ ଦାବିରେ ବିଜୁ ଜନତା ଦଳ ଏପ୍ରିଲ୍ ୧୮ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ହରତାଳ ଡାକ ଦେଇଛି।

ଉକ୍ତ ପ୍ରତିନିଧି ଦଳରେ ସୁଦାମ ମାରାଣ୍ଡି, ଗୌତମବୁଦ୍ଧ ଦାସ, ଡା. ପ୍ରିୟବ୍ରତ ମାଝୀ, ସାନନ୍ଦ ମାରାଣ୍ଡି, ରାଜକିଶୋର ଦାସ, ଭାରତୀ ହଂସଦା, ପ୍ରୀତିନନ୍ଦା କାନୁନ୍‌ଗୋ, ଡା. ଦେବାଶିଷ ମାରାଣ୍ଡି, ଦେବାଶିଷ ମହାନ୍ତି, ଗଣେଶ୍ୱର ପାତ୍ର, ସୁନିଲ ନାୟକ, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି ଓ ସୀମା ଦାସ ସାମିଲ ଥିଲେ। ଦଳ ଆଦିବାସୀ ସମୁଦାୟର ଅଧିକାର ଓ କଲ୍ୟାଣ ସୁରକ୍ଷା ପାଇଁ ତାଙ୍କ ଅଟଳ ପ୍ରତିବଦ୍ଧତା ପୁନରୁଚ୍ଚାରଣ କରିଛି ଏବଂ ଏପରି ଦୁର୍ଭାଗ୍ୟଜନକ ଘଟଣା ପୁନରାବୃତ୍ତି ନ ହେବାକୁ ନିଶ୍ଚିତ କରିବାରେ ଜୋର୍ ଦେଇଛି।




ସିବିଏସ୍‌ସି ୧୦ମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଓଡିଏମ୍ ଶିକ୍ଷା ସମୂହର ଛାତ୍ରଛାତ୍ରୀଙ୍କ ସହ କର୍ମକର୍ତ୍ତା

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

**ଭୁବନେଶ୍ୱର,୧୬।୪ /ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ। ଏଥିସହିତ ପ୍ରଶିକ୍ଷଣ ନେଉଥିବା ୨୦୨୪ ବ୍ୟାଚ୍ ଓଡ଼ିଶା କ୍ୟାଡର୍ ଆଇଏଏସ୍ ପ୍ରୋବେଶନରମାନେ ମଧ୍ୟ ଅଭିଜ୍ଞତା ଅର୍ଜନ ପାଇଁ ବୈଠକରେ ଯୋଗଦେଇଥିଲେ। ବୈଠକରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଆଭାସୀ ମାଧ୍ୟମରେ ଯୋଗଦେଇ ଉପସ୍ଥାପନା ରଖିଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗତ ମାର୍ଚ୍ଚ ମାସରେ ବିଭିନ୍ନ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ଓ ପ୍ରମୁଖ ପଦକ୍ଷେପଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଇଣ୍ଡିଆ ସ୍କିଲ୍ସ-୨୦୨୫-୨୬ ପ୍ରତିଯୋଗିତାରେ ଓଡ଼ିଶାର ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ଦକ୍ଷତା ବିକାଶ ବିଭାଗର ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ସେହିପରି ଶ୍ରୀମନ୍ଦିର ରତ୍ନଭଣ୍ଡାରର 'ଗଣତି-ମଣତି' କାର୍ଯ୍ୟ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ସଂପୃକ୍ତ ସମସ୍ତଙ୍କୁ ପ୍ରଶଂସା କରାଯାଇଥିଲା। ଏଥି ସହ 'ଆମେ ଜାଣିବା ଆମ ବଜେଟ୍' କାର୍ଯ୍ୟକ୍ରମରେ ବଜେଟ୍ ସମ୍ପର୍କିତ ସୂଚନାର ପ୍ରଚାର ପ୍ରସାର ଓ ଏ ସମ୍ପର୍କରେ ଆଗକୁ କାର୍ଯ୍ୟକ୍ରମ ଜାରି ରହିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଆଗାମୀ ଦିନରେ 'ଉପଲବ୍ଧି ପୋର୍ଟାଲ' କାର୍ଯ୍ୟକାରୀ ହେବା ନେଇ ସିଏମ୍‌ଜିଆଇ ତରଫରୁ ଡିଜାଇନ୍ ଉପସ୍ଥାପିତ ହୋଇଥିଲା। ଏହି ପୋର୍ଟାଲରେ ବିଭିନ୍ନ ବିଭାଗର ପ୍ରତିମାସରେ ଉଲ୍ଲେଖନୀୟ କାର୍ଯ୍ୟ, ପ୍ରଗତି ଓ ସଫଳତା ଅପଲୋଡ୍ କରାଯିବ ଏବଂ ବିଭାଗମାନଙ୍କ ସମେତ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ତରରେ ମଧ୍ୟ ତାହା ଅନୁଧ୍ୟାନ କରାଯିବା ସହଜ ହୋଇପାରିବ ଅର୍ଥ ବିଭାଗ ତରଫରୁ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର ଯୋଗଦେଇ ରାଜ୍ୟମାନଙ୍କୁ ପୁଞ୍ଜି ନିବେଶ ପାଇଁ ସହାୟତା ପ୍ରଦାନ କରୁଥିବା କେନ୍ଦ୍ରୀୟ ଅନୁଦାନର ଉପଯୋଗ ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ଏହା ସହ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ପୂର୍ତ୍ତ ବିଭାଗର ୨୫ଟି ପ୍ରମୁଖ ପ୍ରକଳ୍ପ ଓ ପଦକ୍ଷେପ ବିଷୟରେ ବିସ୍ତୃତ ଉପସ୍ଥାପନା କରିଥିଲେ। ପ୍ରତି ଜିଲ୍ଲାରେ ୨୫ଟି ଜିଲ୍ଲାସ୍ତରୀୟ ପ୍ରମୁଖ ପଦକ୍ଷେପ ପ୍ରସ୍ତୁତି ସମ୍ପର୍କରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ 'ବିକଶିତ ଓଡ଼ିଶା' ସହ ସମନ୍ୱୟ କରି ଏକ ଉପସ୍ଥାପନା ରଖିଥିଲେ।

## ଅକ୍ଷୟ ତୃତୀୟ ପାଇଁ ଅରୁନ୍ଧତୀ ଜୁଏଲର୍ସର ସର୍ବଶ୍ରେଷ୍ଠ ଅଫର୍

# ସର୍ବୋତ୍ତମ ଡିଜାଇନ୍ ଉପରେ ସର୍ବନିମ୍ନ ଗଢ଼ା ମଜୁରୀ

**ଭୁବନେଶ୍ୱର,୧୬।୪/ଏନ୍ଏସ୍ଏସ୍:** ଓଡ଼ିଶାର ସର୍ବଶ୍ରେଷ୍ଠ ଏବଂ ସର୍ବବୃହତ୍ ଅଳଙ୍କାର ପ୍ରତିଷ୍ଠାନ 'ଅରୁନ୍ଧତୀ ଜୁଏଲର୍ସ' ଅକ୍ଷୟ ତୃତୀୟାର ଭବ୍ୟ ଅବସରରେ ଓଡ଼ିଶାବାସୀଙ୍କ ପାଇଁ ସ୍ୱର୍ଣ୍ଣ ଅକ୍ଷୟ ଅଫର୍ ଆଣିଛି। ଏଥିରେ ଓଡ଼ିଶା ବଜାରର ସର୍ବୋତ୍ତମ ଡିଜାଇନ୍ ଉପରେ ନିଶ୍ଚିତ ସର୍ବନିମ୍ନ ଗଢ଼ା ମଜୁରୀ ମିଳିବ। ସମସ୍ତ ସୁନା ଓ ରୁପା ଅଳଙ୍କାରର ଗଢ଼ା ମଜୁରୀ ଉପରେ ୫୦% ପର୍ଯ୍ୟନ୍ତ ମହାବଚତ୍ ସହିତ ଅରୁନ୍ଧତୀ ବାନ୍ଧକଳା ପ୍ରିମିୟର୍ ସମ୍ବଲପୁରୀ ଶାଢ଼ି ଉପରେ ୫୦% ପର୍ଯ୍ୟନ୍ତ ଆକର୍ଷଣୀୟ ରିହାତି ମିଳିବ।

ଏହି ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, 'ଅକ୍ଷୟ ତୃତୀୟା କେବଳ ଏକ ତିଥି ନୁହେଁ, ଏହା ହେଉଛି ଆମ ପରମ୍ପରାରେ ଅତୁଟ ବିଶ୍ୱାସ, ସୁଖ ଏବଂ ଅକ୍ଷୟ ସମୃଦ୍ଧିର ପ୍ରତୀକ। ଅକ୍ଷୟ ତୃତୀୟାର ଏହି ଶୁଭ ମୁହୂର୍ତ୍ତରେ ସମସ୍ତେ ଯେମିତି ଆନନ୍ଦ ଉଲ୍ଲାସରେ ସର୍ବୋତ୍ତମ ଡିଜାଇନ୍ ଉପରେ ସର୍ବଶ୍ରେଷ୍ଠ ଅଫର୍ ସହ ସୁନା ଗହଣା କିଣିପାରିବେ, ଏହା ହିଁ ଆମର ମୂଳ ଲକ୍ଷ୍ୟ।

ବ୍ୟବସାୟକୁ ନୁହେଁ, ଓଡ଼ିଶାବାସୀଙ୍କ ଖୁସି ଓ ବିଶ୍ୱାସକୁ ଆମେ ସବୁବେଳେ ପ୍ରାଥମିକତା ଦେଇଆସିଛୁ। ସେହି ବିଶ୍ୱାସକୁ ବଜାୟ ରଖି ଅରୁନ୍ଧତୀର ଏହି ଅନନ୍ୟ ଅଫର୍। ଗ୍ରାହକମାନଙ୍କ କଷ୍ଟଲବ୍ଧ ଅର୍ଥର ସୁରକ୍ଷା ପାଇଁ ଏକ ସଂକଳ୍ପ। ସମସ୍ତଙ୍କ ଘରକୁ ସୁଖ, ଶାନ୍ତି, ସମୃଦ୍ଧିର ସମ୍ଭାର ଆସୁ, ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଏହା ହିଁ ଆମର କାମନା।'




## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆମ୍ବେଦକର ଜୟନ୍ତୀ

**ଭୁବନେଶ୍ୱର,୧୬।୪/ଏନ୍ଏନ୍ଏସ୍:** ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ୧୩୫ତମ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଏହାକୁ ଉଦ୍‌ଘାଟନ କରି କେବଳ ଭାରତୀୟ ସମ୍ବିଧାନର ସ୍ଥପତି ଭାବେ ନୁହେଁ, ବରଂ ହୀରାକୁଦ ଜଳଭଣ୍ଡାରର ବିଦ୍ଧାଣୀ ଓ ରିଜର୍ଭ ବ୍ୟାଙ୍କ ପ୍ରତିଷ୍ଠାରେ ପ୍ରମୁଖ ଭାବେ ସେ ଅମର ହୋଇ ରହିବେ ବୋଲି ମତ ପ୍ରକାଶ କରିଥିଲେ। ପ୍ରଫେସର କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ଉଦ୍‌ବୋଧନ ଦେଇ ଆମ୍ବେଦକରଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡକ୍ଟର ପୁଷ୍ପଲତା ନେଗୀ ଧନ୍ୟବାଦ୍ ଦେଇଥିଲେ। ପ୍ରତିଷ୍ଠାନର ପ୍ରଶାସନିକ ଅଧିକାରୀ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ର ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



## କିଟ୍ ଫ୍ୟାଶନ୍ ଟେକ୍ନୋଲୋଜି ସ୍କୁଲ୍ ଫ୍ୟାଶନ୍ ଶୋ 'କୀର୍ତ୍ତି କଳ୍ପନା ୨୦୨୬' ଅନୁଷ୍ଠିତ

**ଭୁବନେଶ୍ୱର,୧୬।୪ /ଏନ୍ଏନ୍ଏସ୍:** କିଟ ଫ୍ୟାଶନ୍ ଟେକ୍ନୋଲୋଜି ସ୍କୁଲର ଫ୍ୟାଶନ୍ ଶୋ କୀର୍ତ୍ତି କଳ୍ପନାର ୧୪ତମ ସଂସ୍କରଣ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଭୁବନେଶ୍ୱର ପୂର୍ବ ଭାରତରେ ଏକ ପ୍ରମୁଖ ଫ୍ୟାଶନ୍ ହବ୍‌ରେ ପରିଣତ ହେବାକୁ ଯାଉଛି। କିଟ୍ ବିଶ୍ୱବିଦ୍ୟାଳୟରେ ଫେମିନା ମିସ୍ ଇଣ୍ଡିଆ ଭଳି ପ୍ରତିଷ୍ଠିତ ସୁନ୍ଦରୀ ପ୍ରତିଯୋଗିତା ହେଉଥିବାରୁ ଏଥିପାଇଁ ସେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ। ଏହି ଫ୍ୟାଶନ୍ ଶୋ'କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିସ୍ ଇଣ୍ଡିଆ ସଂଗଠନର ଜାତୀୟ ନିର୍ଦ୍ଦେଶକ, ବ୍ରାଣ୍ଡ ଏବଂ ଅପରେସନ୍ସ ମୁଖ୍ୟ ନତାଶା ଗ୍ରୋଭର୍, ଦିଲ୍ଲୀର ବିଶିଷ୍ଟ ଫ୍ୟାଶନ୍ ଡିଜାଇନର ଅନୁଜ ଦୁର୍ଗା ଶର୍ମା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ.ଡି., କୁଳ ସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଫ୍ୟାଶନ୍‌ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସ୍କୁଲର ଡିନ୍ ଡ. ରାଜୀବ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ବାଉରୀ ରାଉଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥି, ଜୁରୀ ସଦସ୍ୟ ଏବଂ କୃତୀ ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ପରେ ଇଭେଣ୍ଟ ବ୍ରୋସ୍‌ର ଉନ୍ମୋଚନ କରାଯାଇଥିଲା। ଶୋ' ସେଗ୍‌ମେଣ୍ଟଗୁଡ଼ିକରେ ସ୍ନାତକ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୃଜନଶୀଳ ସଂଗ୍ରହ ପ୍ରଦର୍ଶିତ କରିଥିଲା, ଯାହା ନବସର୍ଜନା, କାରିଗରୀ ଏବଂ ସମସାମୟିକ ଡିଜାଇନ୍ ସମ୍ବେଦନଶୀଳତାକୁ ପ୍ରତିଫଳିତ କରିଥିଲା।

## ୧୮ରେ ଚାଟାର୍ଡ ଆକାଉଣ୍ଟାଣ୍ଟ୍ ସଂଘର ଦିନିକିଆ ସମ୍ମିଳନୀ

**ଭୁବନେଶ୍ୱର,୧୬।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ଚାଟାର୍ଡ ଆକାଉଣ୍ଟାଣ୍ଟ୍ ସଂଘ ଆନୁକୂଲ୍ୟରେ ଶନିବାର ୧୮ ତାରିଖ ସକାଳ ୧୦ଟା ସମୟରେ ଦିନିକିଆ ସମ୍ମିଳନୀ ପାହାଳସ୍ଥିତ ଏକ ହୋଟେଲ୍‌ରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଭୁବନେଶ୍ୱର, କଟକ ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଚାଟାର୍ଡ ଆକାଉଣ୍ଟାଣ୍ଟ୍, କଷ୍ଟ ଆକାଉଣ୍ଟାଣ୍ଟ୍ ଏବଂ ଅର୍ଥ ବିଭାଗର ପଦାଧିକାରୀମାନେ ଯୋଗ ଦେବେ। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଯୋଗ ଦେବେ। ଏଥିରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଓ ବର୍ତ୍ତମାନର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ମଧ୍ୟ ଯୋଗ ଦେବେ। ସେହିପରି ଓଡ଼ିଶା ମୁଖ୍ୟ ମହାଲେଖାକାର ଦୀନବନ୍ଧୁ ସାହୁ, ମୁଖ୍ୟ ଆୟକର ଆୟୁକ୍ତ (କଟକ ଓ ସମ୍ବଲପୁର) ସରୋଜ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଏହି ସମ୍ମିଳନୀରେ ଚାଟାର୍ଡ ଆକାଉଣ୍ଟାଣ୍ଟ୍‌ମାନଙ୍କ ବୃତ୍ତିଗତ ସ୍ୱାଧୀନତା ଓ ଆଇନର ପ୍ରାବଧାନ ଓ ନିୟନ୍ତ୍ରଣ, ସରକାରୀ ଉଦ୍ୟୋଗମାନଙ୍କର ଅଡିଟ୍ ଓ ପାରଦର୍ଶିତା ଓ ଅଡିଟର୍‌ମାନଙ୍କ ଉତ୍ତରଦାୟିତ୍ୱ, ଆୟକର ନିୟମ ୨୦୨୫ ସଂଶୋଧନ ଓ ସଂସ୍କାର ଏବଂ ପରିବର୍ତ୍ତିତ ନିୟମରେ ଚାଟାର୍ଡ ଆକାଉଣ୍ଟାଣ୍ଟ୍‌ଙ୍କ ଭୂମିକା, ବୃତ୍ତିଗତ ଚାଟାର୍ଡ ଆକାଉଣ୍ଟାଣ୍ଟ୍‌ମାନଙ୍କ ସମସ୍ୟା ଓ ଏହାର ଆଇନଗତ ପ୍ରତିକାର ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯିବ। ସମ୍ମିଳନୀ ପାଇଁ ଓଡ଼ିଶା ଓ ଓଡ଼ିଶା ବାହାରର ସୁବକ୍ତାମାନଙ୍କୁ ନିମନ୍ତ୍ରଣ କରାଯାଇଛି। ସମ୍ମିଳନୀରେ ପ୍ରାୟ ୨୦୦ରୁ ୨୫୦ ପ୍ରତିନିଧିମାନେ ଯୋଗ ଦେବେ। ଏଥିସହ ବିଭିନ୍ନ କମ୍ପାନୀ, ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ କମ୍ପାନୀର ପ୍ରତିନିଧିମାନେ ମଧ୍ୟ ଯୋଗ ଦେବେ। ଏହି ଆଲୋଚନାଚକ୍ର ଦ୍ୱାରା ଚାଟାର୍ଡ ଆକାଉଣ୍ଟାଣ୍ଟ୍, କଷ୍ଟ ଆକାଉଣ୍ଟାଣ୍ଟ୍ ଏବଂ ଅର୍ଥ ବିଭାଗର ଅଧିକାରୀମାନେ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଉତ୍ତମ ଧରଣର ସେବା ଯୋଗାଇ ପାରିବେ। ସଭାପତି ନାରଦ ପ୍ରସାଦ ସାହୁ, ଉପସଭାପତି ଚନ୍ଦ୍ରକାନ୍ତ ପୃଷ୍ଟି ଓ ଅନ୍ୟ କର୍ମକର୍ତ୍ତାମାନେ ସମ୍ମିଳନୀକୁ ପରିଚାଳନା କରିବେ।




## ତ୍ୟାଗ, ସେବା ଓ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ

**କଟକ,୧୬।୪/ଏନ୍ଏନ୍ଏସ୍:** ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ମହାନଦୀ ବିହାରସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରମୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଓ ଆଲୋଚକ ଭାବେ ବିଶିଷ୍ଟ ସାରସ୍ୱତ ସଂରକ୍ଷକ ତଥା ପୂଜ୍ୟପୂଜା ଓଡ଼ିଶାର ସଂପାଦକ ରମାକାନ୍ତ ମିଶ୍ର ଯୋଗଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରି ତାଙ୍କୁ ତ୍ୟାଗ, ସେବା ଓ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ପ୍ରତିପାଦିତ କରିଥିଲେ। ତାଙ୍କ ରଚିତ ପୁସ୍ତକ କାରା କବିତା, ବନ୍ଦୀର ଆତ୍ମକଥା, ଗୋ ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଧର୍ମପଦ, ଅବକାଶ ଚିନ୍ତା ଓଡ଼ିଆ ଭାଷା ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ। ଏହି ସବୁ ପୁସ୍ତକ ରାଜ୍ୟର ଆବାଳ ବୃଦ୍ଧବନିତା ପାଠ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଭାଷାଭିତ୍ତିରେ ରାଜ୍ୟ ଗଠନର ନେତୃତ୍ୱ ନେଇଥିବା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେବ, ବ୍ୟାସକବି, କବିବର, ସ୍ୱଭାବକବି ପ୍ରମୁଖଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରାଯାଇଥିଲା। ଉତ୍କଳର ପଞ୍ଚସଖା ଜଗନ୍ନାଥ ଦାସ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ବଳରାମ ଦାସଙ୍କ ଉପରେ ଆଲୋଚନା କରାଯିବା ସହ ଆଦିକବି ସାରଳା ଦାସଙ୍କ କୃତୀ ଉପରେ ସମ୍ୟକ ଆଲୋକପାତ କରାଯାଇଥିଲା। ଉତ୍କଳ ଗୌରବ ମଧୁସୂଦନଙ୍କ କାଳଜୟୀ କବିତା ଆବୃତ୍ତି କରାଯାଇଥିଲା। ଗୀତା ଓ ଭାଗବତ ନିୟମିତ ପାଠକଲେ ଆମ ସ୍ୱାସ୍ଥ୍ୟ ଭଲ ରହିବା ସହ ଆମେ ଆଧ୍ୟାତ୍ମିକବାଦୀ ହୋଇପାରିବା ବୋଲି ମତ ପ୍ରକାଶ ପାଇଥିଲା। ସର୍ବୋପରି ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ତମ୍ଭକାର ସୁସାହିତ୍ୟକ ଗୋଧନେଶ୍ୱର ହୋତା ତାଙ୍କ ବକ୍ତବ୍ୟରେ ଭଲ ମଣିଷ ହେବାକୁ କହିଥିଲେ। ଉମେଶଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଶ୍ରୀଜୟଦେବ କଲେଜରେ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର,୧୬।୪/ଏନ୍ଏନ୍ଏସ୍:** ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜ ଅଫ୍ ଏଜୁକେସନ୍ ଆଣ୍ଡ୍ ଟେକ୍ନୋଲୋଜିରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଦେବାଶିଷ ଦାସଙ୍କ ନେତୃତ୍ୱରେ ୮ ଦିନ ଧରି ଚାଲିଥିବା ଶିବିରରେ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ଦିଆଯାଇଛି। ଉଦ୍‌ଯାପନୀ ଉତ୍ସବରେ କଲେଜର ପ୍ରାଣୀବିଜ୍ଞାନ ପ୍ରାଧ୍ୟାପିକା ସୁପ୍ରିୟା ଦାସ, ପ୍ରାଧ୍ୟାପିକା ପ୍ରତିମା କୁମାରୀ ରାଉତ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳ ତାଲିମର ଉପକାରିତା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିବିରର ସଂଯୋଜିକା ଦିବ୍ୟାଶା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟଶ୍ରୀ ମାଝୀ, ସୁନିତାରାଣୀ ପାଣି, ବିଜେତା ଦାସ ଶିବିରରେ ସହଯୋଗ କରିଥିଲେ। ମାଷ୍ଟର ଟ୍ରେନର୍ ହରପ୍ରିୟା ପୃଷ୍ଟି ୮ ଦିନ ଧରି ତାଲିମ ଦେଇଥିଲେ।

ନିତିଦିନ NITIDIN

## ଆରାଧା ପକ୍ଷରୁ ଜଳ ବିତରଣ

**ଫୁଲନଖରା,୧୬/୪/ଏନ୍‌ଏନ୍‌ଏସ୍:** ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣସରିଲୋ ଅଞ୍ଚଳରେ ଥିବା ଅଗ୍ରଣୀ ସାଂସ୍କୃତିକ ଶିକ୍ଷାନୁଷ୍ଠାନ 'ଆରାଧା କଲଚରାଲ ଏକାଡେମୀ' ପକ୍ଷରୁ ଗ୍ରୀଷ୍ମକାଳୀନ ଜଳ ବିତରଣ ସେବା ଆରମ୍ଭ ହୋଇଛି। କୁଶଳକଣ୍ଠାରେ ଖୋଲିଥିବା ଏହି କେନ୍ଦ୍ରକୁ ଭୁବନେଶ୍ୱର ଏଡ଼ିଏମ ରମେଶଚନ୍ଦ୍ର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏକାଡେମୀ ଅଧ୍ୟକ୍ଷ ଅଜୟ କୁମାର ପାତ୍ର, ନିର୍ଦ୍ଦେଶକ ନିର୍ମଳା ପାତ୍ର, ସସ୍ମିତା ସାହୁ ଓ ସନ୍ତୋଷ କୁମାର ଜେନା ପଥଚାରୀଙ୍କୁ ତଣ୍ଡିପଣା ସର୍ବତ ବିତରଣ କରିଥିଲେ। କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର ଓ ସମ୍ପାଦକ ପ୍ରତାପକେଶରୀ ପାତ୍ର ଉପସ୍ଥିତ ଥିଲେ।



# ସମସ୍ୟା ଘେରରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ପାଠପଢ଼ା ବାଧାପ୍ରାପ୍ତ




**ମାହାଙ୍ଗା,୧୬/୪/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ନାହାଙ୍ଗ ପଞ୍ଚାୟତସ୍ଥିତ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟ ବାଲିପଡାରେ ଉଚ୍ଚ ଶିକ୍ଷା ବିକାଶ କରିବା ନିମନ୍ତେ ବାଲିପଡ଼ାଠାରେ ୧୯୮୭ ମସିହାରେ ଏହି ବିଦ୍ୟାଳୟଟି ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ଏବେ ଅଷ୍ଟମ ଶ୍ରେଣୀରୁ ୧୦ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୪୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିଥାନ୍ତି। ଏବେ ଏହି ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକଙ୍କ ପଦବୀ ଖାଲି ପଡିଥିବା ବେଳେ କଳା, ବିଜ୍ଞାନ(ପିସିଏମ୍), କିରାଣି, କ୍ରୀଡ଼ାଶିକ୍ଷକ ଓ ୨ଜଣ ପିଅନ ପଦବୀ ଖାଲିପଡିଛି। ଯାହା ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢାରେ ବହୁ ଅସୁବିଧା ହେଉଥିବା ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ନାମ ଲେଖା କାର୍ଯ୍ୟ ଚାଲୁଥିବାରୁ କିରାଣି ପଦବୀ ଖାଲି ପଡିଥିବାରୁ ଶିକ୍ଷକ ମାନେ ବାଧହୋଇ ନାମଲେଖା କାର୍ଯ୍ୟ କରୁଥିବାରୁ ପାଠପଢ଼ାରେ ଅସୁବିଧା ହେଉଛି। ଏହି ବିଦ୍ୟାଳୟ ନିମନ୍ତେ ୧୩ଜଣ ଶିକ୍ଷକ ଓ କର୍ମଚାରୀ ଆବଶ୍ୟକ ଥିବା ବେଳେ ମାତ୍ର ୩ଜଣ ଶିକ୍ଷକ ବିଦ୍ୟାଳୟ ଚଳାଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟାଗୁଡିକୁ ତୁରନ୍ତ ସମାଧାନ ନିମନ୍ତେ ସ୍ଥାନୀୟ ବିଧାୟକ, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଛାତ୍ରାଭିଭାବକ ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ପ୍ରାଚୀ ସାହିତ୍ୟ ସଂସଦର ବିଷୁବ ମିଳନ ଓ କବିତା ପାଠୋତ୍ସବ

**ଗରିଛକ,୧୬/୪/ଏନ୍‌ଏନ୍‌ଏସ୍:** ଓଡିଆ ନବବର୍ଷ,ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଗରିଛକ ନିକଟସ୍ଥ ସାଇଶ୍ରୀ କଲ୍ୟାଣ ମଣ୍ଡପ ପରିସରରେ ଗରିଛକ ପ୍ରାଚୀ ସାହିତ୍ୟ ସଂସଦର ଷଷ୍ଠ ବାର୍ଷିକ ଉତ୍ସବ, ବିଷୁବ ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଫେସର ଗୋପୀନାଥ କରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ କେନ୍ଦ୍ର ତଥା ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରାଧ୍ୟାପକ ବଂଶୀଧର ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ରାଜ୍ୟପାଳଙ୍କ ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଚିନ୍ମୟ କୁମାର ଦାସ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନାରାୟଣ ମିଶ୍ର, ସଂସଦର ଉପ ସଭାପତି ଡଃ ପ୍ରକାଶ ଚନ୍ଦ୍ର ମିଶ୍ର, ସଂସଦର ନିମାପଡା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଅଧ୍ୟାପକ ରବୀନ୍ଦ୍ରନାଥ ପାଢ଼ୀ, ପ୍ରାକ୍ତନ ପ୍ରାଧ୍ୟାପକ ପଞ୍ଚାନନ ସାହୁ, ଅଧ୍ୟାପକ ଜୀବନ ଦାଶ, ପ୍ରାକ୍ତନ ଆଇଆରଏସ ଚନ୍ଦ୍ରକାନ୍ତ ଦଲେଇ, ପୂର୍ବତନ ପ୍ରଧାନ ଶିକ୍ଷକ ଦ୍ୱିଜବର ମୁଦୁଲି, ବିଶ୍ୱ ପ୍ରାର୍ଥନା ଦିବସ ଟ୍ରଷ୍ଟର ଅଧ୍ୟକ୍ଷ ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀ, କୃଷକନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ତୁଳସୀପୁର ଗ୍ରାମ୍ୟ କମିଟି ସଭାପତି ବନବିହାରୀ ଦାଶ, ଗରିଛକ ବରିଷ୍ଠ ନାଗରିକ ମଞ୍ଚ ସଂପାଦକ କାହ୍ନୁ ଚରଣ ବେହେରା, କୋଣାର୍କ ସାହିତ୍ୟ ସଂସଦ ସଂପାଦକ ରବୀନ୍ଦ୍ର କୁମାର ବାହିନୀପତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରାଚୀ ସାହିତ୍ୟ ସଂସଦର ମୁଖପତ୍ର 'ପ୍ରାଚୀଧାରା' ଏବଂ କବି ତଥା ଔପନ୍ୟାସିକ ସରୋଜ କୁମାର ମହାନ୍ତଙ୍କ ଦ୍ୱାରା ଲିଖିତ ଉପନ୍ୟାସ 'କ୍ଲାନ୍ତଛାୟା'ର ଉନ୍ମୋଚନ କରାଯିବା ସହିତ ବିଭିନ୍ନ ଅଞ୍ଚଳରୁ ଆସିଥିବା କବି ଓ କବୟିତ୍ରୀମାନଙ୍କ ଦ୍ୱାରା କବିତା ପାଠୋତ୍ସବ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ନିରୋଦ କୁମାର ତ୍ରିପାଠୀ ସଂଯୋଜନା କରିଥିବା ବେଳେ ଶିକ୍ଷକନେତା ତ୍ରିଲୋଚନ କର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣପୁରରେ ମହାବୀର ଜୟନ୍ତୀ

**ବାଲୁଗାଁ,୧୬/୪/ଏନ୍‌ଏନ୍‌ଏସ୍:** ବାଣପୁରର ବିଭିନ୍ନ ହନୁମାନ ମନ୍ଦିରରେ ମହାବୀରଙ୍କ ଜୟନ୍ତୀ ଧୂମଧାମରେ ପାଳନ କରାଯାଇଛି। ଅଲାଇଦିହ ଛକରେ ଥିବା ମହାବୀର ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ସକାଳୁ ସୂର୍ଯ୍ୟ ପୂଜା, ବରୁଣ ପୂଜା ଆରମ୍ଭ କରାଯାଇ ପୂର୍ଣ୍ଣ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଯଜ୍ଞ ମଣ୍ଡପରେ ରଘୁନାଥ ଦେବଙ୍କୁ ସ୍ଥାପନା କରାଯାଇ ସଂସାରର ମଙ୍ଗଳ ଉଦ୍ଦେଶ୍ୟରେ ଘୃତ ଯଜ୍ଞ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ଲୋକଙ୍କୁ ପଣା ବଣ୍ଟନ କରିଥିଲେ। ପରେ ପରିଚାଳନା କମିଟି ପକ୍ଷରୁ ଆୟୋଜନ ହୋଇଥିଲା ଅନ୍ନ ଯଜ୍ଞ। ଏଥିରେ ଚାରି ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅନ୍ନପ୍ରସାଦ ପ୍ରଦାନ କରାଯାଇଥିଲା। ପରେ ଯଜ୍ଞ ସମାପନ କରାଯାଇ ପୂର୍ଣ୍ଣ କୁମ୍ଭ ବିସର୍ଜନ ହୋଇଥିଲା। ଏହି ଉତ୍ସବରେ ବିଭିନ୍ନ ଗ୍ରାମର ସ୍ୱେଚ୍ଛାସେବୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ମହାବୀର କମିଟିର ସଭାପତି ମନମୋହନ ସାମନ୍ତରାୟ, ସମ୍ପାଦକ ବସନ୍ତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଉମାକାନ୍ତ ବରାଳ, ସଭ୍ୟ ଭଗବାନ ମହାରଣା, ପ୍ରମୋଦ କୁମାର ପଣ୍ଡା, ରାଜୀବ ଜେନା, ଜଳନ୍ଧର ରାଉତ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ଶ୍ରୀ ରଙ୍ଗନାଥ ମନ୍ଦିର ସ୍ଥିତ ହନୁମାନ ମନ୍ଦିର, ଘଣ୍ଟଶିଳା ପାହାଡ ସ୍ଥିତ ହନୁମାନ ମନ୍ଦିର, ଉପକାରାଗାର ନିକଟସ୍ଥିତ ହନୁମାନ ମନ୍ଦିର ଏବଂ ତୁଳସିଦେଇପୁର ହନୁମାନ ମନ୍ଦିରରେ ମହାବୀର ଜୟନ୍ତୀ ଆଡମ୍ବର ସହକାରେ ପାଳିତ ହୋଇଯାଇଛି।

## ନୟାଗଡ଼ ଏଏସ୍‌ପିଙ୍କ ମହାନତା

**ନୟାଗଡ଼,୧୬/୪/ଏନ୍‌ଏନ୍‌ଏସ୍:** ନୟାଗଡ଼ ଏଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ମହାନତାକୁ ନେଇ ଏବେ ସବୁଠି ଚର୍ଚ୍ଚା ସବୁଠି ଆଲୋଚନା। ରାସ୍ତାରେ ଯାଉଥିବା ବେଳେ ଦୁର୍ଘଟଣାରେ ଆହତ ହୋଇଥିବା ଗୁରୁତରଙ୍କୁ ପୁଲିସ୍ ଗାଡ଼ିରେ ମେଡିକାଲ୍ ନେଇ ଚିକିତ୍ସା କରାଇଥିବା କାର୍ଯ୍ୟକୁ ଦେଖି ସବୁ ମହଲରୁ ତାଙ୍କୁ ବାହାବା ମିଳିଛି। ନୟାଗଡ଼ ଏଏସ୍‌ପି ଶ୍ରୀ ସାମନ୍ତରାୟ କୌଣସି କାମରେ ଶରଣକୂଳ ଅଭିମୁଖେ ଯାଇଥିଲେ। କାମ ସାରି ଫେରୁଥିଲା ବେଳେ ଶରଣକୂଳ ଥାନା ଅନ୍ତର୍ଗତ ଗୋଡିସାହି ନିକଟରେ ଏକ ଦୁର୍ଘଟଣା ଘଟି ବାପା ମାଆ ଝିଅ ତିନିଜଣ ଗୁରୁତର ଆହତ ହୋଇ ରାସ୍ତାରେ ଛଟପଟ ହେଉଥିବା ଦେଖିଥିଲେ।



ସେମାନେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଅଞ୍ଚଳର ଜଗନ୍ନାଥ ପ୍ରଧାନ, ତାଙ୍କର ଧର୍ମପତ୍ନୀ ଲିଲି ପ୍ରଧାନ ଓ ନାବାଳିକା ଝିଅ ବୋଲି ଜଣାପଡ଼ିଥିଲା। ତେବେ ଦୁର୍ଘଟଣାରେ ଆହତ ହୋଇଥିବା ସମୟରେ ଶ୍ରୀ ସାମନ୍ତରାୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସମସ୍ତଙ୍କୁ ସରକାରୀ ଗାଡ଼ିରେ ଆଣି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଏସପିଙ୍କ ଏଭଳି କାର୍ଯ୍ୟ ପାଇଁ ସାଧାରଣ ଲୋକ ପ୍ରଶଂସା କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସିବିଏସ୍‌ଇ ବାର୍ଷିକ ପରୀକ୍ଷାରେ ସ୍ୱାଭିମାନଙ୍କ କୃତିତ୍ୱ



**ମାହାଙ୍ଗା,୧୬/୪/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକର ସିପୁରା ଠାରେ ଥିବା ନବ ପ୍ରଭାତ ଇଣ୍ଟର ନ୍ୟାସନାଲ୍ ସ୍କୁଲର ଛାତ୍ର ସ୍ୱାଭିମାନ ସାହୁ ଚଳିତ ବର୍ଷ ସିବିଏସଇ ବାର୍ଷିକ ପରୀକ୍ଷାରେ ୯୮% ନମ୍ବର ହାସଲକରି ବିଦ୍ୟାଳୟରେ ଟପ୍ପର ହୋଇଥିବା ଜଣାପଡିଛି। ସେ ମୋଟ ୪୮୯ ନମ୍ବର ହାସଲ କରିଛନ୍ତି। ସ୍ୱାଭିମାନ ସାହୁ ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମର ସୁସାହିତ୍ୟିକ ତଥା ଜୀବନ ବୀମା ନିଗମର ମୁଖ୍ୟ ଉପଦେଷ୍ଟା ଜିତେନ୍ଦ୍ର କୁମାର ସାହୁ ଓ ଶିକ୍ଷୟିତ୍ରୀ ଯୋଗଜନ୍ମା ବେହେରାଙ୍କର କନିଷ୍ଠ ପୁତ୍ର ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ଅଞ୍ଚଳରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ଇଂ ମାନଗୋବିନ୍ଦ ପଣ୍ଡା କୃତୀ ଛାତ୍ର ସ୍ୱାଭିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସ୍ୱାଭିମାନ ସାହୁଙ୍କ ବାପା ଜିତେନ୍ଦ୍ର ସାହୁ ଓ ମା' ଯୋଗଜନ୍ମା ବେହେରା ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୁତ୍ରର କୃତିତ୍ୱ ପାଇଁ ଧନ୍ୟବାଦ ଜଣାଇଛନ୍ତି।

## ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ




**ପୁରୀ,୧୬/୪/ଏନ୍‌ଏନ୍‌ଏସ୍:** ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ସବ କମିଟି ଅଧ୍ୟକ୍ଷ ଡ଼ ଗିରିଶ ମୁର୍ମୁ ଓ ପୁରୀ ଏସ୍ପି ପ୍ରତୀକ ସିଂ ଏବଂ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ସହ ଅନେକ ଅଧିକାରୀଙ୍କୁ ନେଇ ଏହି ବୈଠକ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ସୁରକ୍ଷିତ ଦର୍ଶନ, ମୋବାଇଲ ଫୋନ୍ କଟକଣା, ଆଣ୍ଟି ଡ୍ରୋନ ଟେକ୍ନୋଲୋଜି ନେଇ ଆଲୋଚନା ହୋଇଥିଲା। ବୈଠକ ପୂର୍ବରୁ ସୁରକ୍ଷା ସବ କମିଟି ଅଧ୍ୟକ୍ଷ ଡ଼ ଗିରିଶ ମୁର୍ମୁ ଓ ଅନ୍ୟାନ୍ୟ ଅଧିକାରୀ ଶ୍ରୀମନ୍ଦିର ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେହିପରି ଶ୍ରୀମନ୍ଦିର ଚାରିଦ୍ୱାରରେ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ, ଫ୍ରୀ ଚେକିଙ୍ଗ୍ ବ୍ୟବସ୍ଥାକୁ ଆହୁରି ଦୃଢ଼ୀଭୂତ କରିବା, ଚାରିଦ୍ୱାରରେ ଖୁବ୍‌ଶୀଘ୍ର ଲଗେଜ ସ୍କାନରର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ସୁରକ୍ଷା ନେଇ ଏନ୍‌ଆଇଏ ଦେଇଥିବା ପରାମର୍ଶକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି।

## କଂଗ୍ରେସ ପକ୍ଷରୁ ବାବା ସାହେବ୍ ଆମ୍ବେଦକରଙ୍କ ଜୟନ୍ତୀ

**ବୟାଳିଶମୌଜା,୧୬/୪/ଏନ୍‌ଏନ୍‌ଏସ୍:** ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ୍ ଡଃ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ କଟକ ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ୪୨ମୌଜାସ୍ଥିତ ବେଣ୍ଟକାରଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବ୍ଲକ କଂଗ୍ରେସ କମିଟି ସଭାପତି ସୀତାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ଓ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ପ୍ରଦୀପ୍ତ କୁମାର ଦାସ ଯୋଗ ଦେଇ ବାବା ସାହେବ୍ ଡଃ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ଅର୍ପଣ କରିବା ସହିତ ବାବା ସାହେବ୍‌ଙ୍କ ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ କଟକ ସଦର କଂଗ୍ରେସର ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ଜିଲ୍ଲା କଂଗ୍ରେସ ର ସାଧାରଣ ସମ୍ପାଦକ ବିପିନ ବିହାରୀ ପଶାୟତ, ଉଗ୍ରସେନ ଭୂୟାଁ, ଦୁର୍ଗା ଶଙ୍କର ଦାଶ, ମଧୁସୂଦନ ସେନାପତି, ରବିନ୍ଦ୍ରନାଥ ଦାସ, ମିହିର ଦାସ, ଜୟନାରାୟଣ ତ୍ରିପାଠୀ, ନିର୍ମଳ ସ୍ୱାଇଁ, ରଜନୀକାନ୍ତ ବସ୍ତିଆ, ନିରଞ୍ଜନ ଲେଙ୍କା, ନାଜମେର ହୁସେନ ଖାନ୍, ପ୍ରଦିପ କୁମାର ସାହୁ, ଦିଲିପ୍ କୁମାର ମହାନ୍ତି, ଆଲୋକ କୁମାର ଜେନା, ତ୍ରିଲୋଚନ ପଟ୍ଟନାୟକ, ତ୍ରିଲୋଚନ ଭୋଇ,ସବିର ମହମ୍ମଦ, ଋଷି କାନ୍ତି, ଅଜୟ କୁମାର ମଲ୍ଲିକ, ଦିଲିପ୍ କୁମାର ବାରିକ, ମହେଶ୍ୱର ମହନ୍ତ, ତାହିର ବେଗ, ଜାହିଦ ଖାଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଦୁର୍ଗା ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ଆସର



**ଚୌଦ୍ୱାର,୧୬/୪/ଏନ୍‌ଏନ୍‌ଏସ୍:** ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ଏକ ବିଷୁବ ଆସର ସ୍ଥାନୀୟ ଶ୍ରମିକ ପରିବାର ଯୁବକ ସଂଘ ଅଫିସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଷୁବ ଆସର ଆମ ସାରସ୍ୱତ ଓ ସାଂସ୍କୃତିକ ଜୀବନର ମନୋଜ୍ଞ ପାର୍ବଣ ବୋଲି ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ବିଷୁବ ଆସରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ସାହିତ୍ୟ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଗୀତିକବି ମନୋଜ ପଟ୍ଟନାୟକ, ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ, ବ୍ୟଙ୍ଗସାହିତ୍ୟ ସ୍ରଷ୍ଟା ରାଧାଶ୍ୟାମ ରାଉଳ ବରେଣ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। କବି ଅକ୍ଷୟ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଆଦିକନ୍ଦ ବିହାରୀ, ରଘୁନାଥ ସ୍ୱାଇଁ, ପଞ୍ଚାନନ ବେହେରା, ଶୁକ ଦେଇ, ଜ୍ୟୋତ୍ସ୍ନାବାଳା ପାଣି, ସୌମ୍ୟଜ୍ୟୋତି ପାଣି, ରେଣୁବାଳା ସ୍ୱାଇଁ, ଜ୍ୟୋତିଶଙ୍କର ମିଶ୍ର, ଅଜିତ କୁମାର ଦାଶ, ନିରଞ୍ଜନ ବେହେରା, ବୀଣାପାଣି ଦାଶ, ସ୍ମୃତିଶ୍ରୀ ଜଗଦେବ, ନାରାୟଣ ଜେନା, ଅକ୍ଷୟ ଫଗୁଣ, ପ୍ରାଚୀ ସାହୁ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ସଂପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନ ସଂପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ସହ ସଂପାଦକ ଭାସ୍କର ପ୍ରସାଦ ମହାପାତ୍ର, ସଦସ୍ୟ ପବିତ୍ର ମୋହନ ସାହୁ, ଶ୍ରମିକ ପରିବାର ଯୁବକ ସଂଘର ସଭାପତି କୈଳାସ ଚନ୍ଦ୍ର ସାହାଣୀ, ହେମନ୍ତ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳରାମ କର, ଶରତ କୁମାର ଖୁଣ୍ଟିଆ, ମାନସ ରଞ୍ଜନ ସାମଲ, ଲକ୍ଷ୍ମୀଧର ଖୁଣ୍ଟିଆ, ନିକୁଞ୍ଜ ବିହାରୀ ପଣ୍ଡା, ଡ. ମମତା ସାହୁ, ବୈଷ୍ଣବ ଚରଣ ପ୍ରଧାନ, ବିଡ଼ି ବର୍ଦ୍ଧନ, ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସଂପାଦିକା ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ



**ଖଣ୍ଡପଡ଼ା,୧୬/୪/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ଭାବେ ପରିଚିତ ଆର୍ତ୍ତବନ୍ଧୁ ଗୋଛାଇଙ୍କର(୮୧) ଗୁରୁବାର ଦିବା ୧ ଘଣ୍ଟା ସମୟରେ ପରଲୋକ ହୋଇଯାଇଛି। ଦୀର୍ଘମାସ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡ଼ିତ ଥିଲେ। ବେଣାଗାଡ଼ିଆ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଭାବେ ସେ ୪ଥର ନିର୍ବାଚିତ ହୋଇ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ। ୯ ରାଜ୍ୟ ଖଣ୍ଡାୟତ ସମାଜର ସଭାପତି ଓ ସଂପାଦକ ଭାବେ ସ୍ୱର୍ଗତ ଗୋଛି ଦାୟିତ୍ୱ ତୁଲାଇଥିଲେ। ଜଣେ ସରଳ, ନିଷ୍କପଟ ଓ ଅମାୟିକ ବ୍ୟକ୍ତି ଭାବେ ସେ ବିଭିନ୍ନ ମହଲରେ ବେଶ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସମେତ ଶହ ଶହ ଜନସାଧାରଣ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଥିବା ବେଳେ ଶବ ଶୋଭାଯାତ୍ରାରେ ଶହଶହ ଜନସାଧାରଣ ସାମିଲ ହୋଇଥିଲେ।

## ବଉଳାବନ୍ଧରେ ରାମନାଟକ ଉଦ୍‌ଯାପିତ



**ଚିଲିକା,୧୬/୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧସ୍ଥ ବିଜେ ଶ୍ରୀ ଶ୍ରୀରଘୁନାଥ ଦେବଙ୍କ ପୀଠରେ ଅନୁଷ୍ଠିତ ଶ୍ରୀରାମ ନାଟକ(ରାମଲୀଳା)ର ଉଦ୍‌ଯାପନୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହା ଆଜକୁ ୮୭ବର୍ଷ ଧରି ମଞ୍ଚସ୍ଥ ହେଉଛି। ଚୈତ୍ର ମାସ ଶୁକ୍ଳପକ୍ଷ ଶ୍ରୀରାମ ନବମୀ ଠାରୁ ୨୧ ଦିନ ବ୍ୟାପୀ ରାତ୍ର ସମୟରେ ଶ୍ରୀରାମନାଟକ ମଞ୍ଚସ୍ଥ ହୋଇଥିଲା। କଳାକାରମାନେ ବିଭିନ୍ନ ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କର ହୃଦୟକୁ ଜିଣିଥିଲେ। ଶ୍ରୀରାମ ନବମୀ ଦିନ ମାନସିକଧାରୀ ଭକ୍ତମାନେ ମାନସିକ କରି ଠାକୁରଙ୍କ ପାଖେ କୁମ୍ଭ ବସାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମାନସୀକଧାରୀମାନେ ନିଜେ ଯେ ଯାହାର କୁମ୍ଭକୁ ମସ୍ତକରେ ଧରି ଗ୍ରାମ୍ୟ ପରିକ୍ରମା କରିବା ପରେ ପୁଷ୍କରଣୀରେ ବିସର୍ଜନ କରିଥିଲେ। ଚଳିତ ବର୍ଷ ସମୁଦାୟ ୧୫୨୩ଟି କୁମ୍ଭ ବସାଯାଇଥିଲା। ପୁରୀ, କଟକ, ନୟାଗଡ଼, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରୁ ଭକ୍ତମାନେ ଆସି କୁମ୍ଭ ବିସର୍ଜନରେ ଯୋଗଦେବା ସହ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କୁ ଦର୍ଶନ କରି ତାଙ୍କର କୃପା ଭିକ୍ଷା କରିଥିଲେ। ଶ୍ରୀରାମ ନବମୀ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ ଯାତ୍ରା କମିଟିର ସଭାପତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ

**ଖୋର୍ଦ୍ଧା,୧୬/୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଜପୁର ଗ୍ରାମରେ ସଦର ଥାନା ପକ୍ଷରୁ ୬୦ ବର୍ଷ ହୋଇଥିବା ବୟୋଜ୍ୟେଷ୍ଠ ପୁରୁଷ ଏବଂ ମହିଳାଙ୍କୁ ମିଶାଇ ୬୫ ଜଣଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ଖୋର୍ଦ୍ଧା ଉପ ଆରକ୍ଷୀ ଅଧିକ୍ଷକ ନିହାରରଞ୍ଜନ ନାୟକ, ସଦର ଥାନା ଅଧିକାରୀ ବାସୁଦେବ ଜୟ ସିଂଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ପରେ ଉକ୍ତ ପରିଚୟ ପତ୍ରର କାର୍ଯ୍ୟ ବିଷୟରେ ବୁଝାଇଥିଲେ ଉପଆରକ୍ଷୀ ଅଧିକ୍ଷକ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ସମାଜ ପ୍ରତିନିଧି ରାଜେଶ ଚନ୍ଦ୍ର ମହାନ୍ତି ଉପସ୍ଥିତ ରହି ପରିଚୟ ପତ୍ରର ଉପକାରିତା ବିଷୟରେ ସୂଚନା ପ୍ରଦାନ କରିଥିଲେ।

## ମା' ମଙ୍ଗଳାଙ୍କ ପୀଠରେ ଅରଟବୁଲା ଯାତ୍ରା



**କଣ୍ଟିଲୋ,୧୬/୪/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଗତକାଲି ମଙ୍ଗଳବାର ଦିନ ଓଡ଼ିଆ ନବବର୍ଷ ବା ମହାବିଷୁବ ପଣା ସଂକ୍ରାନ୍ତି ଉପଲକ୍ଷେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ପଞ୍ଚାୟତ ହରି ସୁବୁଦ୍ଧିପାଟଣା ହରିଜନ ସାହିର ଅଧିବାସୀ ମାନଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଖେଳ ପଡ଼ିଆରେ ମା' ମଙ୍ଗଳାଙ୍କ ପୀଠରେ ୫୩ତମ ଚିରାଚରିତ ପାରମ୍ପରିକ 'ଅରଟ ବୁଲା ଯାତ୍ରା' ଖୁବ ଧୁମ୍‌ଧାମ ତଥା ମହା ଆଡମ୍ବରପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ହରି ସୁବୁଦ୍ଧି ପାଟଣା ହରିଜନ ସାହି ପକ୍ଷରୁ ଚଳିତବର୍ଷ ଏହି ଅରଟ ବୁଲା ଯାତ୍ରା ବାଜା ରୋଷଣୀ ସହ ଅନୁଷ୍ଠିତ ହୋଇଯାଇଛି। ଅରଟ ଯାତ୍ରା ଉପଲକ୍ଷେ ପାଣୁ ସାହୁ ପାଟଣା ବଡପୋଖରୀ ଠାରେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା ପରେ କାଳେସୀ କଣ୍ଟା ଫୋଡିଥାନ୍ତି। ସେଠାରୁ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଅରଟ ଖୁମ୍ବ ନିକଟରେ ପହଞ୍ଚିବା ପରେ ପୂଜାପାଠ ଆରମ୍ଭ ହୋଇଥିଲା। ଅରଟ ବୁଲିବା ପାଇଁ ମଙ୍ଗଳାଙ୍କ କାଳେସୀ ନିର୍ଦ୍ଦେଶ ଦେବାପରେ କାଠ ନିର୍ମିତ ଅରଟିରେ ପିଠିରେ କଣ୍ଟା ଫୋଡା ହୋଇଥିବା ବ୍ୟକ୍ତି ଅରଟିରେ ଡୋର ସାହାଯ୍ୟରେ ହାତ ଛାଡି ବୁଲିବା ସହିତ ବନ୍ଧା ଯାଇଥିବା ଆମ୍ବକୁ ଫୋପାଡ଼ିଥାନ୍ତି। ଏହି ଯାତ୍ରା ଦେଖିବାକୁ ପ୍ରାୟ ୫୦ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଜନସମାଗମ ହୋଇଥିଲା। ସରକାରଙ୍କ ସହଯୋଗ ରହିଲେ ଏହି ଯାତ୍ରା ଆହୁରି ସରସ ସୁନ୍ଦର ହୋଇପାରିନ୍ତା ବୋଲି ହରିଜନ ସମାଜର ସଭାପତି ରାଜକିଶୋର ନାୟକ ମତବ୍ୟକ୍ତ କରିଥିଲେ।

## ଶୁଦ୍ଧାନନ୍ଦ ବିଦ୍ୟାଳୟର ଶତପ୍ରତିଶତ ସଫଳତା

**ଫୁଲନଖରା,୧୬/୪/ଏନ୍‌ଏନ୍‌ଏସ୍:** ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଶୁଦ୍ଧାନନ୍ଦ ବିଦ୍ୟାଳୟ ନଛିପୁରର ଛାତ୍ରଛାତ୍ରୀମାନେ ପୁନର୍ବାର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଛାତ୍ର ସତ୍ୟଜିତ ସାହୁ ୯୫ପ୍ରତିଶତ ପ୍ରାପ୍ତାଙ୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ସୁରଜ ପ୍ରସାଦ ଦାଶ ୯୪.୪ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ, ସୁଦେଷ୍ଣା ମିଶ୍ର ୯୪.୨ ପ୍ରତିଶତ ନମ୍ବର ରଖି ତୃତୀୟ ଓ ଅରୋସ୍ମିତା ଦାଶ ୯୧ ପ୍ରତିଶତ ପ୍ରାପ୍ତାଙ୍କ ରଖି ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ଏହି ସଫଳତା ପାଇଁ ସ୍ୱାମୀ ଶୁଦ୍ଧାନନ୍ଦ, ସ୍ୱାମୀ ଆତ୍ମାନନ୍ଦ, ବ୍ରହ୍ମଚାରିଣୀ ମନୀଷା ଚୈତନ୍ୟ ଓ ଅଧ୍ୟକ୍ଷା ପ୍ରଣୟିନୀ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶପତ୍ର ବଣ୍ଟନ ମେଳା



**ଖଣ୍ଡପଡ଼ା,୧୬/୪/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ସହରର ପଠାଣି ସାମନ୍ତ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୯୭ଜଣ ହିତାଧିକାରୀଙ୍କୁ ବୁଧବାର କାର୍ଯ୍ୟାଦେଶପତ୍ର ବଣ୍ଟନ କରାଯାଇଥିବା ଜଣାପଡିଛି। ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଯୁବ ସମାଜସେବୀ ବିଧାନଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଖଣ୍ଡପଡ଼ା ସହରର ବିଭିନ୍ନ ୱାର୍ଡର ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶପତ୍ର ବଣ୍ଟନ କରିଥିଲେ। ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ବିଭିନ୍ନ ୱାର୍ଡରୁ କାଉନସିଲର ଓ ଜନସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ନିତି ଭାରତୀ**

ଆମର ମାନବୀୟ ଜ୍ଞାନ ହେଉଛି ସୂର୍ଯ୍ୟଙ୍କ ଭଳି ପ୍ରତିଭାତ ସତ୍ୟ ସମ୍ମୁଖରେ ଏକ କ୍ଷୀଣ ଆଲୋକ ପ୍ରଦାନକାରୀ ମହମବତୀ ସଦୃଶ।
- ଶ୍ରୀ ଅରବିନ୍ଦ

NITIDIN
ନିତିଦିନ
ଶୁକ୍ରବାର, ୧୭ ଏପ୍ରିଲ ୨୦୨୬

# ପ୍ଲାଷ୍ଟିକ୍ ଆବର୍ଜନା ଓ ଆଇନ



ସନ୍ତୋଷ କୁମାର ମିଶ୍ର

ପ୍ଲାଷ୍ଟିକ୍ରୁ ନିର୍ମିତ ଦ୍ରବ୍ୟ ଆଧୁନିକ ମାନବ ସଭ୍ୟତାର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଗଲାଣି। ପରିବେଶ ଉପରେ ଏହାର ଅଜସ୍ର ପ୍ରତିକୂଳ ପ୍ରଭାବ ସତ୍ତ୍ୱେ ଏହାକୁ ନିଷିଦ୍ଧ କରିବା ସମ୍ଭବ ନୁହେଁ। ଏହାର ଏକ ଉତ୍ତମ ବିକଳ୍ପ ଖୋଜିବାରେ ମଧ୍ୟ ଆମେ ସକ୍ଷମ ହୋଇ ପାରି ନାହୁଁ। ତେଣୁ ଆମେ ବ୍ୟବହାର କରୁଥିବା ପ୍ଲାଷ୍ଟିକ୍କୁ ଯଥା ସମ୍ଭବ ପୁନଃବ୍ୟବହାର ଓ ପୁନଃପ୍ରକ୍ରିୟାକରଣ କରାଯିବା ଅପରିହାର୍ଯ୍ୟ। ଏହାଦ୍ୱାରା ପ୍ଲାଷ୍ଟିକ୍ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସମ୍ଭବ ହେବ ବୋଲି ଆଶା କରାଯାଉଛି। ଭାରତ ବିଶ୍ୱର ସର୍ବବୃହତ୍ତମ ପ୍ଲାଷ୍ଟିକ୍ ବର୍ଜ୍ୟ ଉତ୍ପାଦକ। ବିଶ୍ୱରେ ଉତ୍ପନ୍ନ ହେଉଥିବା ମୋଟ ପ୍ଲାଷ୍ଟିକ୍ ଆବର୍ଜନାର ଅର୍ଦ୍ଧ ଭାଗ ଭାରତରେ ସୃଷ୍ଟି ହୁଏ। ଉକ୍ତ ପ୍ଲାଷ୍ଟିକ୍ ପ୍ରଦୂଷଣ ଏକ ଗମ୍ଭୀର ପରିବେଶଗତ ଏବଂ ସ୍ୱାସ୍ଥ୍ୟଗତ ଆହ୍ୱାନ ସୃଷ୍ଟି କରିଛି। ୨୦୨୪ରେ 'ନେଚର' ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁସାରେ, ଭାରତରେ ପ୍ରତି ବର୍ଷ ପ୍ରାୟ ୯.୩ ମିଲିୟନ୍ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ଉତ୍ପନ୍ନ ହୁଏ, ଯେଉଁଥିରୁ ୩.୫ ମିଲିୟନ୍ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ନଦୀ, ସମୁଦ୍ର, ବାୟୁ ଏବଂ ଭୂମିରେ ପ୍ରବେଶ କରି ପରିବେଶକୁ ପ୍ରଭାବିତ କରିଥାଏ। କାଳକ୍ରମେ ପ୍ଲାଷ୍ଟିକ୍ର ଅତ୍ୟନ୍ତ କ୍ଷୁଦ୍ର କଣିକା ଆମ ଶରୀର ମଧ୍ୟକୁ ପ୍ରବେଶ କରେ। ଗୋଟିଏ ସପ୍ତାହ ମଧ୍ୟରେ ଆମର ଶ୍ୱାସକ୍ରିୟା, ଖାଦ୍ୟ ଓ ପାନୀୟ ମାଧ୍ୟମରେ ପ୍ରାୟ ୫ ଗ୍ରାମ୍ରୁ (ଏକ ଏଟିଏମ୍ କାର୍ଡ ସହିତ ସମାନ) ଅଧିକ ପ୍ଲାଷ୍ଟିକ୍ ଶରୀର ମଧ୍ୟକୁ ପ୍ରବେଶ କରେ ବୋଲି ପ୍ରମାଣିତ ହୋଇଛି। ଭାରତରେ ପ୍ଲାଷ୍ଟିକ୍ ଆବର୍ଜନାର ସୁପରିଚାଳନା ନିମନ୍ତେ ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ଲାଷ୍ଟିକ୍ ଆବର୍ଜନା ପରିଚାଳନା ଆଇନ ୨୦୧୬ ପ୍ରଣୟନ କରାଯାଇଛି। ଏହାର ପରବର୍ତ୍ତୀ ସମୟରେ ସରକାର ଆଇନରେ ୨୦୧୮, ୨୧, ୨୨, ୨୪ ଓ ୨୫ ମସିହାରେ ସଂଶୋଧନ କରିଥିଲେ। ନିକଟରେ ବଜେଟ ଅଧିବେଶନରେ ଏହି ଆଇନରେ ମଧ୍ୟ ଏକ ସଂଶୋଧନ କରାଯାଇଛି। ପ୍ରତ୍ୟେକ ସଂଶୋଧନରେ ପ୍ଲାଷ୍ଟିକ୍ ଉତ୍ପାଦକ ଓ ତାହାକୁ ବ୍ୟବହାର କରୁଥିବା ବ୍ୟବସାୟ ପ୍ରତିଷ୍ଠାନମାନଙ୍କ ଉପରେ ଅଧିକ ଦାୟିତ୍ୱ ବୃଦ୍ଧି କରିବା, ଆଇନରେ ଥିବା ଦୁର୍ବଳତାକୁ ହ୍ରାସ କରିବା, ତଥ୍ୟରେ ସ୍ୱଚ୍ଛତା ଆଣିବା ଏବଂ ବର୍ଜ୍ୟ ପରିଚାଳନା ପ୍ରକ୍ରିୟାକୁ ଉନ୍ନତ କରିବା ପାଇଁ ସମସ୍ତଙ୍କୁ ପ୍ରେରିତ କରିବା ସମ୍ଭବ ହୋଇଛି ବୋଲି ସରକାର ଦାବି କରନ୍ତି। ୨୦୨୧ରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଉପରେ ନିଷିଦ୍ଧାଜ୍ଞା ଜାରି ହୋଇଥିଲା। ୨୦୨୨ରେ ଆଇନରେ ସଂଶୋଧନ କରାଯାଇ ବିସ୍ତୃତ ଉତ୍ପାଦକ ଦାୟିତ୍ୱ ବା ଇପିଆର୍ ପ୍ରଚଳନ କରାଯାଇଛି। ପୂର୍ବରୁ ପ୍ଲାଷ୍ଟିକ୍ ବର୍ଜ୍ୟ ବସ୍ତୁକୁ ସଠିକ୍ ଭାବରେ ପରିଚାଳନା କରିବା କେବଳ ଖାଉଟିମାନଙ୍କ ଦାୟିତ୍ୱ ଭାବରେ ସୀମିତ ଥିବା ବେଳେ ଇପିଆର୍ ପ୍ରଚଳନ ଫଳରେ ପ୍ଲାଷ୍ଟିକ୍ ଉତ୍ପାଦକ, ଆମଦାନୀକାରୀ ଓ ପ୍ଲାଷ୍ଟିକ୍କୁ ବ୍ୟବହାର କରି ବିଭିନ୍ନ ପ୍ରକାରର ଦ୍ରବ୍ୟର ପ୍ୟାକିଂ କରୁଥିବା କମ୍ପାନୀମାନଙ୍କ ପାଇଁ ସେମାନେ ପ୍ରତି ବର୍ଷ ବଜାରକୁ ଛାଡୁଥିବା ପ୍ଲାଷ୍ଟିକ୍କୁ ଗ୍ରାହକମାନେ ବ୍ୟବହାର କରି ସାରିବା ପରେ ସେହି ପ୍ଲାଷ୍ଟିକ୍କୁ ସଂଗ୍ରହ କରି ତାହାର ପୁନଃପ୍ରକ୍ରିୟାକରଣ କରି ଓ ସେହି ପ୍ଲାଷ୍ଟିକ୍କୁ ପୁନର୍ବାର ଉତ୍ପାଦନରେ ବିନିଯୋଗ କରିବାକୁ ବାଧ୍ୟତାମୂଳକ କରାଗଲା। ଇପିଆର୍ ବ୍ୟବସ୍ଥା ପ୍ରଚଳନ ଆରମ୍ଭ ସମୟରେ କମ୍ପାନୀମାନଙ୍କ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଯେ ୨୦୨୧-୨୨ ଆର୍ଥିକ ବର୍ଷରେ ଯେତିକି ପ୍ଲାଷ୍ଟିକ୍ ବଜାର ମଧ୍ୟକୁ ପ୍ରବେଶ କରିଥିବ, ତାହାର ୩୫ ଶତାଂଶ , ୨୦୨୨-୨୩ରେ ୭୦ ଶତାଂଶ ଓ ୨୦୨୪-୨୫ରେ ଶତ ପ୍ରତିଶତ ପୁନଃପ୍ରକ୍ରିୟାକରଣ କରିବାକୁ ହେବ। ଇପିଆର୍ରେ କମ୍ପାନୀମାନେ ଯଦି ନିଜର ଲକ୍ଷ୍ୟ ପୂରଣ କରିବା ପାଇଁ ସମର୍ଥ ହେବେ ନାହିଁ, ତେବେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି।

ଆଇନରେ ସଦ୍ୟ ସଂଶୋଧନରେ ଇପିଆର୍ ନିୟମାବଳୀରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ପ୍ୟାକିଂରେ କମ୍ପାନୀମାନେ କେତେ ପରିମାଣରେ ପୁନଃପ୍ରକ୍ରିୟାକରଣ ପ୍ଲାଷ୍ଟିକ୍କୁ ବ୍ୟବହାର କରିବେ, ସେଥିପାଇଁ ନିୟମ କରାଯାଇଛି। ପ୍ରଥମ ବର୍ଗ ପ୍ଲାଷ୍ଟିକ୍ ବା କଠିନ ପ୍ଲାଷ୍ଟିକ୍ କ୍ଷେତ୍ରରେ ୨୦୨୫-୨୬ରେ ୩୦ ପ୍ରତିଶତ ପୁନଃପ୍ରକ୍ରିୟାକରଣ ପ୍ଲାଷ୍ଟିକ୍ ବ୍ୟବହାର ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଥିବା ବେଳେ ୨୦୨୮-୨୯ ବେଳକୁ ଏହାକୁ ୬୦ ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖା ଯାଇଛି। ଅନୁରୂପ ଦ୍ୱିତୀୟ ବର୍ଗ ପ୍ଲାଷ୍ଟିକ୍ ବା ନମନୀୟ ପ୍ଲାଷ୍ଟିକ୍ ପାଇଁ ୨୦୨୫-୨୬ରେ ୧୦%, ପରେ ୨୦% ବ୍ୟବହାର କରିବା ପାଇଁ କମ୍ପାନୀମାନଙ୍କୁ କୁହାଯାଇଛି। ତୃତୀୟ ବର୍ଗରେ ରହିଛି ବହୁସ୍ତରୀୟ ପ୍ଲାଷ୍ଟିକ୍ ଓ ଏହାର ଉତ୍ପାଦନରେ ୨୦୨୫-୨୬ରେ ୫% ଓ ଏହା ପରେ ୧୦% ପର୍ଯ୍ୟନ୍ତ ପୁନଃପ୍ରକ୍ରିୟାକରଣ ପ୍ଲାଷ୍ଟିକ୍ ବ୍ୟବହାର ପାଇଁ ଲକ୍ଷ୍ୟ ରଖା ଯାଇଛି। ନିୟମାବଳୀରେ କଠିନ ପ୍ୟାକେଜିଂ ପାଇଁ ପୁନଃବ୍ୟବହାର ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଛି। ୨୦୨୫-୨୬ ପାଇଁ ପୁନଃବ୍ୟବହାରରେ ଅନ୍ତର୍ଭୁକ୍ତ ହୋଇଛି ଛୋଟ ପାତ୍ର (୦.୯–୪.୯ ଲିଟର) ପାଇଁ ୧୦%, ବଡ଼ ପାଣି ପ୍ୟାକେଜିଂ ପାଇଁ ୭୦% ଏବଂ ବଡ଼ ଅନ୍ୟାନ୍ୟ (ପାଣି ବ୍ୟତୀତ) ପ୍ୟାକେଜିଂ ପାଇଁ ୧୦%, ଯାହା କ୍ରମଶଃ ବୃଦ୍ଧି ପାଇବ।



ଏହାଦ୍ୱାରା 'ବ୍ୟବହାର କର ଓ ଫୋପାଡ଼ି ଦିଅ' ସଂସ୍କୃତି ଦ୍ୱାରା ହୁ ହୁ ହୋଇ ବୃଦ୍ଧି ପାଉଥିବା ପ୍ଲାଷ୍ଟିକ୍ ଆବର୍ଜନାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିବା ସମ୍ଭବ ହେବ ବୋଲି ଆଶା କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଖାଦ୍ୟ, ପାନୀୟ ଓ ଔଷଧର ପ୍ୟାକିଂରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍କୁ ସୁରକ୍ଷା ଦୃଷ୍ଟିକୋଣରୁ ଏହି ନିୟମ ବାହାରେ ରଖା ଯାଇଛି। କମ୍ପାନୀମାନେ ଯେଉଁ ଦ୍ରବ୍ୟକୁ ପ୍ୟାକିଂରେ ପୁନଃପ୍ରକ୍ରିୟାକରଣ ପ୍ଲାଷ୍ଟିକ୍କୁ ବ୍ୟବହାର କରିବେ, ସେହି ଦ୍ରବ୍ୟର ପ୍ୟାକିଂରେ ଏହାକୁ ସ୍ପଷ୍ଟ ଭାବରେ ଗ୍ରାହକମାନଙ୍କ ଅବଗତି ନିମନ୍ତେ ଉଲ୍ଲେଖ କରିବେ। କମ୍ପାନୀମାନେ କେତେ ପ୍ଲାଷ୍ଟିକ୍ ଆବର୍ଜନାକୁ ପୁନଃପ୍ରକ୍ରିୟାକରଣ କରି ଉପଯୋଗ କରିବା ପାଇଁ ପ୍ଲାଷ୍ଟିକ୍ ପ୍ରସ୍ତୁତ କରି କିପରି ବିନିଯୋଗ କରିଛନ୍ତି, ତାହାର ବିସ୍ତୃତ ତଥ୍ୟ ଏକ କେନ୍ଦ୍ରୀୟ ପୋର୍ଟାଲ ମାଧ୍ୟମରେ ସଂଗ୍ରହ କରାଯିବ।

ଯଦି ଇପିଆର୍ ମାଧ୍ୟମରେ ଏହି ଲକ୍ଷ୍ୟ ପୂରଣ କରିବାରେ କମ୍ପାନୀମାନେ ଅସମର୍ଥ ହୁଅନ୍ତି, ତେବେ କମ୍ପାନୀମାନଙ୍କୁ ଦଣ୍ଡିତ କରାଯିବ ନାହିଁ। ବରଂ ଲକ୍ଷ୍ୟ ପୂରଣ ପାଇଁ ସେମାନଙ୍କୁ ସୁଯୋଗ ପ୍ରଦାନ କରାଯିବ। ଯେଉଁ କମ୍ପାନୀଗୁଡ଼ିକ ୨୦୨୫-୨୬ରେ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରି ପାରିବେ ନାହିଁ, ସେମାନେ ସେହି ବ୍ୟବଧାନକୁ ତିନି ବର୍ଷ ପର୍ଯ୍ୟନ୍ତ (୨୦୨୮-୨୯) ଆଗକୁ ବଢ଼ାଇ ପାରିବେ। କିନ୍ତୁ ସେଥିପାଇଁ ଏକ ସର୍ତ୍ତ ରହିଛି ଯେ ସେହି ବ୍ୟବଧାନର ଅତି କମ୍ରେ ଏକ-ତୃତୀୟାଂଶ ଅଂଶ ପ୍ରତ୍ୟେକ ଆର୍ଥିକ ବର୍ଷ ମଧ୍ୟରେ ପୂରଣ କରିବେ। ଆଇନରେ ସଂଶୋଧନ କରାଯାଇ ବିନିମୟଯୋଗ୍ୟ ପ୍ରମାଣପତ୍ର ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ, ଯେଉଁ କମ୍ପାନୀଗୁଡ଼ିକ ଲକ୍ଷ୍ୟ ଅପେକ୍ଷା ଅଧିକ ପୁନଃଚକ୍ରିୟ କରିଥାନ୍ତି, ସେମାନଙ୍କଠାରୁ ଋଣ ଆଣି ଅନ୍ୟ କମ୍ପାନୀଗୁଡ଼ିକ ନିଜର ଦାୟିତ୍ୱ ପୂରଣ କରି ପାରିବେ। ଏହା ଫଳରେ ଶିଳ୍ପ କ୍ଷେତ୍ରରେ ପୁନଃ ପ୍ରକ୍ରିୟାକରଣ ପାଇଁ ରହିଥିବା ଆଭ୍ୟନ୍ତରୀଣ ସମସ୍ୟାକୁ ଦୂର କରିବା ସମ୍ଭବ ହେବ ବୋଲି ଆଶା କରାଯାଉଛି।

ଗତ ଏକ ଦଶନ୍ଧି ଧରି ପ୍ଲାଷ୍ଟିକ୍ ଆବର୍ଜନା ପରିଚାଳନା ଆଇନ ପ୍ରଣୟନ ହେବା ସହିତ ସମୟୋପଯୋଗୀ ଉପଯୁକ୍ତ ସଂଶୋଧନ କରାଯାଇ ଆସୁଥିଲେ ମଧ୍ୟ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ। ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟସଭାରେ ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁସାରେ, ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତରେ ୪.୧୩ ମିଲିୟନ୍ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ବସ୍ତୁ ସୃଷ୍ଟି ହୋଇଥିଲା। କିନ୍ତୁ ଇପିଆର୍ ବ୍ୟବସ୍ଥା ମାଧ୍ୟମରେ ୨୦୨୨-୨୩ରେ ୨.୫ ମିଲିୟନ ଟନ୍ ପ୍ଲାଷ୍ଟିକ୍ ଆବର୍ଜନାକୁ ପୁନଃପ୍ରକ୍ରିୟାକରଣ କରିବା ସମ୍ଭବ ହୋଇ ପାରିଥିଲା। ଯେତିକି ପ୍ଲାଷ୍ଟିକ୍ ବର୍ଜ୍ୟ ବସ୍ତୁ ସୃଷ୍ଟି ହେଉଛି, ଅତି ବେଶୀରେ ତାହାର ଷାଠିଏ ଶତାଂଶକୁ ପୁନଃପ୍ରକ୍ରିୟାକରଣ କାରଖାନାକୁ ପଠାଯାଇ ପାରୁଛି। ଇପିଆର୍ ନୀତିରେ ୨୦୨୫-୨୬ ପାଇଁ ସ୍ଥିର କରାଯାଇଥିବା ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରି ନାହିଁ। ତେଣୁ ବର୍ତ୍ତମାନ ସଂଶୋଧନରେ କମ୍ପାନୀମାନଙ୍କୁ ନିଜର ପ୍ଲାଷ୍ଟିକ୍କୁ ପୁନଃବ୍ୟବହାର କରିବା ପାଇଁ ଯେଉଁ ଲମ୍ବା ସମୟ ପ୍ରଦାନ କରାଯାଇଛି, ଏହାଦ୍ୱାରା କମ୍ପାନୀମାନେ ବର୍ଜ୍ୟ ବସ୍ତୁର ପରିଚାଳନାରେ ଅଧିକ କୋହଳ ମନୋଭାବ ଗ୍ରହଣ କରି ପାରନ୍ତି ବୋଲି ଆଶଙ୍କା ସୃଷ୍ଟି ହୋଇଛି।

ଏହା ସହିତ ଇପିଆର୍ ବ୍ୟବସ୍ଥାରେ ସ୍ୱଚ୍ଛତା ନାହିଁ। ପ୍ରତି ଏକ ଟନ୍ ପ୍ଲାଷ୍ଟିକ୍ ଆବର୍ଜନାକୁ ପୁନଃପ୍ରକ୍ରିୟାକରଣ କରି ସାରିବା ପରେ ଏକ ପ୍ରମାଣପତ୍ର ପୁନଃ ପ୍ରକ୍ରିୟାକରଣ କାରଖାନା ପ୍ଲାଷ୍ଟିକ୍ ଉତ୍ପାଦକକୁ ପ୍ରଦାନ କରେ। ୨୦୨୩ ଅକ୍ଟୋବର ମାସରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଓ ଅନ୍ୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ପକ୍ଷରୁ ଏକ ତଦନ୍ତରେ ଜଣା ପଡ଼ିଲା ଯେ ପ୍ଲାଷ୍ଟିକ୍ ପୁନଃପ୍ରକ୍ରିୟାକରଣ କେନ୍ଦ୍ର ପକ୍ଷରୁ ପ୍ରାୟ ସାତ ଲକ୍ଷରୁ ଅଧିକ ନକଲି ପ୍ରମାଣପତ୍ର କମ୍ପାନୀମାନଙ୍କୁ ପ୍ରଦାନ କରାଯାଇଛି। କାରଖାନାମାନଙ୍କ ପୁନଃପ୍ରକ୍ରିୟାକରଣ କ୍ଷମତାଠାରୁ ଏହା ୩୮ ଗୁଣ ଅଧିକ ଥିଲା। ତେଣୁ ସରକାର ବିନିମୟଯୋଗ୍ୟ ପ୍ରମାଣପତ୍ର ବ୍ୟବସ୍ଥା ପ୍ରଚଳନ ଆରମ୍ଭ କରିବା ପରେ ଏହି କ୍ଷେତ୍ରରେ ଦୁର୍ନୀତିକୁ ଠାବ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେହିପରି ଏକ ସୁଦୃଢ଼ ବ୍ୟବସ୍ଥାର ପ୍ରଚଳନର ଆବଶ୍ୟକତା ରହିଛି।

ଖାଦ୍ୟ ଓ ପାନୀୟକୁ ପ୍ୟାକିଂ କରିବାରେ ପ୍ରଚୁର ମାତ୍ରାରେ ପ୍ଲାଷ୍ଟିକ୍ ବ୍ୟବହୃତ ହୁଏ। ମୋଟ ପ୍ଲାଷ୍ଟିକ୍ ଆବର୍ଜନାର ୫୦ ଶତାଂଶରୁ ଅଧିକ କେବଳ ବିଭିନ୍ନ ପ୍ରକାରର ଖାଦ୍ୟ ଓ ପାନୀୟ ଦ୍ରବ୍ୟ ପ୍ୟାକିଂରୁ ସୃଷ୍ଟି ହୁଏ। କିନ୍ତୁ ଏହି କ୍ଷେତ୍ରକୁ ପୁନଃଉପଯୋଗ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇ ନଥିବାରୁ ଏଥିରୁ ଉତ୍ପନ୍ନ ହେଉଥିବା ପ୍ଲାଷ୍ଟିକ୍ ଆବର୍ଜନାକୁ ନିୟନ୍ତ୍ରଣ କରିବା କେତେଦୂର ସମ୍ଭବ ହେବ, ତାହା ସନ୍ଦେହ ସୃଷ୍ଟି କରିଛି।

ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ଏକ ପ୍ରମୁଖ ଗବେଷଣା ସଂସ୍ଥା ଟକ୍ସିକସ୍ ଲିଙ୍କ ପକ୍ଷରୁ ଗତ ବର୍ଷ ଏପ୍ରିଲରୁ ଅଗଷ୍ଟ ମାସ ମଧ୍ୟରେ ଭାରତର ୫୬୦ଟି ସହରରେ ଏକ ସର୍ବେକ୍ଷଣ କରାଯାଇଥିଲା। ସେଥି ମଧ୍ୟରୁ ୮୪ ଶତାଂଶ ସ୍ଥାନରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ର ବ୍ୟବହାର ଉପରେ କୌଣସି ନିୟନ୍ତ୍ରଣ ନଥିବା ଜଣା ପଡ଼ିଛି। ଏହି ସର୍ବେକ୍ଷଣରେ ଭୁବନେଶ୍ୱର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏହା ପଛରେ ଦିଲ୍ଲୀ, ମୁମ୍ବାଇ ପରି ମହାନଗରୀ ରହିଛି। ୯୧ ପ୍ରତିଶତ ଛୋଟ ଛୋଟ ବେପାରୀ କହିଛନ୍ତି ଯେ ଗ୍ରାହକମାନଙ୍କ ପାଇଁ ପତଳା ପଲିଥିନ୍ ବ୍ୟାଗ୍ନ ରଖିଲେ ଜିନିଷ ବିକ୍ରି ହୁଏ ନାହିଁ। ଭାରତର ସଙ୍ଗଠିତ ବଜାର ଅପେକ୍ଷା ଅଣସଙ୍ଗଠିତ ବଜାରର ଆକାର ବହୁତ ବଡ଼। ସେଠାରେ ବିଶେଷ ଭାବରେ ପତଳା ପଲିଥିନ୍ ବ୍ୟାଗ୍ର ବ୍ୟାପକ ବ୍ୟବହାର ନାଗରିକମାନେ ପରିବେଶ ପ୍ରତି କେତେ ଦାୟିତ୍ୱହୀନ, ତାହା ସୂଚାଇ ଦେଉଥିବା ବେଳେ ଏକ ଅତ୍ୟନ୍ତ ସମ୍ବେଦନଶୀଳ କ୍ଷେତ୍ରରେ ପ୍ରଶାସନ କିପରି ନିଷ୍କ୍ରିୟ, ତାହା ମଧ୍ୟ ଜଣାପଡ଼େ। ଏକକ ବ୍ୟବହୃତ ପ୍ଲାଷ୍ଟିକ୍କୁ ସଂଗ୍ରହ କରି ପୁନଃପ୍ରକ୍ରିୟାକରଣ କିମ୍ବା ପୁନଃବ୍ୟବହାର ଉପଯୋଗୀ କରିବା ସମ୍ଭବ ନୁହେଁ। ତେଣୁ ଏହା କିପରି ଭାବରେ ଆମର ପରିବେଶକୁ ପ୍ରଭାବିତ କରୁଥିବ, ତାହା ସହଜରେ ଅନୁମେୟ।

ଭାରତରେ ପ୍ଲାଷ୍ଟିକ୍ ଆବର୍ଜନାର ପ୍ରାୟ ୮୦ ଶତାଂଶରୁ ଅଧିକ ଅଣସଙ୍ଗଠିତ କ୍ଷେତ୍ର ଦ୍ୱାରା ପୁନଃପ୍ରକ୍ରିୟାକରଣ କେନ୍ଦ୍ରକୁ ଆସିଥାଏ। ଆଇନରେ ଅଣସଙ୍ଗଠିତ କ୍ଷେତ୍ର ପାଇଁ କିଛି ବ୍ୟବସ୍ଥା କରାଯାଇ ପାରିଲେ ପୁନଃପ୍ରକ୍ରିୟାକରଣର ହାର ଅଧିକ ବୃଦ୍ଧି ପାଇ ପାରନ୍ତା ଓ ଅତ୍ୟନ୍ତ ଦରିଦ୍ର ଶ୍ରେଣୀର ବର୍ଗ, ଯେଉଁମାନେ ଏଥିରେ କାର୍ଯ୍ୟ କରନ୍ତି, ସେମାନେ ମଧ୍ୟ ନିଜ ଶ୍ରମର ଉପଯୁକ୍ତ ମଜୁରି ପ୍ରାପ୍ତ କରି ପାରନ୍ତେ। ପ୍ଲାଷ୍ଟିକ୍ ଆବର୍ଜନାକୁ ନିୟନ୍ତ୍ରଣ କରିବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକ, ଉଦ୍ୟୋଗ ଏବଂ ସର୍ବୋପରି ସମାଜର ସମ୍ମିଳିତ ପ୍ରୟାସ ହେବା ବିଧେୟ।

**ବେଲେଶ୍ୱର, ନୟାବଜାର, କଟକ**
**ମୋ: ୯୪୩୭୧୨୮୪୬୪**
msantosh64@yahoo.com

# ସେହି ଟଲ୍ମ୍ୟାନ୍ଙ୍କ ସ୍ମରଣେ...



ହିମାଂଶୁ ଶେଖର ଆଚାର୍ଯ୍ୟ

କେବଳ ଉଚ୍ଚତାରେ ନୁହେଁ, ବ୍ୟକ୍ତିତ୍ୱରେ ଥିଲେ ସେ 'ଟଲ୍ମ୍ୟାନ୍' ବା ଉତ୍ତୁଙ୍ଗ ପୁରୁଷ। ତାଙ୍କର ବିଶାଳ ହୃଦୟ, ବିଚକ୍ଷଣ କାର୍ଯ୍ୟଶୈଳୀ ଓ ମହାନୁଭବତା ତାଙ୍କୁ କେବଳ ଓଡ଼ିଶାର ଭୌଗୋଳିକ ସୀମା ମଧ୍ୟରେ ସୀମିତ କରି ରଖି ନଥିଲା। ସେ ଥିଲେ ଜନତାର ନେତା, ରାଷ୍ଟ୍ରନୀତିଜ୍ଞ। କେବଳ ପ୍ରବାଦ ପୁରୁଷ କହିଲେ ଯଥେଷ୍ଟ ହେବନାହିଁ। ଝଡ଼ର ଇଗଲ ଓ ମାଟିର ମୂର୍ତ୍ତିକାର ବି ପର୍ଯ୍ୟାପ୍ତ ନୁହେଁ ତାଙ୍କୁ ସାମଗ୍ରିକ ଭାବେ ଚିତ୍ରିତ କରିବାରେ। ଜୀବନସାରା ନଜିର ପରେ ନଜିର ସୃଷ୍ଟି କରିବାରେ ହିଁ ତାଙ୍କର ରେକର୍ଡ଼। ସେ ହେଉଛନ୍ତି ବିଜୟାନନ୍ଦ ପଟ୍ଟନାୟକ-ସବୁରି ପ୍ରିୟ ବିଜୁ ପଟ୍ଟନାୟକ। ବିଜୁ ପଟ୍ଟନାୟକଙ୍କ ଜନ୍ମ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖ ଓ ତିରୋଧାନ ୧୯୯୭ ମସିହା ଏପ୍ରିଲ ୧୭ ତାରିଖ। ଦୀର୍ଘ ୮୧ ବର୍ଷର ଜୀବନ ଯାତ୍ରା। ଜୀବଦ୍ଦଶାରେ ଯିଏ ସୃଷ୍ଟି କରିଥିଲେ ରାଜନୀତିରେ ଚହଳ ପରେ ଚହଳ, ତିରୋଧାନର ୨୯ ବର୍ଷ ପରେ ବି ସେଇ ପ୍ରବାଦ ପୁରୁଷ ପାଲଟିଛନ୍ତି ସମସ୍ତଙ୍କର କେନ୍ଦ୍ରବିନ୍ଦୁ।

ବିଜୁ ପଟ୍ଟନାୟକ- କାହିଁ କେହି ତ କୁହନ୍ତି ନାହିଁ ବିଜୟାନନ୍ଦ ପଟ୍ଟନାୟକ! ଏତେ ଲୋକପ୍ରିୟତା କାହିଁକି ଏହି ନାଁରେ? ନାଁଟିକୁ କହିଦେଲେ ମନରେ ହୃତ୍କମ୍ପ ସୃଷ୍ଟି ହୁଏ। ବଙ୍କିମ୍ ଚନ୍ଦ୍ରଙ୍କ 'ବନ୍ଦେ ମାତରଂ', ସୁଭାଷ ବୋଷଙ୍କ 'ଜୟହିନ୍ଦ' କହିବା ପରି ଏକ ସ୍ୱରରେ ବିଜୁ ପଟ୍ଟନାୟକ ନାଁଟି କହିଦେଲେ ମନରେ କାହିଁକି ଉନ୍ମାଦନା ଆସେ। ସତେ ଯେମିତି ଓଡ଼ିଆ ସହିତ ବିଜୁ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ସହିତ ଓଡ଼ିଆ ଏକାକାର ହୋଇ ଯାଇଛନ୍ତି। ବିଜୁ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ଦୁଃସାହସିକ ବୈମାନିକ, ଦୂରଦର୍ଶୀ ଶିଳ୍ପପତି, ଉଚ୍ଚକୋଟୀର କ୍ରୀଡ଼ାବିତ୍, ଦକ୍ଷ କ୍ରୀଡ଼ା ସଙ୍ଗଠକ, ଦେଶଭକ୍ତ ସଂଗ୍ରାମୀ, ଓଡ଼ିଶା ଏବଂ ଭାରତର ଜଣେ ଅଦ୍ୱିତୀୟ ନେତା। ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗି ପଡୁ ନଥିଲେ ଜୟ-ପରାଜୟରେ ଓ ସବୁକୁ ଖେଳୁଆଡ଼ ମନୋଭାବରେ ଗ୍ରହଣ କରୁଥିଲେ। ସେ କଦାପି ଏଣୁ ତେଣୁ କଥା କହୁ ନଥିଲେ। ଯାହା ସେ ଥରେ ଚିନ୍ତା କରୁଥିଲେ, ତାକୁ କାମରେ କରି ଦେଖାଉ ଥିଲେ। ଏହା ହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ।

ରାଜନୀତି କ୍ଷେତ୍ରରେ ବିଜୁ ପଟ୍ଟନାୟକ ନିଆରା ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ୧୯୪୭ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ଓଡ଼ିଶାର ତଥା ବିଭିନ୍ନ ସମୟରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ। ୧୯୬୧ରୁ ୧୯୬୩ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଆରମ୍ଭ କରିଥିଲେ ନିର୍ମାଣ ଯୁଗ। ପାରାଦ୍ୱୀପ ବନ୍ଦର ଏକ୍ସପ୍ରେସ୍ ହାଇୱେ, ସୁନାବେଡ଼ା ମିଗ୍ ବିମାନ କାରଖାନା, ବାଲିମେଳା ଡ୍ୟାମ୍ ଓ ବରଗଡ଼ ସିମେଣ୍ଟ କାରଖାନା ନିର୍ମାଣ କରି ସେ ନବ ଓଡ଼ିଶାର ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସହଯୋଗରେ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଂ କଲେଜ, ସୈନିକ ସ୍କୁଲ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ ଓଡ଼ିଶାରେ ବୈଷୟିକ ଓ ଯାନ୍ତ୍ରିକ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା। ୧୯୯୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଆରମ୍ଭ କରିଥିଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା। ପ୍ରଶାସନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସେ ୧୩ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ। ଏହା ତାଙ୍କ ପାରିବାପଣିଆର ଏକ ନମୁନା। ଏପରିକି ମୁଖ୍ୟମନ୍ତ୍ରୀ ଥିବା ବେଳେ ଏକ ଟଙ୍କା ଦରମା ନେଇ ସେ ନିଆରା ବ୍ୟକ୍ତିତ୍ୱର ପ୍ରମାଣ ଦେଇଥିଲେ। ପୁଣି ରିକ୍ସାରେ ବସି ବା କେବେ ସାଇକେଲ ଚଢ଼ି ସେ ସଚିବାଳୟକୁ ଆସି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଥିଲେ।

ବିଜୁ ପଟ୍ଟନାୟକ ଜଣେ ଦକ୍ଷ ଓ ଦୁଃସାହସିକ ବୈମାନିକ ଥିଲେ। ପଣ୍ଡିତ ଜବାହାରଲାଲ ନେହରୁଙ୍କ ଅନୁରୋଧ କ୍ରମେ ନିଜ ଜୀବନକୁ ପାଣି ଛଡ଼ାଇ ଡଚ୍ ସେନାବାହିନୀ ଦ୍ୱାରା କବଳିତ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ପ୍ରଧାନମନ୍ତ୍ରୀ ଶାହାରିଅର ଓ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଦିଲ୍ଲୀକୁ ବିମାନ ଯୋଗେ ନେଇ ଆସିଥିଲେ। ନିଜର କୃତଜ୍ଞତା ଜଣାଇବାକୁ ଯାଇ ରାଷ୍ଟ୍ରପତି ସୁକର୍ଣ୍ଣ ତାଙ୍କୁ ପ୍ରାୟ ୫୦୦ କୋଟି ଟଙ୍କାର ଉପହାର ପ୍ରଦାନ କରିଥିଲେ। ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ମଧ୍ୟ ତାଙ୍କୁ ମିଳିଥିଲା। ମାତ୍ର ସେହିସବୁ ଉପହାର ଫେରାଇ ଦେଇଥିଲେ ସେ ଏବଂ କହିଥିଲେ ଭାରତୀୟ କିଛି ନିଏ ନାହିଁ। ସତରେ, ଏପରି ବଦାନ୍ୟତା ପୃଥିବୀ ଇତିହାସରେ ବିରଳ। ତାଙ୍କର ଏହି କାମ ପାଇଁ ଇଣ୍ଡୋନେସିଆ ନିକଟରେ ଭାରତ ମହାନ ହୋଇ ରହିଲା।

ଛାତ୍ରାବସ୍ଥାରେ କଟକରୁ ପେଶାୱାର ସାଇକେଲରେ ଯିବା, ପୁଲିସ୍ କର୍ଡନ୍ ଭାଙ୍ଗି ଗାନ୍ଧୀଙ୍କୁ ଦେଖିବା ପାଇଁ ଯିବାବେଳେ ପୁଲିସ ଏସ୍ପି ହାରଗ୍ରୀଭ୍ଙ୍କଠାରୁ ଲାଠିମାଡ଼ ଖାଇବା ଘଟଣା



ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ତାଙ୍କ ଦୁଃସାହସିକତାର ନମୁନା ମାତ୍ର। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବଡ଼ଲାଟ୍ ୱାଭେଲ୍ଙ୍କ ପାଇଲଟ୍ ଥାଇ ସୁଦ୍ଧା ପୁଲିସ ଆଖିରେ ଧୂଳି ଦେଇ ଜୟପ୍ରକାଶ ନାରାୟଣ, ଅରୁଣା ଆସଫ୍ ଅଲ୍ଲୀ ଓ ରାମମନୋହର ଲୋହିଆଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବା ତାଙ୍କ ଦୁଃସାହସିକତାର ଆଉ ଏକ ପରିଚୟ। ଏଥିପାଇଁ ତାଙ୍କୁ କାରା ବରଣ କରିବାକୁ ପଡ଼ିଛି ସତ, ମାତ୍ର ଦେଶ ପାଇଁ ହସି ହସି କାରା ବରଣ କରିଛନ୍ତି ସେ। ସେହିପରି ୧୯୬୨ରେ ଚୀନ୍ ଭାରତ ଆକ୍ରମଣ କରିବା ସମୟରେ ସେନାଙ୍କୁ ସହାୟତା କରିବାରେ ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇ ନପାରେ।

ଜଣେ ଓଡ଼ିଆ ଭାବେ ନିଜକୁ ପରିଚୟ ଦେଇ ସେ ଗର୍ବ ଅନୁଭବ କରିଥିଲେ। ସେ ଜାଣିଥିଲେ- କଳିଙ୍ଗାଃ ସାହସିକାଃ। ସେଥିପାଇଁ ସେ କଳିଙ୍ଗ ଏୟାରଲାଇନ୍ସ, କଳିଙ୍ଗ ଟାଇଲସ ଓ କଳିଙ୍ଗ ପୁରସ୍କାର ଆଦି ପ୍ରତିଷ୍ଠା କରିଥିଲେ। ଏହି କଳିଙ୍ଗ ପୁରସ୍କାର ଓଡ଼ିଶାକୁ ବିଶ୍ୱ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା। ବାସ୍ତବିକ, ମଧୁବାବୁଙ୍କ ପରେ ଓଡ଼ିଆର ଟେକ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପ୍ରତିଷ୍ଠିତ କରିବାରେ ସେ ହିଁ ଥିଲେ ଦ୍ୱିତୀୟ ବ୍ୟକ୍ତି। ଜୀବନ ଦୀପ ନିର୍ବାପିତ ହେବା ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ କେବଳ ଓଡ଼ିଆଙ୍କ କଥା ହିଁ ଚିନ୍ତା କରୁଥିଲେ। ଯୁବ ପିଢ଼ିଙ୍କୁ ସେ ସର୍ବଦା କହୁଥିଲେ- ଗୋଲାମୀ ନ କରି ସ୍ୱାଧୀନ ହୁଅ। ନିଜ ଗୋଡ଼ରେ ନିଜେ ଛିଡ଼ା ହୁଅ, ଅନ୍ୟ ପାଖରେ ହାତ ପତାଅ ନାହିଁ। ଓଡ଼ିଆ ପୁଅର ବୀରତ୍ୱ ବଜାୟ ରଖ, ଓଡ଼ିଆର ସୁନାମ ରଖ, ଅଯଥାରେ ସମୟ ନଷ୍ଟ କରନା, ଦେଶ କଥା ଭାବ, ଦେଶ ପାଇଁ କାମ କରିବାକୁ ଆଗେଇ ଆସ।

ଏତଦ୍ ବ୍ୟତୀତ ବିଜୁ ପଟ୍ଟନାୟକ ଥିଲେ ଜଣେ ଉଚ୍ଚକୋଟୀର କ୍ରୀଡ଼ାବିତ୍ ଓ ଦକ୍ଷ ସଂଗଠକ। ତାଙ୍କ ବଳିଷ୍ଠ ଓ ସୁଠାମ ଚେହେରା ଥିଲା ଈଶ୍ୱର ଦତ୍ତ। ୧୯୩୦ ଦଶକରେ ସେ ଓଡ଼ିଶାର ଖ୍ୟାତନାମା ଫୁଟବଲ ଖେଳାଳି ମଧ୍ୟରେ ଜଣେ ଥିଲେ, ଯାହା ଫଳରେ ସେ ରେଭେନ୍ସା-କୁ ଦୁଇ ଥର ପାଇବାରେ ସକ୍ଷମ ହୋଇଥିଲେ। ଏପରିକି ପୋଲ୍ ଭୋଲ୍ଟରେ ସେ ସମୟରେ ସର୍ବଶ୍ରେଷ୍ଠ କ୍ରୀଡ଼ାବିତ୍ ଥିଲେ। ଫୁଟବଲ ଖେଳ ପ୍ରତି ତାଙ୍କର ଅତିଶୟ ମୋହର ଅନ୍ୟ ଏକ ଉଦାହରଣ ୧୯୬୧-୬୨ରେ କଟକରେ ପ୍ରଥମ ସର୍ବଭାରତୀୟ କଳିଙ୍ଗ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ସେ ଆରମ୍ଭ କରିଥିଲେ। କେବଳ ସେତିକି ନୁହେଁ, ଓଡ଼ିଶାରୁ ପ୍ରଥମ ବ୍ୟକ୍ତି ଭାବେ ୧୯୬୪ ମସିହାରେ ବିଜୁ ପଟ୍ଟନାୟକ ଭାରତର ବାସ୍କେଟ ବଲ୍ ସଂଘର ସଭାପତି ପଦ ମଣ୍ଡନ କରିଥିଲେ। ଏଥି ସହିତ ଆଜି ରାଜ୍ୟ ମହିଳା ଫୁଟବଲ ଦଳ ସଫଳତାର ଯେଉଁ ଶୀର୍ଷରେ ପହଞ୍ଚିଛି, ତାହା ପଛରେ ରହିଛି ତାଙ୍କ ପ୍ରଚେଷ୍ଟାର ଫଳଶ୍ରୁତି।

୧୯୯୭ ମସିହା ଏପ୍ରିଲ ୧୭ ତାରିଖ ଓଡ଼ିଶା ନୁହେଁ, ସମଗ୍ର ଭାରତବର୍ଷକୁ ଶୋକୋଚ୍ଛ୍ୱାସରେ ଭରି ଦେଇଥିଲା ତାଙ୍କର ବିୟୋଗ। ନବୀନ ନିବାସରୁ ସ୍ୱର୍ଗଦ୍ୱାର ଅଗଣିତ ଶୋକାକୁଳ ଜନତାର ଅଭିନବ ଶୋଭାଯାତ୍ରା, ଲୁହ ଆଉ କୋହର ଏକ ମର୍ମଭେଦୀ ସମ୍ମିଶ୍ରଣ। ଏହି ଯାତ୍ରାର ମହାନାୟକ ଥିଲେ ସେ। ତାଙ୍କ ଅବର୍ତ୍ତମାନରେ ଆଜି ବିରାଟ ଶୂନ୍ୟତା। ଜଣା ନାହିଁ ଆଉ କେତେ ଯୁଗ ବିତିଗଲେ ଏମିତି ଜଣେ ଯୋଗଜନ୍ମା ଜନନାୟକ ଏ ମାଟିରେ ପୁଣି ଥରେ ଜନ୍ମ ନେବେ? ସେ ସୁଦିନକୁ ଅପେକ୍ଷା...।

**ଜଗତସିଂହପୁର**
**ମୋ: ୯୩୩୭୨୨୧୯୨୪**

# ଶ୍ରମିକ ଓ ନିରବ ନାଟକ

ଜାତୀୟ ରାଜଧାନୀ ନିକଟରେ ଅବସ୍ଥିତ ଏକ ଶିଳ୍ପାଞ୍ଚଳ ନଏଡାରେ ହଠାତ୍ ହିଂସା ବ୍ୟାପିବା, ଯାହାକି ଦେଶର ସର୍ବବୃହତ୍ ଶ୍ରମ ବଜାରର ଏକ ଅଂଶ ଦର୍ଶାଇ ଥାଏ କିପରି ଆୟ କ୍ଷେତ୍ରରେ ବର୍ଦ୍ଧିତ ଅନ୍ତର ସର୍ବାଧିକ ଗରିବ ଶ୍ରମିକମାନଙ୍କୁ ଗୁରୁତର ଭାବରେ ପ୍ରଭାବିତ କରୁଛି। ୪୦ ହଜାରରୁ ଅଧିକ ସଂଖ୍ୟକ ଶ୍ରମିକ କହିଲେ ସେମାନେ କାର୍ଯ୍ୟ କରିବାର ଅତି କଷ୍ଟକର ପରିସ୍ଥିତିରେ କାମ କରି ସେମାନଙ୍କର କମ୍ ବେତନରେ କାମ କରି ପାରୁ ନାହାନ୍ତି ଏବଂ ସେମାନଙ୍କର ବିତୃଷ୍ଣା ଖୁବ୍ ଶୀଘ୍ର ବିଶୃଙ୍ଖଳାରେ ପରିଣତ ହୋଇଥିଲା, ଯେଉଁଥିରେ ହୋସିଏରୀ କମ୍ପ୍ଲେକ୍ସରେ ଥିବା ପୋଷାକ ରପ୍ତାନୀ ୟୁନିଟ୍ର ଶ୍ରମିକମାନେ ନେତୃତ୍ୱ ନେଇଥିଲେ। ଏହି ଶ୍ରମିକମାନଙ୍କ ମଧ୍ୟରେ ସେମାନଙ୍କର ଦାବିକୁ ନେଇ ଚାପା ଉତ୍ତେଜନା ବେଶ୍ କେତେ ଦିନ ହେବ ଲାଗି ରହିଥିଲା, କିନ୍ତୁ ତାହା ବିସ୍ଫୋରଣର ରୂପ ନେଇଥିଲା, ଯେତେବେଳେ ପଡ଼ୋଶୀ ହରିୟାନାର ସରକାର ଅଣକୁଶଳୀ, ଅର୍ଦ୍ଧକୁଶଳୀ ଏବଂ କୁଶଳୀ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ଘୋଷଣା କରିଥିଲେ। ହରିୟାନା ମାସିକ ୧୫,୨୨୦ ଟଙ୍କାରୁ ଅଧିକ ପରିମାଣର ସର୍ବନିମ୍ନ ମଜୁରୀ ଘୋଷଣା କରିଥିଲା। ଏହା ନଏଡାର ଶ୍ରମିକମାନଙ୍କୁ ଉତ୍ତେଜିତ କରିଥିଲା, ଯେଉଁମାନେ ହରିୟାନା ଏବଂ ଦିଲ୍ଲୀରେ କାମ କରୁଥିବା ଶ୍ରମିକମାନଙ୍କଠାରୁ କମ୍ ବେତନ ପାଉଥିଲେ, ଯାହା ସେମାନଙ୍କୁ ଦରଦାମ୍ ବୃଦ୍ଧି ପରିପ୍ରେକ୍ଷୀରେ ମାସିକ ୨୦ ହଜାର ଟଙ୍କା ବେତନ ଦାବି କରିବାକୁ ଉସୁକାଇଥିଲା। ଅଧିକ ଘରଭଡ଼ା, ତେଜରାତି ସଉଦାରେ ଅଧିକ ପରିମାଣର ବ୍ୟୟ, ସ୍ଥିର ବେତନ ସହିତ ସଂଘର୍ଷ କରୁଥିବା ଶ୍ରମିକମାନଙ୍କୁ ଅସାଧୁ ବ୍ୟବସାୟୀମାନେ ଗ୍ୟାସ୍ ସିଲିଣ୍ଡର ଅଧିକ ପରିମାଣରେ ଗଚ୍ଛିତ କରି ରଖିବା ଯୋଗୁଁ ସିଲିଣ୍ଡରର ଦର ବୃଦ୍ଧି ଘଟିବାର ଗୁଜବ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ କରିଥିଲା। ଯାହାହେଉ, ଉତ୍ତରପ୍ରଦେଶ ସରକାର ଖୁବ୍ ଶୀଘ୍ର ଅଣକୁଶଳୀ ଶ୍ରମିକମାନଙ୍କ ବେତନ ୨୧ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରି ସେମାନଙ୍କୁ ଶାନ୍ତ କରିବା ଭଳି ଉତ୍ତମ କାର୍ଯ୍ୟଟିଏ କରିଛନ୍ତି, ଯାହା ଏକ ସ୍ଥାୟୀ ସମାଧାନ ଅପେକ୍ଷା ବରଂ ଏକ ସାମୟିକ ଆଶ୍ୱସ୍ତି।

ଇଏ ତ ଗଲା ଶ୍ରମିକମାନଙ୍କ ଅଶାନ୍ତି ପ୍ରକାଶର ଏକ ବିରୋଧାତ୍ମକ ରୂପ। ଅପର ପକ୍ଷରେ, ଭାରତୀୟ କମ୍ପାନୀମାନଙ୍କରେ କର୍ମଚାରୀମାନେ ନିରବରେ କାମ ଛାଡ଼ି ଯିବାକୁ ପସନ୍ଦ କରିବା ଭଳି ମନେ ହେଉଥିବା ଏକ ଅନ୍ୟ ରୂପ ସମ୍ମୁଖକୁ ଆସିଛି। ଗାଲପ୍ ଦ୍ୱାରା ପ୍ରକାଶିତ ବିଶ୍ୱ କର୍ମସ୍ଥଳୀର ଅବସ୍ଥା ୨୦୨୬ ରିପୋର୍ଟ, ଯାହା ୧୬୦ଟି ଦେଶରେ ୧୪୧,୪୪୪ ଜଣ କର୍ମଚାରୀଙ୍କ ମନୋବସ୍ଥା ଏବଂ ସୁଖ ସୁବିଧା ଉପରେ ଏକ ସର୍ଭେ କରିଥିଲା, ସେହି ରିପୋର୍ଟ ଅନୁସାରେ, ବିଶ୍ୱ ସ୍ତରରେ ଲଗାତର ଦ୍ୱିତୀୟ ବର୍ଷ ପାଇଁ କର୍ମଚାରୀମାନଙ୍କ ସମ୍ପୃକ୍ତି ହ୍ରାସ ପାଇଛି। ଏହି ଅବନତି କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଭାବରେ ଯୋଗଦାନ ଦେଇଥିବା ବେଳେ ଦକ୍ଷିଣ ଏସିଆ ଦ୍ରୁତ ବେଗରେ ଉପରୋକ୍ତ ହ୍ରାସକୁ ପରିଲକ୍ଷିତ କରିଛି। ୧୫ ବର୍ଷ ପୂର୍ବର ତଥ୍ୟ ସହିତ ଏହି ସର୍ଭେର ଏକ ତୁଳନା ଉପରୋକ୍ତ ଦ୍ରୁତ ହ୍ରାସକୁ ସୂଚାଇଛି। ଯଦିଓ ସକ୍ରିୟ ଅସମ୍ପୃକ୍ତ କର୍ମଚାରୀ-ଅସନ୍ତୁଷ୍ଟ ଶ୍ରମିକମାନଙ୍କ ଶତକଡ଼ା ହାର ଭାରତରେ ହ୍ରାସ ପାଇଛି, 'ସମ୍ପୃକ୍ତ ନୁହନ୍ତି' ବର୍ଗ, ଯେଉଁମାନଙ୍କୁ 'ନିରବ ପରିତ୍ୟାଗକାରୀ' ଭାବରେ ବର୍ଗୀକୃତ କରାଯାଇଛି, ସେମାନଙ୍କର ଶତକଡ଼ା ହାର ୩,୦୯୫ ଜଣ ପ୍ରତିକ୍ରିୟା ପ୍ରକାଶକାରୀଙ୍କର ଏକ ନମୁନା ଆକାର ମଧ୍ୟରେ ୫୯.୦୨ ପ୍ରତିଶତ ରହିଛି। 'ନିରବରେ ପରିତ୍ୟାଗ' କରିବାର ପ୍ରକ୍ରିୟା ଏହି ଅର୍ଥକୁ ବୁଝାଉଛି ଯେ କର୍ମଚାରୀମାନେ ସେମାନଙ୍କ କାମରୁ ଇସ୍ତଫା ଦେଉ ନାହାନ୍ତି, ବରଂ ସେମାନେ ସେମାନଙ୍କର କର୍ମ ଭୂମିକାଠାରୁ ଭାବଗତ ଭାବରେ ଦୂରେଇ ଯାଇ ସର୍ବନିମ୍ନ ଆବଶ୍ୟକ କାମ କରୁଛନ୍ତି। ଏହା କାମରେ ଥକି ପଡ଼ିବା ବା କ୍ଲାନ୍ତି ଏବଂ ପ୍ରତିରୋଧର ଏକ ଲକ୍ଷଣ- କର୍ମସ୍ଥଳୀଗୁଡ଼ିକ ବିରୁଦ୍ଧରେ ଏହା ଏକ ନିରବ ପ୍ରତିବାଦ, ଯାହା ସେହି କାର୍ଯ୍ୟ ଯେତିକି ପ୍ରଦାନ କରୁଛି, ତା'ଠାରୁ ଅଧିକ ଦାବି କରିଥାଏ। ଏହି ପ୍ରକ୍ରିୟାର ପରିଚାଳକଗୁଡ଼ିକ ହେଉଛନ୍ତି ବିଭିନ୍ନ ପ୍ରକାରର, କିନ୍ତୁ ସେଗୁଡ଼ିକ ପରସ୍ପର ସହିତ ଅନ୍ତଃସଂଯୁକ୍ତ।

ଦୁର୍ବଳ ନେତୃତ୍ୱ ଏବଂ ଦୁର୍ବଳ ବା କ୍ଷୀଣ ଯୋଗାଯୋଗ ଅଥବା ଭାବ ବିନିମୟ ସଂରଚନା କର୍ମଚାରୀମାନଙ୍କର ବିଶ୍ୱାସକୁ କ୍ଷୟ କରାଇ ଥାଏ। ଏହି ରିପୋର୍ଟ ଜାଣିବାକୁ ପାଇଥିଲା ଯେ କର୍ମସ୍ଥଳୀ ପରିଚାଳକମାନଙ୍କ ମଧ୍ୟରେ ସମ୍ପୃକ୍ତି ସ୍ତରରେ ଏକ ଚକିତ କରିଦେବା ଭଳି ହ୍ରାସ ଘଟିଥିଲା- ୨୦୨୨ରୁ ୨୪ ମଧ୍ୟରେ ୩୯ ପ୍ରତିଶତରୁ ୨୦୨୩ରୁ ୨୫ ମଧ୍ୟରେ ୩୦ ପ୍ରତିଶତକୁ। ଏହାର ଅର୍ଥ ହେଉଛି ଯେ ଭାରତୀୟ କର୍ମସ୍ଥଳୀଗୁଡ଼ିକରେ ପ୍ରଭାବଶାଳୀ ନେତୃତ୍ୱର ଅଭାବ ରହିଛି ଯାହା କର୍ମଚାରୀ ଗୋଷ୍ଠୀଙ୍କର ନୈତିକତାକୁ ଉଚ୍ଚ ରଖି ପାରିବ। ଅତ୍ୟଧିକ ମାନସିକ ଚିନ୍ତା ବା ଉତ୍କଣ୍ଠା- ଯାହା ଦୀର୍ଘ ସମୟର, ଅସ୍ପଷ୍ଟ କର୍ମ-ଜୀବନ ସୀମା ସମୂହ ଏବଂ ଚାକିରିଜନିତ ଅସୁରକ୍ଷିତ ଭାବନା ଦ୍ୱାରା ଆହୁରି ଅଧିକ ବୃଦ୍ଧି ପାଇଥାଏ- ତାହା ପ୍ରୋତ୍ସାହନକୁ ଦୂରେଇ ଦେଇଥାଏ। ଦକ୍ଷିଣ ଏସିଆରେ ଯେନତେନ ପ୍ରକାରେ କର୍ମ ସମ୍ପାଦନ କରିବା ଭଳି ମାନସିକତା ବହନ କରୁଥିବା କର୍ମଚାରୀ ରହିଛନ୍ତି, ଯେତେବେଳେ କି ଭାରତରେ କର୍ମଚାରୀମାନଙ୍କ ମଧ୍ୟରେ ବିଗତ ୧୫ ବର୍ଷ ମଧ୍ୟରେ କ୍ରୋଧର ମାତ୍ରା ୬ ପ୍ରତିଶତ ବୃଦ୍ଧି ପାଇଛି ଏବଂ ବିଷାଦ ବୃଦ୍ଧି କ୍ଷେତ୍ରରେ ଏହି ମାତ୍ରା ଅଳ୍ପ ବହୁତେ ୧୫ ପ୍ରତିଶତ ବୃଦ୍ଧି ଘଟିଛି। ସ୍ୱୀକୃତିର ଅଭାବ ବା ଅର୍ଥପୂର୍ଣ୍ଣ ଅଭିବୃଦ୍ଧି ଏହି ସମସ୍ୟାକୁ ଅଧିକ ଯୌଗିକ କରିଛି। ଏହାର ନିହିତାର୍ଥଗୁଡ଼ିକ ଅତ୍ୟନ୍ତ ଗୁରୁତର: ଉତ୍ପାଦକତାରେ ହ୍ରାସ, ସ୍ୱଳ୍ପ ନବୋନ୍ମେଷ ଏବଂ କ୍ଷଣଭଙ୍ଗୁର ଆନୁଷ୍ଠାନିକ ସଂସ୍କୃତି। ଏହା ଏକ ବିରୋଧାଭାସ ଦିଗରେ ପଥ କଢ଼ାଇ ନେଇଥାଏ। ଭାରତର ବେକାରୀ ହାର ହାରାହାରି ୫ ପ୍ରତିଶତ; ତା' ସତ୍ତ୍ୱେ କର୍ମନିଯୁକ୍ତମାନଙ୍କ ମଧ୍ୟରେ ଅସମ୍ପୃକ୍ତି ବୃଦ୍ଧି ପାଉଛି। ସାଂଗଠନିକ ପ୍ରତିବନ୍ଧକ ଏବଂ କର୍ମ ସଂସ୍କୃତିଜନିତ ପ୍ରତିବନ୍ଧକର ଏକ ସମଷ୍ଟି- ବେକାରୀଠାରୁ ଦୁର୍ବଳ ଚାକିରିଗତ ମାନଠାରୁ ଆରମ୍ଭ କରି କମ୍ ବେତନ, ଅପୂର୍ଣ୍ଣ ଭୂମିକା- ଏସବୁଯାକ ଏଭଳି ପରିସ୍ଥିତି ଉପୁଜିବାର କାରଣଗୁଡ଼ିକୁ ବର୍ଣ୍ଣନା କରିବାର ସମ୍ଭାବନା ପ୍ରଦାନ କରିଥାଏ। ନିରବ ପରିତ୍ୟାଗଜନିତ ସମସ୍ୟାର ସମାଧାନ ସାଂଗଠନିକ ପରିବର୍ତ୍ତନ ଆବଶ୍ୟକ କରିଥାଏ। ସଂଗଠନଗୁଡ଼ିକ ଉତ୍ତମ ନେତୃତ୍ୱରେ ନିବେଶ କରିବା ଉଚିତ, ଭାବ ବିନିମୟରେ ସ୍ୱଚ୍ଛତା ଅବଲମ୍ବନ କରିବା ଉଚିତ ଏବଂ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶ କରିବା ଉଚିତ। ଅର୍ଥପୂର୍ଣ୍ଣ କାର୍ଯ୍ୟ, ସ୍ୱଚ୍ଛଳ ମଜୁରୀ ଏବଂ ଅଭିବୃଦ୍ଧି ନିମନ୍ତେ ସୁଯୋଗ ପ୍ରଦାନ କେବଳ ପ୍ରୋତ୍ସାହନ ନୁହେଁ, ବରଂ ଆବଶ୍ୟକତା। ୟୁରୋପ୍ର କେତେକ ଅଂଶରେ ପରୀକ୍ଷାମୂଳକ ଭାବରେ କରାଯାଇଥିବା ସପ୍ତାହରେ ଚାରି ଦିନ କାମ କରିବାର ବ୍ୟବସ୍ଥା କିମ୍ବା କୃତ୍ରିମ ଧିମତ୍ତା ଏହି ସମସ୍ୟାର ଏକ ସର୍ବକାଳୀନ ସମାଧାନ ପ୍ରଦାନ କରି ପାରିବ ନାହିଁ। ନୀତିଗୁଡ଼ିକ ଭାରତର ବିଶାଳ ଅସଂଗଠିତ କ୍ଷେତ୍ର, ଉତ୍ପାଦକତାରେ ଅସମାନତା ଏବଂ ଲଗାତର ଅର୍ଥନୀତିକ ଚାପଗୁଡ଼ିକୁ ମଧ୍ୟ ବିଚାରକୁ ନେବା ଉଚିତ।

# ଅର୍ଥ ପ୍ରାପ୍ତି ଓ ଆତ୍ମତୃପ୍ତି

ଆମର ଯୋଗ୍ୟତା ଓ କର୍ମ ଦକ୍ଷତାକୁ ନେଇ ଅନେକ ସମୟରେ ସମ୍ମାନ ଓ ପାରିଶ୍ରମିକ ନିର୍ଦ୍ଧାରଣ କରା ଯାଇଥାଏ। ଏମିତି ବି ହୋଇଥାଏ ଜଣେ ଦକ୍ଷ ମଣିଷକୁ ମିଳିଥାଏ ଏକ ନିମ୍ନ ମାନର ପୋଷ୍ଟ ଏବଂ ଜଣେ ଅଣକୁଶଳୀକୁ ମିଳିଥାଏ ଉଚ୍ଚ ପାହ୍ୟା। ନିମ୍ନ ପାହ୍ୟାରେ ଦକ୍ଷ, କୁଶଳୀ ମଣିଷ ଥାଇ ପାଉଥିବ ଅଳ୍ପ ଦରମା। ଅଣକୁଶଳୀ ପାଉଥିବ ବେଶୀ ଦରମା। କୁଶଳୀ ମଣିଷ କମ୍ ଦରମା ପାଇ ଅବସୋସ ରହୁଥାଇ ପାରେ, ମାତ୍ର ତଳ ପୋଷ୍ଟରେ ଥାଇ ଉଚ୍ଚ କାମ କରିବାରେ ସେ ପାଉଥିବ ଆତ୍ମତୃପ୍ତି। ମାତ୍ର ଉଚ୍ଚ ପାହ୍ୟାରେ ଥାଇ ନିମ୍ନ ପାହ୍ୟାର କାମ କଲେ ଖରାପ ଲାଗୁଥିବ ନିଶ୍ଚୟ। ଅର୍ଥ ଯେତେ ଅଧିକ ହେଲେ ମଧ୍ୟ ସମ୍ମାନ ଓ ପଦ ମର୍ଯ୍ୟାଦାକୁ ନେଇ ମନ ଭିତରେ ରହୁଥିବ ଅଭାବବୋଧ।

ଏକ ଶିକ୍ଷାନୁଷ୍ଠାନରେ ଜଣେ ମଧ୍ୟଇଂରାଜୀ ବିଦ୍ୟାଳୟର ଶିକ୍ଷକ ଅଧ୍ୟବସାୟ ଓ ଚେଷ୍ଟା ବଳରେ ଉଚ୍ଚଶିକ୍ଷା ଲାଭ କଲେ। ଉଚ୍ଚ ଶ୍ରେଣୀରେ ପଢ଼ାଇବାର ଦକ୍ଷତା ମଧ୍ୟ ହାସଲ କଲେ। ଜଣେ ମଧ୍ୟଇଂରାଜୀ ବିଦ୍ୟାଳୟର ଶିକ୍ଷକ ହେଲେ ମଧ୍ୟ ତାଙ୍କ ନିକଟକୁ ମହାବିଦ୍ୟାଳୟର ପିଲାମାନେ ପଢ଼ିବା ପାଇଁ ଆସୁଥିଲେ। ବ୍ୟକ୍ତି ଜଣକ ଶିକ୍ଷାନୁଷ୍ଠାନରୁ ଅନ୍ୟ ଶିକ୍ଷକଙ୍କ ଅନୁପାତରେ କମ୍ ଦରମା ପାଉଥିଲେ। ଅନ୍ୟ ପକ୍ଷରେ ସେହିଠାରେ ଥିବା ଉଚ୍ଚ ଇଂରାଜୀ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ପଢ଼ାଇବାର ଦକ୍ଷତା ସେତେ ଭଲ ନ ଥିବାରୁ ତାଙ୍କୁ ପଢ଼ାଇବାକୁ ପଡୁଥିଲା ମଧ୍ୟ ଇଂରାଜୀ ବିଦ୍ୟାଳୟରେ, ଯଦିଓ ତାଙ୍କର ଦରମା ଥିଲା ଅଧିକ।

ଅର୍ଥ ମଣିଷକୁ ତୃପ୍ତି ଦେଇପାରେ। ମାତ୍ର ଆତ୍ମତୃପ୍ତି ଦେଇ ପାରି ନଥାଏ। ଅଳ୍ପ କାର୍ଯ୍ୟ କରି ଅଧିକ ଧନ ପାଇବାର ଲାଳସା ମଣିଷକୁ ସମସ୍ୟାରେ ପକାଇ ଥାଏ। ଭିତରେ ଲୋଭ ପ୍ରବୃତ୍ତିକୁ ବଢ଼ାଇ ଦେଇଥାଏ। ଲୋଭ ଆସିଲେ ମଣିଷ ଠକିବା, ଅନ୍ୟାୟ କରିବାକୁ ଆଗଭର ହୋଇଥାଏ। ଆତ୍ମତୃପ୍ତି ଆସିଲେ ମଣିଷ ଖୁବ୍ ଖୁସିରେ ଥାଏ। ଜଣେ ଖୁସିରେ ଥିବା ମଣିଷ କେବେ ଅନ୍ୟାୟ, ଅନୀତି କରିବାକୁ ଆଦୌ ଚାହିଁବ ନାହିଁ।

ପ୍ରତ୍ୟେକ ମଣିଷ ଅର୍ଥକୁ ନେଇ ଅଭିମାନ ଅହଂକାର ଛାଡ଼ିଦେଲେ ଆତ୍ମତୃପ୍ତି ଆପଣାଛାଏଁ ହାତ ମୁଠାରେ ଧରା ଦେଇଥାଏ। ଭଲ ଯୋଗ୍ୟତା ଥାଇ ଉପଯୁକ୍ତ କର୍ମକ୍ଷେତ୍ରଟିଏ ନ ମିଳିଲେ ଅବଶ୍ୟ ଦୁଃଖ ହୋଇଥାଏ। ମାତ୍ର ଯେଉଁ କ୍ଷେତ୍ର ମିଳିଛି, ସେହି କାର୍ଯ୍ୟକୁ ଶ୍ରଦ୍ଧା ଓ ଆଦରର ସହିତ ସମ୍ପନ୍ନ କଲେ ଆତ୍ମତୃପ୍ତି ମିଳିଥାଏ। ଧନ ନୁହେଁ, ସତ୍କର୍ମ ହିଁ ଦେଇଥାଏ ଆତ୍ମତୃପ୍ତି।

# ଦୁର୍ନୀତିର ଗନ୍ତାଘର ପାଲଟିଛି ସରଗୁଲ୍ ମାଲପଡ଼ା

## ଭୁଲ୍ ବିଲ୍ ପ୍ରସ୍ତୁତି କରି ଟଙ୍କା ଉଠାଣ ଅଭିଯୋଗ

**ମ.ରାମପୁର,୧୬।୪/ଏନ୍ଏନ୍ଏସ୍:** ମନରେଗା ଯୋଜନାରେ ପୁଣିଥରେ ଦୁର୍ନୀତିର ଅଭିଯୋଗ ସାମ୍ନାକୁ ଆସିଛି। କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ସରଗୁଲ୍ ମାଲପଡ଼ା ପଞ୍ଚାୟତରେ ଏପରି ଅନିୟମିତତା ଦେଖାଦେଇଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ ପୋଖରୀ ଖନନ କାମ ନାମରେ ମାଟି ଉଠାଯାଉଥିବା

**କଡ଼ା କାର୍ଯ୍ୟାନୁଷ୍ଠାନ ଓ ପ୍ରକୃତ ମଜୁରିଆଙ୍କୁ ପ୍ରାପ୍ୟ ଦେବାକୁ ଦାବି**

ସତ୍ତ୍ୱେ ସେହି ମାଟିକୁ ଅନ୍ୟ ସ୍ଥାନରେ ପକାଇ ଷ୍ଟାଗାଡ୍ ଟ୍ରେଞ୍ଚ କାମ ଭାବେ ଦେଖାଯାଉଛି। ଏହା ମାଧ୍ୟମରେ ଭୁଲ୍ ବିଲ୍ ପ୍ରସ୍ତୁତ କରି ପ୍ରାୟ ୧,୭୧,୪୪୪ ଟଙ୍କା ଉଠାଯାଇଥିବା ଅଭିଯୋଗ ହେଉଛି। ଏନ୍ଏମ୍ଏମ୍ଏସ୍ ମାଧ୍ୟମରେ କାମ କରୁଥିବା ମଜୁରିଆଙ୍କ ଫଟୋ ରେକର୍ଡ ଥିବା ସତ୍ତ୍ୱେ ସେମାନଙ୍କୁ ଟଙ୍କା ମିଳିନଥିବାବେଳେ ଯେଉଁମାନେ କାମ କରିନଥିଲେ




ସେମାନଙ୍କ ନାମରେ ଟଙ୍କା ଆସିଥିବା ଅଭିଯୋଗ ହୋଇଛି। ଏହାସହ ନକଲି ମାଷ୍ଟର୍ ରୋଲ୍ ମାଧ୍ୟମରେ ଟଙ୍କା ଉଠାଯାଉଥିବା ଅଭିଯୋଗ ମଧ୍ୟ ହୋଇଛି। ତେବେ ଘଟଣାସ୍ଥଳରେ ସୂଚନାଫଳକ ନଥିବା ସତ୍ତ୍ୱେ କିପରି ବିଲ୍ ପାସ୍ ହେଉଛି ସେନେଇ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି। କନିଷ୍ଠ ଯନ୍ତ୍ରୀଙ୍କ ଭୂମିକାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଉଛି। ଏହି ସମସ୍ତ ଘଟଣା ପଛରେ କିଛି ଦାୟିତ୍ୱଶୀଳ ବ୍ୟକ୍ତିଙ୍କ ହାତଥିବା ଅଭିଯୋଗ ହୋଇଛି। ଉକ୍ତ ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ 'ମେଟ୍ ମାଲେମାଲ୍, ମଜୁରିଆ ବେହାଲ୍' ବୋଲି ଭୂପିନ୍ଦର ସାହୁ, ପ୍ରଧାନ ସାହୁ ଓ ହିମାଞ୍ଚଳ ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହାର ସମ୍ପୂର୍ଣ୍ଣ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ ପ୍ରକୃତ ମଜୁରିଆଙ୍କୁ ତାଙ୍କର ଅଧିକାର ଦେବାକୁ ଦାବି ହୋଇଛି।

# ସିବିଏସ୍ଇ ଦଶମ ପରୀକ୍ଷାରେ ଯୁବୋଦୟ ଲିଡ୍ ସ୍କୁଲ୍‌ର ସଫଳତା

**ବଲାଙ୍ଗୀର,୧୬।୪/ଏନ୍ଏନ୍ଏସ୍:** ଦଶମ ଶ୍ରେଣୀ ସିବିଏସ୍ଇ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ବଲାଙ୍ଗୀର ଜିଲ୍ଲାର ଯୁବୋଦୟ ଲିଡ୍ ସ୍କୁଲ୍‌ର ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଯୁକ୍ତ୨ ବିଜ୍ଞାନରେ ସମଗ୍ର ରାଜ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଯୁବୋଦୟ ଶିକ୍ଷାନୁଷ୍ଠାନ ସିବିଏସ୍ଇ ଦଶମ ପରୀକ୍ଷାରେ ପ୍ରାରମ୍ଭିକ ବ୍ୟାଚ୍ ହେବାସତ୍ତ୍ୱେ ଛାତ୍ରଛାତ୍ରୀମାନେ ଖୁବ୍ ଭଲ ପ୍ରଦର୍ଶନ କରି ସ୍କୁଲ୍‌ର ଗୌରବ ବଢ଼ାଇଛନ୍ତି। ଏହି ପରୀକ୍ଷାରେ ଅପର୍ଣ୍ଣା ନାଥ ୯୭.୬ ପ୍ରତିଶତ ନମ୍ବର ପାଇ ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବେଦବ୍ୟାସ ଗଡ଼ତ୍ୟା ୯୫.୬ ଓ ଅବନୀଶ କୁମାର ଦାଶ ୯୪.୮ ପ୍ରତିଶତ ରଖିଛନ୍ତି। କ୍ରମାଗତଭାବେ ଅଭୟ ପ୍ରତାପ ପଟେଲ ୯୪.୪, ପ୍ରଣୀତ ପାତ୍ର ୯୪.୨, ସୁମିତ କୁମାର ପଟେଲ ୯୨.୮ ଓ ଅଂଶିତା ଦାଶ ୯୦.୬ ପ୍ରତିଶତ ନମ୍ବର ପାଇ ଉଲ୍ଲେଖନୀୟ ସ୍ଥାନ ଅଧିକାର କରିଛନ୍ତି। ସ୍କୁଲ୍‌ର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଯାହା ସ୍କୁଲ୍ ପାଇଁ ଏକ ବଡ଼ ସଫଳତା। ଏକ ତୃତୀୟାଂଶ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ପାଇଛନ୍ତି ଓ ଦୁଇ ତୃତୀୟାଂଶ ୮୦ ପ୍ରତିଶତରୁ ଉପରେ ନମ୍ବର ରଖିଛନ୍ତି। ଏହା ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା, ଶ୍ରମ ଓ ଶିକ୍ଷକଙ୍କ ଉତ୍ତମ ଆଧୁନିକ ପ୍ରଣାଳୀରେ ଶିକ୍ଷାର ଫଳ ବୋଲି କୁହାଯାଉଛି। ପଶ୍ଚିମ ଓଡ଼ିଶାରେ ସ୍ୱଳ୍ପ ଖର୍ଚ୍ଚରେ ଭଲ ଶିକ୍ଷାଦେବାରେ ନାମ କମାଇଥିବା ଯୁବୋଦୟ ଚଳିତ ବର୍ଷରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ପଢ଼ା ପ୍ରଣାଳୀ ଆରମ୍ଭ କରିଛି। ଫଳରେ ଅଭିଭାବକଙ୍କର ଯୁବୋଦୟ ପ୍ରତି ବିଶ୍ୱାସ ଆହୁରି ମଜବୁତ ହୋଇଛି। ଆଗାମୀ ଦିନରେ ଯୁବୋଦୟ ଏହି ଅଞ୍ଚଳର ଶିକ୍ଷାକୁ ନୂତନ ଆକାର ଦେବାକୁ ଯାଉଛି ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

# ଆଦିବାସୀ ସଂସ୍କୃତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ



**ଝରିଗାଁ,୧୬।୪/ଏନ୍ଏନ୍ଏସ୍:** ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଗସ୍ତ କରି ଝରିଗାଁ-କୁଟ୍ରିଛାପର ମୁଖ୍ୟରାସ୍ତା ପାର୍ଶ୍ୱରେ ଆଦିବାସୀ ସଂସ୍କୃତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଝରିଗାଁ ବିଧାୟକ ଓ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଯୋଗ ଦେଇଥିଲେ। ଝରିଗାଁ ହନୁମାନ ଛକରୁ ବାଇକ୍ ରାଲି ଏବଂ ପାରମ୍ପରିକ ବାଦ୍ୟରେ ଅତିଥିଙ୍କୁ ସ୍ୱାଗତ କରି ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଝରିଗାଁ ଜନଜାତି ମଞ୍ଚ ସଭାପତି ଘନ ମାଝୀ ସଭାପତିତ୍ୱ କରିଥିଲେ। ଏହି ଆଦିବାସୀ ସଂସ୍କୃତି ଭବନ ପ୍ରତିଷ୍ଠା ପାଇଁ ଆସିଥିବା ଆର୍ଥିକ ସହାୟତା ଲାଗି ମୁଖ୍ୟଅତିଥି ଶ୍ରୀ ଗଣ୍ଡ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ୯ଟି ଜନଜାତି ସଭାପତିଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଶତାଧିକ ଆଦିବାସୀ ଜନଜାତି ସମ୍ପ୍ରଦାୟର ପୁରୁଷ ମହିଳା ଉପସ୍ଥିତ ଥିଲେ।

# ପୂର୍ବତନ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ୩ ବର୍ଷ ଜେଲ୍

**ଭବାନୀପାଟଣା,୧୬।୪/ଏନ୍ଏନ୍ଏସ୍:** ନୂଆଁପଡ଼ା ପୂର୍ବତନ ଅବସରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶରତ କୁମାର ପାଣିଗ୍ରାହୀ କଳାହାଣ୍ଡି ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ ଜୈନେକ ବ୍ୟକ୍ତିଙ୍କଠାରୁ ୨ ଶହ ଶ୍ରମିକଙ୍କ ଟ୍ରେନିଂ ବାବଦକୁ ୪୦ ହଜାର ଟଙ୍କା ନୂଆଁପଡ଼ା ଖରିଆର ରୋଡ୍‌ରେ ୨୦୨୧ ଜାନୁଆରୀ ୭ ତାରିଖରେ ଲାଞ୍ଚ ନେଉଥିବାବେଳେ କୋରାପୁଟ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏନେଇ ୨୦୧୮ ବିଧେୟକ ଅନୁଯାୟୀ ଭିଜିଲାନ୍ସ ସ୍ୱତନ୍ତ୍ର ଜର୍ଜ ଭବାନୀପାଟଣା ଲାଞ୍ଚ ଦାବି କରିବା ଓ ୪୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଶ୍ରୀ ପାଣିଗ୍ରାହୀଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ୍‌ଦଣ୍ଡ ଓ ୮୦ ହଜାର ଟଙ୍କା ଫାଇନ୍ ଆଦାୟ ପାଇଁ ଭିଜିଲାନ୍ସ ସ୍ୱତନ୍ତ୍ର ଜର୍ଜ ରାୟ ଶୁଣାଇଛନ୍ତି। ଏହାସହ ଶ୍ରୀ ପାଣିଗ୍ରାହୀଙ୍କୁ ମିଳୁଥିବା ପେନସନ୍ ବନ୍ଦ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ତୁରନ୍ତ ସୂଚନା ଦେଇ କାର୍ଯ୍ୟକାରୀ କରିବା ପାଇଁ ଭିଜିଲାନ୍ସ ବିଭାଗକୁ ଆଦେଶ ଦେଇଛନ୍ତି।

# ମାତୃ ମଙ୍ଗଳ ଶିଶୁ ବିଭାଗ ଚିକିତ୍ସାଳୟ ଉଦ୍‌ଘାଟିତ

**ପାଟଣାଗଡ଼,୧୬।୪/ଏନ୍ଏନ୍ଏସ୍:** ପାଟଣାଗଡ଼ରେ ୫୦ ବେଡ୍ ବିଶିଷ୍ଟ ଏକ ନୂତନ ମାତୃ ମଙ୍ଗଳ ଓ ଶିଶୁ ବିଭାଗ ଚିକିତ୍ସାଳୟକୁ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ଜିଲ୍ଲାପାଳ ଶିବାଜୀ ଗୌରବ ଇସଲୱାର୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପୁଷ୍ପାଞ୍ଜଳି ମଶ୍ର, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନ ରଞ୍ଜନ ନାୟକ, ପାଟଣାଗଡ଼ ଏସ୍‌ଡିଏମ୍‌ଓ ସରୋଜ ରଞ୍ଜନ



ସ୍ୱାଇଁ, ପାଟଣାଗଡ଼ ଉପଜିଲ୍ଲାପାଳ ସୁନିଲ କୁମାର ମେହେର, ସ୍ଥାନୀୟ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଅରୁଣ କୁମାର ଟେଟେ ଓ କନିଷ୍ଠ ଯନ୍ତ୍ରୀ ଅମିତ୍ କୁମାର ସାମଲଙ୍କ ସମେତ ବହୁ ବିଜେପି କର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ। ୧୧ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟଅଟକଳରେ ନିର୍ମିତ ଏହି ଚିକିତ୍ସାଳୟ ଦ୍ୱାରା ଲୋକେ ଠିକ୍‌ଭାବେ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚିକିତ୍ସାଳୟର ଅଧିକାରୀ ଧନ୍ୟବାଦ ଦେଇଥିଲେ।

### ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସାଧାରଣ ପରିଷଦ ବୈଠକ

# ୧୧ ବ୍ଲକ୍‌ରେ କ୍ରିକେଟ୍ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ

**ରାୟଗଡ଼ା,୧୬।୪/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ତ୍ରିନାଥ ଖାଡ଼ଙ୍ଗାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲ୍ଲାରେ କ୍ରିକେଟ୍ ଖେଳିବା ଓ ପ୍ରଶିକ୍ଷଣ ପାଇଁ ଉନ୍ନତ ଭିତ୍ତିଭୂମିର ଘୋର ନେଇ ଆଲୋଚନା ହୋଇଥିଲା। ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିୟମ୍ ନିର୍ମାଣ କରିବା ପାଇଁ ଜିଲ୍ଲାରେ ଥିବା ବହୁରାଷ୍ଟ୍ରୀୟ ଶିଳ୍ପ ସଂସ୍ଥା ଗୁଡ଼ିକର ସହଯୋଗ ମାଗିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ପୁରୁଣା ବାଇଲ୍‌ରେ କିଛି ସମ୍ବିଧାନ ସଂଶୋଧନ ପାଇଁ ଏକ ୫ ଜଣିଆ କମିଟି ଗଠନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା



ଅଭାବ ରହିଥିବାରୁ ଜିଲ୍ଲାର ସମସ୍ତ ୧୧ଟି ବ୍ଲକ୍‌ର ଦୁର୍ବଳ ଭିତ୍ତିଭୂମିର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଓ ଜିଲ୍ଲାରେ ଥିବା ଶିଳ୍ପସଂସ୍ଥା ଗୁଡ଼ିକର ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତିଭାବାନ କ୍ରିକେଟର୍ ସୃଷ୍ଟି କରିବା ପାଇଁ ଗ୍ରାମାଞ୍ଚଳରୁ କ୍ରିକେଟର୍‌ଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ କରିବାକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟସ୍ତରରେ ୧୬ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ଖେଳାଳିଙ୍କୁ ଠିକ୍ ସମୟରେ ଆର୍ଥିକ ସହାୟତା ଯୋଗାଇବା ପାଇଁ ପ୍ରଶାସନିକ ସକ୍ରିୟତା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ କ୍ରିକେଟ୍ ପ୍ରଶିକ୍ଷଣ ସକାଶେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଥିବା ଖେଳପଡ଼ିଆ ଗୁଡ଼ିକୁ (ଷ୍ଟାଡିୟମ୍) ବ୍ୟବହାର କରାଯାଇପାରିବ ସେସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଜିଲ୍ଲାର କ୍ରିକେଟର୍ ଓ କ୍ରିକେଟ୍ ଖେଳ ପାଇଁ ଭିତ୍ତିଭୂମିର ବିକାଶ ପାଇଁ କେତକ ପ୍ରସ୍ତାବ ଗୃହୀତ ହୋଇଛି। ସେଥିରେ ରାୟଗଡ଼ା ଜିଲ୍ଲା ସଦରମହକୁମାରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ କାର୍ଯ୍ୟାଳୟ ପାଇଁ ସ୍ଥାୟୀ ଗୃହ ଯୋଗାଇବା ସହ କ୍ରିକେଟ୍ ଷ୍ଟାଡିୟମ୍ ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଇବା କ୍ରିକେଟ୍ ଆସୋସିଏସନ୍‌ର ସମ୍ପାଦକ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ବିବରଣୀ ଉପସ୍ଥାପନ କରି ବିଭିନ୍ନ ସମସ୍ୟା ଉପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାରେ କ୍ରିକେଟ୍‌ର ବିକାଶ ଲାଗି ବରିଷ୍ଠ ସଦସ୍ୟ କୀର୍ତ୍ତି ଚନ୍ଦ୍ର ସାହୁ ପ୍ରଶାସନ ନିକଟରେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ତ୍ରିପାଠୀ, ପୂର୍ବତନ ସମ୍ପାଦକ ଡ଼ଃ ନିରଞ୍ଜନ ବକ୍ସିପାତ୍ର, ହରିଶ ଠାକର, ପୃଥ୍ୱୀରାଜ ସାହୁ, କୀର୍ତ୍ତି ଚନ୍ଦ୍ର ସାହୁ, ଧବଳେଶ୍ୱର ନାଇଡୁ, ରାମାନୁଜ ମହାନ୍ତି, ଦେବୀପ୍ରସାଦ ପଟ୍ଟନାୟକ, ଆର୍ କଲ୍ୟାଣୀ ଆଚାରୀ, ରମେଶ ଚନ୍ଦ୍ର ସାହୁ ଓ ରବୀନ୍ଦ୍ର କୁମାର ପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। କ୍ରିକେଟ୍ ଆସୋସିଏସନ୍‌ର ସଭାପତି ତଥା ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେକ ନାରିଲୁର୍, ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଓ ସହକାରୀ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକିରୀ ପ୍ରମୁଖ ଉପସ୍ଥିତ ଥିଲେ। ପୃଥ୍ୱୀରାଜ ସାହୁ ଧନ୍ୟବାଦ ଦେଇଥିଲେ।

# ଟ୍ରକ୍ ଧକ୍କାରେ ଶାଶୂ ମୃତ, ଗର୍ଭବତୀ ବୋହୂ ଓ ନାତି ଗୁରୁତର

## କ୍ଷତିପୂରଣ ଦାବିରେ ରାଜରାସ୍ତା ଅବରୋଧ

**ଟିଟିଲାଗଡ଼,୧୬।୪/ଏନ୍ଏନ୍ଏସ୍:** ଭବାନୀପାଟଣା ରାଜରାସ୍ତାର କତରକେଲା ନିକଟରେ ଏକ ଟ୍ରକ୍ ବାଇକ୍‌କୁ ପଛପଟୁ ଧକ୍କା ଦେବା ଫଳରେ ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟପଟେ ତାଙ୍କ ଗର୍ଭବତୀ ବୋହୂ ଓ ନାତି ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ କତରକେଲା ଗ୍ରାମର ଘାଟନୀ ଛତର (୫୦)। ଘାଟନୀ ତାଙ୍କ ଗର୍ଭବତୀ ବୋହୂ ମମତା ଛତର(୨୭)ଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନାତି ରାକେଶ ବାଗ୍ (୨୧)ଙ୍କ ସହ ଏକ ବାଇକ୍ ଯୋଗେ ଟିଟିଲାଗଡ଼ ମାତୃ ଓ ଶିଶୁ ଚିକିତ୍ସାଳୟକୁ ଯାଉଥିଲେ। ମାତ୍ର କତରକେଲା ନିକଟ ଭାଲୁଡୁଙ୍ଗୁରି ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କ ବାଇକ୍‌କୁ ପଛପଟୁ ଜୋରଦାର୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଘାଟନୀଙ୍କ ମୃତ୍ୟୁ ଘଟିଥିବାବେଳେ ବୋହୂ ଓ ନାତି ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ରାକେଶଙ୍କ ଗୋଡ଼ ଭାଙ୍ଗି ଯାଇଥିବାବେଳେ ମମତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସଦରମହକୁମା



ବଲାଙ୍ଗୀରକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇବା ପରେ ଚାଳକ ଟ୍ରକ୍ ଛାଡ଼ି ଫେରାର୍ ହୋଇଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଶତାଧିକ ଗ୍ରାମବାସୀ ରାସ୍ତାରେ ଟାୟାର୍ ଜାଳି କ୍ଷତିପୂରଣ ଦାବିରେ ରାଜରାସ୍ତା ଅବରୋଧ କରିଥିଲେ। ଖବରପାଇ ଟିଟିଲାଗଡ଼ ତହସିଲଦାର୍ ଶଙ୍କର ବାଗ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଓ ଟିଟିଲାଗଡ଼ ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀ, ଆଇଆଇସି ମନଜ ମୁଣ୍ଡା ଓ ଏସ୍ଆଇ ସୁକନ୍ୟା ରାଉତ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଖବରପାଇ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଘଟଣାସ୍ଥଳରେ ପହଁଞ୍ଚି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଫୋନ୍ ଯୋଗେ ପରିବାର ସହ କଥାହୋଇ ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ସହାୟତା ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ପୁଲିସ୍ ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

# ଖପ୍ରାଖୋଲ-ଲାଠୋର ରାସ୍ତାର ସମ୍ପ୍ରସାରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର



**ପାଟଣାଗଡ଼,୧୬।୪/ଏନ୍ଏନ୍ଏସ୍:** ଖପ୍ରାଖୋଲ-ଲାଠୋର ରାସ୍ତାର ସମ୍ପ୍ରସାରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ନଡ଼ିଆ ଭାଙ୍ଗି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ପଥପ୍ରାନ୍ତ ସଭାରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନ ରଞ୍ଜନ ନାୟକ ଅଧ୍ୟକ୍ଷତା କରିଥିବାବେଳେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିରୂପେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଓ ତହସିଲଦାର୍ ଆନନ୍ଦ କୁମାର ପଣ୍ଡା ଉପସ୍ଥିତ ଥିଲେ। ଖପ୍ରାଖୋଲଠାରୁ ଲାଠୋର ରାସ୍ତାର ସମ୍ପ୍ରସାରଣ ପ୍ରକଳ୍ପ ୧୯ କିମିକୁ ୮ କୋଟି ୧୭ ଲକ୍ଷ ୬ହଜାର ୬୧୮ ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଏହି ପ୍ରକଳ୍ପ ବର୍ଷେ ମଧ୍ୟରେ ଶେଷ ହେବ ବୋଲି ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ଉମାକାନ୍ତ ପ୍ରଧାନ, ବିକାଶ ବେହେରା, ଉପେନ୍ଦ୍ର ଭୋଇ, ସତ୍ୟାନନ୍ଦ ଦଣ୍ଡସେନାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ମହିଳା ପୁରୁଷ ଉପସ୍ଥିତ ଥିଲେ। ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ

# ମୁଗ, ବିରି ଓ ଚିନାବାଦାମ ଦର ଧାର୍ଯ୍ୟ

**ମାଲକାନଗିରି,୧୬।୪/ଏନ୍ଏନ୍ଏସ୍:** ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୨୫-୨୬ ରବି ଋତୁ ପାଇଁ ଜିଲ୍ଲାରେ ଉତ୍ପାଦିତ ହେଉଥିବା ମୁଗ, ବିରି ଓ ଚିନାବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯିବା ସହ ଶସ୍ୟ ସଂଗ୍ରହ ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏଥିରେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ କୁମାର ପ୍ରହରାଜ, ସମବାୟ ସମିତି ସମୂହର ଉପନିବନ୍ଧକ ଥିଓଫିଲ ଶବର, ମାର୍କଫେଡ୍‌ର ଆଞ୍ଚଳିକ ପରିଚାଳକ ଚନ୍ଦ୍ର ସେଠିଆ, ଆର୍‌ଏମ୍‌ସି ସମ୍ପାଦକ ସଞ୍ଜୟ କୁମାର ଦାସ ଓ ସାଂସଦ ପ୍ରତିନିଧି ସଞ୍ଜୟ ସରକାରଙ୍କ ସମେତ ସମସ୍ତ ବ୍ଲକ୍ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ଜିଲ୍ଲାପାଳ ଅଧ୍ୟକ୍ଷତା କରି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ପ୍ରକୃତ ଚାଷୀ ଯେପରି ଶସ୍ୟ ବିକ୍ରିରୁ ବଞ୍ଚିତ ନ ହୁଅନ୍ତି ଏବଂ ମଣ୍ଡିରେ ସେମାନଙ୍କ ପାଇଁ ପାନୀୟଜଳ ଓ ବିଶ୍ରାମାଗାର ଭଳି ସମସ୍ତ ମୌଳିକ ସୁବିଧା ଉପଲବ୍ଧ ହୁଏ, ତାହା ପ୍ରଶାସନ ପକ୍ଷରୁ ନିଶ୍ଚିତ କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସେହିପରି ସମବାୟ ଅଧିକାରୀଙ୍କୁ ସମବାୟ ସମିତି ଜରିଆରେ ହେଉଥିବା ପଞ୍ଜିକରଣ ପ୍ରକ୍ରିୟାକୁ ସ୍ୱଚ୍ଛ ରଖିବା ସହ ମଧ୍ୟସ୍ଥିଙ୍କ ପ୍ରାଦୁର୍ଭାବ



ରୋକିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ବ୍ଲକ୍‌ସ୍ତରୀୟ ଅଧିକାରୀଙ୍କ ଜରିଆରେ ମଣ୍ଡି ତାରିଖ ଓ ସରକାରୀ ଦର ସମ୍ପର୍କରେ ସଚେତନ କରିବାକୁ ଏବଂ ଫସଲର ଗୁଣବତ୍ତା ଯାଞ୍ଚ କରିବାକୁ ଚାଷୀଙ୍କୁ ଦାୟିତ୍ୱ ଦିଆଯାଇଛି। ସାମଗ୍ରିକ ଭାବେ ଏହି ବୈଠକରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ମୂଲ୍ୟରେ ଯେପରି ଚାଷୀମାନେ ସୁବିଧାରେ ନିଜର ଶସ୍ୟ ବିକ୍ରି କରିପାରିବେ, ସେଥିପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

### ବିଦେଶ ମାଟିରେ ମାନବିକତାର ଜୟଗାନ

# ୩ ମାସର ସଂଘର୍ଷ ପରେ ସୁସ୍ଥ ହୋଇ ଫେରିଲେ ବିଜ୍ଞାନ ଦାସ

**ଟିଟିଲାଗଡ଼,୧୬।୪/ଏନ୍ଏନ୍ଏସ୍:** ମାନବିକତା ଓ ଏକତାର ଏକ ଅନନ୍ୟ ଉଦାହରଣ ସୁଦୂର ଆବୁଧାବି ମାଟିରେ ଦେଖିବାକୁ ମିଳିଛି। ଦୀର୍ଘ ୩ ମାସ ଧରି ହସ୍ପିଟାଲ୍ ଶଯ୍ୟାରେ ଜୀବନ ଓ ମରଣ ସହ ସଂଗ୍ରାମ କରୁଥିବା କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରବାସୀ ଓଡ଼ିଆ ବିଜ୍ଞାନ ଦାସ ସୁସ୍ଥ ହୋଇ ନିଜ ପରିବାର ପାଖକୁ ଫେରିଛନ୍ତି। ଏହି କଠିନ ସମୟରେ 'ଓଡ଼ିଆ ସମାଜ ଆବୁଧାବି'ର ନିସ୍ୱାର୍ଥପର ସେବା ଓ ପ୍ରଚେଷ୍ଟା ଯୋଗୁ ଆଜି ଜଣେ ଓଡ଼ିଆ ଶ୍ରମିକ ନୂତନ ଜୀବନ ପାଇଛନ୍ତି। ସୂଚନାନୁଯାୟୀ ବିଜ୍ଞାନ ୨୦୧୪ ମସିହାରୁ ଆବୁଧାବିରେ କାର୍ଯ୍ୟ କରିଆସୁଥିଲେ। ମାତ୍ର ପ୍ରାୟ ତିନି ମାସ ତଳେ ସେ ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ବିଦେଶ ମାଟିରେ ପରିବାରଠାରୁ ଦୂରରେ ଥିବା ବିଜ୍ଞାନଙ୍କ ଅବସ୍ଥା ବିଷୟରେ ଜାଣିବା ପରେ 'ଓଡ଼ିଆ ସମାଜ ଆବୁଧାବି'ର କର୍ମକର୍ତ୍ତାମାନେ ତୁରନ୍ତ ସହାୟତାର ହାତ ବଢ଼ାଇଥିଲେ। ନିଜର ବ୍ୟସ୍ତବହୁଳ ଜୀବନରୁ ସମୟ ବାହାର କରି ସଂଗଠନର ସଦସ୍ୟମାନେ ନିୟମିତ ହସ୍ପିଟାଲ୍ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବା ସହ ଓଡ଼ିଶାରେ ଥିବା ତାଙ୍କ ପରିବାର ସହ ନିରନ୍ତର ଯୋଗାଯୋଗ ରଖିଥିଲେ। ବିଜ୍ଞାନଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବା ପରେ ଗୁରୁବାର ସେ ଓଡ଼ିଶା ଫେରିଛନ୍ତି। ବିମାନବନ୍ଦରରେ ତାଙ୍କୁ



ତାଙ୍କ ପରିବାର ଲୋକେ ଭାବବିହ୍ୱଳ ହୋଇ ସ୍ୱାଗତ କରିଥିଲେ। ଓଡ଼ିଆ ସମାଜ ଆବୁଧାବିର ସମସ୍ତ ସଦସ୍ୟଙ୍କୁ ପରିବାର ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଆଜି ଆମ ଭାଇ କେବଳ ପ୍ରବାସୀ ଓଡ଼ିଆ ଭାଇଙ୍କ ସହଯୋଗ ଯୋଗୁ ଆମ ପାଖକୁ ସୁସ୍ଥ ହୋଇ ଫେରିଛନ୍ତି ବୋଲି ପରିବାର ସଦସ୍ୟ ପ୍ରକାଶ କରିଛନ୍ତି। ଅନ୍ୟପଟେ ଓଡ଼ିଆ ସମାଜ ଆବୁଧାବିର କର୍ମକର୍ତ୍ତାମାନେ ଏହାକୁ ଏକ ପରିବାରର ଦାୟିତ୍ୱ ବୋଲି ଅଭିହିତ କରିଛନ୍ତି। ସଂଗଠନ ପକ୍ଷରୁ କୁହାଯାଇଛି ଯେ ପରିବାର ବାହାରେ ଆଉ ଏକ ପରିବାର ହେଉଛି ପ୍ରବାସୀ ଓଡ଼ିଆ ସମାଜ। ଆଗାମୀ ଦିନରେ ମଧ୍ୟ ଅସହାୟ ଓଡ଼ିଆଙ୍କ ପାଇଁ ଏପରି ଜନହିତକାରୀ କାର୍ଯ୍ୟ ଜାରି ରହିବ।

## ଭୀମଭୋଇ ଭିନ୍ନକ୍ଷମ ଶିବିର ଉଦ୍‌ଯାପିତ

**କଣାସ,୧୬/୪/ଏନ୍‌ଏନ୍‌ଏସ୍:** କଣାସ ବ୍ଲକ ସ୍ତରୀୟ ଭିମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଆଜି ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨୧ଜଣ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇଥିଲେ। ବିଡିଓ ସୌମ୍ୟରଂଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଶିବିର କାର୍ଯ୍ୟ ଚାଲିଥିଲା। ପ୍ରଚାର, ପ୍ରସାର ଅଭାବରୁ ଏବଂ ସକାଳୁଆ ଶିବିର ଅନୁଷ୍ଠିତ ହୋଇଥିବାରୁ ବହୁ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇ ପାରିନଥିଲେ। ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ଜଣାପଡ଼ିଛି।

ନିତିଦିନ NITIDIN

## ମହାବୀରଙ୍କ ପୀଠରେ ମହାବିଷୁବ ମିଳନ

**ଓଡ଼ଗାଁ,୧୬/୪/ଏନ୍‌ଏନ୍‌ଏସ୍:** ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଓଡ଼ଗାଁ ହନୁମାନ ଛକ ବିରାଜିତ ଶ୍ରୀଶ୍ରୀ ହନୁମନ୍ତ ମହାରାଜଙ୍କ ପୀଠରେ ମହାବୀର ଜୟନ୍ତୀ ଉତ୍ସବ ମହା ଆନନ୍ଦ ଉଲ୍ଲାସରେ ପାଳନ ହୋଇଥିବା ଦେଖିବାକୁ ମିଳିଛି। ଏହି ପବିତ୍ର ତିଥିରେ ସକାଳେ ପ୍ରଭୁ ଶ୍ରୀ ଶ୍ରୀମହାରାଜଙ୍କ ସର୍ବାଙ୍ଗ ଚନ୍ଦନଲାଗି ବେଶ ଅନୁଷ୍ଠିତ ହେବାସହ ପାରମ୍ପରିକ ପ୍ରଥା ଅନୁସାରେ ସମସ୍ତ ପୂଜାବିଧି ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପଣା ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଚକରା ଭାଇ ପରିଚାଳନା କରିଥିବାବେଳେ ଓଡ଼ଗାଁ ଏନଏସି କନିଷ୍ଠଯନ୍ତ୍ରୀ ସତ୍ୟନାରାୟଣ ସାହୁ, ଯୁବ ସମାଜସେବୀ ନାରାୟଣ ସାହୁଙ୍କ ସମେତ ଲକ୍ଷ୍ମୀବଜାରର ସମସ୍ତ ବ୍ୟବସାୟୀ ବନ୍ଧୁ ଓ ହନୁମାନ ଜିଉଙ୍କ ମନ୍ଦିର କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ଅନୁରୂପ ଭାବେ ସିନେମା ହଲ ଛକ ଠାରେ ବିରାଜିତ ଶ୍ରୀଶ୍ରୀ ହନୁମନ୍ତ ମହାରାଜଙ୍କ ପୀଠରେ ମଧ ମହାବିଷୁବ ସଂକ୍ରାନ୍ତି ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଛି।

## 'ହରପାର୍ବତୀ ଯୋଗ' ପକ୍ଷରୁ ହନୁମାନ ଜୟନ୍ତୀ

**କୁଷ୍ଠେଇ,୧୬/୪/ଏନ୍‌ଏନ୍‌ଏସ୍:** ବନମାଳୀପୁର ଗ୍ରାମର ହରପାର୍ବତୀ ଯୋଗ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠାନ ପରିସରେ ଦୀର୍ଘ ୬ବର୍ଷ ଧରି ଅନୁଷ୍ଠାନ ପକ୍ଷରୁ ମହାବିଷୁବ ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ହରପାର୍ବତୀ ଯୋଗ ଅନୁଷ୍ଠାନର ପରିସରେ ଯୋଗ ଅନୁଷ୍ଠାନର ସମସ୍ତ ମହିଳା ଓ ପୁରୁଷ ଭକ୍ତଙ୍କ ଦ୍ୱାରା ୧୦୮ ହନୁମାନ ଚାଳିଶା ପାଠ ସହିତ ପୂଜାର୍ଚ୍ଚନା ଓ ପଣା ଭୋଗ ସହିତ ଭକ୍ତମାନଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଭଜନ କୀର୍ତ୍ତନ ମନ୍ତ୍ରଧ୍ୱନିରେ ଅନୁଷ୍ଠାନ ପରିସର ପ୍ରକମ୍ପିତ ହେବ ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗୁରୁ ପ୍ରଶାନ୍ତ ପ୍ରଧାନଙ୍କ ରାମାୟଣରେ ହନୁମାନଜୀଙ୍କ ଉପରେ ଅଷ୍ଟ ନିଧି, ସିଦ୍ଧି କଥା ପ୍ରବଚନ ଦେଇଥିଲେ। ଅନୁଷ୍ଠାନର ସଭାପତି ଦୈତ୍ୟାରୀ ମାଣିକଙ୍କ ତତ୍ତ୍ୱାବୋଧନାରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ଅନୁଷ୍ଠାନର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ସିବିଏସ୍‌ସିରେ ରୋଜାଲିନ ବ୍ଲକ୍ ଟପ୍ପର୍

**ଦଶପଲ୍ଲା,୧୬/୪/ଏନ୍‌ଏନ୍‌ଏସ୍:** ସିବିଏସି ପରୀକ୍ଷା ଫଳ ପ୍ରକାଶ ପାଇଛି. ଦଶପଲ୍ଲା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ରୋଜାଲିନ ପାଣି ସମୁଦାୟ ୯୭.୮% ମାର୍କ ରଖି ଦଶପଲ୍ଲା ବ୍ଲକ ଟପ୍ପର୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଆଦର୍ଶ ବିଦ୍ୟାଳୟ ର ମୋଟ ୭୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ଜଣ ୯୦% ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ପ୍ରଥମ ସ୍ଥାନରେ ରୋଜାଲିନ୍ ଥିବାବେଳେ ଦ୍ୱିତୀୟରେ ଦୀପାଞ୍ଜଳି ଦଳବେହେରା ୯୭%, ତୃତୀୟ ସୌମଶ୍ରୀ ବେହେରା ୯୬.୮% ଓ ବିବି ସେଣ୍ଟ୍ରାଲ ଏକାଡେମୀର ଆଶୁତୋଷ ପଟ୍ଟନାୟକ, ଆଦ୍ୟାସା ନାୟକ ୯୬. ୫%, ମାନସୀ ବେହେରା ୯୪%, ଲଭଲି ପ୍ରିୟ ଦର୍ଶନୀ ୯୨%, ଆଶୁତୋଷ ନନ୍ଦ ୯୦, ୩% ରଖି ଆଇକନିକ ପରୀକ୍ଷା ଦେବାକୁ ଯୋଗ୍ୟତା ହାସଲ କରିଛନ୍ତି। ଆଦର୍ଶ ବିଦ୍ୟାଳୟର ଶତପ୍ରତିଶତ ପାସ ହାର ରହିଥିବା ବେଳେ ବିବି ସେଣ୍ଟ୍ରାଲ ଏକାଡେମୀର ୨୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଫେଲ୍ ହୋଇଥିବା ଜଣାପଡ଼ିଛି।

## ରାଜ୍ୟପାଳଙ୍କୁ ସାକ୍ଷାତକଲେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି

**ସାକ୍ଷୀଗୋପାଳ,୧୬/୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ଲୋକ ଭବନରେ ମାନ୍ୟବର ରାଜ୍ୟପାଳ ତଥା କୁଳାଧିପତି ହରିବାବୁ କମ୍ଭମପାଟିଙ୍କୁ ପ୍ରଥମ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। କାର୍ଯ୍ୟକ୍ରମରେ କୁଳସଚିବ ରଶ୍ମିରେଖା ଦାସ ଓ ବିତ୍ତ ନିୟନ୍ତ୍ରକ ସଂଜୀବ ଜେନା କୁଳପତିଙ୍କ ସହିତ ଉପସ୍ଥିତ ରହିଥିଲେ। ଏହି ସାକ୍ଷାତ ସମୟରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ କୁଳାଧିପତିଙ୍କ ସହିତ ଆଲୋଚନା କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ

**ନୟାଗଡ଼,୧୬/୪/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଜିଲ୍ଲାସ୍ତରୀୟ ଡଃ ଭିମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଅତି ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ୍, ଅତିରିକ୍ତ ଆରକ୍ଷ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉପସ୍ଥିତ ଅତିଥିମାନେ ଆମ୍ବେଦକରଙ୍କ ସ୍ମୃତି ଚାରଣ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ସଂଘର୍ଷମୟ ଜୀବନୀ ଏବଂ ଭାରତୀୟ ସମ୍ବିଧାନ ଗଠନରେ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଜୟେନ୍ଦ୍ର ବେହେରା ସଂଯୋଜନା କରିଥିଲାବେଳେ ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ଆମ୍ବେଦକର ସଂଘର ସଦସ୍ୟ ଓ କେତେକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

### ଜାତୀୟ ଶିକ୍ଷାନୀତିକୁ ଅଣଦେଖା: ଭୂତ ପରୀକ୍ଷାର୍ଥୀ ପାସ୍

# ପରୀକ୍ଷା ଦେଇନଥିବା ସ୍ୱୀକାର କଲେ ଛାତ୍ରଛାତ୍ରୀ ଓ ଅଭିଭାବକ

**ଓଡ଼ଗାଁ,୧୬/୪/ଏନ୍‌ଏନ୍‌ଏସ୍:** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଅନୁଯାୟୀ ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରେ ୫ମ ଓ ୮ମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ପାସ୍ ଫେଲର ବ୍ୟବସ୍ଥା ଥିବାବେଳେ ଓଡ଼ଗାଁ ବ୍ଲକ୍‌ରେ ଏହି ଶିକ୍ଷା ନୀତି ସଂପୂର୍ଣ୍ଣ ଫେଲ୍‌ମାରିଛି। ଏଠି ଭୂତ ପରୀକ୍ଷାର୍ଥି ପାସ୍ କରିଥିବା ଜଣାପଡ଼ିଛି। ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଘଟଣାକୁ ସ୍ୱୀକାର କରିଛନ୍ତି ନିଜେ ଛାତ୍ରଛାତ୍ରୀ ଓ ଅଭିଭାବକ। ଓଡ଼ଗାଁ ବ୍ଲକ୍ ବାଣ୍ଡପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏଭଳି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ କିଏ ଖେଳୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନା ଅନୁଯାୟୀ, ବାଣ୍ଡପୁର ଉଚ୍ଚ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୬୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଚଳିତବର୍ଷ ବାର୍ଷିକ ପରୀକ୍ଷାରେ ସମସ୍ତ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ନିୟମ କଡ଼ାକଡ଼ି ଥିବା ବେଳେ ଏଠି ୨୦ରୁ ୩୦ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। କିନ୍ତୁ ଛାତ୍ରଛାତ୍ରୀଙ୍କ ପରୀକ୍ଷାଫଳ ବାହାରିବା ସମୟରେ ପରୀକ୍ଷା ଦେଇଥିବା



ଛାତ୍ରଛାତ୍ରୀଙ୍କ ସମେତ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀ ପାସ୍ କରିଥିଲେ। ଏହି ଘଟଣା ଜଣାପଡ଼ିବାପରେ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ତାଜୁବ ହୋଇପଡ଼ିଥିଲେ।ଆସନ୍ତା ବର୍ଷକୁ ଆମେ ଆଉ ପରୀକ୍ଷା ଦେବାନାହିଁ ବୋଲି ଛାତ୍ରଛାତ୍ରୀମାନେ ନିଜ ନିଜଭିତରେ କୁହାକୁହି ହୋଇ ବିଚଳିତ ହୋଇ ପଡ଼ିଥିଲେ। ସେତିକି ନୁହଁ ଏହି ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀରେ ଭଲ ନମ୍ବର ଦେଇ ଉତ୍ତୀର୍ଣ୍ଣ ମଧ କରାଯାଇଛି। ଛାତ୍ରଛାତ୍ରୀ ପରୀକ୍ଷା ନଦେଇଥିଲେ ମଧ ସେମାନଙ୍କ ବାର୍ଷିକ ପରୀକ୍ଷା ଖାତା ଗୁଡ଼ିକରେ କିଏ ଲେଖିଛି ଓ କେଉଁ ଶିକ୍ଷକଙ୍କ ଇଙ୍ଗିତରେ ଖାତାଲେଖି ପାସ କରାଯାଇଛି ତାହା ସାଧାରଣରେ ଚର୍ଚ୍ଚା ହେଉଛି। ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମତାମତ ନେବାପରେ ସେମାନେ ବିଭିନ୍ନ ଅସୁବିଧା ଯୋଗୁ ପରୀକ୍ଷା ଦେଇ ପାରିନଥିବା ସ୍ୱୀକାର କରିଛନ୍ତି। ଶିକ୍ଷା ନୀତି ଅନୁଯାୟୀ ଯେଉଁ ପାସ୍ ଫେଲର ବ୍ୟବସ୍ଥା ରହିଛି ତାକୁ ଉଲ୍ଲଂଘନ କରାଗଲା କାହିଁକି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। କେଉଁ ସ୍ୱାର୍ଥ ହାସଲପାଇଁ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ଉତ୍ତୀର୍ଣ୍ଣ କରାଗଲା। ବିଦ୍ୟାଳୟର ଖେଳଶିକ୍ଷକଙ୍କ କଥାରେ ପଡ଼ି ପ୍ରଧାନଶିକ୍ଷକ ଏଭଳି କରିଥିବା ଘଟଣା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଯଦି ପରୀକ୍ଷାରେ ଅନୁପସ୍ଥିତ ଛାତ୍ରଛାତ୍ରୀ ଭଲ ନମ୍ବରରଖି ପାସ କଲେ ତେବେ ରେଗୁଲାର ସ୍କୁଲକୁ ଆସୁଥିବା ଛାତ୍ରଛାତ୍ରୀ ଆସନ୍ତା ବର୍ଷକୁ ପରୀକ୍ଷା ଦେବେ କି ନାହିଁ ବୋଲି ପ୍ରଶ୍ନ ଉଠିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ କିଏ ଖେଳ ଖେଳୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଥିଲା ବେଳେ ଅନୁପସ୍ଥିତ ପରୀକ୍ଷାର୍ଥିଙ୍କ ପରୀକ୍ଷାଖାତା କିଛି ପିଲାଙ୍କୁ ଲଗାଇ ପଛରେ ପରୀକ୍ଷାଖାତା ପୂରଣ କରିଥିବା ମଧ ଅଭିଯୋଗ ହୋଇଛି।

## ଅକ୍ଷୟତୃତୀୟାରେ ଶ୍ରୀଜୟଦେବ ଜୟନ୍ତୀ ପାଇଁ ପ୍ରାଚୀତଟ ଚଳଚଞ୍ଚଳ

**ଚାରିଛକ,୧୬/୪/ଏନ୍‌ଏନ୍‌ଏସ୍:** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପ୍ରାଚୀତଟର ଗର୍ବ ଗୌରବ ଭକ୍ତ ଜୟଦେବଙ୍କ ଜୟନ୍ତୀ ପାଳନ ପାଇଁ ପ୍ରାଚୀତଟ ମଠ, ମନ୍ଦିର, ଦେବପୀଠ ଚଳଚଞ୍ଚଳ ହୋଇପଡିଛି। ଏଥି ପାଇଁ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପରିଚାଳନାରେ ଏକ ପ୍ରସ୍ତୁତୀ ବୈଠକ ପଦ୍ମସଂଭବ ପୀଠରେ ସଂପନ୍ନ ହୋଇଛି। ବୈଠକରେ ପରିଷଦ ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର, ଉପଦେଷ୍ଟା ଡଃ ସନ୍ତୋଷ କୁମାର ମିତ୍ର, ସଂପାଦକ ଦେବେନ୍ଦ୍ର ମହାରୀ, ସଂଯୋଜକ କାଳିପ୍ରସାଦ ସ୍ୱାଇଁ, କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଜୟଦବେଙ୍କ ସ୍ତୁତିଚାରଣ ପୂର୍ବକ ଜୟନ୍ତୀ କାର୍ଯ୍ୟଧାରା ପ୍ରସ୍ତୁତ କରିଛନ୍ତି। ଭକ୍ତ ଜୟଦେବ ବିରଚିତ ଶ୍ରୀ ଗୀତଗୋବିନ୍ଦର ପଦ ନିଜେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପୂରଣ କରିବା ସହ ଶ୍ରୀମନ୍ଦିରର ଶ୍ରେଷ୍ଠ ସେବା ଭାବେ ଶ୍ରୀ ଗୀତଗୋବିନ୍ଦ ସେବାକୁ ବାଛିଛନ୍ତି। ଏପରିକି ପ୍ରତ୍ୟେହ ବଡ଼ସିଂହାର ବେଶରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀ ଗୀତଗୋବିନ୍ଦ ପାଟ ଖଣ୍ଡୁଆ ପିନ୍ଧିବା ସହ ଶ୍ରୀ ଗୀତଗୋବିନ୍ଦ ଶ୍ରବଣ କରୁଛନ୍ତି।

ଏ ମହାନ ତଥ୍ୟକୁ ସମସ୍ତଙ୍କ ପାଖେ ପହଞ୍ଚାଇବା ପାଇଁ ଭକ୍ତ ଜୟଦେବଙ୍କ ବଂଶଧର ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଅନୁରୋଧ ରକ୍ଷାକରି ଓଡିଶା ସରକାର ୧୯୯୨ ମସିହାରୁ ତ୍ରିଦିବସୀୟ ଶ୍ରୀ ଜୟଦେବଙ୍କ ଜୟନ୍ତୀ ସଂକୀର୍ତ୍ତନ ଯାତ୍ରାର ପ୍ରାରମ୍ଭ କରିଛନ୍ତି। ଅକ୍ଷୟ ତୃତୀୟା ଦିନ ଏହି ସଂକୀର୍ତ୍ତନ ଯାତ୍ରା ଏକାମ୍ର କ୍ଷେତ୍ରରୁ ଆରମ୍ଭ ହୋଇ ପ୍ରାଚୀତଟର ପ୍ରମୁଖ ପୀଠ ପରିକ୍ରମା ପୂର୍ବକ ଶ୍ରୀକ୍ଷେତ୍ର ଗମନ କରିବ।

## ସୁନ୍ଦରଗ୍ରାମ ହାଇସ୍କୁଲ୍ ପ୍ଲାଟିନମ୍ ଜୁବୁଲିରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**କଣ୍ଡାପଡ଼ା,୧୬/୪/ଏନ୍‌ଏନ୍‌ଏସ୍:** କଣ୍ଡାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମ ସରକାରୀ ହାଇସ୍କୁଲର ୭୫ତମ ବାର୍ଷିକ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବୁଲି ଉତ୍ସବ ପାଳନ ହେବ। ଏ ନେଇ ଆୟୋଜକ କମିଟି ସଭାପତି ସୁଶାନ୍ତକୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଇଂ. ଫଣିଭୂଷଣ ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ, ଅଶୋକକୁମାର ପାତ୍ର, ସଂଗ୍ରାମକେଶରୀ ରାଉତରାୟ ଓ ଆଲୁମିନି କମିଟି ସଦସ୍ୟମାନେ ଯୋଗଦେଇ ଉତ୍ସବ ସୁପରିଚାଳନା ନେଇ ଆଲୋଚନା କରିଥିଲେ। ଆସନ୍ତା ୧୯ତାରିଖ ରବିବାର ପୂର୍ବାହ୍ଣରେ ବିଦ୍ୟାଳୟ ପରିସରରେ ଏହି ଉତ୍ସବ ପାଳନ କରାଯିବ ଓ ଏଥିରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବିଷୟ ବୈଠକରେ ଘୋଷଣା ହୋଇଥିଲା। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଆୟୋଜକ କମିଟି ସମ୍ପାଦକ ଇଂ. ମହାନ୍ତି ଜଣାଇଛନ୍ତି।

## ନିଆଁରେ ଚାଲିଲେ, କଣ୍ଟାରେ ଗଡ଼ିଲେ ଦଣ୍ଡୁଆ

**ବୋଲଗଡ଼,୧୬/୪/ଏନ୍‌ଏନ୍‌ଏସ୍:** ବୋଲଗଡ଼ ସଦର ମୁଖ୍ୟାଳୟ ସମେତ ଅଂଚଳର ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସର ସହିତ ମହା ବିଷୁବ ପଣାସଂକ୍ରାନ୍ତି ପାଳନ ସହିତ ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ସମାପନ ହୋଇଛି। ଦୀର୍ଘ ୧୩ଦିନରୁ ଉର୍ଦ୍ଧ୍ୱ ସମୟଧରି ମାନସିକ ବ୍ରତଧାରୀ ବଡ଼ଦଣ୍ଡୁଆ, ପାଟଦଣ୍ଡୁଆ, ପାଟଭଗତା, ଭଗତା ଓ ଦଣ୍ଡୁଆମାନେ ସଂକ୍ରାନ୍ତି ତିଥିରେ ଝାମୁ ତଥା ନିଆଁ ଗାଡ଼ରେ ଚାଲି ବ୍ରତ ସମାପନ କରିଥିଲେ। ଏହି ଅବସରରେ ବୋଲଗଡ଼, ତୃତୀୟାପଡା ଦଣ୍ଡ କୋଠିରେ ଦଣ୍ଡୁଆ ଓ ମାନସିକଧାରୀ ମାନେ ଦଣ୍ଡ କାଳୀଙ୍କ ପ୍ରାତଃ ହୋମାଦି ସାରି ନିକଟସ୍ଥ ନିର୍ଦ୍ଦିଷ୍ଟ ପୋଖରୀକୁ ଯାଇ ପରେ କାମନା ମନ୍ଦିରକୁ ଫେରି ଆସିଥିଲେ। ପରେ ପ୍ରସ୍ତୁତ ରହିଥିବା ୨୨ହାତ ବିଶିଷ୍ଟ ଝାମୁ ଗାଡ଼ରେ ଦଣ୍ଡୁଆ ଓ ମାନସିକ ଧାରୀମାନେ ଚାଲିଥିଲେ। ଏପରିକି ଛୋଟଛୋଟ ଶିଶୁ ମାନଙ୍କ ପାଇଁ ମାନସିକ ରଖିଥିବା ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ଭାଗତାଙ୍କ କାନ୍ଧରେ ବସାଇ ଝାମୁ ଚଲାଇଥିଲେ। ବିଭିନ୍ନ ଗ୍ରାମ ମାନଙ୍କରେ ଦଣ୍ଡୁଆ ଭଗତାମାନେ କଣ୍ଟାରେ ଗଡ଼ିବା, ପିଠିରେ ପାଟଫୋଡ଼ ଥାଇ ଅରଟ ବାଉଁଶ ଦ୍ୱାରା ଶୂନ୍ୟରେ ଘୁରିବା ଓ ଧୂଳିଦଣ୍ଡ ଇତ୍ୟାଦିରେ ମାନସିକ ରଖି ଦଣ୍ଡ ବ୍ରତକୁ ବିରାମ ଦେଇଛନ୍ତି।

## 'ଅଭିନବ ୪୨ ମୌଜା' ପକ୍ଷରୁ ଜଳଛତ୍ର

**ବୟାଳିଶମୌଜା,୧୬/୪/ଏନ୍‌ଏନ୍‌ଏସ୍:** କଟକ ସଦର ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସ୍ଥାନୀୟ ସାମାଜିକ ସଂଗଠନ 'ଅଭିନବ ୪୨ ମୌଜା' ପକ୍ଷରୁ ବେଣ୍ଟକାର ଠାରେ ଏକ ଜଳଛତ୍ର ଖୋଲା ଯାଇ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମର ପ୍ରକୋପକୁ ଦୃଷ୍ଟିରେ ରଖି ସଂଗଠନ ପକ୍ଷରୁ ସାଧାରଣ ଜନତା ଓ ପଥିକମାନଙ୍କୁ ଶୀତଳ ପଣା ପ୍ରଦାନ କରାଯିବା ସହିତ ଅଂଶୁଘାତରୁ ରକ୍ଷାପାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ସୁବାଷ ଚନ୍ଦ୍ର ସାହୁ ଓ ନକୁଳ ବେହେରାଙ୍କଙ୍କ ତତ୍ତ୍ୱାବଧାନରେ ତଥା ବିଷ୍ଣୁଚରଣ ଦାଶ, ତୃପ୍ତିରଞ୍ଜନ ପତି, ଦୁର୍ଗାମାଧବ ପତି, ଜ୍ୟୋତିରଞ୍ଜନ ମହାପାତ୍ର, ସୁଜାତା ସ୍ୱାଇଁ, ଖିରୋଦ ବୈଠାଲୁ, ବିଶ୍ୱଜିତ ପତି, ବିଘ୍ନେଶ୍ୱର ଜେନା, ଅମିତ ମହାପାତ୍ର, କାଳୀପ୍ରସନ୍ନ ଶତପଥୀ, ସତ୍ୟବ୍ରତ ଦୀକ୍ଷିତ, ଯୁବରାଜ ନାୟକ, ଅଧିକାନ୍ଦ ଭୋଇ, ସମୀର ନାୟକ, ସ୍ୱାଗତ ନାୟକ ଏବଂ ପ୍ରଭାତୀ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ଖୋ ଖୋ -୨୦୨୬ ଉଦ୍‌ଘାଟିତ

**ଖୋର୍ଦ୍ଧା,୧୬/୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ଖୋର୍ଦ୍ଧା ଷ୍ଟାଡିୟମ୍ ଠାରେ ମୁଖ୍ୟମନ୍ତ୍ରୀ ଖୋ ଖୋ ଚାମ୍ପିଅନଶିପ୍-୨୦୨୬ ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ, ଖୋର୍ଦ୍ଧା ଗୀତାଞ୍ଜଳି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରି ଖୋ ଖୋ କ୍ରୀଡ଼ାବିତ୍‌ଙ୍କ ସୁଦୂର ପ୍ରସାରୀ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ସଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ପ୍ରତିଯୋଗିତାର ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଖୋ ଖୋ ପ୍ରତିଯୋଗିତାରେ ୧୬ ଗୋଟି ଦଳର ୨୪୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ଏବଂ ଜିଲ୍ଲାର ୨୦ ଜଣ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଶୃଙ୍ଖଳାର ସହ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସେହିପରି ଜିଲ୍ଲା କ୍ରୀଡା ସଂସଦ କର୍ମକର୍ତ୍ତା ଜ୍ୟୋତିପ୍ରକାଶ ମହାନ୍ତି, ଅନିଲ କୁମାର ସାହୁ, ଦାନିଏଲ ନାଏକ, ବୀର କିଶୋର ସିଂହ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।


ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୬୮୧୯/ଭୁ.ଉ.କ.,ଭୁବନେଶ୍ୱର ତା.୦୪.୦୪.୨୦୨୬ରିଖ
PM(C)-115/89

ସୂଚନା

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରିୟଦର୍ଶିନୀ ମାର୍କେଟ କମ୍ପ୍ଲେକ୍ସ, ସି.ଆର.ପି ସ୍କୋୟାର, ଭୁବନେଶ୍ୱର ଅନ୍ତର୍ଗତ ଦୋକାନ ଗୃହ ନଂ.02-15, କୁ ଶ୍ରୀମତୀ ଶର୍ମିଷ୍ଠା ପତି, ସ୍ୱାମୀ-ଗଗନ ବିହାରି ପତି, ଗ୍ରାମ/ପୋଷ୍ଟ-ରାହାମା, ଥାନା-ତିର୍ତ୍ତୋଲ, ଜିଲ୍ଲା-ଜଗତସିଂହପୁର, ଓଡ଼ିଶାଙ୍କ ନାମରେ ଅବଣ୍ଟନ କରାଯାଇଅଛି।

ବର୍ତ୍ତମାନ ଅବଣ୍ଟନଗ୍ରାହୀ ଶ୍ରୀମତୀ ଶର୍ମିଷ୍ଠା ପତି ଉକ୍ତ ଦୋକାନ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ସୋନମ ପ୍ରିୟଦର୍ଶିନୀ, ପିତା-ସୁବାଶ ଚନ୍ଦ୍ର ନାଥ, ପ୍ଲଟ୍ ନଂ-୫୭୬, ସବ୍ ପ୍ଲଟ୍ ନଂ-୯, ଅର୍ପିତ ନଗର, ଜାଗମରା, ଭୁବନେଶ୍ୱର-୭୫୧୦୩୦, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଦୋକାନ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ।

ସ୍ୱା/-ଅବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13001/13033/1/26-27/0008 13001/192/2627


## ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ଆଗ୍ନିକ ସପ୍ତାହ

**କୋଣାର୍କ,୧୬/୪/ଏନ୍‌ଏନ୍‌ଏସ୍:** କୋଣାର୍କ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ଆଗ୍ନିକ ମାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ଜନସାଧାରଣଙ୍କୁ ବିଭିନ୍ନ ଅଗ୍ନି ନିରାପତ୍ତା ସମ୍ପର୍କରେ ସଚେତନତା କରିବା ପାଇଁ ଏକସପ୍ତାହ ଧରି ଆଗ୍ନିକ ସପ୍ତାହ ପାଳନ ଆରମ୍ଭ ହୋଇଛି। ସୂଚନାଥାଉ କି ଗତ ୧୯୪୪ ମସିହା ଅପ୍ରେଲ ୧୪ ତାରିଖରେ ବମ୍ବେ ବନ୍ଦରର ଡକ୍ ବିସ୍ଫୋରଣରେ ୬୬ଜଣ ଆଗ୍ନିକ ଶହୀଦ ହୋଇଥିଲେ। ସେହିଦିନ ଠାରୁ ଜାତୀୟ ସ୍ତରରେ ଆଜିର ଦିନକୁ ଆଗ୍ନିକ ସପ୍ତାହଭାବେ ପାଳିତ ହୋଇଆସୁଛି। କୋଣାର୍କ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର ଚୌଧୁରୀଙ୍କ ନେତୃତ୍ୱରେ ଏହି ଆଗ୍ନିକ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଆଗ୍ନିକ ରତ୍ନାକର ବାରିକ, ଓମ୍ପ୍ରକାଶ ସ୍ୱାଇଁ ଓ ପ୍ରକାଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।


ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୬୮୮୬/ଭୁ.ଉ.କ.,ଭୁବନେଶ୍ୱର ତା.୦୪.୦୪.୨୦୨୬ରିଖ
CPL-1311/87

ସୂଚନା

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. LIG-G-4/29, କୁ ଶ୍ରୀମତୀ ସବିତା ପ୍ରିୟା ସାହୁ, ସ୍ୱାମୀ-ଶ୍ରୀ ମହେନ୍ଦ୍ରନାଥ ସାହୁ, ଗ୍ରାମ-କେନ୍ଦୁଆପୁର, ପୋଷ୍ଟ-ଅଟେ, ଥାନା/ଜିଲ୍ଲା-ଭଦ୍ରକ, ଓଡ଼ିଶାଙ୍କ ନାମରେ ଅବଣ୍ଟନ କରାଯାଇଅଛି।
ଶର୍ମିଷ୍ଠା ପତି, ସ୍ୱାମୀ-ଗଗନ ବିହାରି ପତି, ଗ୍ରାମ/ପୋଷ୍ଟ-ରାହାମା, ଥାନା-ତିର୍ତ୍ତୋଲ, ଜିଲ୍ଲା-ଜଗତସିଂହପୁର, ଓଡ଼ିଶାଙ୍କ ନାମରେ ଅବଣ୍ଟନ କରାଯାଇଅଛି।

ବର୍ତ୍ତମାନ ଅବଣ୍ଟନଗ୍ରାହୀ ଶ୍ରୀମତୀ ସବିତା ପ୍ରିୟା ସାହୁ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରିୟଦର୍ଶିନୀ ଶତ୍ରୁଘ୍ନ କୁମାର ଓଝା, ପିତା-କାହ୍ନୁ ଚରଣ ଓଝା, ଏଲ୍.ଆଇ.ଜି-୪/୩୧ ଡିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ।

ସ୍ୱା/-ଅବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13001/13033/1/26-27/0011 13001/200/2627



AFFIDAVIT

By virtue of an affidavit sworn before the Executive Magistrate, Brahmagiri, Puri, dtd. 04.04.2026 I, Dipak Kumar Pradhan, S/o- Sathia Pradhan, permanent resident of Nadhadidhwaja Patana, Po- Brahmania, Ps- Brahmagiri, Puri, Pin-752011 do hereby declare that my minor son name have changed from Sriram Pradhan (old name) to Sairam Pradhan (new name). Henceforth, he shall be known as **Sairam Pradhan** for all purposes.

**Sd/- Dipak Kumar Pradhan**

AFFIDAVIT

By virtue of an affidavit sworn before Notary Public, Balliguda dated **09.04.2026**, I **Chandini Malik**, aged about 25 years, Daughter of Manjia Malik of Village- Palami, P.O- Tikarbaju, P.S- Balliguda, Dist- Kandhamal, PIN- 762110, Odisha have changed my name from "**Chandini Malik**" to "**Pramila Mallick**", and henceforth I shall be known as "**Pramila Mallick**" for all purpose.

AFFIDAVIT

By virtue of an affidavit sworn before the Executive Magistrate, Krushnaprasad, dtd. 15.04.2026 I, Jhunu Biswal, W/o- Ramesh Chandra Biswal, permanent resident of At- Brahmanadeo, Po- Ramlenka, Ps- Krushnaprasad, Dist- Puri, Pin-752030 do hereby declare that I have changed my name from Sandhyarani Biswal (old name) to Jhunu Biswal (new name). Henceforth, I shall be known as **Jhunu Biswal** for all purposes.


## ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପଣା ବଣ୍ଟନ

**ସାଲେପୁର,୧୬/୪/ଏନ୍‌ଏନ୍‌ଏସ୍:** ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ସାଲେପୁର ପ୍ରଖଣ୍ଡ ତରଫରୁ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜନ୍ମୋତ୍ସବ ଓ ଓଡ଼ିଆ ନବ ବର୍ଷ ପାଳନ ପରିପ୍ରେକ୍ଷୀରେ ପଣା ବଣ୍ଟନ କାର୍ଯ୍ୟକ୍ରମ ସହ ଏକ ବୌଦ୍ଧିକ ଆସର ସାଲେପୁର ନିକଟସ୍ଥ ମୁର୍କୁଣ୍ଡି ବ୍ୟାରେଜ୍ ଛକ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଦିବସରେ ସକାଳ ୯ ଘଟିକା ସମୟରେ ସୁସ୍ୱାଦୁ ପଣା ବଣ୍ଟନ କାର୍ଯ୍ୟକ୍ରମ ପରିଷଦର ପ୍ରଖଣ୍ଡ ସଭାପତି ଦିବାକର ପ୍ରଧାନଙ୍କ ଦ୍ୱାରା ଅୟ ଆରମ୍ଭ କରାଯାଇ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ତିନି ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣଙ୍କୁ ପଣା ବଣ୍ଟନ କରାଯାଇଥିବା ଜଣାପଡିଛି।ଏହି କାର୍ଯ୍ୟକ୍ରମ ପ୍ରଫେସର୍ ମୂରଲୀଧର ରାୟ ଗୁରୁଙ୍କ ମାର୍ଗ ଦର୍ଶନରେ ଓ ପରିଷଦର ସଂପାଦକ ଅନିରୁଦ୍ଧ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ସିନେ ତାରକା ତଥା ବିଜେପି ନେତା ଅରିନ୍ଦମ୍ ରାୟ ଯୋଗ ଦେଇ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଏହି ସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ଶ୍ରୀ ହନୁମାନଙ୍କ ଭଳି ନୀତି ଆଦର୍ଶରେ ନିଜକୁ ଗଢ଼ି ତୋଳି ପାରିଲେ ଅଖଣ୍ଡ ଭାରତ ଗଠନର ସ୍ୱପ୍ନ ସାକାର ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ବୌଦ୍ଧିକ ଆସରରେ ମୁଖ୍ୟ ଅତିଥି ଭାବରେ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ପତି ଯୋଗ ଦେଇ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନଙ୍କୁ ଆହ୍ୱାନ ଦେଇଥିଲେ। ପରିଚାଳନାରେ ପ୍ରମୋଦ ସ୍ୱାଇଁ, ସୁରେନ୍ଦ୍ର ନାଥ ଭୋଇ, ପ୍ରକାଶ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମହାରଣା, ସଞ୍ଜୟ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ପ୍ରଫୁଲ୍ଲ ମଲ୍ଲିକ, ଜୀବନାନନ୍ଦ ବେହେରା, ରାଜେଶ କୁମାର ବେହେରା, ବିଜୟ କୁମାର ପତି, ଶ୍ରୀକାନ୍ତ ଦାସ, ଘନଶ୍ୟାମ ବାରିକ୍, ସତ୍ୟବ୍ରତ ମହାନ୍ତି, ସଞ୍ଜୀବ ଆଚାର୍ଯ୍ୟ, ମାନସ ପରିଡ଼ା, ସନ୍ତୋଷ ସାମଲ, ସୂର୍ଯ୍ୟକାନ୍ତ ପ୍ରତାପ, ଶିବପ୍ରସାଦ ବେହେରା ପ୍ରମୁଖ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ନିର୍ମଳେନ୍ଦୁ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।


ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ କାର୍ଯ୍ୟ କରୁଥିବା Divisional Railway Manager (Engg), ଦକ୍ଷିଣପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନରେ ପ୍ରଦତ୍ତ ଟେଣ୍ଡର କାର୍ଯ୍ୟ ପାଇଁ ଓପନ୍ ଟେଣ୍ଡର ବଦଳରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପ୍ରକ୍ରିୟା ପାଇଁ ମାନୁଆଲ ଆବେଦନ ପ୍ରକ୍ରିୟା ଗ୍ରହଣୀୟ ନୁହେଁ, ଏପ୍ରକାର ହସ୍ତଗତ ହୋଇଥିବା ମାନୁଆଲ ଆବେଦନଗୁଡ଼ିକୁ ଅଗ୍ରାହ୍ୟ କରିଦିଆଯିବ। **କ୍ର.ନଂ.୧- ଟେଣ୍ଡର ନୋଟିସ୍ ନଂ: CKP-SOUTH-26-27-01, Dated: 16.04.2026, କାର୍ଯ୍ୟ ବିବରଣୀ:** (କ) ରାଜଖରସ୍ୱାଁ-ପଦାପାହାଡ଼, ଡୋଆମୁଣ୍ଡି-ବଡ଼ଜାମଦା ଏବଂ ବଡ଼ଜାମଦା-ନୂଆ ସେକ୍ସନରେ ୨୮.୬୧୦ କିଲୋମିଟର ରେଳ ନବୀକରଣ (ଟିଆରଆର) କାର୍ଯ୍ୟ। (ଖ) ସିନିଅର ଡିଭିଜନାଲ ଇଞ୍ଜିନିୟର(ଦକ୍ଷିଣ)/ଚକ୍ରଧରପୁରଙ୍କ ଅଧିକାର କ୍ଷେତ୍ର ଅନ୍ତର୍ଗତ ଡାଙ୍ଗୋଆପୋଷି ୟାର୍ଡର ଉନ୍ନତିକରଣ ପାଇଁ ୧.୩୫ କିଲୋମିଟର ପାଇଁ ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ (ପ୍ରାଥମିକ) (ସିଟିଆର(ପି) ଏବଂ ୯ ସେଟ୍ ଟର୍ଣ୍ଣଆଉଟ୍ ନବୀକରଣ (ଟିଟିଆର୍ (ଏଫ୍.ଏସ୍.+ସି.ଏସ୍.+ସି.ଏମ୍.ଏସ୍.ସି)) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ୨,୬୪,୦୬,୮୮୨.୧୦ /-, ବିଡ୍ ସିକ୍ୟୁରିଟି: ୫,୪୮,୧୦୦/-, **କ୍ର.ନଂ.୨- ଟେଣ୍ଡର ନୋଟିସ୍ ନଂ: CKP-SOUTH-26-27-02, Dated: 16.04.2026, କାର୍ଯ୍ୟ ବିବରଣୀ:** ସିନିଅର ଡିଭିଜନାଲ ଇଞ୍ଜିନିୟର(ଦକ୍ଷିଣ)/ ଚକ୍ରଧରପୁରଙ୍କ ଅଧିକାର କ୍ଷେତ୍ର ଅନ୍ତର୍ଗତ ପଦାପାହାଡ଼-ବଣସପାଣି ସେକ୍ସନରେ ୧୧.୯୮୧ କିଲୋମିଟର ଏବଂ ଡାଙ୍ଗୁଆପୋସି-ଡାଙ୍ଗୁଆପୋସି ସେକ୍ସନରେ ୧୪.୬୪୪ କିଲୋମିଟର ବାଲାଷ୍ଟ ନବୀକରଣ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ୨,୩୬,୩୩,୫୫୫.୮୨/-, ବିଡ୍ ସିକ୍ୟୁରିଟି: ୪,୬୨,୬୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ୦ (ଶୂନ୍ୟ) ଉଭୟ ଟେଣ୍ଡର କାର୍ଯ୍ୟ ପାଇଁ, ଟେଣ୍ଡର ଖୋଲିବା ତାରିଖ: ୦୭.୦୫.୨୦୨୬ ( ଉଭୟ କ୍ର.ନଂ ୧ ଏବଂ ୨ ପାଇଁ), ଟେଣ୍ଡର ସମ୍ବନ୍ଧିତ ସବିଶେଷ ତଥ୍ୟ ୱେବସାଇଟ୍ **http://www.ireps.gov.in**ରେ ସହଜରେ ଦେଖିହେବ। ଟେଣ୍ଡର ଆବେଦନକାରୀ/ବିଡର୍ସମାନେ ନିର୍ଦ୍ଦିଷ୍ଟ ଟ୍ରେଡ କ୍ଲାସ୍-୩ ଡିଜିଟାଲ୍ ସିଗ୍ନେଚର ସାର୍ଟିଫିକେଟ୍ ହାସଲ କରିଥିବେ ଏବଂ IREPS ପୋର୍ଟାଲ୍ ଅଧୀନରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡର ଆବେଦନକାରୀ/ବିଡର୍ସମାନେ ହିଁ ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ବି.ଦ୍ର: ସମସ୍ତ ଟେଣ୍ଡର ଆବେଦନକାରୀମାନଙ୍କୁ ଇ-ଟେଣ୍ଡର ଫର୍ମ ନିଃଶୁଳ୍କ ଜାରି କରାଯିବ। (କର୍ତ୍ତୃପକ୍ଷ- ରେଳବୋର୍ଡ ପତ୍ର ଚିଠି ସଂଖ୍ୟା 2020/CE-I/CT/3E/GCC/Policy dtd. 16.07.2020) (PR-55)


## ବିପ୍ଳବୀ ଗୋବିନ୍ଦ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ

**ଦଶପଲ୍ଲା,୧୬/୪/ଏନ୍‌ଏନ୍‌ଏସ୍:** ଦଶପଲ୍ଲାର ଅଗ୍ରଣୀ ସାହିତ୍ୟ ସଂଗଠନ 'ଗଠନ ପରିବାର' ପକ୍ଷରୁ ସ୍ଥାନୀୟ ବିବେକାନନ୍ଦ ପଠନକେନ୍ଦ୍ର ପରିସରରେ ବିଷୁବ ମିଳନ ଓ ମହାନ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ୬୦ତମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଠନ ପରିବାରର ସଭାପତି ରଘୁନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ଼ଃ ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ସାରସ୍ୱତ ସାଧକ ଡ଼ଃ ବୈରାଗୀ ଚରଣ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ସଂସ୍କୃତ ଗବେଷକ ଡ଼ଃ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅଧ୍ୟାପକ ରଶ୍ମିରଞ୍ଜନ ପ୍ରଧାନ, ସଂକୀର୍ତ୍ତନ ଗୁରୁ ଜନାର୍ଦ୍ଦନ ପ୍ରଧାନ ଏବଂ ସଫଳ କୃଷକ କାଶୀନାଥ ଜେନାଙ୍କୁ ଗଠନ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅଧିକାର ଫାଉଣ୍ଡେସନ ଭୁବନେଶ୍ୱର ପକ୍ଷରୁ ଗାଳ୍ପିକ ହାଡ଼ିବନ୍ଧୁ ମହାଖୁଡ଼ ଏବଂ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ଡଃ ଗିରିଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଉତ୍ସବରେ ବହୁ ସଂଖ୍ୟାରେ ସାହିତ୍ୟିକ, ଲେଖକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ବିଜେଡି ପକ୍ଷରୁ ଦହି ପଣା ବଣ୍ଟନ

**ପୁରୀ,୧୬/୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ନବବର୍ଷ ତଥା ମହାବିଷୁବ ପଣାସଂକ୍ରାନ୍ତି ଉତ୍ସବ ଉପଲକ୍ଷେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆୟୋଜନ କରାଯାଇଥିବା 'ଦହି ପଣା' କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷ ରତ୍ନାବାଳା ବେହେରା, ଉପାଧ୍ୟକ୍ଷ ମାଳିନୀ ଦଲେଇ, ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବ୍ରହ୍ମଗିରି ସରପଞ୍ଚଙ୍କ ପ୍ରତିନିଧି ନନ୍ଦ ବିଶ୍ୱାଳ, ବେଣ୍ଟପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସର୍ବେଶ୍ୱର ପଲାଇ, କୁସୁବେଣ୍ଟ ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ବୃନ୍ଦାବନ ପ୍ରଧାନ, ନିଆଳପୁର ପଞ୍ଚାୟତ ସମିତିସଭ୍ୟ ସୁକଦେବ ପଟ୍ଟନାୟକ, ଆମ୍ବପଡ଼ା ପଞ୍ଚାୟତ ସମିତିସଭ୍ୟ ସଞ୍ଜୟ ପ୍ରଧାନ, ବରିଷ୍ଠ ଆଇନଜୀବୀ ଭାସ୍କର ଜେନା ଏବଂ ବରିଷ୍ଠ ବିଜେଡି ନେତା ଭଗବାନ ନାୟକ ପ୍ରମୁଖ ଉପସ୍ଥିତ ରହି ଦହି ପଣା ବଣ୍ଟନ କରିଥିଲେ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH
E.Mail – rw_sundargarh@yahoo.co.in
E-PROCUREMENT NOTICE
BID IDENTIFICATION NO. ONLINE-SESNG-01 of 2026-27
25001/26/2627

1. Name of the Work :- Building Work
2. Total No. of works :- 9 no Building
3. Estimated cost :- From Rs.51.68 Lakhs to 78.24 Lakhs
4. Class of contractor :- Only 'B'
5. Period of completion :- 09 calendar months
6. Type of Tender :- Double Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh. | Online-SESNG-01 of 2026-27 | 18.04.2026 11.00 A.M | 29.04.2026 6.00 P.M |

Further details can be seen from the website www.tendersorissa.gov.in

Sd/- Superintending Engineer
Rural Works Division, Sundargarh
OIPR-25001/25046/1/26-27/0001

## ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା

### ୬ ସପ୍ତାହ ଯାଏ ବାନ୍ଧି ପାରିବନି ପୁଲିସ

**କଟକ,୧୬।୪/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲା ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ତଥା ନର୍ଲା ପଂଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ହାଇକୋର୍ଟର ବିଚାରପତି ଆର.କେ.ପଟ୍ଟନାୟକ ଆବେଦନକାରୀ ମହାନ୍ତିଙ୍କ ପକ୍ଷରୁ ରୁଜୁ ଆଗୁଆ ଜାମିନ ଆବେଦନର ଆଜି ଶୁଣାଣି କରି ଆଗାମୀ ୬ ସପ୍ତାହ ଯାଏ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ନର୍ଲା ତହସିଲଦାରଙ୍କୁ ହତ୍ୟା ଧମକ ଦେଉଥିବା ନେଇ ନର୍ଲା ଥାନାରେ ଶ୍ରୀ ମହାନ୍ତିଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ସେ ତହସିଲଦାରଙ୍କୁ ବାରମ୍ବାର ସରକାରୀ କାମ ତୁଲାଇବାରେ ବାଧା ସୃଷ୍ଟି କରୁଛନ୍ତି। ତହସିଲଦାରଙ୍କୁ ଗତ ମାର୍ଚ୍ଚ ୧୫ ତାରିଖରେ ଫୋନ୍ କରି ସେ ହତ୍ୟା ଧମକ ଦେଉଥିବା ତହସିଲଦାର ବିଭୁ ପ୍ରସାଦ ସିଂ ଏତଲାରେ ଦର୍ଶାଇଥିଲେ। ତାଙ୍କ ଏତଲା କ୍ରମେ ନର୍ଲା ଥାନାରେ କେଶ୍ ନଂ ୭୨/୨୦୨୬ ରୁଜୁ ହୋଇଥିଲା। ଏହି ମାମଲା ପରେ ଶ୍ରୀ ମହାନ୍ତିଙ୍କୁ ପୋଲିସ ଖୋଜି ପାଉନଥିଲା। କଳାହାଣ୍ଡି ପୋଲିସ ଶ୍ରୀମହାନ୍ତିଙ୍କ ବିଧାୟିକା ସ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଅଭିଯୁକ୍ତ ମହାନ୍ତିଙ୍କୁ ନୋଟିସ୍ ଦେବା ପାଇଁ ଗତ ମାର୍ଚ୍ଚ ୨୯ ତାରିଖରେ ପହଁଚିଥିଲା। ଏହାକୁ ନେଇ ରାଜନୈତିକ ହଟଚମଟ ହୋଇଥିଲା। ତେବେ ଏହାପରେ ପୁଲିସ ମହାନ୍ତିଙ୍କ ନାମରେ ୱାରେଣ୍ଟ ଜାରି କରିବାକୁ ସ୍ଥାନୀୟ ଜେଏମ୍ଏଫସି କୋର୍ଟରେ ଆବେଦନ କରିଥିଲା। ଫଳରେ ମହାନ୍ତି ଆଗୁଆ ଜାମିନ ପାଇବା ଲାଗି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଜଳଛତ୍ର




**କଟକ,୧୬।୪/ଏନ୍ଏନ୍ଏସ୍:** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜାର ଠାରେ ଜଳଛତ୍ର ଉଦ୍‌ଘାଟିତ ହୋଇଛି। ପ୍ରତି ବର୍ଷ ପରି ଏଥର ଏହି ବ୍ୟବସ୍ଥା ସଂଘପକ୍ଷରୁ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ.ବେଣୁ ରାଓ. ଶ୍ରୀନିବାସ ରେଡ୍ଡୀ. ଅଜୟ ବେହେରା, ଶିବୁ ନାୟକ, ସନ୍ତୋଷ ଦତ୍ତ, ମୁନ୍ନା ଚମ୍ପତିରାୟ ଉପସ୍ଥିତ ଥିଲେ।

## ନାରୀଶକ୍ତି ବନ୍ଦନ ସଭା ଅନୁଷ୍ଠିତ



**ପୁରୀ, ୧୬।୪/ଏନ୍ଏନ୍ଏସ୍ :** ଜିଲ୍ଲା ପ୍ରଶାସନ ତଥା ସମାଜ କଲ୍ୟାଣ ବିଭାଗ ତରଫରୁ ନେତାଜୀ ସୁବାଷ ବୋଷ ଛକ ଠାରୁ ମହିଳା ମାନଙ୍କ ମଧ୍ୟରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇ ଟାଉନ୍ ହଲ୍ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରାଲିରେ ଯୋଗଦେଇ ପତକା ହଲାଇ ଉଦ୍‌ଘାଟନ କରିଥିଲେ। ଦିବା ୧୧ଘଟିକା ସମୟରେ ଟାଉନ୍ ହଲ୍ ଠାରେ ଏକ ବିଶାଳ ସଭା ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଜଗନ୍ନାଥଙ୍କ ମୂର୍ତ୍ତିରେ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବରେ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢୀ, ମହିଳା କମିସନର ଉର୍ମିଳା ମହାପାତ୍ର, ବିଧାୟିକା ବ୍ରହ୍ମଗିରି ଉପାସନା ମହାପାତ୍ର, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ପୌରାଞ୍ଚଳ କମିସନର ଅରୁଗୁଲା ସ୍ନେହା, ମହିଳା ଆଇ.ପି.ଏସ୍. ମିସ୍ ଅନନ୍ତା କେ. ବିଜୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣି ତନୁପ୍ରଭା ବେଉରା ଆସନ ଗ୍ରହଣ କରିଥିଲେ। ପ୍ରଥମେ ଜିଲ୍ଲା ଉନ୍ନୟନ ଅଧିକାରୀଣି ଅରୁଗୁଲା ସ୍ନେହା ଅତିଥି ମାନଙ୍କ ପରିଚୟ ଦେଇ ସ୍ୱାଗତ ଜଣାଇଥିଲେ। ବାଚସ୍ପତି ସୁରମା ପାଢୀ ନାରୀ ସଶକ୍ତି କରଣ ସମାଜରେ କିପରି ପ୍ରଭାବଶାଳୀ ହୋଇଛି ସେ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଥିଲେ ଯେ, ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକଶିତ ଭାରତ ବିକଶିତ ଓଡିଶା ଆଜିର ମହିଳା ସଶକ୍ତି କରଣ ଉପରେ ଗୁରୁତ୍ୱ ଦେଇ ମହିଳା ସଂରକ୍ଷଣ ୩୩% ଭାଗ ରଖିବାପାଇଁ ୨୦୨୩ ମସିହାରୁ ସଂସଦରେ ଲବି କରିଥିଲେ। ମହିଳାମାନେ ଯେପରି ରାଜନୈତିକ କ୍ଷେତ୍ରରେ, ଶିକ୍ଷାକ୍ଷେତ୍ରରେ, ସରକାରୀ ନିଯୁକ୍ତି କ୍ଷେତ୍ରରେ ଲାଗୁ କରିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଠାରୁ ୨୭ବର୍ଷ ହେଲା ଦାବିକରି ଶେଷରେ ୨୦୨୩ ମସିହାରେ କ୍ୟାବିନେଟରେ ବିଲ ପାସ୍ କରାଇଥିଲେ। ସେ କହିଥିଲେ ଯେ ଦେଶରେ ମହିଳାମାନେ ଆଗୁଆ। ଆଗରୁ ଡିଫେନ୍ସ ବା ନାଭାଲରେ ମହିଳା ମାନଙ୍କର ନିଯୁକ୍ତି କରିବା ପାଇଁ ସ୍ଥାନ ନଥିଲା। ତାହା ଆମ ସରକାରରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଇଛି।

# ବାରବାଟୀ ଫୁଡ୍‌କୋର୍ଟ ଦୋକାନ ଘର ପାଇଁ ୨୪ ଯାଏ ଆବେଦନ

**କଟକ,୧୬।୪/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ପକ୍ଷରୁ ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମ ନିକଟରେ ବାରବାଟୀ ଫୁଡ୍‌କୋର୍ଟର ସ୍ଥାପନା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଏହି ଫୁଡ୍ କୋର୍ଟରେ୨ଟି କ୍ୟାଟାଗୋରୀରେ ୩୮ଟି ଦୋକାନ ଘର ଆବଂଟନ ପାଇଁ ସିଏମସି ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଆସନ୍ତା ଏପ୍ରିଲ ୨୪ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଏଥିପାଇଁ ଆଗ୍ରହୀ ବ୍ୟବସାୟୀ କିମ୍ବା ସଂସ୍ଥା ଆବେଦନ କରିପାରିବେ। ବାରବାଟୀ ଫୁଡ଼ କୋର୍ଟ ପରିସରରେ କାଟାଗୋରି ଏ ରେ ୨ଟି ବଡ଼ ଦୋକାନ ଘର ରହିଛି। ୫୧୬ ସ୍କୋୟାରଫୁଟର ଏହି ସ୍ଥାନର ଭଡ଼ା ମାସିକ ୨୬ହଜାର ୪୦୦ଟଙ୍କା ରଖାଯାଇଛି। ବଡ଼ ଦୋକାନ ପାଇଁ କିଛି ସର୍ତମଧ୍ୟ ରହିଛି। କୁଇକ ସର୍ଭିସରେ ୭ବର୍ଷର ଅଭିଜ୍ଞତା ସହିତ ଗତ ୩ ବର୍ଷରେ ଆୟକର ଦାଖଲ ଓ ବାର୍ଷିକ ୧୨ଲକ୍ଷ ଟଙ୍କାର କାରବାରର ରେକର୍ଡ଼ ଥିବା ଆଗ୍ରହୀ ବ୍ୟକ୍ତି କିମ୍ବା ସଂସ୍ଥା ଏଥିପାଇଁ ଆବେଦନ କରିପାରିବେ। ଏହା ସହ ସେମାନେ ଆଧାରକାର୍ଡ଼, ପ୍ୟାନକାର୍ଡ଼ ଏବଂ ଜିଏସଷ୍ଟିର ବୈଧ ନଂ ସହିତ ଫୁଡ଼ ଲାଇସେନ୍ସ ଏବଂ ଟ୍ରେଡ୍ ଲାଇସେନ୍ସ ରଖିଥିବା ଆବଶ୍ୟକ। ଏହା ସହ ଆଉ ୩୬ଟି ଦୋକାନ ଘର ମଧ୍ୟ ଏହି ଫୁଡ଼ କୋର୍ଟ ପରିସରରେ ରହିଛି, ଯାହା କଂକ୍ରିଟ ଷ୍ଟ୍ରକଚରରେ ତିଆରି। ଏସବୁର ମଧ୍ୟ ଆବଂଟନ କରାଯିବ। ଜଣେ ବ୍ୟକ୍ତି ବା ସଂସ୍ଥା କେବଳ ଗୋଟିଏ ଦୋକାନ ଘର ପାଇଁ ଆବେଦନ କରିପାରିବେ। ଏକାଧିକ ଦୋକାନ ଘର ପାଇଁ ଆବେଦନ କରିଥିଲେ ମଧ୍ୟ ସେ ଯୋଗ୍ୟ ହୋଇଥିଲେ ଗୋଟିଏ ହିଁ ଘର ପ୍ରଦାନ କରାଯିବ। ଏସବୁ ଦୋକାନ ଘରର ମାସିକ ଭଡ଼ା ୬୬୦୦ଟଙ୍କା ରଖାଯାଇଛି। ସିଏମସି ପକ୍ଷରୁ ୩ ବର୍ଷିଆ ଲାଇସେନ୍ସ ଆକାରରେ ଏହି ସବୁ ଦୋକାନ ଘର ପ୍ରଦାନ କରାଯିବ। ଆଗ୍ରହୀ ବ୍ୟକ୍ତି କିମ୍ବା ସଂସ୍ଥା ସିଏମସି ୱେବସାଇଟ ସିଏମସିକଟକ.ଓଡ଼ିଶା.ଗଭ.ଇନ କୁ ଯାଇ ଆବେଦନ ଫର୍ମ ଓ ଅନ୍ୟାନ୍ୟ ସବିଶେଷ ବିବରଣୀ ପାଇପାରିବେ। ଏହାକୁ ସ୍ପିଡ଼ ପୋଷ୍ଟ, ରେଜିଷ୍ଟର ପୋଷ୍ଟ, ଇଣ୍ଡିଆ ପୋଷ୍ଟ କିମ୍ବା କୋରିଅରରେ କଟକ ମହାନଗର ନିଗମର ଆୟୁକ୍ତଙ୍କ ଚୌଧୁରୀ ବଜାର ସ୍ଥିତ ବିଜୁ ଭବନ କାର୍ଯ୍ୟାଳୟକୁ ପଠାଇପାରିବେ।

## ଉତ୍କଳ ବିଦ୍ୟା ଗୌରବ ପରିଷଦ ତରଫରୁ ଓଡ଼ିଆ ନବବର୍ଷ



**କଟକ,୧୬।୪/ଏନ୍ଏନ୍ଏସ୍:** 'ଉତ୍କଳ ବିଦ୍ୟା ଗୌରବ ପରିଷଦ ପକ୍ଷରୁ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଦୋଲମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନରେ ପ୍ରଫେସର ନଟବର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସାଧାରଣ ସମ୍ପାଦକ ଅଧ୍ୟାପକ ଅଶୋକ କୁମାର ପଣ୍ଡା ବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ର ତାତ୍ପର୍ଯ୍ୟ ବିଷୟରେ ମତାମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାତଃ ଅବେଶନରେ ସନ୍ତୋଷ କୁମାର ଖଟୁଆ, ଲକ୍ଷ୍ମୀ ନାରାୟଣ ଦାସ, ଚିତ୍ତରଞ୍ଜନ ପରିଡା, ସୁରେଶ ଚନ୍ଦ୍ର ପଣ୍ଡା, ବିଭୂତି ଭୂଷଣ ରାଉତ, ଗଣେଶ୍ୱର ନାୟକ, ଗିରିଜା ଶଙ୍କର ପଣ୍ଡା , ଉପେନ୍ଦ୍ର କୁମାର ନାୟକ ଅତିଥି ଯୋଗ ଦେଇଥିଲେ। ସନ୍ଧ୍ୟା ଅଧିବେଶନରେ ବିଦ୍ୟୁତ୍ କୁମାରୀ ଲାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. କିଶୋର ଚନ୍ଦ୍ର ଦାସ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସହ ସମ୍ପାଦକ ଡ. କ୍ଷୀରୋଦ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶ୍ରୀ ଶ୍ରୀ ଆଶୀର୍ବାଦ ମହାବୀର ଜୟନ୍ତୀ ସମାରୋହ

**କଟକ,୧୬।୪/ଏନ୍ଏନ୍ଏସ୍:** ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଚାନ୍ଦିନୀଚୌକ ବ୍ରାହ୍ମଣ ସାହିରେ ମହାବୀର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଶ୍ରୀ ଶ୍ରୀ ଆଶୀର୍ବାଦ ମହାବୀରଙ୍କ ପୀଠରେ ଯଥାବିଧି ପୂଜାର୍ଚ୍ଚନା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ମହାବୀରଙ୍କ ନିକଟରେ ପଣାଭୋଗ ଲାଗି କରାଯାଇ ଭକ୍ତମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ମୁଣ୍ଡମୁହାଣସ୍ଥିତ ମା' କନକଦୁର୍ଗା ରାମଲୀଳା ସମିତି ପକ୍ଷରୁ 'ଇନ୍ଦ୍ରଜିତ ବଧ' ନାଟକ ପରିବେଷଣ କରାଯାଇଥିଲା। ଉକ୍ତ ଉତ୍ସବରେ ମନ୍ଦିର ପରିଚାଳନା ସମିତିର କର୍ମକର୍ତ୍ତା ଅସିତ୍ କୁମାର ମହାନ୍ତି, ଲଲାଟେନ୍ଦୁ ପଟ୍ଟନାୟକ, ସଂଜୀବ କୁମାର ଜୀ, କମଳେଶ ମହାରଣା, ରାକେଶ ରଞ୍ଜନ ଶତପଥୀ, ସଂଗ୍ରାମ ସିଂହ, ଗୋପାଳ ମହାରଣା, ଶେଖ୍ ଆଜାଦ୍, ଆଶିଷ ମହାନ୍ତି, ସନ୍ଦୀପ ମହାରଣା, ସୁଦର୍ଶନ ପଲେଇ, ଜିତେନ୍ଦ୍ର ମହାରଣା, ଦିଲ୍ଲୀପ ଜୀ, ବିଠଲ ପତି, ସମୀର ଦାସ, ଉମେଶ ସିଂହ ଓ ଜ୍ୟୋତିପ୍ରକାଶ ଦାସଙ୍କ ସମେତ ବ୍ରାହ୍ମଣସାହି ପଡାବାସୀ ଓ ବ୍ରାହ୍ମଣସାହି ସଂକୀର୍ତ୍ତନମଣ୍ଡଳୀର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଜାତୀୟ ରାଜପଥ ପାର୍ଶ୍ୱରେ ଥଣ୍ଡା ଦହିପାଣି ବଣ୍ଟନ



**କଟକ,୧୬।୪/ଏନ୍ଏନ୍ଏସ୍:** ମଙ୍ଗଳବାର ଆମ୍ବେଦକର ସ୍ମୃତି ପରିଷଦ ଓ ରାଜପଥ ଯାତ୍ରୀ ସୁରକ୍ଷା ମଞ୍ଚ ତରଫରୁ ଜାତୀୟ ରାଜପଥ ନଂ.୧୬ ପାର୍ଶ୍ୱ କଟକ ମହାନଗର ୫୬ ନଂ. ୱାର୍ଡ ଅନ୍ତର୍ଗତ ବାଲିକୁଦାଠାରେ ଓଡ଼ିଆ ନବବର୍ଷ ଏବଂ ଭାରତ ସମ୍ବିଧାନ ପ୍ରଣେତା, ଭାରତ ରତ୍ନ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜପଥ ପାର୍ଶ୍ୱରେ ଥଣ୍ଡା ଦହିପାଣି ବିତରଣ କେନ୍ଦ୍ର ବା ଜଳଛତ୍ର ଖୋଲାଯାଇଥିଲା। ଏହାକୁ ମୁଖ୍ୟଅତିଥି ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ମନୋଜ କୁମାର ଦାସ, ନିମାଇଁ ଚରଣ ଜେନା, ସାମ୍ବାଦିକ ପ୍ରତାପ ଚନ୍ଦ୍ର ସେନାପତି, ଅମୂଲ୍ୟ କୁମାର ବାରିକ, ଗଣେଶ ଚନ୍ଦ୍ର ବରାଳ, ପ୍ରଦୀପ ଦାସ ଯୋଗ ଦେଇଥିଲେ। କଟକ ନଗର ରଜକ ସମିତିର ସାଧାରଣ ସମ୍ପାଦକ ମଥୁରା ସେଠୀ, ବରିଷ୍ଠ ସାମ୍ବାଦିକ ନିଖିଲ୍ ବିଶ୍ୱାଳ, ଅଶୋକ କୁମାର ମଲ୍ଲିକ, ବସନ୍ତ କୁମାର ପାଣି, ରବୀନ୍ଦ୍ର ବେହେରାଙ୍କୁ 'ସେବା ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ନିହାର ରଞ୍ଜନ ପଣ୍ଡା, ସନ୍ତୋଷ ସିଂ, ପ୍ରଶାନ୍ତ ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ଅମୂଲ୍ୟ ଦାସ, ଡମ୍ବରୁ ମଲ୍ଲିକ, ପ୍ରବୋଧ ମଲ୍ଲିକ, ଅଭୟ ମଲ୍ଲିକ, ରମେଶ ସେଠୀ, ଅଟଳ କିଶୋର ଜେନା, ଉଦୟନାଥ ମହାନ୍ତି, ଚନ୍ଦନ ସେଠୀ, ରମାକାନ୍ତ ସେଠୀ, ସୁରେଶ ସ୍ୱାଇଁ, ପ୍ରଭଞ୍ଜନ ନାୟକ, ଶିଶିର ପାଳ, ଚନ୍ଦ୍ରକାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାରରେ ପେପର ଏମ୍ବ୍ରୋଡାରି ପ୍ରଶିକ୍ଷଣ



**କଟକ,୧୬।୪/ଏନ୍ଏନ୍ଏସ୍:** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ଓରମାସ ଦ୍ୱାରା ସ୍ଥାନୀୟ ନେତାଜୀ ବସ ଟର୍ମିନାଲଠାରେ ପ୍ରଥମ ମହଲାରେ ଅବସ୍ଥିତ "ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର-ଦ ଭିଲେଜ ଷ୍ଟୋର" ରେ ପେପର ଏମ୍ବ୍ରୋଡାରି ବିଷୟରେ ଦୁଇ ଦିନିଆ ପ୍ରାୟୋଗିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପେପର ଏମ୍ବ୍ରୋଡାରିର ବିଭିନ୍ନ ପ୍ରକାର କାମ ମଧ୍ୟରେ ଷ୍ଟ୍ରେଟ ଷ୍ଟିଜ, କ୍ରସ ଷ୍ଟିଜ, ଚେନ ଷ୍ଟିଜ, ଫିଲିଙ୍ଗ ଷ୍ଟିଜ ଓ ବିଭିନ୍ନ ଡେକୋରେଟିଭ ପ୍ୟାଟନ ସହିତ ବଜାର ଉପଯୋଗୀ ଉତ୍ପାଦ ତିଆରି କରିବା ବିଷୟରେ ପ୍ରାୟୋଗିକ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ବିବିଏ ବିଭାଗର ପ୍ରାୟ ୪୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦକ୍ଷ ପ୍ରଶିକ୍ଷକମାନେ ଉପସ୍ଥିତ ରହି ଏହି କୌଶଳର ଗୁରୁତ୍ୱ ଓ ଏହା ମାଧ୍ୟମରେ ସ୍ୱୟଂ ରୋଜଗାର ସୃଷ୍ଟି କରିବାର ସୁଯୋଗ ସଂପର୍କରେ ଆଲୋକପାତ କରିଥିଲେ। ପେପର ଏମ୍ବ୍ରୋଡାରୀ ଭଳି ପାରମ୍ପାରିକ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେଇ ଯୁବକଯୁବତୀମାନଙ୍କ ମଧ୍ୟରେ ସ୍ୱାବଲମ୍ବନର ମନୋଭାବ ସୃଷ୍ଟି କରିବା ଓ ହସ୍ତନିର୍ମିତ ପଣ୍ୟର ପ୍ରଚାର କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ବିପିନ ରାଉତ କହିଛନ୍ତି।

## ମଧୁବାବୁଙ୍କୁ ଭୁଲିଗଲେ ସରକାର: ନଗର କଂଗ୍ରେସ



**କଟକ,୧୬।୪/ଏନ୍ଏନ୍ଏସ୍:** ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ସରକାର କିପରି ଭୁଲିଗଲେ ବୋଲି ପ୍ରଶ୍ନ କରିଛି କଂଗ୍ରେସ। ଏ ନେଇ ସରକାରଙ୍କୁ କଟକ ନଗର କଂଗ୍ରେସ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି। ପ୍ରେସ୍ ମିଟରେ ନଗର ସଭାପତି ଶାନ୍ତାୟନ ମିଶ୍ର କହିଛନ୍ତି ଯେ ବରପୁତ୍ରମାନଙ୍କୁ ସମ୍ମାନିତ କରିବା ପାଇଁ ସମସ୍ତଙ୍କ ଫଟୋ ଜାରି କରିଥିଲେ। ହେଲେ ସେଥିରେ ମଧୁସୂଦନ ଦାସଙ୍କ ଫଟୋ ନଥିବାରୁ ଏହାକୁ ବିରୋଧ କରିଛି ନଗର କଂଗ୍ରେସ। ଏ ଘଟଣାକୁ ଦଳ ଦୃଢ଼ ନିନ୍ଦା କରିବା ସହ ଓଡ଼ିଆ ଅସ୍ମିତା କୁଆଡ଼େ ଗଲା ବୋଲି ସରକାରଙ୍କୁ ପ୍ରଶ୍ନ କରିଛି। ବରପୁତ୍ରମାନଙ୍କୁ ସମ୍ମାନ ଦେବାରେ ସରକାରଙ୍କ ଆଦୌ ଆନ୍ତରିକତା ନାହିଁ ବୋଲି ଦଳ ସିଧାସଳଖ ଟାର୍‌ଗେଟ୍ କରିଛି। ବରପୁତ୍ରମାନଙ୍କୁ ଅସମ୍ମାନକୁ ପ୍ରସଙ୍ଗ କରି ଦଳ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ନଗର କଂଗ୍ରେସ।

## ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ୟଙ୍ଗ୍ ଫିନିକ୍ସ ପବ୍ଲିକ୍ ସ୍କୁଲର ସଫଳତା



**ଭୁବନେଶ୍ୱର,୧୬।୪/ଏନ୍ଏନ୍ଏସ୍:** ଚଳିତ ସିବିଏସ୍‌ସି ୧୦ମ ଶ୍ରେଣୀ ପରୀକ୍ଷାରେ ଧଉଳିସ୍ଥିତ ୟଙ୍ଗ ଫିନିକ୍ସ ପବ୍ଲିକ୍ ସ୍କୁଲ ସିବିଏସଇ ଚମତ୍କାର ସଫଳତା ଅର୍ଜନ କରିଛି। ପରୀକ୍ଷା ଦେଇଥିବା ସମସ୍ତ ୧୩୩ ପରୀକ୍ଷାର୍ଥୀ ଉତ୍କୃଷ୍ଟ ଫଳାଫଳ କରି ସ୍କୁଲ୍‌ର ଗୌରବ ବଢ଼ାଇଛନ୍ତି। ବିଶ୍ୱପ୍ରସାଦ ନାୟକ ୯୯.୪% ଅଙ୍କ ପାଇ ସ୍କୁଲ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସ୍ୱତମ୍ବରା ଦାସ ମହାପାତ୍ର ୯୭.୪% ଅଙ୍କ ସହ ଦ୍ୱିତୀୟ ଏବଂ ଚୌଧୁରୀ ଦିବ୍ୟାଂଶୁ କୁମାର ୯୬.୮% ଅଙ୍କ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କେତେକ ଛାତ୍ରଛାତ୍ରୀ ବିଭିନ୍ନ ବିଷୟରେ ପୂର୍ଣ୍ଣାଙ୍କ ଅର୍ଜନ କରିଛନ୍ତି। ବିଶ୍ୱପ୍ରସାଦ ନାୟକ ଏବଂ ପଲ୍ଲବୀ ରାଉତ ଓଡିଆ ବିଷୟରେ ୧୦୦ ଅଙ୍କ ପାଇଛନ୍ତି। ଚୌଧୁରୀ ଦିବ୍ୟାଂଶୁ କୁମାର ଗଣିତରେ ୧୦୦ ଅଙ୍କ ଲାଭ କରିଥିବାବେଳେ ବିଶ୍ୱପ୍ରସାଦ ନାୟକ ବିଜ୍ଞାନରେ ୧୦୦ ଅଙ୍କ ପାଇଛନ୍ତି। ସ୍ୱତମ୍ବରା ଦାସ ମହାପାତ୍ର ସୂଚନା ପ୍ରଯୁକ୍ତି ବିଷୟରେ ପୂର୍ଣ୍ଣାଙ୍କ ଅର୍ଜନ କରିଛନ୍ତି। ସ୍କୁଲ ପ୍ରଶାସନ ଏହି ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ଶିକ୍ଷକ ଓ ଅଭିଭାବକମାନଙ୍କ ଅବଦାନକୁ ମଧ୍ୟ ସ୍ୱୀକାର କରିଛନ୍ତି।

## ତାଳଚେରରେ ଭୂସ୍ଖଳନ ଖବର ଭିତ୍ତିହୀନ: ଏମ୍‌ସିଏଲ୍

**ସମ୍ବଲପୁର,୧୬।୪/ଏନ୍ଏନ୍ଏସ୍:** ଡେରା କୋଲିୟାରି ନିକଟରେ 'ଭୂସ୍ଖଳନ' ଘଟଣା ସମ୍ପର୍କରେ ସମ୍ପ୍ରତି ଗଣମାଧ୍ୟମରେ ପ୍ରକାଶିତ ଖବରକୁ ନେଇ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ସ୍ପଷ୍ଟୀକରଣ ଦେଇ ପ୍ରସାରିତ ହେଉଥିବା ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛି। ଗତକାଲି ସକାଳେ ହାଣ୍ଡିଧୂଆ–ଡେରା ରାସ୍ତାରେ ଏକ ଛୋଟ ଗାତ (ପ୍ରାୟ ୧ ଫୁଟ୍ ବ୍ୟାସ ଏବଂ ୧ ଫୁଟ୍ ଗଭୀର) ଦେଖିବାକୁ ମିଳିଥିଲା। ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏମ୍‌ସିଏଲ୍ ତୁରନ୍ତ ପଦକ୍ଷେପ ସ୍ୱରୂପ ସ୍ଥାନୀୟ ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲା। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଥିଲା ଯେ ଉକ୍ତ ସ୍ଥାନ ତଳେ ଥିବା ଭୂଗର୍ଭସ୍ଥ ଖଣିର ଗଭୀରତା ୮୦ ମିଟରରୁ ଅଧିକ, ଯାହା ଭୂପୃଷ୍ଠର ସ୍ଥିରତା ଉପରେ ପ୍ରଭାବ ପକାଇବା ସ୍ତରଠାରୁ ବହୁତ ନିମ୍ନରେ ଅବସ୍ଥିତ। ଏହି ଅଞ୍ଚଳର ମାଟି ବା ଭୂସ୍ତର ଦୃଢ଼ ଏବଂ ସ୍ଥିର ଥିବାବେଳେ ସୃଷ୍ଟି ହୋଇଥିବା ଗାତର କୌଣସି ଭୂଗର୍ଭସ୍ଥ ଖଣି ଖନନ କାର୍ଯ୍ୟ ସହିତ ସମ୍ପର୍କ ନାହିଁ। ବୈଷୟିକ ଆକଳନରୁ ଏହା ପ୍ରମାଣିତ ହୋଇଛି ଯେ ନିର୍ଦ୍ଦିଷ୍ଟ ସ୍ଥାନରେ ଖରାପ ଡ୍ରେନେଜ୍ ବ୍ୟବସ୍ଥା ଏବଂ ନିକଟସ୍ଥ କଲ୍‌ଭର୍ଟରେ ଅବରୋଧ କାରଣରୁ ପାଣି ଜମି ରହିବା ଫଳରେ ରାସ୍ତା ତଳର ମାଟି ଧୋଇ ହୋଇଯାଇଥିଲା, ଯାହା ଫଳରେ ରାସ୍ତା ଉପରେ ଏହି ଆଂଶିକ ଗାତ ସୃଷ୍ଟି ହୋଇଥିଲା। ଏହା ସମ୍ପୂର୍ଣ୍ଣ ଭାବେ ଏକ ଭୂପୃଷ୍ଠ-ସ୍ତରୀୟ ପ୍ରସଙ୍ଗ ଥିଲା, ଯାହାର ଖଣି ଖନନ କାର୍ଯ୍ୟ ସହିତ କୌଣସି ସମ୍ପର୍କ ନଥିଲା। ଜନସାଧାରଣଙ୍କ ମତାମତ ଆଧାରରେ ରାସ୍ତାର ସମ୍ପୂର୍ଣ୍ଣ ଓସାରରେ ପ୍ରଭାବିତ ଅଂଶକୁ ଖନନ କରାଯାଇ ଏହି ଅଞ୍ଚଳକୁ ସ୍ଥିର କରାଯାଇଥିଲା ଏବଂ ଦୀର୍ଘସ୍ଥାୟୀ ସିମେଣ୍ଟ-କଂକ୍ରିଟ୍ ସାମଗ୍ରୀରେ ପୁନଃପୂରଣ କରାଯାଇଥିଲା। ରାସ୍ତାର ଉପଯୁକ୍ତ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଅସ୍ଥାୟୀ ଯାତାୟାତ ମାର୍ଗ ପରିବର୍ତ୍ତନ ସମେତ ଆବଶ୍ୟକ ସତର୍କତା ଅବଲମ୍ବନ କରାଯାଇଥିଲା, ଯାହା ବର୍ତ୍ତମାନ ସମ୍ପୂର୍ଣ୍ଣ ପୁନରୁଦ୍ଧାର ହୋଇଛି ଏବଂ ସାଧାରଣ ଟ୍ରାଫିକ୍ ଚଳାଚଳ ପୁନର୍ବାର ଆରମ୍ଭ ହୋଇଛି। ଏମ୍‌ସିଏଲ୍ ପୁନର୍ବାର ସ୍ପଷ୍ଟ କରୁଛି ଯେ, ସୁରକ୍ଷିତ ଓ ବୈଜ୍ଞାନିକ ଖଣି ଖନନ ପ୍ରକ୍ରିୟା ଉପରେ ନିରନ୍ତର ଧ୍ୟାନ ରଖିବା ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ। ସ୍ଥାନୀୟ ବାସିନ୍ଦାମାନଙ୍କୁ କେବଳ ସରକାରୀ ବିଶ୍ୱାସଯୋଗ୍ୟ ସୂଚନା ଉପରେ ଭରସା କରିବାକୁ ଅନୁରୋଧ କରାଯାଉଛି।

# ରାସ୍ତାରେ ବୁଲା ଗୋରୁଙ୍କ ଦୌରାତ୍ମ୍ୟ, ଯାନବାହନ ଚଳାଚଳରେ ବାଧା



**କଟକ,୧୬।୪/ଏନ୍ଏନ୍ଏସ୍:** କଟକ ସହର ରାଜରାସ୍ତାରେ ବୁଲା ଗୋରୁଙ୍କ ସଂଖ୍ୟା ଏବେ ଅହେତୁକ ଭାବେ ବୃଦ୍ଧି ପାଇଛି। ଗଳିକନ୍ଦିରୁ ଆରମ୍ଭ କରି ମୁଖ୍ୟ ରାସ୍ତାରେ ଏମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସତେ ଯେପରି ସହରର ରାସ୍ତାକୁ ବୁଲା ଗାଈ ଓ ଷଣ୍ଢଗୁଡ଼ିକ ଦଖଲ କରି ନେଇଛନ୍ତି। ବିଶେଷକରି ରାତ୍ରି ସମୟରେ ଏମାନେ ମୁଖ୍ୟ ରାସ୍ତାରେ ଶୋଇ ରହିଥିବାରୁ ସାଧାରଣ ଲୋକଙ୍କ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି। ବର୍ତ୍ତମାନ ସହରର ମହାନଦୀବିହାର, ନୂଆବଜାର, ପୋତାପୋଖରୀ, ବିଦ୍ୟାଧରପୁର, ଗଡିରାଉତପାଟଣା, ଶିଖରପୁର, ଯୋବ୍ରା, ନୂଆପଡ଼ା, ଷ୍ଟେସନବଜାର, ମାଲଗୋଦାମ, ଛତ୍ରବଜାର ଓ ସିବି ଆଦି ଅଂଚଳର ରାସ୍ତାରେ ବୁଲା ଷଣ୍ଢ ଓ ଗାଈଙ୍କ ସଂଖ୍ୟା ବଢ଼ି ଚାଲିଛି। ଫଳରେ ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ସ୍କୁଲ ଯାଉଥିବା ଛାତ୍ରଛାତ୍ରୀ, କର୍ମଜୀବୀ ମହିଳା ପ୍ରତିଦିନ ଗୋରୁଙ୍କ ଉତ୍ପାତ ସଂଗକୁ ଷଣ୍ଢ ଲଢ଼େଇ ଏବେ ସେମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ସନ୍ଧ୍ୟା ସମୟରେ ଟ୍ୟୁସନ ଯାଉଥିବା ଛାତ୍ରଛାତ୍ରୀମାନେ ମଧ୍ୟ ବୁଲା ଗୋରୁଙ୍କ ଦୌରାତ୍ମ୍ୟରେ ବିଶେଷ ଭାବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ସହରର ଅନେକ ଲୋକେ କ୍ଷୀର ଖାଇବା ପାଇଁ ଘରେ ଗାଈ ପାଳୁଛନ୍ତି। ମାତ୍ର କ୍ଷୀର ଦେବା ବନ୍ଦ ହେବା ପରେ ଗାଈ ଓ ଅଣ୍ଡିରା ବାଛୁରୀଗୁଡ଼ିକୁ ପଦାକୁ ଛାଡ଼ି ଦେଉଛନ୍ତି। ସେମାନେ ଗୁହାଳରେ ନରହି ରାସ୍ତାରେ ଏଣେତେଣେ ବୁଲୁଛନ୍ତି ଓ ରାଜରାସ୍ତା ସେମାନଙ୍କର ଠିକଣା ପାଲଟି ଯାଇଛି। ଗୋଟିଏ ସ୍ଥାନରେ ବହୁ ସଂଖ୍ୟକ ବୁଲା ଗୋରୁ ଓ ଷଣ୍ଢ ଏକତ୍ର ହେଉଥିବାରୁ ପରସ୍ପର ମଧ୍ୟରେ ଲଢ଼େଇ ମଧ୍ୟ ହେଉଛନ୍ତି। ଲଢ଼େଇ ଭିତରେ ଷଣ୍ଢଗୁଡ଼ିକ କେତେବେଳେ ଗାଡ଼ିରେ ପିଟି ହେଉଛନ୍ତି ତ ଆଉ କେତେବେଳେ ରାସ୍ତାକଡ଼ରେ ଥିବା ଦୋକାନ ଓ ଘର ଭିତରେ ପଶି ଯାଉଛନ୍ତି। ଏହାଛଡ଼ା ଷଣ୍ଢ ଆକ୍ରମଣ ଯୋଗୁ ଗାଡ଼ି ଚାଳକମାନେ ବେଳେବେଳେ ଆହତ ହେଉଛନ୍ତି। ଦିନ ଅପେକ୍ଷା ରାତିରେ ଏମାନଙ୍କ ଦୌରାତ୍ମ୍ୟ ପଥଚାରୀଙ୍କୁ ଅଧିକ ଆତଙ୍କିତ କରୁଛି। ସହରରେ ବୁଲା ଗୋରୁ ଓ ଷଣ୍ଢକୁ କାବୁ କରିବାକୁ କଟକ ମହାନଗର ନିଗମ ପକ୍ଷରୁ ସେପରି ଠୋସ ପଦକ୍ଷେପ ଗ୍ରହଣ କରାଯାଉନଥିବା ସାଧାରଣରେ ଅଭିଯୋଗ ହେଉଛି। ମଝିରେ ମଝିରେ ସିଏମସି ପକ୍ଷରୁ ବୁଲା ଗୋରୁଙ୍କୁ ଧରାଯାଇ କାଞ୍ଜିଆହୁଦା ପଠାଯାଉଥିଲେ ହେଁ, ତାହା ଯଥେଷ୍ଟ ନୁହେଁ ବୋଲି ସହରବାସୀ ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ

## ଲୋକସଭାରେ ୩ ବିଲ୍ ...

ସାଂସଦ କେସି ଭେଣୁଗୋପାଳ ସମସ୍ତ ତିନୋଟି ଆଇନକୁ ବିରୋଧ କରିଥିଲେ ଏବଂ ଆନୁଷ୍ଠାନିକ ଭାବରେ ସ୍ପିକରେ ବକର ଆପତ୍ତି ରେକର୍ଡ କରିଥିଲେ। ସେ କହିଥିଲେ ଯେ, 'ସରକାର ସମ୍ବିଧାନକୁ ସମ୍ପୂର୍ଣ୍ଣ ଭାବରେ ଅପହରଣ କରିବାକୁ ଚାହୁଁଛି।' କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ବିଜେପି ନିଜ ରାଜନୈତିକ ରଣନୀତି ଅନ୍ତର୍ଗତ ଏଗୁଡ଼ାକ ବିଲ୍କୁ ଏବେ ଆଣିବାକୁ ଚାହୁଁଛି ଯେତେବେଳେ କି ବିଜେପି ହିଁ ଏହି ବିଲ୍କୁ ପୂର୍ବରୁ ବିରୋଧ କରିଥିଲା। ମହିଳା ସଂରକ୍ଷଣକୁ କଂଗ୍ରେସ ନୀତିଗତ ଭାବେ ସମର୍ଥନ କରୁଥିଲେ ହେଁ, ଏନ୍ଡିଏ ସରକାର ଏହାକୁ ଆଗାମୀ ନିର୍ବାଚନରେ ଫାଇଦା ପାଇବା ପାଇଁ ଏକ ରାଜନୈତିକ ଟ୍ରମ୍ପ କାର୍ଡ ଭାବେ ବ୍ୟବହାର କରୁଛନ୍ତି। ବିଜେପି ନିଜ ସ୍ୱାର୍ଥ ପାଇଁ ଦେଶର ସମ୍ବିଧାନକୁ କ୍ଷତି ପହଞ୍ଚାଉଛି ବୋଲି ସେ ଗୁରୁତର ଅଭିଯୋଗ ଆଣିଛନ୍ତି। ସମାଜବାଦୀ ପାର୍ଟି ନେତା ଅଖିଳେଶ ମଧ୍ୟ ଏହି ବିଲ୍କୁ ବିରୋଧ କରିଛନ୍ତି। ୧୭ ଏପ୍ରିଲରେ ଲୋକସଭାରେ ଆଲୋଚନା ପରେ ତିନୋଟି ବିଲ୍ ଉପରେ ଭୋଟିଂ ହେବ। ସେହିପରି ୧୮ ଏପ୍ରିଲରେ ରାଜ୍ୟସଭାରେ ଏହି ତିନୋଟି ବିଲ୍କୁ ଆଗତ କରାଯିବ, ଯେଉଁଠାରେ ଆଲୋଚନା ପାଇଁ ମାତ୍ର ୧୦ ଘଣ୍ଟା ସମୟ ଦିଆଯାଉଛି। ୧୮ ଏପ୍ରିଲରେ ରାଜ୍ୟସଭାରେ ଆଲୋଚନା ପରେ ଭୋଟିଂ ହେବାର କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନରେ, ଗୁରୁବାର ଅଧିବେଶନ ଆରମ୍ଭରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ଦିବଂଗତ ଗାୟିକା ଆଶା ଭୋଁସଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟ ସଦସ୍ୟ ନିମନ୍ତେ ସମସ୍ତ ଗୃହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲା।

## ସୀମା ନିର୍ଦ୍ଧାରଣ ଆଇନ୍ ...

ଦେଶର ମହିଳାମାନଙ୍କ ପାଇଁ ଏକ ବଡ଼ ଦାୟିତ୍ୱ ସମ୍ପନ୍ନ କରିବାରେ ସହାୟକ ହୁଅନ୍ତୁ, ବିରୋଧ କରିବା ଉଚିତ ନୁହେଁ। ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପକୁ କେହି ମଧ୍ୟ ରାଜନୈତିକ ପ୍ରିଜ୍ମ ନଦେଖିବାକୁ ସେ ଅପିଲ୍ କରିଛନ୍ତି। ଯଦି ବିରୋଧୀ ଦଳ ଏହି ବିଲ୍ର ଶ୍ରେୟ ନେବାକୁ ଚାହାଁନ୍ତି, ତେବେ ସେ ଏଥିପାଇଁ ମଧ୍ୟ ପ୍ରସ୍ତୁତ ଅଛନ୍ତି। ବିରୋଧୀ ଯାହାର ଚାହାଁନ୍ତି ସେ ଫଟୋ ଲଗାଇ ପ୍ରଚାର କରିପାରିବେ, କିନ୍ତୁ ବିଲ୍କୁ ପାରିତ କରିବାରେ ସହଯୋଗ କରନ୍ତୁ। ସେହିପରି ଗୃହରେ ଉପସ୍ଥିତ ସମସ୍ତ ସାଂସଦଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଏହା ରାଷ୍ଟ୍ର ନିର୍ମାଣ ପାଇଁ ଏକ ବଡ଼ ସୁଯୋଗ। ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ ନିଜର ପଛୁଆ ବର୍ଗର ପରିଚୟ ନେଇ କହିଥିଲେ ଯେ, ସମ୍ବିଧାନ ହିଁ ତାଙ୍କ ଭଳି ଜଣେ ସାଧାରଣ ବ୍ୟକ୍ତିଙ୍କୁ ଦେଶର ଏତେ ବଡ଼ ପଦରେ ବସାଇଛି। ସେଥିପାଇଁ ସେ ସମ୍ବିଧାନର ନିୟମ ଅନୁସାରେ ସମସ୍ତଙ୍କୁ ସାଥିରେ ନେଇ ଚାଲିବାକୁ ପ୍ରତିଶ୍ରୁତିବଦ୍ଧ।

## ସୀମା ନିର୍ଦ୍ଧାରଣ ଦ୍ୱାରା ...

୧୨୯ରୁ ବୃଦ୍ଧି ପାଇ ୧୯୫ ହେବ। ଲୋକସଭାରେ ଏହି ରାଜ୍ୟଗୁଡ଼ିକର ଅଂଶଧନ ମଧ୍ୟ ୨୩.୭୬% ରୁ ବୃଦ୍ଧି ପାଇ ୨୩.୮୭% ହେବ। ଏହାଦ୍ୱାରା ସେମାନଙ୍କର ଗୁରୁତ୍ୱ ହ୍ରାସ ପାଇବାର ଭୟ ଦୂର ହେବ। ସେହିପରି ଦେଶରେ ଜନସଂଖ୍ୟା ବୃଦ୍ଧି ଅନୁଯାୟୀ ପ୍ରତିନିଧିତ୍ୱ ବଢ଼ାଇବା ଏବଂ ମହିଳାମାନଙ୍କୁ ପ୍ରକୃତ ସ୍ଥାନ ଦେବା ପାଇଁ ଲୋକସଭା ଆସନକୁ ୫୪୩ରୁ ୮୫୦କୁ ବୃଦ୍ଧି କରାଯିବା ଏକ ପ୍ରାସଙ୍ଗିକ ପଦକ୍ଷେପ। ଏତଦ୍ବ୍ୟତୀତ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, ଦେଶରେ ଏବେ ଜନଗଣନା ପ୍ରକ୍ରିୟା ଜାରି ରହିଛି। ଚଳିତ ଜନଗଣନାରେ ଜାତିଭିତ୍ତିକ ଗଣନାକୁ ମଧ୍ୟ ସାମିଲ କରାଯାଇଛି। ସରକାର ଏଦିଗରେ ଅତ୍ୟନ୍ତ ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛନ୍ତି। ଶାହ ତାଙ୍କ ଭାଷଣରେ ଦୃଢ଼ତାର ସହ କହିଛନ୍ତି ଯେ, ଧର୍ମ ଭିତ୍ତିକ ସଂରକ୍ଷଣ ଅସାମ୍ବିଧାନିକ। ସମ୍ବିଧାନରେ ଧର୍ମ ଆଧାରରେ କୌଣସି ସଂରକ୍ଷଣର ବ୍ୟବସ୍ଥା ନାହିଁ ଏବଂ ସରକାର ଏହାକୁ ସମର୍ଥନ କରିବେ ନାହିଁ। ସେହିପରି ବିରୋଧୀ କଂଗ୍ରେସ ଏବଂ ଅନ୍ୟ ଦଳଙ୍କୁ ଟାର୍ଗେଟ୍ କରି ସେ କହିଛନ୍ତି ଯେ, ସେମାନେ କେବଳ ଭୟ ସୃଷ୍ଟି କରୁଛନ୍ତି। ଯେତେବେଳେ ବି ସରକାର କୌଣସି ଐତିହାସିକ ସଂସ୍କାର ଆଣୁଛନ୍ତି, ବିରୋଧୀ ଦଳ ସେଥିରେ ବାଧା ସୃଷ୍ଟି କରିବା ସହ 'ଗଣତନ୍ତ୍ର ବିପଦରେ' ବୋଲି ନାରା ଦେଉଛନ୍ତି। ନିଜ ଭାଷଣ ଆଳରେ ସୀମା ନିର୍ଦ୍ଧାରଣକୁ ନେଇ ଆଞ୍ଚଳିକ ରାଜ୍ୟଗୁଡ଼ିକର ସନ୍ଦେହ ଦୂର କରିବା ଏବଂ ମହିଳା ସଂରକ୍ଷଣ ବିଲ୍କୁ ୨୦୨୯ ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ପଷ୍ଟ ରୋଡ୍ ମ୍ୟାପ୍ ଉପସ୍ଥାପନ କରିଛନ୍ତି।

## ଜନଗଣନା: ଘର ...

ଏଥିପାଇଁ ଜଣଙ୍କୁ ୨୦୦ରୁ ୨୨୦ ଘର ଗଣତି କରିବାକୁ ପଡ଼ିବ। ଗଣନାକାରୀ ପ୍ରତି ଗଳିକନ୍ଦି ବୁଲି ଘର ଗଣିବା ସହ ଘର ନମ୍ବରିଂ କରୁଛନ୍ତି। ଏହାସହ ଘରର ମୁଖ୍ୟଙ୍କୁ ୩୩ଟି ପ୍ରଶ୍ନ ପଚାରୁଛନ୍ତି। ପକ୍କା ଘର ନା କଚ୍ଚା ଘର ବାବଦରେ ପଚାରି ବୁଝୁଛନ୍ତି। ପକ୍କା ଘର ଥିଲେ ଚର୍ତୁଭୁଜ ଓ କଚ୍ଚା ଘର ଥିଲେ ତ୍ରିଭୁଜ ଆଙ୍କୁଛନ୍ତି। ପ୍ରତ୍ୟେକ ସୁପରଭାଇଜରଙ୍କ ଅଧୀନରେ ୬ ଜଣ ଜନଗଣନା ଅଧିକାରୀ ରହିଛନ୍ତି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୬୩୯୬ ଜଣ ଜନଗଣନା ଅଧିକାରୀ ଓ ୧୧୨୮ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଭୁବନେଶ୍ୱରରେ ସର୍ବାଧିକ ୨୫୯୬ ଜଣ ଜନଗଣନା ଅଧିକାରୀ ଓ ୪୪୫ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଜନଗଣନା ଅଧିକାରୀ ଭାବେ ପ୍ରାଥମିକ ସ୍କୁଲ ଶିକ୍ଷକ ଏବଂ ସୁପରଭାଇଜର ଭାବେ ହାଇସ୍କୁଲ ଶିକ୍ଷକଙ୍କୁ ନିୟୋଜିତ ହୋଇଛନ୍ତି। ଜନଗଣନା ପାଇଁ ସ୍କୁଲ ଛୁଟି ହେବନାହିଁ। ସ୍କୁଲ କାମ ପରେ ଜନଗଣନା କାର୍ଯ୍ୟ ଶିକ୍ଷକ କରିବେ। ସେହିପରି ଶନିବାର ଓ ରବିବାର ସକାଳୁ ସକାଳୁ ସର୍ଭେ କାର୍ଯ୍ୟ ହେବ। ପ୍ରତିଦିନ ଘର ଗଣନା ତଥ୍ୟର ସମୀକ୍ଷା କରାଯିବ।

## ଏସ୍ଆର୍ସିଙ୍କ ସମୀକ୍ଷା ପରେ ...

ତା'ପରେ ସ୍କୁଲଗୁଡ଼ିକୁ ଖରାଛୁଟି ଘୋଷଣା କରିବା ନେଇ ନିଷ୍ପତ୍ତି ନିଆଯାଏ। ବର୍ତ୍ତମାନ ସୁଦ୍ଧା ସ୍କୁଲଗୁଡ଼ିକୁ ଖରାଛୁଟି ଘୋଷଣା କରିବା ନେଇ କୌଣସି ନିଷ୍ପତ୍ତି ହୋଇନି। ହିଟ୍ ୱେଭ୍କୁ ଦେଖି ଆମେ ପରବର୍ତ୍ତୀ ସମୟରେ ଏନେଇ ନିଷ୍ପତ୍ତି ନେବୁ। ଯେତେବେଳେ ଦେଖାଯିବ ଯେ ଅତ୍ୟଧିକ ଗରମ ହେଉଛି ଏବଂ ତାହା ପିଲାମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି, ସେତେବେଳେ ନିଷ୍ପତ୍ତି ନିଆଯିବ। ଖରା ଯୋଗୁ ପିଲାମାନଙ୍କୁ ଯେମିତି କୌଣସି ପ୍ରକାର କ୍ଷତି ନପହଞ୍ଚେ ସେଥିପ୍ରତି ଆମେ ଗୁରୁତ୍ୱ ଦେବୁ। ପ୍ରକାଶ ଯେ ଏବେ ସକାଳ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ ଚାଲିଛି। ସ୍କୁଲରେ ପାନୀୟ ଜଳ, ଓଆରଏସର ବନ୍ଦୋବସ୍ତ କରାଯାଇଛି।

## ବଢୁଛି ତାତି, କରୁଛି ...

କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱରକୁ ଉଷ୍ମ ଓ ଆଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଭାଗ। ସେହିପରି ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ସୁନ୍ଦରଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ପରି ଏହି ୧୮ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୫୦ କିଲୋ ମିଟର ବେଗରେ ପବନ ବହିବାର ସମ୍ଭାବନା ରହିଥିବା ବେଳେ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଆସନ୍ତାକାଲି ମଧ୍ୟ କାଳବୈଶାଖୀର ପ୍ରଭାବ ରହିବା ସହ ଗରମ ଓ ଗୁଳୁଗୁଳି ଲାଗି ରହିବ। ପ୍ରବଳ ଖରା ଓ ଗରମ ଗୁଳୁଗୁଳିକୁ ନେଇ ଆସନ୍ତାକାଲି ସେହିସବୁ ଜିଲ୍ଲାକୁ ଉଷ୍ଣ ଓ ଆଦ୍ର ପାଇଁ ମଧ୍ୟ ୟେଲୋ ୱାର୍ଣ୍ଣିଂ ରହିଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଏହି ୧୩ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୫୦ କିଲୋ ମିଟର ବେଗରେ ପବନ ବହିବାର ସମ୍ଭାବନା ରହିଥିବା ବେଳେ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ୧୮ ତାରିଖରୁ ପ୍ରବଳ ଖରା ଓ ଗରମ ପାଇଁ ବଲାଙ୍ଗିର, ଝାରସୁଗୁଡ଼ା ଓ ସମ୍ବଲପୁର, ଏହି ୩ ଜିଲ୍ଲାକୁ ହିଟ୍ ୱେଭ ବା ଗ୍ରୀଷ୍ମ ପ୍ରବାହ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୧୧ ଜିଲ୍ଲାରେ ଉଷ୍ଣ ଓ ଆଦ୍ର ସ୍ଥିତି ପାଇଁ ଚେତାବନୀ ସହ ୪ ଜିଲ୍ଲାରେ କାଳବୈଶାଖୀ ବର୍ଷା ରହିଛି। ୨୨ ତାରିଖ ଯାଏ ଖରା, ଗରମ ଓ ଅସହ୍ୟ ଗୁଳୁଗୁଳି ସହ ବର୍ଷା ହେବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ସେପଟେ ଦିନର ତାପମାତ୍ରା ୨ ଦିନ ଭିତରେ ୨ରୁ ୩ ଡିଗ୍ରୀ ବଢ଼ିବା ସହ ତାପମାତ୍ରା ୪୩ରୁ ୪୪ ଡିଗ୍ରୀ ଛୁଇଁପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ।

## ପ୍ରଦୀପ ହୋତା ଜନସ୍ୱାସ୍ଥ୍ୟ ...

ପୁରୀ ଡିଏଚ୍ଏଚ୍ରେ କାର୍ଯ୍ୟ କରୁଥିବା ଡା ଏନ୍ ସିରକର୍ ଓ କେନ୍ଦ୍ରାପଡ଼ା ସିଡିଏମ୍ଓ ଡା ମନୋରଞ୍ଜନ ରାଉତଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ (ବୈଷୟିକ) ଭାବେ ନିଯୁକ୍ତି ମିଳିଛି। ଝାରସୁଗୁଡ଼ା ସିଡିଏମ୍ଓ ଡା ମହେଶ ମୋହନ ପଣ୍ଡାଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି।

## ପିକ୍ଅପ୍-ଟ୍ୟାଙ୍କର ଧକ୍କା ...

ମନ୍ତ୍ରାଲୟମ୍ରେ ଥିବା ଶ୍ରୀ ରାଘବେନ୍ଦ୍ର ସ୍ୱାମୀ ମନ୍ଦିର ଦର୍ଶନ କରିବାକୁ ଏକ ପିକ୍ଅପ୍ ଗାଡ଼ିରେ ଆସୁଥିଲେ। ତେବେ କଂକ୍ରିଟ୍ ଟ୍ୟାଙ୍କର୍ ଲରି ସହିତ ପିକ୍ଅପ୍ ଗାଡ଼ିର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ତିନି ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୫ ମହିଳା, ଜଣେ ତିନି ବର୍ଷର ଝିଅ ଓ ଦୁଇଜଣ ପୁରୁଷ ଅଛନ୍ତି। ଦୁର୍ଘଟଣା ସମୟରେ ପିକ୍ ଅପ୍ ଗାଡ଼ିରେ ୨୧ ଜଣ ଶ୍ରଦ୍ଧାଳୁ ଥିଲେ। ଆହତ ୧୦ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକପ୍ରକାଶ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଥିବାବେଳେ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଘୋଷଣା କରିଛନ୍ତି।

# ଘରକୁ ଘର ବୁଲି ଜନଗଣନା କରିବେ ୩୩୬ କର୍ମଚାରୀ

**ଓଡ଼ଗାଁ, ୧୬।୪/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ଗୃହ ଗଣନା ଓ ଜନଗଣନା କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇଛି। ଏହା ଏକମାସ ଧରି ଚାଲିବ। ଓଡ଼ଗାଁ ବ୍ଲକ୍ ରେ ୨୧୨ଟି ରାଜସ୍ୱ ଗ୍ରାମ ଥିବାବେଳେ ଏହି ଜନଗଣନାକାରୀ ଓ ସୁପରଭାଇଜରମାନେ ଘରକୁଘର ବୁଲି ତାଲିକା ସଂଗ୍ରହ କରିବେ। ଏହାସହିତ ଓଡ଼ଗାଁ ଏନ୍ଏସିରେ ମଧ୍ୟ ଜନଗଣନା କାର୍ଯ୍ୟ ତ୍ୱରାନ୍ୱିତ ହେବବୋଲି ଜଣାପଡ଼ିଛି। ଓଡ଼ଗାଁ ବ୍ଲକ୍ ପାଇଁ ୨୫୮ଜଣ ଜନଗଣନାକାରୀ ଓ ୪୩ଜଣ ସୁପରଭାଇଜର ନିଯୁକ୍ତ ହୋଇଥିବା ବେଳେ ଏନ୍ଏସି ପାଇଁ ୩୧ଜଣ ଜନଗଣନାକାରୀ ଓ ୫ଜଣ ସୁପରଭାଇଜରଙ୍କୁ ନିଯୁକ୍ତି କରାଯାଇଛି। ଏହି କର୍ମଚାରୀମାନେ ୩୫୩ଟି ହାଉସ ଲିଫ୍ଟିଂ ବ୍ଲକ୍ରେ ଗୃହ ତାଲିକା ଓ ଗୃହ ଗଣନା ଘରକୁଘର ବୁଲି ପ୍ରସ୍ତୁତ କରିବେ। ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇଙ୍କ ତତ୍ତ୍ୱାବଧାନରେ ଆଜିଠାରୁ ଆସନ୍ତା ମେ' ମାସ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଜନଗଣନାକାରୀ ଓ ସୁପରଭାଇଜର ଘରକୁଘର ବୁଲି ଗୃହ ତାଲିକା ଓ ଗୃହ ଗଣନା କରିବେ। ଏହାସହିତ ପ୍ରତ୍ୟେକ ଗାଁରେ ଥିବାମଠ, ମନ୍ଦିର, ପୋଖରି, ନଦୀ, ଖେଳପଡ଼ିଆ, କୋଠଘର ଆଦିର ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଓଡ଼ଗାଁ ଏନ୍ଏସିରେ ୩୧ଜଣ ଜନଗଣନାକାରୀ ଓ ୫ଜଣ ସୁପରଭାଇଜରଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇ ୮ଟି ରାଜସ୍ୱ ଗ୍ରାମରେ ଥିବା ୩୩ଟି ହାଉସ ଲିଫ୍ଟିଂ ବ୍ଲକ୍ ପ୍ରସ୍ତୁତ କରାଯିବ ବୋଲି କୁହାଯାଇଛି। ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଜନଗଣନା କାର୍ଯ୍ୟ ଚାଲୁ ରହିବ ବୋଲି ଜଣାପଡ଼ିଛି।



## 'ନାରୀ ଶକ୍ତି ବନ୍ଦନ' ପଦଯାତ୍ରା



**ବାଲୁଗାଁ, ୧୬।୪/ଏନ୍ଏନ୍ଏସ୍:** ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲୁଗାଁ ମହାବିଦ୍ୟାଳୟ ଚିଲିକା କୂଳରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ନାରୀ ଶକ୍ତିଙ୍କ ସଂକଳ୍ପ ପଦଯାତ୍ରା ରାଲି ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଚିଲିକା ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ସୁକାନ୍ତି ପାଇକରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଣପୁର, ବିକାଶ କୁମାର ମହାନ୍ତି, ଚିଲିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁନମ ମହାପାତ୍ର ଯୋଗଦେଇ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ମହିଳାମାନଙ୍କୁ ଆଗକୁ ବଢ଼ିବାରେ ନୂତନ ଦିଗ ଦର୍ଶନ ଦେବବୋଲି ମତପ୍ରକାଶ କରିଥିଲେ। ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନବାଡ଼ି କର୍ମୀ, ସିଡିପିଓ ଚିଲିକା ଓ ବାଣପୁର ବ୍ଲକ, ବାଲୁଗାଁ ଓ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ବିଶାଳ ମହିଳା ଶୋଭାଯାତ୍ରା ଗାନ୍ଧୀ ଛକଠାରେ ପହଞ୍ଚିଥିଲା। ମହିଳା ମାନେ ହାତରେ ବିଭିନ୍ନ ମହିଳା ସଶକ୍ତିକରଣ ବାର୍ତ୍ତା ପ୍ଲାଗ୍ କାର୍ଡ ଧରି ଶୋଭାଯାତ୍ରାରେ ଚିଲିକା କୂଳରୁ ଗାନ୍ଧିଛକ ପର୍ଯ୍ୟନ୍ତ ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଚିଲିକା ବ୍ଲକ୍ ଅତିରିକ୍ତ ନିର୍ବାହୀଯନ୍ତ୍ରୀ ମଧୁସ୍ମିତା ଶତପଥୀ, ଡିପିସି, ମିଶନ ଶକ୍ତି, ଉପଖଣ୍ଡ ପୋଲିସ ଅଧିକାରୀ, ବାଲୁଗାଁ, ବାଲୁଗାଁ ଥାନା ଅଧିକାରୀ, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସମସ୍ତ କାଉଁସିଲର, ବାଲୁଗାଁ ବିଜ୍ଞାପିତ ପରିଷଦ ସମସ୍ତ ମହିଳା କର୍ମଚାରୀ, ବାଲୁଗାଁ ମହାବିଦ୍ୟାଳୟ ଅଧାପିକା ଓ ଗଣମାଧମ ପ୍ରତିନିଧି ଯୋଗଦେଇଥିଲେ।

### ମେଗା ପାନୀୟଜଳ ପ୍ରକଳ୍ପ କର୍ମଚାରୀଙ୍କ ଦାୟିତ୍ୱହୀନତା

## ରାସ୍ତା ଓ ବିଲରେ ମାଡୁଛି ପିଇବା ପାଣି

**ମାହାଙ୍ଗା, ୧୬।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ପାଇପ ବିଛା କାର୍ଯ୍ୟକ୍ରମ ଚାଲୁ ରହିଛି। କିନ୍ତୁ ମେଗା ପ୍ରକଳ୍ପ କଂପାନୀ ଅଧିନରେ କାର୍ଯ୍ୟ କରୁଥିବା ଠିକାଦାର ଓ କର୍ମଚାରୀଙ୍କର ଦାୟିତ୍ୱହୀନତା ଓ ବେଖାତିର ମନୋଭାବ ପାଇଁ ବସୁଧା ପାନୀୟ ଜଳ ଯୋଜନା ମାଧ୍ୟମରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ପାଇପକୁ ଖୋଲି ନଷ୍ଟ କରିଦେବା ଫଳରେ ପିଇବା ପାଣି ଜନସାଧାରଣଙ୍କ କାର୍ଯ୍ୟରେ ଲାଗିବା ପରିବର୍ତ୍ତେ ରାସ୍ତା ଓ ବିଲରେ ମାଡୁଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଖବରରୁ ପ୍ରକାଶ ଯେ ଏହି ବ୍ଲକର ଗୋତରାଠାରେ ଥିବା ବସୁଧା ପାନୀୟଜଳ ପ୍ରକଳ୍ପର ଗୋତରା ଗ୍ରାମର ୪ଟି ୱାର୍ଡର ଜନସାଧାରଣ ପାନୀୟ ଜଳ ପାଇଥାନ୍ତି। କିନ୍ତୁ ମେଗା ପ୍ରକଳ୍ପ ଦ୍ୱାରା ପାଇପ ବିଛା କାର୍ଯ୍ୟ ଚାଲୁଥିବା ବେଳେ ଜାଣିଶୁଣି ବେଖାତିର ଭାବରେ କଂପାନୀର କର୍ମଚାରୀ ମାନେ ପାଇପ ଖୋଲି ନଷ୍ଟ କରିଦେଇଛନ୍ତି। ଯାହା ଫଳରେ ପ୍ରଚଣ୍ଡ ରୌଦ୍ର ତାପ ସୃଷ୍ଟି ହେବା ଯୋଗୁ ଭୂତଳ ପାନୀୟଜଳ ସ୍ତର କମିଯିବାକୁ ବସିଲାଣି। ଜନସାଧାରଣମାନେ ବସୁଧା ପାନୀୟଜଳ ପ୍ରକଳ୍ପର ପାନୀୟଜଳ ସଂଗ୍ରହ କରୁଛନ୍ତି। କିନ୍ତୁ ମେଗା ପ୍ରକଳ୍ପର ଏଭଳି କାର୍ଯ୍ୟ ଯୋଗୁ ଜନସାଧାରଣ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଗ୍ରାମ୍ୟ ପାନୀୟ ଜଳ ବିଭାଗ ଯନ୍ତ୍ରୀ ଓ ମେଗା ପ୍ରକଳ୍ପ କଂପାନୀର ଯନ୍ତ୍ରୀ ଅବଗତ ଥିଲେ ମଧ୍ୟ ଜାଣିଶୁଣି ମରାମତି କାର୍ଯ୍ୟ କରୁନାହାନ୍ତି ଯାହା ଫଳରେ ଜନସାଧାରଣମାନେ ପାନୀୟ ଜଳ ପାଇଁ ବହୁ ହଇରାଣ ହରକତ ହେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଏହାର ମରାମତି ନିମନ୍ତେ ପଦକ୍ଷେପ ନେବା ସହ ସଂପୃକ୍ତ ଦାୟିତ୍ୱହୀନ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି।

## ଓଡ଼ିଶାରେ କାର୍ଯ୍ୟକାରୀ ...

ମାସରେ ସାମୁଦ୍ରିକ ପର୍ଯ୍ୟାବରଣର ଓ ସ୍ଥାନୀୟ ଅର୍ଥନୀତିର ଉନ୍ନତି ପାଇଁ ବାୟୋଟେକ୍ନୋଲୋଜିର ବ୍ୟାପକ ପ୍ରୟୋଗ କରିବାକୁ 'ଓମ୍ବ୍ରିକ' ଆରମ୍ଭ କରାଯାଇଥିଲା। ଏହା ଆମର ବର୍ତ୍ତମାନର ଏମ୍ଏସ୍ପି କାର୍ଯ୍ୟକ୍ରମକୁ ସୁଦୃଢ଼ କରିବ ବୋଲି ସେ କହିଥିଲେ। ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ସବୁ ଦୃଷ୍ଟିରୁ ପୂରଣ କରିବା ପାଇଁ ଉପକୂଳ ଅର୍ଥନୀତି ଓ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ଏକ ଜରୁରୀ ଆବଶ୍ୟକତା। ତେଣୁ ଏ କ୍ଷେତ୍ରରେ ନରୱେ ସରକାର ସହଯୋଗ ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ନିଜର ମତାମତ ରଖି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟର ନ୍ୟାସ୍ନାଲ୍ ସେଣ୍ଟର ଫର୍ କୋଷ୍ଟାଲ ରିସର୍ଚ୍ଚ ହେଉଛି ସାମୁଦ୍ରିକ ଗବେଷଣାରେ ଏକ ଅଗ୍ରଣୀ ଅନୁଷ୍ଠାନ। ସାମୁଦ୍ରିକ ଜୀବଜଗତର ସୁରକ୍ଷା, ପରିବେଶ ପରିବର୍ତ୍ତନର ପ୍ରଭାବ ଏବଂ ସାମୁଦ୍ରିକ ସମ୍ବଳର ଉନ୍ନତ ବ୍ୟବହାର ଦିଗରେ ଏହି ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ମଡେଲ୍ ପ୍ରସ୍ତୁତ କରିଛି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏମ୍ଏସ୍ପିର ସଫଳତା ପାଇଁ ସମସ୍ତ ସହଯୋଗ ଯୋଗାଇଦେବ ବୋଲି ସେ କହିଥିଲେ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ଓ ୨୦୪୭ର ପରିକଳ୍ପନାକୁ ସଫଳ କରିବା ପାଇଁ ଏହି ଏମ୍ଏସ୍ପି ଏକ ମହତ୍ୱପୂର୍ଣ୍ଣ ଅଭିଯାନ। ମତ୍ସ୍ୟ, ପର୍ଯ୍ୟଟନ ଏବଂ ସାମୁଦ୍ରିକ ଉତ୍ସ ଗୁଡିକର ସର୍ବାଧିକ ବିନିଯୋଗ ସହିତ ପର୍ଯ୍ୟାବରଣର ସୁରକ୍ଷା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡକ୍ଟର ଏମ୍ ରବିଚନ୍ଦ୍ରନ ଆମର ବ୍ଲୁ-ଇକୋନୋମି ଯେପରି ସଷ୍ଟେନେବଲ୍ (ଦୀର୍ଘସ୍ଥାୟୀ) ହେବ, ସେଥିପାଇଁ ଏହି ଏମ୍ଏସ୍ପି ସହାୟକ ହେବ ବୋଲି ମତ ଦେଇଥିଲେ। ରୟାଲ ନରୱେଜିଆନ୍ ଏମ୍ବାସୀର ଡେପୁଟି ଆମ୍ବାସାଡର ମିଷ୍ଟର ଅରଭିନ୍ ଗାଡ୍ଗିଲ କହିଲେ ଯେ, ଓଡ଼ିଶାର ଏକ ସାମୁଦ୍ରିକ ବାଣିଜ୍ୟ ଐତିହ୍ୟ ରହିଛି। ଏହାର ଏକ ଦୀର୍ଘ ଉପକୂଳ ରହିଛି। ତେଣୁ ସାମୁଦ୍ରିକ ଅର୍ଥନୀତି ତଥା ପର୍ଯ୍ୟାବରଣର ସୁରକ୍ଷା ପାଇଁ ଓଡ଼ିଶାର ଏହି ଉଦ୍ୟମରେ ନରୱେ ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ। ଟେକ୍ନୋଲୋଜି ଭିତ୍ତିକ ସମ୍ବଳ ପରିଚାଳନା ଜରିଆରେ ଓଡ଼ିଶାର ଲୋକଙ୍କ ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ପୂରଣ କରିବା ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଗଣ, ନରୱେ ସରକାରଙ୍କ ଅଧିକାରୀଗଣ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଇସ୍ରାଏଲ୍-ଲେବାନନ୍ ...

ବୋଲି ଦାବି କରିଛନ୍ତି। ଏତଦ୍ବ୍ୟତୀତ ଉଭୟ ଦେଶ ମଧ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଟ୍ରମ୍ପ ଉପ-ରାଷ୍ଟ୍ରପତି ଜେଡି ଭାନ୍ସ, ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏବଂ ପ୍ରତିରକ୍ଷା ମୁଖ୍ୟଙ୍କୁ ଏହି ପ୍ରକ୍ରିୟାର ତଦାରଖ କରିବାକୁ ଟ୍ରମ୍ପ୍ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।

ଅନ୍ୟପକ୍ଷେ, ଲେବାନନ୍ର ସଶସ୍ତ୍ର ଗୋଷ୍ଠୀ ହିଜବୁଲ୍ଲା ଏହି ପ୍ରତ୍ୟକ୍ଷ ଆଲୋଚନାକୁ ବିରୋଧ କରିଛି। ହିଜବୁଲ୍ଲା ସାଂସଦ ହୁସେନ୍ ହାଜ୍ ହାସନ ଏହାକୁ ଏକ 'ଗୁରୁତର ଭୁଲ' ବୋଲି କହିବା ସହ ଇସ୍ରାଏଲ୍ ଏବଂ ଆମେରିକା ଆଗରେ ନଇଁବା ଉଚିତ୍ ନୁହେଁ ବୋଲି କହିଛନ୍ତି। ତେବେ ଏହି ଯୁଦ୍ଧବିରତି ପଶ୍ଚିମ ଏସିଆର ଅଶାନ୍ତ ପରିସ୍ଥିତିକୁ ସାମାନ୍ୟ ଶାନ୍ତ କରିବ ବୋଲି ଆଶା କରାଯାଉଛି।

ପ୍ରକାଶ, ଇସ୍ରାଏଲ୍, ଲେବାନନ୍ର ଦକ୍ଷିଣ ପ୍ରାନ୍ତରେ ଭୟଙ୍କର ଆକ୍ରମଣ କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଲେବାନନରେ ୨୦୦ ରୁ ଅଧିକ ହିଜବୁଲ୍ଲା ସଶସ୍ତ୍ର ଗୋଷ୍ଠୀଙ୍କୁ ଟାର୍ଗେଟ୍ କରି ଆକ୍ରମଣ କରିଥିବା ଇସ୍ରାଏଲ୍ ସେନା ଦାବି କରିଛି। ଏହା ପରେ ପରେ ଲେବାନନ୍ ରାଷ୍ଟ୍ରପତି ମଧ୍ୟ ଏବେ ଯୁଦ୍ଧ ବନ୍ଦ ନହେବା ପର୍ଯ୍ୟନ୍ତ ଇସ୍ରାଏଲ୍ ସହ କୌଣସି ଆଲୋଚନା ହେବନାହିଁ ବୋଲି କହିଥିଲେ। କିନ୍ତୁ ଏବେ ଟ୍ରମ୍ପ୍ଙ୍କ ଏପ୍ରକାର ଯୁଦ୍ଧ ବିରତି ଘୋଷଣା ସାମ୍ନାକୁ ଆସିଛି।

## ଛାତ୍ରାବାସରେ ଛାତ୍ରଙ୍କ ...

ସେମାନେ ରାତି ୧୨ଟା ପର୍ଯ୍ୟନ୍ତ ହଷ୍ଟେଲରେ ବୁଲାବୁଲି କରୁଥିଲେ। ସେତେବେଳେ ପର୍ଯ୍ୟନ୍ତ ସବୁ ଠିକ୍ ଥିଲା। ରାତି ୧୨ଟା ପରେ ଘଟଣାଟି ଘଟିଛି। ମୃତ ଛାତ୍ର ଜଣଙ୍କ ଉମରକୋଟ ଆଦର୍ଶ ବିଦ୍ୟାଳୟରେ ପଢୁଥିଲେ। ସେଠାରେ ସପ୍ତମ ଶ୍ରେଣୀ ପାସ୍ କରିବା ପରେ ଏହି ସ୍କୁଲରେ ତାଙ୍କ ନାଁ ଲେଖାଇଥିଲେ। ସେ କାହିଁକି ଆଦର୍ଶ ବିଦ୍ୟାଳୟ ଛାଡ଼ିଲେ, ତାହା ଜଣାପଡ଼ିନି। ତାଙ୍କ ବାପାଙ୍କ ମତାମତ ଆମେ ନେଇ ନାହୁଁ। ଆଉ ଏଠାକୁ ଆସିବାର ମାତ୍ର ୩ ଦିନ ଭିତରେ ଏମିତି ଏକ ଘଟଣା ଘଟିଯାଇଛି।

## କାକଟପୁର ମଙ୍ଗଳା ମନ୍ଦିରରେ ଆଇନ ମନ୍ତ୍ରୀ

**ଅସ୍ତରଙ୍ଗ, ୧୬।୪/ଏନ୍ଏନ୍ଏସ୍:** କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କୁ ରାଜ୍ୟ ଆଇନ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସରକାରୀ ଗସ୍ତରେ ଆସି ମା'ଙ୍କୁ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ତାଙ୍କ ସହିତ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର,



ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଉପ ଜିଲ୍ଲାପାଳ ରାଜକିଶୋର ଜେନା, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଉପାଧକ୍ଷ ସ୍ୱାଧୀନ ନାୟକ, ଏସ୍ଟି ସେଲର ଅଧକ୍ଷ ବାଇଧର ମଲ୍ଲିକ, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ରତିକାନ୍ତ ବେହେରା, କାଳନ୍ଦୀ ଦୀକ୍ଷିତ, କୈଳାଶ ଚନ୍ଦ୍ର ନାୟକ, ଦଇତାପତି ନିଯୋଗର କର୍ମକର୍ତ୍ତା ରାମକୃଷ୍ଣ ଦାସ ମହାପାତ୍ର, ମଙ୍ଗଳା ମନ୍ଦିରର ବରିଷ୍ଠ ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, କମଳଲୋଚନ ଦୀକ୍ଷିତ ପ୍ରମୁଖ ଆଇନମନ୍ତ୍ରୀଙ୍କ ସହ ସୌଜ୍ୟମୂଳକ ସାକ୍ଷାତ ଆଲୋଚନା କରିବା ପରେ ଓବିସିସି ପକ୍ଷରୁ ମନ୍ଦିର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ବହୁ ଜଲଦି ମଙ୍ଗଳା ମନ୍ଦିର ନୂଆ ରୂପରେଖ ଦିଆଯିବ ବୋଲି ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ। ପରେ ଦେଉଳିମଠ ଠାରେ ଦଇତାପତି ନିଯୋଗର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ଦାରୁ ବିଗ୍ରହ ପାଇଁ ଲିମ୍ବ ବୃକ୍ଷ ରୋପଣ କରିଥିଲେ।

## ଜଗନ୍ନାଥ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୟାହାଟ, ୧୬।୪/ଏନ୍ଏନ୍ଏସ୍:** ମନବଳ ଇଚ୍ଛାଶକ୍ତି ଅଭାବ ଯୋଗୁଁ ସରକାରୀ ବିଦ୍ୟାଳୟରେ ପାଠ ନ ପଢ଼ି ବେସରକାରୀ ସ୍କୁଲରେ ପାଠ ପଢିବା ଏକ ଭ୍ରାନ୍ତ ଧାରଣା। ପିଲାଟିର ପ୍ରକୃତ ଗୁରୁ ହେଉଛନ୍ତି ମା' ଆଉ ବାପା। ତା'ପରେ ଶିକ୍ଷକ ବୋଲି ଜଗନ୍ନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧୁବନଠାରେ ଆୟୋଜିତ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାବିତ କୈଳାସ ଚନ୍ଦ୍ର ଦାସ୍ ମତବ୍ୟକ୍ତ କରିଛନ୍ତି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ମଧୁବନ ଠାରେ ଥିବା ଜଗନ୍ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୯୯ବର୍ଷ ପୁରୁଥିବା ବେଳେ ତାହାର ଆଜି ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗୋପ ସହମଣ୍ଡଳ ଶିକ୍ଷାଧିକାରୀ ସମ୍ରାଟ ଭଞ୍ଜ ଭୋଇ ମୁଖ୍ୟବକ୍ତା ସହମଣ୍ଡଳ ଅଧିକାରୀ ଦେବେନ୍ଦ୍ର ନାଥ କାଣ୍ଡୀ, ଲଲାଟେନ୍ଦୁ ମିଶ୍ର ସାମ୍ବାଦିକ ପୁରୀ, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ର ସମ୍ପାଦକ ସିବଦତ୍ ନାୟକ, ଗୋପ ଶିକ୍ଷକ ସଂଘ ସମିତିର ସମ୍ପାଦକ ସରୋଜ କୁମାର ମିଶ୍ର, ଯୁଣେଇ ସିଆର୍ସି ରବୀନ୍ଦ୍ର ନାଥ ବାହିନୀପତି, ୱାର୍ଡ ସଭ୍ୟା ଭାନୁମତୀ ମଲିକ, ସମାଜସେବୀ ପ୍ରଣୟ କୁମାର ସାହୁ, ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ବିଦ୍ୟାଳୟର ପରିଚାଳନା କମିଟି ର ସଭାପତି ଶ୍ରୀଧର ସାହୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ଲୋପାମୁଦ୍ରା ମୁଦୁଲି ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ମେନକା ପୁଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ କୁନିକୁନି ଛାତ୍ରଛାତ୍ରୀଙ୍କଦ୍ୱରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବିଜୁ ତିରୋଧାନ ଦିବସରେ ସାମିଲ ହେବାକୁ ଆହ୍ୱାନ

**ଆଠଗଡ଼, ୧୬।୪/ଏନ୍ଏନ୍ଏସ୍:** ବିଜୁ ତିରୋଧାନ ଦିବସରେ ସାମିଲ ହେବାକୁ ଜନସାଧାରଣଙ୍କୁ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ରଖିଛି ଆଠଗଡ଼-ତିଗିରିଆ ବିଜୁ ଜନତା ଦଳ। ଆଠଗଡ଼ ବ୍ଲକ ସଭାପତି ରବିନ୍ଦ୍ରନାଥ ରାଉତଙ୍କ ଅଧକ୍ଷତାରେ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦଳର ତିଗିରିଆ ବ୍ଲକ ସଭାପତି ଅଜିତ ଧ୍ୱର୍ ଏବଂ ଏନଏସି ସଭାପତି ଶିଶିର ପ୍ରସାଦ ମାନିସିଂହ ପ୍ରମୁଖ ଉପସ୍ଥିତ ରହି




ବିଜୁ ପଟ୍ଟନାୟକଙ୍କ ଆଦର୍ଶ ସହିତ ଅନୁପ୍ରାଣିତ ତଥା ସମସ୍ତ ବିଜୁ ପ୍ରେମୀ ଏଥିରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ସଭାପତି ଶ୍ରୀ ରାଉତ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସକୁ ବିଜୁ ପ୍ରବାଦ ପୁରୁଷ ଭାବେ ପାଳନ କରିବାକୁ ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଦେଇଥିବା ଆହ୍ୱାନ କ୍ରମେ ଆଠଗଡ ବିଜୁ ଜନତା ଦଳ ଏହାକୁ ସମ୍ମାନର ସହିତ ପାଳନ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ପ୍ରକାଶ କରିଥିଲେ। ଅପରାହ୍ନରେ ମିନିଷ୍ଟାଡିୟମ୍ଠାରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଯୋଗଦେବା ସହିତ ବିଜୁ ପଟ୍ଟନାୟକଙ୍କୁ ନେଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଡ୍ରାମା ଏବଂ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶନ କରାଯିବା କାର୍ଯ୍ୟକ୍ରମ ଥିବା ଏନ୍ଏସି ସଭାପତି ଶ୍ରୀ ମନସିଂହ ପ୍ରକାଶ କରିଛନ୍ତି।

ନିତିଦିନ NITIDIN

## ଆଜିର ଇତିହାସ

- ୧୮୯୯-କୋଲକାତାକୁ ହାଇଡ୍ରୋଇଲେକ୍ଟ୍ରିସିଟି ମିଳିଥିଲା।
- ୧୯୭୭-ସ୍ୱତନ୍ତ୍ରତା ପାର୍ଟି, ଜନତା ପାର୍ଟିରେ ବିଲୟ ହୋଇଥିଲା।
- ୧୯୮୩-ଭାରତରେ ଏସ୍‌ଏଲ୍‌ଭି-୩ ରକେଟ୍‌ର ପ୍ରକ୍ଷେପଣ କରାଯାଇଥିଲା।
- ୨୦୦୮-ଭାରତ ଓ ବ୍ରାଜିଲ୍ ମଧ୍ୟରେ ଚାରୋଟି ମହତ୍ତ୍ୱପୂର୍ଣ୍ଣ ବୁଝାମଣା ଉପରେ ହସ୍ତାକ୍ଷର ହୋଇଥିଲା।
- ୨୦୨୦-ଭାରତ ସରକାର 'କୃଷି ରଥ' ଆପ୍ଲିକେସନ୍ ଲଞ୍ଚ୍ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ:** ଖୁସିଭରା ଦିନଟିଏ। ସରକାରୀ କାମରୁ ଲାଭ ପାଇବେ। ପ୍ରତି ସମସ୍ୟା ତୁଟ୍‌କିରେ ସମାଧାନ ହୋଇଯିବ। ଅଫିସ୍‌ରେ ଆପଣଙ୍କ ରାୟକୁ ମହତ୍ତ୍ୱ ମିଳିବ। ପରିବାର ସହିତ ପିକନିକ୍‌ରେ ଯାଇପାରନ୍ତି।

**ବୃଷ:** ଆତ୍ମବିଶ୍ୱାସରେ ଆଜି ଭରି ରହିବେ। ପୁରୁଣା ସମସ୍ୟାର ସମାଧାନ ମିଳିବ। ମନ ହାଲୁକା ହେବ। ବ୍ୟବହାରରେ ସକାରାତ୍ମକ ପରିବର୍ତ୍ତନ ହେବ। କୌଣସି ଧାର୍ମିକ କାର୍ଯ୍ୟର ଯୋଜନା କରିପାରନ୍ତି।

**ମିଥୁନ:** ଦିନଟି ସୁଖମୟ ରହିବ। ଘର ଓ ପରିବାର ସହିତ ଆନନ୍ଦମୟ ଦିନ ବିତେଇବେ। ବିଦ୍ୟାର୍ଥୀଙ୍କୁ ସଫଳତା ମିଳିବ। ଆର୍ଥିକ ପକ୍ଷ ସାମାନ୍ୟ ରହିବ। ପାରିବାରିକ ପରିବେଶ ପ୍ରେମପୂର୍ଣ୍ଣ ରହିବ।

**କର୍କଟ:** ଆଜି ସବୁ କାମରେ ସଫଳତା ପାଇବେ। ବ୍ୟବସାୟରେ ନୂଆ ଡିଲ୍‌ର ଅଫର୍ ମିଳିପାରେ। ବଡ଼ ନିର୍ଣ୍ଣୟ ନେବା ପାଇଁ ଦିନଟି ଉତ୍ତମ। ଘରେ ନବଜାତ ଶିଶୁର ଆଗମନ ହୋଇପାରେ।

**ସିଂହ:** ରାଜନୀତି ଓ ସାମାଜିକ କ୍ଷେତ୍ର ସହିତ ଜଡ଼ିତ ଲୋକମାନଙ୍କ ପାଇଁ ଦିନଟି ଉତ୍ତମ। ମହିଳା ଓ ବ୍ୟାପାରୀଙ୍କ ପାଇଁ ସମୟ ଅନୁକୂଳ ରହିବ। ପୁରୁଣା କରଜରୁ ମୁକ୍ତ ହେବେ। ମାନସିକ ଚାପ ଶେଷ ହେବ।

**କନ୍ୟା:** ଏକାଗ୍ର ହୋଇ କାମ କରିବେ। ଲାଭ ମିଳିବ। ଦାୟିତ୍ୱଗୁଡ଼ିକୁ ଖୁବ୍ ଭଲ ଭାବରେ ନିଭେଇବେ। କାର୍ଯ୍ୟଗୁଡ଼ିକୁ ଅଣଦେଖା ନକଲେ ଭଲ। ନିବେଶ ପୂର୍ବରୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ତୁଳା:** ବ୍ୟାପାର ବିସ୍ତାର କାର୍ଯ୍ୟ ସଫଳ ହେବ। କସ୍ମେଟିକ୍ ବ୍ୟାପାରୀଙ୍କ ପାଇଁ ଦିନଟି ବିଶେଷ ଲାଭପ୍ରଦ। ଆପଣଙ୍କ କାର୍ଯ୍ୟର ପ୍ରଶଂସା ହେବ। ଲମ୍ବା ଯାତ୍ରାକୁ ଟାଳିଲେ ଭଲ ହେବ। ବିବାଦର ସମାଧାନ ହୋଇପାରେ।

**ବିଛା:** ଜୀବନ ଖୁସିରେ ଭରି ରହିବ। ବ୍ୟାଙ୍କ କର୍ମୀଙ୍କ କାର୍ଯ୍ୟ ହାଲୁକା ହେବ। ପିତାଙ୍କ ଠାରୁ ନୂଆ କିଛି ଶିଖିବେ। ପୁରୁଣା ପ୍ରିୟ ବସ୍ତୁ ହାତକୁ ଆସିବ। ଆର୍ଥିକ ସ୍ଥିତି ମଜଭୁତ ହେବ। ସୁଖ-ସୁବିଧା ବୃଦ୍ଧି ହେବ।

**ଧନୁ:** ଘର କିଣିବା ପାଇଁ ଦିନଟି ଶୁଭ। ବ୍ୟାପାର ଖୁବ୍ ଭଲରେ ଚାଲିବ। ନୂଆ ପ୍ରୋଜେକ୍ଟର ଦାୟିତ୍ୱ ନେଇପାରନ୍ତି। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଲାଭଦାୟକ ରହିବ। ପରିବାରର ସହଯୋଗ ପାଇବେ।

**ମକର:** ନୂଆ ଖୁସି ଆଜି ଦସ୍ତକ ଦେବ। ବ୍ୟବସାୟରେ ଖୁବ୍ ଭଲ ଫଳ ପାଇବେ। ସାଙ୍ଗସାଥିମାନେ ସାହାଯ୍ୟ କରିବାକୁ ଆସିବେ। ମଜଭୁତି ପାଇଁ ଭଉଣୀଙ୍କୁ ଉପହାର ଦେବେ। ସକ୍ରିୟ ରହିବେ।

**କୁମ୍ଭ:** ଅଚାନକ ଧନ ଲାଭ ଯୋଗ ରହିଛି। ନୂଆ କୌଶଳ ଶିଖିବାରୁ ଲାଭ ମିଳିବ। ନୂଆ ବାହନ କିଣିପାରନ୍ତି। ମନୋରଞ୍ଜନ ଓ ସାମାଜିକ କାମରେ ସାମିଲ ହୋଇପାରନ୍ତି। ମାନସିକ ସ୍ତରରେ ତାଜା ରହିବେ।

**ମୀନ:** ଦିନଟି ଖାସ୍ ରହିବ। କିନ୍ତୁ ଆର୍ଥ ମାମଲାରେ ଅବହେଳା ଭାରି ପଡ଼ିବ। ଟ୍ରାଭେଲ୍ସ ବ୍ୟବସାୟୀମାନେ ଲାଭାନ୍ୱିତ ହେବେ। ନିକଟ ସମ୍ପର୍କୀୟଙ୍କ ପରାମର୍ଶ ସାହାଯ୍ୟକାରୀ ହେବ। ଦିନଚର୍ଯ୍ୟା ଉପରେ ଧ୍ୟାନ ଦିଅନ୍ତୁ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସା ସଭାବଜା।**
**ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ। (୧୭/୨)**

ଶ୍ରୀ ଭଗବାନ କହିଲେ - ଦେହାଭିମାନୀଙ୍କର ସାତ୍ତ୍ୱିକ, ରାଜସୀ ଓ ତାମସୀ ଏହି ତିନି ପ୍ରକାର ଶ୍ରଦ୍ଧା ହୁଏ। ସେସବୁ ସ୍ୱଭାବରୁ ଜାତ। ଅର୍ଥାତ ପୂର୍ବଜନ୍ମ ସଂସ୍କାରରୁ ଆସିଥାଏ। ସେସବୁକୁ ବିସ୍ତାରିତ ଭାବରେ କହୁଛି ଶୁଣ। ଶାସ୍ତ୍ରର ତତ୍ତ୍ୱ ଜାଣି ଯିଏ ଦେବତାମାନଙ୍କୁ ଆରାଧନା କରି ପୂଜା କରନ୍ତି, ସେମାନଙ୍କର ସାତ୍ତ୍ୱିକ ଶ୍ରଦ୍ଧା। ଲୋକାଚାର ଦ୍ୱାରା ପ୍ରଭାବିତ ହେଇ ଯେଉଁମାନେ ପୂଜା କରନ୍ତି ସେମାନଙ୍କର ଶ୍ରଦ୍ଧା ସାତ୍ତ୍ୱିକ, ରାଜସିକ ଓ ତାମସିକ ତିନି ପ୍ରକାର ହେଇଥାଏ। ପୂର୍ବଜନ୍ମ କର୍ମ ସଂସ୍କାରରୁ ଏସବୁ ଜାତ ହେଇଥାଏ।

## ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍



ସେ ଥିଲେ ଜଣେ ପ୍ରଖ୍ୟାତ ଦାର୍ଶନିକ, ଶିକ୍ଷାବିତ୍ ଓ ରାଜନେତା। ଭାରତୀୟ ଦର୍ଶନ ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ଯୋଗଦାନ ଥିଲା ଅତୁଳନୀୟ ଯାହା ପୂରା ବିଶ୍ୱରେ ଅମିଟ ଛାପ ଭାବରେ ରହିଛି। ନିଜର ବିନମ୍ରତା ଓ ଶିକ୍ଷା ପ୍ରତି ସମର୍ପଣ ଭାବନା ପାଇଁ ଏହି ପ୍ରସିଦ୍ଧ ବ୍ୟକ୍ତିଙ୍କର ଜନ୍ମଦିନକୁ ଦେଶରେ ଗୁରୁ ଦିବସ ଭାବରେ ପାଳନ କରାଯାଏ। ୫ ସେପ୍ଟେମ୍ବର, ୧୮୮୮ରେ ତାମିଲନାଡୁର ତିରୁତ୍ତାନୀ ଠାରେ ଜନ୍ମଗ୍ରହଣ କରିଥିଲେ ଡକ୍ଟର ରାଧାକ୍ରିଷ୍ଣନ୍। ଶିକ୍ଷା ସମାପ୍ତ ପରେ ମାଡ୍ରାସ୍ ପ୍ରେସିଡେନ୍ସି କଲେଜରେ ଅଧ୍ୟାପନା କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ ମୈଶୂର ଓ କୋଲ୍‌କାତା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ କାର୍ଯ୍ୟକରି ଯାଇଛନ୍ତି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ସେ ଭାରତୀୟ ଦର୍ଶନକୁ ପଶ୍ଚିମୀ ଦୁନିଆର ମାନଚିତ୍ରରେ ସ୍ଥାପିତ କରିବାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଅପେକ୍ଷାକୃତ ସମୟ ଠାରୁ ବିଳମ୍ବରେ ସେ ରାଜନୀତିରେ ପ୍ରବେଶ କରିଥିଲେ ମଧ ପଣ୍ଡିତ ନେହେରୁ ୧୯୫୨ରେ ତାଙ୍କୁ ଦେଶର ପ୍ରଥମ ଉପ-ରାଷ୍ଟ୍ରପତି ଭାବରେ ଚୟନିତ କରିଥିଲେ। ଏହାପରେ ୧୯୬୨ରେ ସେ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଭାବରେ କାର୍ଯ୍ୟ ସମ୍ଭାଳିଥିଲେ। ନିଜର ରାଷ୍ଟ୍ରପତି କାର୍ଯ୍ୟକାଳ ସମୟ ମଧ୍ୟରେ ସେ ବିଶ୍ୱ ମଞ୍ଚରେ ଲୋକତନ୍ତ୍ର, ଭାରତୀୟ ଦର୍ଶନର ସ୍ୱର ଓ ଭାବନାକୁ ଉଜ୍ଜୀବିତ କରିବା ସହିତ ଶିକ୍ଷା ଓ ସଂସ୍କୃତି ଉପରେ ବିଶେଷ ଧ୍ୟାନ ଦେଇଥିଲେ। ୧୭ ଏପ୍ରିଲ୍, ୧୯୭୫ରେ ତାଙ୍କର ନିଧନ ହୋଇଥିଲା। କିନ୍ତୁ ତାଙ୍କର ସ୍ମୃତି, ତାଙ୍କର କାର୍ଯ୍ୟ, ବିଶେଷ କରି ଶିକ୍ଷା କ୍ଷେତ୍ରର ମାଧ୍ୟମ ଭାବରେ ସେ ଜୀବିତ ହୋଇ ରହଛନ୍ତି। ତାଙ୍କୁ ଏପରି ଜଣେ ଦାର୍ଶନିକ ଭାବରେ ଲୋକମାନେ ସ୍ମରଣ କରନ୍ତି ଯିଏ ଭାରତୀୟ ଓ ପଶ୍ଚିମୀ ଦର୍ଶନଗୁଡ଼ିକୁ ସଂଶ୍ଲେଷିତ କରିବା ପାଇଁ ପ୍ରୟାସ କରିଥିଲେ। ତାଙ୍କର ଦର୍ଶନଗୁଡ଼ିକ ତୁଳନାତ୍ମକ ଭାବରେ ଧର୍ମ ଓ ନୈତିକତା ଉପରେ ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପକାଇଥିଲା।

## ଓଡ଼ିଆ ସାହିତ୍ୟର ବିଶ୍ୱକର୍ମା



୧୮୬୬ରେ ହୋଇଥିବା ନଅଙ୍କ ଦୁର୍ଭିକ୍ଷ ପରେ ପାଶ୍ଚାତ୍ୟ ଶିକ୍ଷା-ସାହିତ୍ୟ-ସଂସ୍କୃତିର ଅନୁପ୍ରେରଣାରେ ଓଡ଼ିଆ ସାହିତ୍ୟରେ ଯେଉଁ ଯୁଗ ଆରମ୍ଭ ହୋଇଥିଲା କବିବର ରାଧାନାଥ ରାୟ ଥିଲେ ସେହି ନବଯୁଗର ଆଦ୍ୟ ସ୍ରଷ୍ଟା। ୨୮ ସେପ୍ଟେମ୍ବର, ୧୮୪୮ରେ ବାଲେଶ୍ୱର ଜିଲ୍ଲାର କେଦାରପୁର ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ପିଲାଦିନରୁ ଶାରୀରିକ ସ୍ତରରେ ଦୁର୍ବଳ ଥିଲେ ରାଧାନାଥ ରାୟ। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପାଠପଢ଼ାରେ ବାଧା ସୃଷ୍ଟି କରିପାରି ନଥିଲା। ଶିକ୍ଷା ବିଭାଗରେ ଜଣେ ଶିକ୍ଷକ ଭାବରେ ସେ ଚାକିରି ଜୀବନ ଆରମ୍ଭ କରିଥିଲେ। ସାହିତ୍ୟ କ୍ଷେତ୍ରରେ ତାଙ୍କର ସୃଜନଶୀଳତା ଆରମ୍ଭ ହୋଇଥିଲା ବଙ୍ଗଳା ସାହିତ୍ୟରୁ। ପରେ ଜଣେ ଶିକ୍ଷାବିତ୍‌ଙ୍କ ପରାମର୍ଶକ୍ରମେ ସେ ଓଡ଼ିଆ ଭାଷାକୁ ନିଜର ଭାବ ପ୍ରକାଶର ମାଧ୍ୟମ ଭାବେ ଗ୍ରହଣ କରିଥିଲେ। ସମାଲୋଚକମାନେ ତାଙ୍କୁ ଯୁଗ ପ୍ରବର୍ତ୍ତକ ଭାବରେ ଦେଖନ୍ତି। ଏହାର କାରଣ ଓଡ଼ିଆ ସାହିତ୍ୟରେ ସେ ଆଣିଥିଲେ ନବଜାଗରଣ। ପାଶ୍ଚାତ୍ୟ ସାହିତ୍ୟ ସହ ଓଡ଼ିଆ ସାହିତ୍ୟର ମହାମିଳନ ସେ କରିପାରିଥିଲେ। ରୋମାଣ୍ଟିକ୍, ମିଥ୍, ଟ୍ରାଜେଡି ଭଳି ପାଶ୍ଚାତ୍ୟ ସାହିତ୍ୟର ଅଂଶକୁ ନେଇ ସେ ରଚନା କରୁଥିଲେ ଓଡ଼ିଆ ସାହିତ୍ୟ। 'ବିବେକୀ' ନାମକ ପ୍ରବନ୍ଧ ଲେଖି ସେ ହୋଇପାରିଥିଲେ ଯଶସ୍ୱୀ। ଏହାକୁ ପ୍ରଥମ ଓଡ଼ିଆ ପ୍ରବନ୍ଧ ବୋଲି କୁହାଯାଏ। ତାଙ୍କର ସୌନ୍ଦର୍ଯ୍ୟବୋଧ, ଚିନ୍ତା-ଚେତନା ଓଡ଼ିଆ କାବ୍ୟ ପରମ୍ପରାକୁ ନୂତନ ଦିଗଦର୍ଶନ ଦେଇଥିଲା। ଓଡ଼ିଶାର ମାଟି, ପାଣି, ପବନ ସହ ସମ୍ପର୍କ ରଖି ସେ ରଚନା କରୁଥିଲେ ପାଶ୍ଚାତ୍ୟ ସାହିତ୍ୟ। ସେ ଥିଲେ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ପ୍ରତିଭା। ଓଡ଼ିଆ କାବ୍ୟ ରଚନା କ୍ଷେତ୍ରରେ ଆଧୁନିକତାର ସ୍ପର୍ଶ ଦେଇଥିବା କବିବର ରାଧାନାଥ ରାୟ ୧୯୦୮ ମସିହାର ଆଜିର ଦିନରେ ଦେହତ୍ୟାଗ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟର ଅଭିବୃଦ୍ଧି ଓ ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସମଗ୍ର ଓଡ଼ିଆ ଜାତି ତାଙ୍କ ପ୍ରତି କୃତଜ୍ଞ ରହିବ।



## ଜନନାୟକ ବିଜୁବାବୁ

୫ ମାର୍ଚ୍ଚ, ୧୯୧୬ରେ କଟକରେ ଜନ୍ମିତ ବିଜୁବାବୁ ନିଜର ସୁଦକ୍ଷ ନେତୃତ୍ୱ, ବୀରତା, ସାହସିକତା ତଥା ମାଟି ମା'ର ସେବା ପାଇଁ ଚିରସ୍ମରଣୀୟ ହୋଇ ରହିବେ। ଭାରତୀୟ ରାଜନୈତିକ ଆକାଶରେ ବିଜୁ ପଟ୍ଟନାୟକ ସବୁବେଳେ ଏକ ଧ୍ରୁବତାରା ହୋଇ ରହିଛନ୍ତି। ମାଟିର ବରପୁତ୍ର, କଳିଙ୍ଗ ବୀର, ନବ ଓଡ଼ିଶାର ବିନ୍ଧାଣୀ ଭାବରେ ସାରା ଓଡ଼ିଶାରେ ସେ ପରିଚିତ ଥିଲେ। ଏହା ବ୍ୟତୀତ କୋଟି କୋଟି ଓଡ଼ିଆ ତାଙ୍କୁ ପ୍ରବାଦ ପୁରୁଷର ଆଖ୍ୟା ଦେଇଥିଲେ। ଆଜନ୍ମ ସାହସୀ, ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ବିଜୁବାବୁଙ୍କୁ କେବଳ ଓଡ଼ିଆମାନେ ଯେ ଚିହ୍ନନ୍ତି ତାହା ନୁହେଁ ସାରା ବିଶ୍ୱରେ ଜଣେ ଦୁର୍ଦ୍ଧର୍ଷ ମାନସିକତାର ବ୍ୟକ୍ତି ଭାବରେ ତାଙ୍କର ପ୍ରସିଦ୍ଧି ରହିଛି। ବିକାଶର ଏହି ଯୁଗପ୍ରବର୍ତ୍ତକ, ଉଚ୍ଚକୋଟିର ରାଜନେତା ତାଙ୍କର ଦୁଃସାହସିକ ସେବା ପାଇଁ ଇଣ୍ଡୋନେସିଆରେ 'ଭୂମିପୁତ୍ର' ଭାବେ ସମ୍ମାନିତ ହୋଇଥିଲେ। ବିଜ୍ଞାନର ଉତ୍ତରଣ ଉଦ୍ଦେଶ୍ୟରେ ଆନ୍ତର୍ଜାତିକ କଳିଙ୍ଗ ପୁରସ୍କାରର ପ୍ରବର୍ତ୍ତକ ବିଜୁବାବୁ ସମଗ୍ର ବିଶ୍ୱର ସଚେତନ ଜନସମୁଦାୟ ନିକଟରେ ଚିରନମସ୍ୟ ହୋଇ ରହିବେ। ଛାତ୍ର ଜୀବନରେ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ସ୍ୱାଧୀନତା ସଂଗ୍ରାମ ପାଇଁ ତାଙ୍କୁ ଅନୁପ୍ରାଣିତ କରିଥିଲା। ଏହା ସହିତ ଓଡ଼ିଶାର ଦୁଇ ବରପୁତ୍ର ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱର ପ୍ରଭାବ ମଧ ପଡ଼ିଥିଲା ତାଙ୍କ ଉପରେ। ତାଙ୍କ ରାଜନୈତିକ କ୍ୟାରିୟର୍ ସମୟରେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଜରିଆରେ ଗ୍ରାମଗୁଡିକର ବିକାଶ କରିବା ପାଇଁ ବିଜୁବାବୁ ଲକ୍ଷ୍ୟ ରଖିଥିଲେ। ୧୯୯୦-୯୫ ବିଜୁବାବୁଙ୍କ ଶାସନ କାଳରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇଥିଲା। ଏହି ବ୍ୟବସ୍ଥାରେ ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସହିତ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରହିଲା। ବିଧାନସଭାରେ ଏହି ବିଲ୍ ପାସ୍ କରାଇ ବିଜୁବାବୁ ଓଡିଶା ରାଜନୀତିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ଏହି ବହୁଚର୍ଚ୍ଚିତ ନେତା ୧୯୯୭ର ଆଜିର ଦିନରେ ଦିଲ୍ଲୀ ଠାରେ ପ୍ରାଣତ୍ୟାଗ କରିଥିଲେ।

## ଜନ୍‌ଙ୍କ ଆକ୍ସନ୍ ମୁଭି: 'ଫୋର୍ସ-୩'

ଆକ୍ସନ୍-ଥ୍ରୀଲର ଫିଲ୍ମଗୁଡ଼ିକର ସୌଖୀନ ଦର୍ଶକମାନଙ୍କ ପାଇଁ ରହିଛି ଏକ ବଡ଼ ଖବର। ଅଭିନେତା ଜନ୍ ଆବ୍ରାହମଙ୍କ ପ୍ରସିଦ୍ଧ ଫ୍ରାଞ୍ଚାଇଜ୍ 'ଫୋର୍ସ'ର ତୃତୀୟ କଡ଼ି ଅର୍ଥାତ 'ଫୋର୍ସ-୩' ଉପରେ ଦ୍ରୁତଗତିରେ କାମ ଆରମ୍ଭ ହୋଇସାରିଲାଣି। ଫିଲ୍ମର ପ୍ରଥମ ସିଡ୍ୟୁଲ୍ ଆରମ୍ଭ ହୋଇସାରିଛି ଓ ପୂରା ଦଳ ଏଥିରେ ସମର୍ପିତ ଥିବା ପରି ମନେହେଉଛି। ଏହି ଫ୍ରାଞ୍ଚାଇଜ୍‌ର ପୂର୍ବ ଦୁଇ ଭାଗର ସଫଳତାକୁ ଦେଖିବା ପରେ ତୃତୀୟ ଭାଗରୁ ଅଧିକ କିଛି ପାଇବା ପାଇଁ ଦର୍ଶକଙ୍କ ଆଶା ରହିଛି। ଏଥର ଜନ୍ ଆବ୍ରାହମଙ୍କ ସହିତ ହର୍ଷବର୍ଦ୍ଧନ ରାଣେ ବି ନଜର ଆସିବେ ଅର୍ଥାତ ଏହାର ସ୍ୱେଗ୍ ଡବଲ୍ ହେବ। ଏଥର 'ଫୋର୍ସ-୩'ରେ କିଛି ନୂଆ ଚେହେରା ସାମିଲ ହୋଇଛନ୍ତି କିନ୍ତୁ ଜନ୍ ପୁଣି ଥରେ ଏସିପି ଯଶବର୍ଦ୍ଧନ ସିଂହଙ୍କ କଡ଼ା ଅବତାରରେ ନଜର ଆସିବେ। ମୁଖ୍ୟ ଭୂମିକାରେ ତାଙ୍କ ସହିତ ନଜର ଆସିବେ ତାନ୍ୟା ମାନିକତାଲା।



ହର୍ଷବର୍ଦ୍ଧନ ରାଣେଙ୍କ ଚରିତ୍ରକୁ ନେଇ ଏବେ ବି ସସ୍ପେନ୍ସ ବଜାୟ ରହିଛି। ୱର୍କଫ୍ରଣ୍ଟ ଦୃଷ୍ଟିରୁ ଏହା ପୂର୍ବରୁ ତାନ୍ୟାଙ୍କୁ 'ଏ ସୁଇଟେବଲ୍ ବଏ'ରେ ଦେଖିବାକୁ ମିଳିଥିଲା ଓ ଦର୍ଶକମାନେ ତାଙ୍କୁ ଖୁବ୍ ପସନ୍ଦ ମଧ କରିଥିଲେ। ତେବେ 'ଫୋର୍ସ-୩'ର ନିର୍ଦ୍ଦେଶନା ଭାର ଉଠାଇଛନ୍ତି ଭାବ ଧୁଲିଆ ଯିଏ 'ଖାକି: ଦ ବିହାର ଚାପ୍ଟର' ଓ 'ଦ ଫ୍ରିଲାନ୍ସର' ପରି ସଫଳ ସିରିଜଗୁଡ଼ିକ ପାଇଁ ଦର୍ଶକ ମହଲରେ ବେଶ୍ ଜଣାଶୁଣା। ତେବେ ଏହି ଫ୍ରାଞ୍ଚାଇଜର ପୂର୍ବ ଭାଗଗୁଡ଼ିକରେ ଭାବ ଧୁଲିଆ ଦିବଂଗତ ନିର୍ଦ୍ଦେଶକ ନିଶିକାନ୍ତ କାମତଙ୍କ ସହାୟକ ଭାବରେ କାମ କରିଥିବାରୁ ତାଙ୍କ ପରେ ଏହି ଦାୟିତ୍ୱ ଭାବ ଧୁଲିଆଙ୍କୁ ଦିଆଯାଇଛି। ହର୍ଷବର୍ଦ୍ଧନ ରାଣେଙ୍କୁ ମଧ ଜଣେ ଆକ୍ସନ୍ ହିରୋ ଭାବରେ ପେଶ୍ କରିବାକୁ ଉତ୍ସାହିତ ଅଛନ୍ତି ଜନ୍ ଆବ୍ରାହମ୍। ସେହିପରି ନିର୍ମାତା ଶୀଲ୍ କୁମାରଙ୍କର ଦୀର୍ଘ ଦିନ ଧରି ସମ୍ପର୍କ ରହିଛି ଜନ୍‌ଙ୍କ ସହିତ ଓ ସେଥିପାଇଁ 'ଫୋର୍ସ-୩'ରୁ ସେ ବହୁତ କିଛି ଆଶା ରଖିଛନ୍ତି। ତେବେ ଜନ୍ ଆବ୍ରାହମ୍‌ଙ୍କ ଜେଏ ଏଣ୍ଟରଟେନ୍‌ମେଣ୍ଟ ଓ ଶୀଲ୍ କୁମାରଙ୍କ କ୍ୟାରୋଲିନା କର୍ପୋରେସନ୍‌ର ମିଳିତ ସହଯୋଗରେ ନିର୍ମିତ ହେଉଥିବା 'ଫୋର୍ସ-୩' ଆସନ୍ତା ବର୍ଷ ୧୯ ମାର୍ଚ୍ଚରେ ରିଲିଜ ହେବ।

## ସର୍କସ୍‌ର କଳା









ସର୍କସ୍, କଳାକାରମାନଙ୍କର ଏକ ସମୂହ ଯେଉଁଥିରେ ବିଭିନ୍ନ ପ୍ରକାରର କଳାକାର ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରନ୍ତି। ସେଥିରେ ବିଦୂଷକ, କଳାବାଜ, ପ୍ରଶିକ୍ଷିତ ପଶୁ, ଟ୍ରାପିଜ୍ କଳାକାର, ସଙ୍ଗୀତକାର, ନର୍ତ୍ତକ, ହୁପର୍, ଟାଇଟ୍‌ରୋପ୍ ୱାକର୍, ବାଜିଗର, ଯାଦୁଗର, ୟୁନିସାଇକେଲ୍ ଚାଳକ ଆଦି ସାମିଲ ଥାଆନ୍ତି। ଏହା ସହିତ ଅନ୍ୟ ବସ୍ତୁ-ଚାଳକ ଓ ଷ୍ଟଣ୍ଟ୍ କରୁଥିବା କଳାକାରମାନେ ମଧ ଏଥିରେ ସାମିଲ ଥାଆନ୍ତି। ନିଜର ୨୫୦ ବର୍ଷର ଆଧୁନିକ ଇତିହାସର ବିଭିନ୍ନ ସ୍ୱରୂପଗୁଡ଼ିକୁ ଅନୁସରଣ କରି ସର୍କସ୍‌ରେ ଶବ୍ଦ ପ୍ରଦର୍ଶନ, ପ୍ରଶିକ୍ଷଣ ଓ ସମୁଦାୟର ସେହି କ୍ଷେତ୍ରର ବି ବର୍ଣ୍ଣନା କରାଯାଏ। ଫିଲିପ୍ ଆଷ୍ଟ୍‌ଲେଙ୍କୁ ଆଧୁନିକ ସର୍କସ୍‌ର ଜନକ ବୋଲି କୁହାଯାଏ। ୧୭୬୮ରେ କୁଶଳ ଘୋଡ଼ାସବାର ଆଷ୍ଟ୍‌ଲେ, ଇଂଲଣ୍ଡ ଠାରେ ଟେମ୍ସ ନଦୀର ଦକ୍ଷିଣ ଦିଗରେ ଥିବା ହାପେନ୍ ହ୍ୟାଚ୍ ନାମକ ଏକ ଖୋଲା ପଡ଼ିଆରେ ଘୋଡ଼ାସବାରୀ ପ୍ରଦର୍ଶନଗୁଡ଼ିକ ମଧ୍ୟରେ ଥିବା ଅନ୍ତରାଳକୁ ଭରିବା ପାଇଁ କଳାବାଜି, ରସି ଉପରେ ଚାଲିବା ଲୋକ, ବାଜିଗର ଓ ଏକ ବିଦୂଷକଙ୍କୁ କାମରେ ରଖିଥିଲେ। ଏହିଭଳି ଭାବରେ ସେହି ପ୍ରାରୂପର ଅନ୍ୱେଷଣ କରିଥିଲେ ଯାହାକୁ ପରେ 'ସର୍କସ୍' ନାମ ଦିଆଗଲା। ପରବର୍ତ୍ତୀ ୫୦ ବର୍ଷ ମଧ୍ୟରେ ପ୍ରଦର୍ଶନଗୁଡ଼ିକର ଖୁବ୍ ବିକାଶ ହୋଇଥିଲା ଯେଉଁଥିରେ ବଡ଼ ଧରଣର ନାଟକୀୟ ଯୁଦ୍ଧଗୁଡ଼ିକୁ ମଞ୍ଚସ୍ଥ କରିବା ଏକ ମହତ୍ତ୍ୱପୂର୍ଣ୍ଣ ବିଶେଷତା ହୋଇଗଲା। ସେହି ପ୍ରାରୂପରେ ଏକ ରିଂମାଷ୍ଟର ସଙ୍ଗୀତର ଧୂନ୍ ଉପରେ ବିଭିନ୍ନ ପ୍ରକାରର କୋରିଓଗ୍ରାଫ୍ କରି କୃତ୍ୟଗୁଡ଼ିକୁ ପରିଚୟ ଦେଉଥିଲା ଯାହାକୁ ପାରମ୍ପରିକ ବା ଶାସ୍ତ୍ରୀୟ ସର୍କସ୍ କୁହାଯାଉଥିଲା। ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଏହା ବିକଶିତ ହୋଇ ୧୯୭୦ର ଦଶକ ପର୍ଯ୍ୟନ୍ତ ପ୍ରମୁଖ ପ୍ରାରୂପର ମାନ୍ୟତା ପାଇଥିଲା। ପ୍ରାରମ୍ଭିକ ସର୍କସ୍‌ଗୁଡ଼ିକର ପ୍ରଦର୍ଶନ ସୀମିତ ଛାତତଳେ ଖୋଲା ସଂରଚନାଗୁଡ଼ିକରେ ଆୟୋଜନ କରାଯାଉଥିଲା। କିନ୍ତୁ ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ବିଭିନ୍ନ ପ୍ରକାରରେ ବସିବାର ବ୍ୟବସ୍ଥା, ଏକ କେନ୍ଦ୍ରୀୟ ରିଙ୍ଗ୍ ଓ କେବେ କେବେ ଏକ ମଞ୍ଚ ସହିତ ବିଶେଷ ଭାବରେ ନିର୍ମିତ ସର୍କସ୍ ଭବନର ନିର୍ମାଣ କରାଗଲା। ଏହି ଶତାବ୍ଦୀର ମଧ୍ୟଭାଗରେ ପାରମ୍ପରିକ ବଡ଼ ତମ୍ବୁ ଯାହାକୁ ବିଗ୍ ଟପ୍ ବୋଲି କୁହାଯାଉଥିଲା ତାହାର ପ୍ରଚଳନ ବୃଦ୍ଧି ହେବା ସହିତ ଭ୍ରମଣଶୀଳ ସର୍କସ୍ ଦଳଗୁଡ଼ିକ ସ୍ଥିର ସ୍ଥାନ ପାଇଥିଲେ।

## ବିଶ୍ୱ ହିମୋଫିଲିଆ ଦିବସ

ଏହା ଏକ ବୈଶ୍ୱିକ କାର୍ଯ୍ୟକ୍ରମ ଯାହାର ଆରମ୍ଭ କରିଥିଲା ୱର୍ଲଡ୍ ଫେଡେରେସନ୍ ଅଫ୍ ହିମୋଫିଲିଆ। ସ୍ଥାନୀୟ ସରକାରୀ ଅଧିକାରୀ ଓ ନୀତି ନିର୍ମାତାମାନଙ୍କୁ ହିମୋଫିଲିଆର ଉନ୍ନତମାନର ଉପଚାର ପାଇଁ ପ୍ରୋତ୍ସାହନ ଦେବା ସହିତ ଏହି ଦୁର୍ଲଭ, ଗମ୍ଭୀର ଓ ଆନୁବଂଶିକ ରକ୍ତସ୍ରାବ ବିକାରକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରେରିତ କରିବା ଥିଲା ଏହି ଦିବସର ଉଦ୍ଦେଶ୍ୟ। ଫ୍ୟାକ୍ଟର-୮ ଓ ଫ୍ୟାକ୍ଟର-୯ ପ୍ରୋଟିନ୍ (ରକ୍ତ ଜମାଟ ବାନ୍ଧିବାର ଆବଶ୍ୟକ କାରକ) ଖରାପ ହେବା କାରଣରୁ ହିମୋଫିଲିଆ ଯେକୌଣସି ନସ୍ଲ ଓ ଜାତୀୟ ସମୂହର ଲୋକମାନଙ୍କୁ ହୋଇପାରେ। କିନ୍ତୁ ପୁରୁଷମାନଙ୍କୁ ମହିଳାଙ୍କ ଅପେକ୍ଷା ଅଧିକ ହେବାର ସମ୍ଭାବନା ରହିଥାଏ କାରଣ ଏହି ରୋଗ ଏକ୍ସ ଗୁଣସୂତ୍ର ସହିତ ଜଡ଼ିତ ଥାଏ। ଯେଉଁ ପୁଅପିଲାଙ୍କ ମା' ପାଖରେ ହିମୋଫିଲିଆ ଜିନ୍ ଥାଏ ସେମାନଙ୍କ ପାଖରେ ୫୦ ପ୍ରତିଶତ ହିମୋଫିଲିଆ ହେବାର ସମ୍ଭାବନା ରହିଥାଏ। ସେହି



ମା'ମାନଙ୍କର ଝିଅମାନଙ୍କୁ ମଧ ସେତିକି ସମ୍ଭାବନା ରହିଥାଏ। ହିମୋଫିଲିଆ ଦ୍ୱାରା ଗ୍ରସ୍ତ ମହିଳାମାନଙ୍କ ମଧ୍ୟରେ ମାସିକ ଧର୍ମ ଓ ପ୍ରସବ ସମୟରେ ଜଟିଳ ସମସ୍ୟା ଉତ୍ପନ୍ନ ହୋଇଥାଏ। ୨୦୧୯ର ଏକ ମେଟା-ବିଶ୍ଳେଷଣରୁ ଜଣାପଡ଼ିଛି ଯେ ଆନୁବଂଶିକ ରକ୍ତସ୍ରାବର ଏହି ସ୍ଥିତି ଦ୍ୱାରା ପୀଡ଼ିତ ପୁରୁଷମାନଙ୍କର ସଂଖ୍ୟା କେତେ ଅଧିକ ଥିଲା। ତେବେ ଧନୀ ଦେଶଗୁଡ଼ିକରେ ବୈଶ୍ୱିକ ଜନସଂଖ୍ୟାର କେବଳ ୧୫ ପ୍ରତିଶତ ଲୋକଙ୍କୁ ହିଁ ହିମୋଫିଲିଆର ପ୍ରଭାବୀ ଉପଚାର କରିବାର ସୁବିଧା ମିଳିଥାଏ। ନିଦାନ ଓ ଉପଚାରର ସଂସାଧନର ଅଭାବ ହିଁ ନିମ୍ନ ଓ ମଧ୍ୟମ ଆୟବାଲା ଦେଶଗୁଡ଼ିକରେ ଉଚ୍ଚ ମୃତ୍ୟୁଦର ଓ ରୁଗ୍ଣତା ଦରର କାରଣ ହୋଇଥାଏ।



ଆଜିର ମ୍ୟାଚ୍
ଗୁଜରାଟ ଟାଇଟନ୍ସ ବନାମ କୋଲ୍‌କାତା ନାଇଟ୍ ରାଇଡର୍ସ
ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଅହମଦାବାଦ

ନିତିଦିନ NITIDIN

### କ୍ୱିଣ୍ଟନ୍ ଡି କକ୍‌ଙ୍କ ଶତକ ବେକାର, ପୁଣି ହାରିଲା ମୁମ୍ବାଇ

# ପଞ୍ଜାବ କିଙ୍ଗ୍‌ସ ୭ ୱିକେଟ୍‌ରେ ବିଜୟୀ

**ପ୍ରଭସିମରନ୍-ଆୟର୍‌ଙ୍କ ଅର୍ଦ୍ଧଶତକ, ଅର୍ଶଦୀପ୍‌ଙ୍କୁ ୩ ୱିକେଟ୍**



**ମୁମ୍ବାଇ,୧୬।୪/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ରେ ପଞ୍ଜାବ କିଙ୍ଗ୍‌ସ ଲଗାତାର ଚତୁର୍ଥ ବିଜୟ ହାସଲ କରିଛି। ଟିମ୍ ଗୁରୁବାର ମୁମ୍ବାଇ ଇଣ୍ଡିଆନ୍ସକୁ ୭ ୱିକେଟ୍ ହରାଇଛି। ଏହା ମୁମ୍ବାଇ ବିପକ୍ଷରେ ପଞ୍ଜାବର ଲଗାତାର ତୃତୀୟ ବିଜୟ। ଟିମ୍ ଗତ ସିଜନ୍‌ରେ ମଧ୍ୟ ଦୁଇଟି ମ୍ୟାଚ୍ ଜିତିଥିଲା। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ପ୍ରଥମେ ୫ ୱିକେଟ୍ ହରାଇ ୧୯୫ ରନ୍ କରିଥିଲା। ଜବାବରେ ପଞ୍ଜାବ ୧୬.୩ ଓଭର୍‌ରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଏହି ବିଜୟ ସହ ପଞ୍ଜାବ ଟିମ୍ ପଏଣ୍ଟ ଟେବଲ୍ ଶୀର୍ଷକୁ ଉଠିଛି। ସେହିପରି ପ୍ରଥମ ମ୍ୟାଚ୍‌ରେ ବିଜୟୀ ହେବାପରେ ଏହା ମୁମ୍ବାଇର କ୍ରମାଗତ ତୃତୀୟ ପରାଜୟ।

୧୯୬ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ପଞ୍ଜାବ କିଙ୍ଗ୍‌ସ ୪୫ ରନ୍‌ରେ ଦୁଇଟି ୱିକେଟ୍ ହରାଇଥିଲା। ତେବେ ଓପ୍ନର୍ ପ୍ରଭସିମ୍‌ରନ୍ ସିଂହ କ୍ୟାପ୍‌ଟେନ୍ ଶ୍ରେୟସ୍ ଆୟର୍‌ଙ୍କ ସହ ୧୩୯ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ବିଜୟ ଦେଇଛନ୍ତି। ସେ ୩୯ ବଲ୍‌ରେ ୧୧ ଚୌକା ଓ ୨ ଛକା ସହାୟତାରେ ୮୦ ରନ୍ କରି ଅପରାଜିତ ଫେରିଥିଲେ। କ୍ୟାପ୍‌ଟେନ୍ ଆୟର୍ ୩୫ ବଲ୍‌ରେ ୬୬ ରନ୍ କରି ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ।

ମୁମ୍ବାଇ ପକ୍ଷରୁ ଚଳିତ ସିଜନ୍‌ର ପ୍ରଥମ ମ୍ୟାଚ୍ ଖେଳିଥିବା ଓପ୍ନର୍ କ୍ୱିଣ୍ଟନ୍ ଡି କକ୍ ୧୧୨ ବଲ୍‌ର ଶତକୀୟ ଇନିଂସ୍ ଖେଳିଥିଲେ। ୬୦ ବଲ୍‌ର ଇନିଂସ୍‌ରେ ତାଙ୍କର ୮ ଚୌକା ଓ ୭ ଛକା ସାମିଲ ଥିଲା। ତାଙ୍କ ବ୍ୟତୀତ ନମନ ଧୀର ୫୦ ରନ୍ କରିଥିଲେ। ତେବେ ଦୁହେଁ ଟିମ୍‌କୁ ବିଜୟ ଦେଇପାରି ନଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ୍ ସିଂହ ତିନିଟି ୱିକେଟ୍ ଅକ୍ତିଆର କରିଥିଲେ। ସେ ମୁମ୍ବାଇ ଇନିଂସ୍‌ର ୧୮ତମ ଓଭର୍‌ରେ ଶେରଫନ୍ ରଦରଫୋର୍ଡ (୧ ରନ୍)ଙ୍କୁ ବୋଲ୍ଡ କରିଥିଲେ। ଏହା ପୂର୍ବରୁ ଅର୍ଶଦୀପ୍ ତୃତୀୟ ଓଭର୍‌ରେ ଲଗାତାର ବଲ୍‌ରେ ରିଆନ୍ ରିକେଲ୍‌ଟନ୍ (୨) ଏବଂ ସୂର୍ଯ୍ୟକୁମାର ଯାଦବ (୦)ଙ୍କୁ ଆଉଟ୍ କରିଥିଲେ। ତେବେ ହ୍ୟାଟ୍ରିକ୍ ଅର୍ଜନରୁ ବଞ୍ଚିତ ହୋଇଥିଲେ।

# ବୈଶାଳୀ ଜିତିଲେ ଫିଡେ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ

**ଚାମ୍ପିଅନ୍ ହେବାରେ ପ୍ରଥମ ଭାରତୀୟ ମହିଳା, ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ଜୁ ୱେନ୍‌ଜୁନ୍‌ଙ୍କୁ ଭେଟିବେ**

**ନୂଆଦିଲ୍ଲୀ,୧୬।୪/ଏଜେନ୍ସି:** ଭାରତୀୟ ଗ୍ରାଣ୍ଡମାଷ୍ଟର୍ ବୈଶାଳୀ ରମେଶବାବୁ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ୨୦୨୬ ଟାଇଟଲ୍ ହାସଲ କରିଛନ୍ତି। ବୁଧବାର ସାଇପ୍ରସ୍‌ର କ୍ୟାପ୍ ସେଣ୍ଟ ଜର୍ଜ ହୋଟେଲ୍‌ରେ ଖେଳାଯାଇଥିବା ଫାଇନାଲ୍ ରାଉଣ୍ଡ ପରେ ସେ ଶୀର୍ଷରେ ରହି ଟାଇଟଲ୍ ନିଜ ନାମରେ କରିଛନ୍ତି। ଫାଇନାଲ୍‌ରେ ବୈଶାଳୀ ରୁଷର ଅନୁଭବୀ ଖେଳାଳି କାଟରିନା ଲଗ୍ନୋଙ୍କୁ ହରାଇଥିଲେ। ୨୪ ବର୍ଷୀୟା ବୈଶାଳୀ ଫିଡେ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟରେ ଜିତିବାରେ ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି। ଏବେ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ସେ ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ଚୀନ୍‌ର ଜୁ ୱେନ୍‌ଜୁନ୍‌ଙ୍କୁ ଚ୍ୟାଲେଞ୍ଜ୍ କରିବେ।



ରୁଷର କାଟରିନା ଲଗ୍ନୋ ମ୍ୟାଚ୍ ଆରମ୍ଭରୁ ସିସିଲିଆନ୍ ଡିଫେନ୍ସ ଆପଣାଇଥିଲେ। ତେବେ ଏହାର ଜବାବରେ ବୈଶାଳୀ ୟୁଗୋସ୍ଲାଭ୍ ଆଟାକ୍ ରଣନୀତି ଆପଣାଇ ମ୍ୟାଚ୍ ଉପରେ ନିୟନ୍ତ୍ରଣ ହାସଲ କରିଥିଲେ। ପ୍ରାୟ ୧୬ ମୁଭ୍ ପର୍ଯ୍ୟନ୍ତ ବୈଶାଳୀ ଆଗୁଆ ରହିଥିଲେ। ଏହାପରେ ରୁଷ୍ ଖେଳାଳିଙ୍କ ତ୍ରୁଟିରୁ ପୂରା ଫାଇଦା ଉଠାଇଥିଲେ ଏବଂ ଶେଷରେ ୪୮ ମୁଭ୍ ପରେ ଲଗ୍ନୋ ହାର ମାନିଥିଲେ। ଅନ୍ତିମ ରାଉଣ୍ଡ ପୂର୍ବରୁ ବୈଶାଳୀ ଏବଂ କଜାକିସ୍ତାନର ବିବିସାରା ଅସୌବାୟେଭା ୭.୫ ପଏଣ୍ଟ ସହିତ ସମାନ ସ୍ଥିତିରେ ଥିଲେ। ଅନ୍ତିମ ମ୍ୟାଚ୍‌ରେ କଜାକିସ୍ତାନ ଖେଳାଳିଙ୍କୁ ଭାରତୀୟ ଖେଳାଳି ଦିବ୍ୟା ଦେଶମୁଖ ଡ୍ର'ରେ ରୋକିବା ଫଳରେ ବୈଶାଳୀଙ୍କୁ ଏହାର ଫାଇଦା ମିଳିଥିଲା। ଶେଷରେ ତାଙ୍କୁ ଅଗ୍ରଣୀ ମିଳିବା ସହିତ ସେ ଚାମ୍ପିଅନ୍ ହୋଇଥିଲେ।

ବୈଶାଳୀ ଟୁର୍ଣ୍ଣାମେଣ୍ଟରେ ସବୁଠୁ କମ୍ ରେଟିଂର ଖେଳାଳି ଥିଲେ। ତାଙ୍କ ପ୍ରଥମ ଚାରି ମ୍ୟାଚ୍ ଡ୍ର' ହୋଇଥିବା ବେଳେ ପଞ୍ଚମ ମ୍ୟାଚ୍‌ରେ ସେ ପରାଜିତ ହୋଇଥିଲେ। ଏହାପରେ ସେ ଲଗାତାର ଉନ୍ନତ ଖେଳ ପ୍ରଦର୍ଶନ ସହ ପ୍ରତ୍ୟାବର୍ତ୍ତନ କରିବା ସହିତ ଟାଇଟଲ୍ ଜିତି ନେଇଥିଲେ।

୨୦୧୬ ପରଠାରୁ ମହିଳା ବିଶ୍ୱ ଚାମ୍ପିଅନ୍‌ଶିପ୍ ସମ୍ପୂର୍ଣ୍ଣ ଭାବେ ଚୀନ୍ ଖେଳାଳିଙ୍କ କବ୍‌ଜାରେ ରହିଆସିଛି। ଗତ ଏକ ଦଶକରେ ବୈଶାଳୀ ପ୍ରଥମ ଖେଳାଳି, ଯିଏ ଚୀନ୍‌ର ଏହି ଦବ୍‌ଦବାକୁ ଚ୍ୟାଲେଞ୍ଜ୍ କରିବେ। ଖେଳ ବିଶେଷଜ୍ଞ ଏବେ ବୈଶାଳୀଙ୍କ ତୁଳନା ଗୁକେଶଙ୍କ ସହ କରୁଛନ୍ତି, ଯିଏ ୨୦୨୪ରେ ଚୀନ୍‌ର ହିଁ ଡିଙ୍ଗ୍ ଲିରେନ୍‌ଙ୍କୁ ହରାଇ ବିଶ୍ୱ ଚାମ୍ପିଅନ୍‌ଶିପ୍ ଜିତିଥିଲେ। ଆଶା କରାଯାଉଛି ୨୦୨୬ରେ ବୈଶାଳୀ ମଧ୍ୟ ଜୁ ୱେନ୍‌ଜୁନ୍‌ଙ୍କୁ ହରାଇ ଏହି କାରନାମା ଦୋହରାଇବେ।

## ଆଇପିଏଲ୍‌ରେ ଅର୍ଶଦୀପ୍‌ଙ୍କ ୧୦୦ ୱିକେଟ୍ ପୂରା

**ମୁମ୍ବାଇ,୧୬।୪/ଏଜେନ୍ସି:** ପଞ୍ଜାବ କିଙ୍ଗ୍‌ସ ବୋଲର୍ ଅର୍ଶଦୀପ୍ ସିଂହ ଗୁରୁବାର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଚଳିତ ଆଇପିଏଲ୍ ମ୍ୟାଚ୍‌ରେ ଏକ ବଡ଼ ରେକର୍ଡ କରିଛନ୍ତି। ଅର୍ଶଦୀପ୍ ଆଇପିଏଲ୍‌ରେ ୧୦୦ ୱିକେଟ୍ ନେବାରେ ବାମହାତୀ ଫାଷ୍ଟ ବୋଲର୍‌ଙ୍କ ମଧ୍ୟରେ ସାମିଲ ହୋଇଛନ୍ତି। ରିୟାନ୍ ରିକଲ୍‌ଟନ୍‌ଙ୍କ ୱିକେଟ୍ ଅକ୍ତିଆର କରିବା ପରେ ସେ ଏହି ରେକର୍ଡ ନିଜ ନାମରେ କରିଛନ୍ତି। ଆଇପିଏଲ୍‌ରେ ୧୦୦ରୁ ଉର୍ଦ୍ଧ୍ୱ ୱିକେଟ୍ ନେଇଥିବା ବାମହାତୀ ଫାଷ୍ଟ ବୋଲର୍‌ଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ, ଜୟଦେବ ଉନାଦ୍‌କତ୍, ଆଶୀଷ ନେହରା ଏବଂ ଜାହିର୍ ଖାନ୍ ସାମିଲ ଅଛନ୍ତି। ବୋଲ୍ଟ ୧୪୪ ୱିକେଟ୍ ନିଜ ନାମରେ କରିଥିବା ବେଳେ ଉନାଦକତ୍ ୧୧୪ ୱିକେଟ୍ ଅକ୍ତିଆର କରିଛନ୍ତି। ସେହିପରି ନେହରା ଏବଂ ଜାହିର୍ ଯଥାକ୍ରମେ ୧୦୬ ଓ ୧୦୨ ୱିକେଟ୍ ନେଇଛନ୍ତି। ଅର୍ଶଦୀପ୍ ୨୦୧୯ରେ



ପଞ୍ଜାବ କିଙ୍ଗ୍‌ସ ପକ୍ଷରୁ ଆଇପିଏଲ୍ ଡେବ୍ୟୁ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୮୭ ମ୍ୟାଚ୍‌ରେ ୨୬ରୁ ଉର୍ଦ୍ଧ୍ୱ ହାରାହାରିରେ ୧୦୦ ୱିକେଟ୍ ପୂରଣ କରିଛନ୍ତି। ତାଙ୍କ ଇକୋନୋମି ୯ରୁ ସାମାନ୍ୟ ଅଧିକ ରହିଛି। ଏହି ଅବସରରେ ସେ ଦୁଇଥର ୪ ୱିକେଟ୍ ଏବଂ ଥରେ ୫ ୱିକେଟ୍ ନେବାର ରେକର୍ଡ ମଧ୍ୟ କରିଛନ୍ତି। ଗତବର୍ଷ ଅର୍ଶଦୀନ ଲେଗ୍-ସ୍ପିନର୍ ପୀୟୁଷ ଚାୱ୍‌ଲାଙ୍କ ୮୪ ୱିକେଟ୍ ରେକର୍ଡକୁ ପଛରେ ପକାଇ ପଞ୍ଜାବ କିଙ୍ଗ୍‌ସର ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର୍ (ଆଇପିଏଲ୍) ହୋଇଥିଲେ।

## କମିନ୍ସ ଫିଟ୍, ଖୁବ୍‌ଶୀଘ୍ର ଏସ୍‌ଆର୍‌ଏଚ୍‌ରେ ଯୋଗଦେବେ

**ହାଇଦ୍ରାବାଦ,୧୬।୪/ଏଜେନ୍ସି:** ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) କ୍ୟାପ୍‌ଟେନ୍ ପ୍ୟାଟ୍ କମିନ୍ସ ଅଣ୍ଟା ଆଘାତରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଅଷ୍ଟ୍ରେଲିଆର ସିଡ୍‌ନୀରେ ହୋଇଥିବା ସଦ୍ୟତମ ସ୍କାନ୍ ରିପୋର୍ଟରେ ତାଙ୍କ ଅଣ୍ଟା ଆଘାତ ଠିକ୍ ହୋଇଥିବା ସ୍ପଷ୍ଟ ହୋଇଛି। ଏବେ ସେ ଖୁବ୍‌ଶୀଘ୍ର ଟିମ୍‌ରେ ଯୋଗଦେବେ। ଆଶା କରାଯାଉଛି ଏପ୍ରିଲ୍ ୨୫ରେ ଜୟପୁରରେ ହେବାକୁ ଥିବା ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍ ଖେଳିପାରନ୍ତି। ଶୁକ୍ରବାର କମିନ୍ସ ଭାରତ ଯାତ୍ରା କରିବେ ବୋଲି ଇନ୍‌ଷ୍ଟା ପୋଷ୍ଟରେ ଜଣାଇଛନ୍ତି।

କମିନ୍ସଙ୍କ ଅନୁପସ୍ଥିତିରେ ଇଶାନ୍ କିଶନ୍ ସନ୍‌ରାଇଜର୍ସ ହାଇଦ୍ରାବାଦର ନେତୃତ୍ୱ କରୁଛନ୍ତି। ଟିମ୍ ବର୍ତ୍ତମାନ ସୁଦ୍ଧା ୫ରୁ ୨ ମ୍ୟାଚ୍ ଜିତି ପଏଣ୍ଟ ଟେବଲ୍‌ର ଚତୁର୍ଥ ସ୍ଥାନରେ ରହିଛି।

**ଡୋସା-ଇଡ୍‌ଲୀ-ସମ୍ବର-ଚଟ୍‌ନୀ ଗୀତକୁ ନେଇ ସିଏସ୍‌କେ ଅସନ୍ତୁଷ୍ଟ**

# ଆର୍‌ସିବି ବିରୋଧରେ ବିସିସିଆଇରେ ଅଭିଯୋଗ

**ବେଙ୍ଗାଲୁରୁ,୧୬।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମ୍ୟାଚ୍ ପରେ ଏକ ବିବାଦ ଦେଖାଦେଇଛି। ସିଏସ୍‌ସେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ)ରେ ଆର୍‌ସିବି ବିପକ୍ଷରେ ଆଧିକାରିକ ଅଭିଯୋଗ ରୁଜୁ କରିଛି। ମାମଲା ଏପ୍ରିଲ୍ ୫ ତାରିଖର, ଯେଉଁଦିନ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଚେନ୍ନାଇ ଏବଂ ବେଙ୍ଗାଲୁରୁ ମ୍ୟାଚ୍ ଖେଳାଯାଇଥିଲା। ଏହି ଅବସରରେ ଷ୍ଟାଡିୟମ୍‌ରେ ଗୋଟିଏ ଗୀତ ବଜାଯାଇଥିଲା, ଯେଉଁଥିରେ ଡୋସା, ଇଡ୍‌ନୀ, ସମ୍ବର, ଚଟ୍‌ନୀ ପରି ଶବ୍ଦର ବ୍ୟବହାର କରାଯାଇଥିଲା। ସିଏସ୍‌କେ ଅଭିଯୋଗ କରିଛି ଯେ ଟିମ୍ ଏବଂ ଖେଳାଳିଙ୍କୁ ଚିଡ଼ାଇବା ପାଇଁ ଏପରି ଗୀତ ବଜାଯାଇଥିଲା।

ଇଣ୍ଡିଆନ୍ ଏକ୍ସପ୍ରେସ୍ ଅନୁସାରେ ସିଏସ୍‌କେ



ମ୍ୟାନେଜିଂ ଡାଇରେକ୍ଟର କାଶୀ ବିଶ୍ୱନାଥନ୍ କହିଛନ୍ତି, ସାଧାରଣତଃ ଡିଜେ ଘରୋଇ ଟିମ୍‌ର ସମର୍ଥ କରିବା ପାଇଁ ହୋଇଥାଏ। କିନ୍ତୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ସ୍ଥିତି ଅଲଗା ଥିଲା। ଆମ ଖେଳାଳିଙ୍କ ବିରୋଧରେ କେତେକ ଖାସ୍ ଟିପଣ୍ଣୀ କରାଯାଇଥିଲା। ଏହାକୁ ଧ୍ୟାନରେ ରଖି ଆମେ ବିସିସିଆଇକୁ ପତ୍ର ଲେଖି ମାମଲାର ଯାଞ୍ଚ୍ ପାଇଁ ଅନୁରୋଧ କରିଛୁ।

ଆର୍‌ସିବି ଗତବର୍ଷ ଚେନ୍ନାଇ ବିପକ୍ଷ ମ୍ୟାଚ୍ ପୂର୍ବରୁ ଟିମ୍‌ର ୱିକେଟ୍‌କିପର୍ ଜିତେଶ ଶର୍ମାଙ୍କ ଏକ ଭିଡିଓ ପୋଷ୍ଟ କରିଥିଲା। ଏଥିରେ ସେ ଇଡ୍‌ଲୀ-ଡୋସା ଗୀତ ଗାଉଥିଲେ। ସେତେବେଳେ ସିଏସ୍‌କେ ଫ୍ୟାନ୍ ତାଙ୍କୁ ଟ୍ରୋଲ୍ କରିଥିଲେ। ଅବଶ୍ୟ ଏହାକୁ ନେଇ ଅଧିକ ବିବାଦ ହୋଇନଥିଲା। ଗତ କିଛି ବର୍ଷ ଧରି ସିଏସ୍‌କେ ଏବଂ ଆର୍‌ସିବି ମଧ୍ୟରେ ରାଇଭଲରୀ ଦେଖିବାକୁ ମିଳିଛି। ଏହି କାରଣରୁ ଏହାକୁ ଆଇପିଏଲ୍‌ର ସଦର୍ନ ଡର୍ବି କୁହାଯାଉଛି। ଏପରି ଦେଖିବାକୁ ଗଲେ ଆର୍‌ସିବି ବିପକ୍ଷରେ ସିଏସ୍‌କେ ପଲା ଭାରୀ। କିନ୍ତୁ ଗତ କେତେକ ସିଜନ୍‌ରେ ଚେନ୍ନାଇ ଉପରେ ବେଙ୍ଗାଲୁରୁ ନିଜ ଦବ୍‌ଦବା ହାସଲ କରିଛି। ଏପ୍ରିଲ୍ ୫ ତାରିଖର ମ୍ୟାଚ୍‌ରେ ଆର୍‌ସିବି ୪୩ ରନ୍‌ରେ ଚେନ୍ନାଇକୁ ହରାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଆର୍‌ସିବି ୨୫୦ ରନ୍ କରିଥିଲା। ଏହା ସିଜନ୍‌ର ସର୍ବଶ୍ରେଷ୍ଠ ସ୍କୋର୍ ଥିଲା। ଜବାବରେ ସିଏସ୍‌କେ ୨୦୭ ରନ୍ କରିପାରିଥିଲା।

# ଆଇନଗତ ବିବାଦରେ ମେସି

**ବ୍ୟୁଏନସ ଆୟର୍ସ,୧୬।୪/ଏଜେନ୍ସି:** ଆର୍ଜେଣ୍ଟିନାର ମହାନ୍ ଫୁଟ୍‌ବଲର୍ ଲିଓନେଲ୍ ମେସି ଏକ ଆଇନଗତ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ମିଆମୀର ଇଭେଣ୍ଟ କମ୍ପାନୀ ଭିଆଇଡି ମ୍ୟୁଜିକ୍ ଗ୍ରୁପ୍ ମେସି ଓ ଆର୍ଜେଣ୍ଟିନା ଫୁଟ୍‌ବଲ୍ ସଂଘ ବିରୋଧରେ ମୋକଦ୍ଦମା ରୁଜୁ କରିଛି। ମାମଲା ଗତବର୍ଷ ଅକ୍ଟୋବରରେ ମିଆମୀର ହାର୍ଡ ରକ୍ ଷ୍ଟେଡିୟମ୍‌ରେ କେଳାଯାଇଥିବା ଆର୍ଜେଣ୍ଟିନା ବନାମ ଭେନେଜୁଏଲା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ସହ ଜଡ଼ିତ। କମ୍ପାନୀ ଅଭିଯୋଗ କରିଛି ଯେ ମେସି ଏହି ମ୍ୟାଚ୍ ଖେଳିବା ପାଇଁ କରିଥିବା ପ୍ରାୟ ୭ ମିଲିୟନ୍ ଡଲାର୍‌ର ଚୁକ୍ତି ଉଲ୍ଲଂଘନ କରିଛନ୍ତି। ଚୁକ୍ତି ଅନୁସାରେ ଆହତ ନହେବା ପର୍ଯ୍ୟନ୍ତ ତାଙ୍କୁ ଅତିକମ୍‌ରେ ୩୦ ମିନିଟ୍ ପଡ଼ିଆରେ ଖେଳିବାର ଥିଲା। ମାତ୍ର ମେସି ମ୍ୟାଚ୍‌ରେ ଭାଗ ନନେଇ ଷ୍ଟାଡିୟମ୍‌ର ଏକ ଲଗ୍‌ଜୁରୀ ସୁଇଟ୍‌ରେ ମ୍ୟାଚ୍ ଦେଖିଥିଲେ।



କମ୍ପାନୀ ଦାବି କରିଛି, ତାଙ୍କ ଅନୁପସ୍ଥିତି ଫଳରେ ଟିକେଟ୍ ବିକ୍ରି, ପ୍ରାୟୋଜନ୍ ଏବଂ ପ୍ରସାରଣ ରାଜସ୍ୱ ଉପରେ ବଡ଼ ପ୍ରଭାବ ପଡ଼ିଛି। ଯାହା ଫଳରେ କମ୍ପାନୀକୁ ବହୁ ଆର୍ଥିକ କ୍ଷତି ହୋଇଛି। ଭିଆଇଡି ମ୍ୟୁଜିକ୍ ଗ୍ରୁପ୍‌ର ଓକିଲଙ୍କ ଅନୁସାରେ ସେମିଙ୍କ ଭାଗୀଦାରୀ ଏହି ଡିଲ୍‌ର ଏକ ପ୍ରମୁଖ ସର୍ତ୍ତ ଥିଲା ଏବଂ ଏହା ସିଧା ମ୍ୟାଚ୍‌ର ବ୍ୟବସାୟିକ ସଫଳତା ସହିତ ଜଡ଼ିତ ଥିଲା। କମ୍ପାନୀ ଆର୍ଜେଣ୍ଟିନା ଫୁଟ୍‌ବଲ୍ ସଂଘ ସହିତ ଭେନେଜୁଏଲ୍ ଏବଂ ପ୍ୟୁର୍ଟୋ ରିକୋ ବିପକ୍ଷ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ର ପ୍ରମୋସନ୍ ପାଇଁ ଚୁକ୍ତି କରିଥିଲା। ଆଶ୍ଚର୍ଯ୍ୟର ବିଷୟ, ଭେନେଜୁଏଲା ବିପକ୍ଷ ମ୍ୟାଚ୍ ଖେଳିନଥିବା ସତ୍ତ୍ୱେ ମେସି ପର ଦିନ ମେଜର୍ ଲିଗ୍ ସକର୍‌ରେ ନିଜର ଟିମ୍ ଇଣ୍ଟର୍ ମିଆମୀ ସିଏପ୍ ପାଇଁ ପଡ଼ିଆକୁ ଓହ୍ଲାଇବା ସହିତ ଆଟ୍‌ଲାଣ୍ଟା ବିପକ୍ଷ ୪-୦ର ବିଜୟରେ ଦୁଇଟି ଗୋଲ୍ ଦେଇଥିଲେ। ଏହା ସହିତ ପ୍ୟୁର୍ଟୋ ରିକୋ ବିପକ୍ଷ ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାଗ ନେଇଥିଲେ।

# ଡେଭିଡ୍ ପେନ୍ ଆଇପିଏଲ୍ ୨୦୨୬ରୁ ବାହାର

**ନୂଆଦିଲ୍ଲୀ,୧୬।୪/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ ୧୯ତମ ସିଜନ୍ ମଧ୍ୟରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍)କୁ ବଡ଼ ଝଟ୍‌କା ଲାଗିଛି। ଟିମ୍‌ର ଫାଷ୍ଟ ବୋଲର୍ ଡେଭିଡ୍ ପେନ୍ ଗୋଇଠି ଆଘାତ କାରଣରୁ ବାକି ସିଜନ୍‌ରୁ ବାହାର ହୋଇଛନ୍ତି। ଫ୍ରାଞ୍ଚାଇଜି ସୋସିଆଲ୍ ମିଡିଆ ପୋଷ୍ଟରେ ଏହି ସୂଚନା ଦେଇଛି। ଅବଶ୍ୟ ଫ୍ରାଞ୍ଚାଇଜି ଏବେ ସୁଦ୍ଧା ତାଙ୍କ ବଦଳ ଖେଳାଳି ଘୋଷଣା କରିନାହିଁ। ଡେଭିଡ୍ ପେନ୍ ଆଇପିଏଲ୍ ୨୦୨୬ ଅକ୍ସନ୍‌ରେ ଅନ୍‌ସୋଲ୍ଡ ରହିଥିଲେ। କିନ୍ତୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ପୂର୍ବରୁ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର୍ ଜ୍ୟାକ୍ ଏଡ୍‌ୱାର୍ଡ୍ସ ଆହତ ହେବାରୁ ବଦଳ ଖେଳାଳି ଭାବେ ପେନ୍‌ଙ୍କୁ ଏସ୍‌ଆର୍‌ଏଚ୍‌ରେ ସାମିଲ ହେବାର ସୁଯୋଗ ମିଳିଥିଲା। ପେନ୍‌ଙ୍କୁ ବିଗ୍ ବ୍ୟାଶ୍ ଲିଗ୍ (ବିବିଏଲ୍)ର ପ୍ରଦର୍ଶନ ଆଧାରରେ ଚୁକ୍ତିବଦ୍ଧ କରାଯାଇଥିଲା। ତେବେ ଆଇପିଏଲ୍‌ରୁ ବାଦ୍ ପଡ଼ିବା ପୂର୍ବରୁ ଚଳିତ ସିଜନ୍‌ରେ ସେପରି ପ୍ରଭାବ ପକାଇବାରେ ବିଫଳ ହୋଇଥିଲେ। ସେ ଏସ୍‌ଆର୍‌ଏଚ୍ ପକ୍ଷରୁ ମାତ୍ର ଦୁଇଟି ମ୍ୟାଚ୍ ଖେଳି ଦୁଇ ୱିକେଟ୍ ନେଇଛନ୍ତି।

## ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିଅନ୍‌ଶିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବେ ସୁବ୍ରତ

**ଭୁବନେଶ୍ୱର,୧୬।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାର ପ୍ରତିଷ୍ଠିତ କ୍ୟୁଇଷ୍ଟ ସୁବ୍ରତ ଦାସ କାର୍ଲୋ ଆୟର୍ଲାଣ୍ଡରେ ହେବାକୁ ଥିବା ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିଅନ୍‌ଶିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବେ। ସୁବ୍ରତ୍ ଆଇରିଶ୍ ଓପନ୍ ବିଲିୟାର୍ଡ୍ସ ସହିତ ଏପ୍ରିଲ୍ ୧୭ ତାରିଖରୁ ତାଙ୍କ ଚାମ୍ପିଅନ୍‌ଶିପ୍ ଯାତ୍ରା ଆରମ୍ଭ କରିବେ। ଏହାପରେ ଏପ୍ରିଲ୍ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ମକାଉ ବିଶ୍ୱ ମ୍ୟାଚ୍‌ପ୍ଲେ ବିଲିୟାର୍ଡ୍ସ ଚାମ୍ପିଅନ୍ (ପଏଣ୍ଟ ଫର୍ମାଟ୍ ୧୦୦-ଅପ୍)ରେ ଭାଗନେବେ। ଏହି ଦୁଇ ଇଭେଣ୍ଟ ପରେ ଏପ୍ରିଲ୍ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଟାଇମ୍ ଫର୍ମାଟ୍‌ରେ ହେବାକୁ ଥିବା ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବେ।



# ବିମାନବନ୍ଦରରେ ୨ ବିମାନ ମଧ୍ୟରେ ଧକ୍କା

**ଅଳ୍ପକେ ବର୍ତ୍ତିଲେ ଯାତ୍ରୀ, ତଦନ୍ତ ଆରମ୍ଭ**



**ନୂଆଦିଲ୍ଲୀ, ୧୬।୪/ଏଜେନ୍ସି:** ଦିଲ୍ଲୀ ଆଇଜି ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଗୁରୁବାର ଏକ ନିଶ୍ଚିତ ଦୁର୍ଘଟଣାରୁ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରିପୋର୍ଟ ଅନୁସାରେ ଅପରାହ୍ନ ପ୍ରାୟ ୨:୧୫ ସମୟରେ ସ୍ପାଇସ୍ ଜେଟ୍‌ର ଏକ ବିମାନ ଉଡ଼ାଣ ପାଇଁ ରନ୍‌ୱେରେ ଧିରେ ଧିରେ ଗତି କରିବା ସମୟରେ (ରନ୍‌ୱେରେ ଟ୍ୟାକ୍ସିଂ ବା ଗ୍ରାଉଣ୍ଡ ମୁଭମେଣ୍ଟ କରୁଥିବା ବେଳେ) ସେଠାରେ ସ୍ଥିର ଛିଡ଼ା ହୋଇଥିବା ଆକାଶ ଏୟାରର ଏକ ବିମାନର ପଛଭାଗ ସହ ଧକ୍କା ହୋଇଥିଲା। ତେବେ ଏହି ସାମାନ୍ୟ ଦୁର୍ଘଟଣାରେ ଉଭୟ ବିମାନ କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସୌଭାଗ୍ୟବଶତଃ କୌଣସି ଯାତ୍ରୀ କିମ୍ବା କ୍ରୁ ସଦସ୍ୟ ଆହତ ହୋଇନଥିବା ସ୍ପଷ୍ଟ କରାଯାଇଛି। ଯଦିଓ କୌଣସି ବଡ଼ ଧରଣର ବିପଦ ଘଟିନାହିଁ, ତଥାପି ଆକାଶ ଏୟାରର ପଛ ଭାଗ କ୍ଷତିଗ୍ରସ୍ତ ହୋଇଛି। ସୁରକ୍ଷା ଦୃଷ୍ଟିକୋଣରୁ ବିମାନ ଚଳାଚଳ କର୍ତ୍ତୃପକ୍ଷ ଏହାର ଯାଞ୍ଚ କରିବା ଆରମ୍ଭ କରିଛନ୍ତି।

**୭୦୦ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼, କିଭ୍ ସମେତ ଅନେକ ସହର ଛାରଖାର**

# ୟୁକ୍ରେନ୍ ଉପରେ ପୁଣି ଆକ୍ରମଣ କଲା ରୁଷ୍

**ମସ୍କୋ, କିଭ୍, ୧୬।୪/ଏଜେନ୍ସି:** କିଛି ଦିନର ନିରବତା ପରେ ରୁଷ୍ ଏବେ ପୁଣିଥରେ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିଛି। ବୁଧବାର ବିଳମ୍ବିତ ରାତିରୁ ହିଁ ରୁଷ୍ ଶହ ଶହ ଡ୍ରୋନ୍ ଏବଂ ଡଜନ ଡଜନ କ୍ଷେପଣାସ୍ତ୍ର ମାଡ଼ କରିଛି। ରୁଷ୍‌ର ଏପ୍ରକାର ଭୟାବହ ଆକ୍ରମଣରେ ୟୁକ୍ରେନର ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଏହି ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮୦ରୁ ଅଧିକ ଆହତ ହୋଇଥିବା ୟୁକ୍ରେନ୍ ସରକାରଙ୍କ ପକ୍ଷରୁ କୁହାଯାଇଛି।

ରିପୋର୍ଟ ଅନୁସାରେ ରୁଷ୍ ପକ୍ଷରୁ ଏକକାଳୀନ ପ୍ରାୟ ୭୦୦ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଏହାକୁ ଚଳିତ ବର୍ଷର ଏବଂ ଗତ ଏକ ସପ୍ତାହ ମଧ୍ୟରେ ରୁଷ୍‌ର ସବୁଠାରୁ ଭୟଙ୍କର ଆକ୍ରମଣ ବୋଲି କୁହାଯାଉଛି। ରୁଷ୍‌ର ଏହି ପ୍ରଚଣ୍ଡ ଆକ୍ରମଣରେ ୟୁକ୍ରେନର ରାଜଧାନୀ କିଭ୍ ପୁଣିଥରେ ଛାରଖାର ହୋଇଯାଇଛି। ଆକ୍ରମଣ ସମ୍ପର୍କରେ ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସିବିହା ଗୁରୁବାର ସୋସିଆଲ ମିଡିଆ ଏକ୍ସରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରୁଷ୍ ପ୍ରାୟ ୭୦୦ ଡ୍ରୋନ୍ ଏବଂ ବାଲିଷ୍ଟିକ୍ ତଥା କ୍ରୁଜ୍ କ୍ଷେପଣାସ୍ତ୍ରରେ ଆକ୍ରମଣ କରିଛି। ଏହି ଆକ୍ରମଣଗୁଡ଼ିକ ମୁଖ୍ୟତଃ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରିଛି। ୟୁକ୍ରେନର ପ୍ରତିରକ୍ଷା ବ୍ୟବସ୍ଥା ଅଧିକାଂଶ ଡ୍ରୋନ୍‌କୁ ଖସାଇ ଦେଇଥିଲେ ମଧ୍ୟ କିଛି ମିସାଇଲ୍ ଲକ୍ଷ୍ୟସ୍ଥଳରେ ବାଜି ଧ୍ୱଂସଲୀଳା ରଚିଛି। ତେବେ ମୃତାହତଙ୍କ ମଧ୍ୟରେ ଛୋଟ ପିଲା ଓ ମହିଳାମାନେ ସାମିଲ ଅଛନ୍ତି। ଏପରି ଆକ୍ରମଣକୁ ସାଧାରଣ ବୋଲି ବିବେଚନା କରାଯାଇପାରିବ ନାହିଁ। ଏଗୁଡ଼ିକ ଯୁଦ୍ଧ ଅପରାଧ, ଏଗୁଡ଼ିକୁ ବନ୍ଦ କରାଯିବା ଉଚିତ୍।



ଏଥିପାଇଁ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ମଧ୍ୟ ଏହାକୁ ଏକ ବର୍ବରୋଚିତ ଆକ୍ରମଣ କହିବା ସହ ରୁଷ ଉପରେ ଆନ୍ତର୍ଜାତୀୟ ଚାପ ବଢ଼ାଇବାକୁ ନିବେଦନ କରିଛନ୍ତି। ରୁଷ୍‌ର ମିସାଇଲ୍ ମାଡ଼ରେ କିଭ୍ ଅଞ୍ଚଳର ଅନେକ ଆପାର୍ଟମେଣ୍ଟ, ବାସଗୃହ, ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ସହରର ପୋଡିଲସ୍କି ଏବଂ ଓବୋଲୋନସ୍କି ଅଞ୍ଚଳରେ ବହୁଳ କ୍ଷୟକ୍ଷତି ହୋଇଥିବା ବେଳେ ଅନେକ ସ୍ଥାନରେ ନିଆଁ ଲାଗିଯାଇଛି। ତେବେ କେବଳ କ୍ଲିଭ୍ ନୁହେଁ, ରୁଷର ଏହି ବଡ଼ ଧରଣର ଆକ୍ରମଣରେ ଓଡେସା ଏବଂ ଡନିପ୍ରୋ ସହର ମଧ୍ୟ ପ୍ରଭାବିତ ହୋଇଛି।

# ପୁଣି ଧମକାଇଲା ଆମେରିକା, ଇରାନ୍‌ର ପାଲଟା ଜବାବ

**ତେଲ୍ ଅଭିଭ/ତେହରାନ/ୱାଶିଂଟନ ଡିସି, ୧୬।୪/ଏଜେନ୍ସି:** ଇରାନ୍ ଏବଂ ଆମେରିକା ମଧ୍ୟରେ ଗୋଟିଏ ପଟେ ଯୁଦ୍ଧର ସ୍ଥାୟୀ ସମାଧାନ କରିବାକୁ ଚେଷ୍ଟା ଜାରି ରହିଛି। ଏହାରି ମଧ୍ୟରେ ଉଭୟ ଦେଶ କିନ୍ତୁ ପରସ୍ପର ପ୍ରତି ବାକ୍ ସଂଯମତା ରକ୍ଷା କରିପାରୁନାହାନ୍ତି। ଆମେରିକା ବାରମ୍ବାର ଇରାନ୍‌କୁ ଉସୁକାଇବା ଭଳି ବୟାନବାଜି କରୁଥିବା ବେଳେ ଇରାନ୍ ମଧ୍ୟ ନିଜ ଶବ୍ଦରେ ଏହାର କଡା ପ୍ରତିଉତ୍ତର ଦେବାରେ ଲାଗିଛି। ଏହାରି ମଧ୍ୟରେ ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଗୁରୁବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଇରାନ ବିରୁଦ୍ଧରେ ସମ୍ଭାବ୍ୟ ଯୁଦ୍ଧ ପୁନଃ ଆରମ୍ଭ ହେବା ବିଷୟରେ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଇରାନ୍ ପାଖରେ ଶାନ୍ତି ଚୁକ୍ତି ଗ୍ରହଣ ବା ସ୍ୱାକ୍ଷର କରିବା ବଦଳରେ ଅନ୍ୟ କୌଣସି ବିକଳ୍ପ ନାହିଁ। ଏଥିରେ ଯଦି ଇରାନ୍ ରାଜି ନହୁଏ ତେବେ ପୁଣି ଯୁଦ୍ଧ ଆରମ୍ଭ ହୋଇପାରେ। ସୁତରାଂ ଇରାନ ପାଖରେ ଏବେ ବି ଏକ ଆପୋଷ ସମାଧାନ କରିବାର ସୁଯୋଗ ଅଛି। ଇରାନ୍ ଏହି ସୁଯୋଗକୁ ହାତଛଡା କରିବାର ଅର୍ଥ ନିଜ ପାଇଁ ପୁଣିଥରେ ବିନାଶକୁ ଆମନ୍ତ୍ରଣ କରିବା ସଦୃଶ ହେବ। ଆମେରିକା ନିଶ୍ଚିତ ଭାବେ ପୁଣିଥରେ ଏହା ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବ। ହେଗସେଥ୍ ଏହି ଅବସରରେ ସ୍ପଷ୍ଟ କରିଛନ୍ତି ଯେ ଆମେରିକା ଇରାନ ଉପରେ ନୌସେନା ଅବରୋଧ ଜାରି ରଖିବ। ଆମେରିକା ତା'ର ରଣନୈତିକ ଲକ୍ଷ୍ୟ ହାସଲ ନ କରିବା ପର୍ଯ୍ୟନ୍ତ ଏହି କାର୍ଯ୍ୟାନୁଷ୍ଠାନ ଜାରି ରହିବ। ଅନ୍ୟପକ୍ଷେ ଆମେରିକୀୟ ଜେନେରାଲ ଡାନ୍ କେନ୍ କହିଛନ୍ତି ଯେ ଏପର୍ଯ୍ୟନ୍ତ ଅବରୋଧ ଯୋଗୁଁ ୧୩ଟି ଜାହାଜ ଫେରିଯାଇଛି। ଏହି ଜାହାଜଗୁଡ଼ିକ ମଧ୍ୟରୁ ଅଧିକାଂଶ ଅବରୋଧ ସୀମା ମଧ୍ୟରେ ପହଞ୍ଚିବା ପରେ ଫେରି ଆସିଥିଲେ, ଯେତେବେଳେ ଗୋଟିଏ ପୂର୍ବରୁ ଗତିପଥ ପରିବର୍ତ୍ତନ କରିଥିଲା। ଅନ୍ୟପକ୍ଷେ ଇରାନ୍ ମଧ୍ୟ ଆଜି ଦିନରେ ଚେତାବନୀ ଦେଇଛି ଯେ, ଯଦି ଆମେରିକା ଅବରୋଧ ଜାରି ରହେ ତେବେ ଏହା ଲାଲ ସାଗର, ଓମାନ ସାଗର ଏବଂ ପାରସ୍ୟ ଉପସାଗରରେ ସାମୁଦ୍ରିକ ବାଣିଜ୍ୟ ବନ୍ଦ କରିଦେବ।

## ୨୦୦୦ କର୍ମଚାରୀଙ୍କୁ ବିଦା କରିବ ବିବିସି

**ନୂଆଦିଲ୍ଲୀ, ୧୬।୪/ଏଜେନ୍ସି:** ବିଶ୍ୱର ଅନ୍ୟତମ ସର୍ବବୃହତ୍ ମିଡିଆ ନେଟ୍‌ୱାର୍କ ସଂସ୍ଥା 'ବିବିସି' ବା ବ୍ରିଟିଶ ବ୍ରଡ୍‌କାଷ୍ଟର ଏବେ ବିଶ୍ୱବ୍ୟାପୀ ନିଜର ମୋଟ୍ କର୍ମଚାରୀ ସଂଖ୍ୟାର ୧୦% ଅର୍ଥାତ୍ ୨୦୦୦ କର୍ମଚାରୀଙ୍କୁ ଛଟେଇ କରିବ। କମ୍ପାନୀ ଏବେ ବାର୍ଷିକ ଖର୍ଚ୍ଚକାଟ ପୂର୍ବକ ଆର୍ଥିକ ସଞ୍ଚୟ କରିବାକୁ ଚାହୁଁଛି। ବିବିସି ପକ୍ଷରୁ ଏହାକୁ ସର୍ବବୃହତ୍ ଛଟେଇ ଭାବେ ବିବେଚନା କରାଯାଉଛି। ଏକ ଇମେଲ୍ ଜରିଆରେ କର୍ମଚାରୀମାନଙ୍କୁ ଅନ୍ତରୀଣ ଡିଜି ରୋଡ୍ରି ଟଲଫାନ୍ ଡେଭିସ୍ କ୍ଷମା ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି ଯେ, କମ୍ପାନୀର ଏହି ନିଷ୍ପତ୍ତି ଅନେକଙ୍କୁ ଆଘାତ ହେଇପାରେ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ସମୟର ଆବଶ୍ୟକତା ହୋଇପଡିଛି। ମୁଦ୍ରାସ୍ଫୀତି ହାରରେ ବୃଦ୍ଧି, ଲାଇସେନ୍ସ ଫି'ଜନିତ ଚାପ, ବାଣିଜ୍ୟିକ ଆୟ ଓ ବିଶ୍ୱ ଅର୍ଥନୀତିରେ ଦେଖାଦେଇଥିବା ଅନିଶ୍ଚିତତା ପ୍ରଭାବରେ କମ୍ପାନୀ ଏଭଳି କଠୋର ପଦକ୍ଷେପ ନେବାକୁ ଯାଉଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.
ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra